ଧରିତ୍ରୀ
DHARITRI
ଭୁବନେଶ୍ୱର, ଶୁକ୍ରବାର, ଅକ୍ଟୋବର ୨୮/୨୦୨୨ (୧୬ ପୃଷ୍ଠା)
Bhubaneswar, Friday, October 28/2022 Page 16 ₹ 7.00 ★★★★
୪୮ଶ ଭାଗ ୩୩୧ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar VOLUME 48 ISSUE 331 ମୂଲ୍ୟ ₹୭/-



**ସୂର୍ଯ୍ୟକୁମାରଙ୍କ ପ୍ରଭାବୀ ବ୍ୟାଟିଂ**
ନେଦରଲାଣ୍ଡ୍ସ ବିପକ୍ଷ ଟି୨୦ ବିଶ୍ୱକପ୍ ମ୍ୟାଚ୍‌ରେ ପ୍ରଭାବୀ ବ୍ୟାଟିଂ କରି ପ୍ଲେୟର ଅଫ୍ ଦି ମ୍ୟାଚ ବିବେଚିତ ହୋଇଛନ୍ତି ଭାରତର ସୂର୍ଯ୍ୟକୁମାର ଯାଦବ। ୧୬

୧୪ **ବାଣ ବଦଳରେ ୫ ଶହ ଟଙ୍କା ଜାଳିବାକୁ କହିଥିଲେ ବାପା**
ପିଲାଦିନେ ଦୀପାବଳିରେ ବାଣ ବଦଳରେ ୫ଶହ ଟଙ୍କା ଦେଇ ତାହାକୁ ଜାଳିବାକୁ ରକୁଲ ପ୍ରୀତ ସିଂଙ୍କୁ ତାଙ୍କ ବାପା କହିଥିଲେ।





ଆଜି ଶାନ୍ତିସ୍ତୂପ ଧଉଳିର ସୁବର୍ଣ୍ଣ ଜୟନ୍ତୀ। ଏହି ପରିପ୍ରେକ୍ଷୀରେ ଆମେରିକା, ୟୁକ୍ରେନ, ଜାପାନ ଆଦି ଦେଶରୁ ଆସିଥିବା ବୌଦ୍ଧ ସନ୍ନ୍ୟାସୀମାନେ ଗୁରୁବାର ଶାନ୍ତି ପଦଯାତ୍ରାରେ ବାହାରିଛନ୍ତି।

# ପୁରୁଷ, ମହିଳା କ୍ରିକେଟରଙ୍କୁ ମିଳିବ ସମାନ ପାଉଣା

## ବିସିସିଆଇର ଐତିହାସିକ ନିଷ୍ପତ୍ତି

**ନୂଆଦିଲ୍ଲୀ, ୨୭।୧୦(ପି.ଟି)**

ବୋର୍ଡ ଅଫ୍ କଣ୍ଟ୍ରୋଲ ଫର କ୍ରିକେଟ ଇନ୍ ଇଣ୍ଡିଆ(ବିସିସିଆଇ) ପକ୍ଷରୁ ଗୁରୁବାର ଏକ ଐତିହାସିକ ନିଷ୍ପତ୍ତି ଗ୍ରହଣ କରାଯାଇଛି। ଏବେଠୁ ପୁରୁଷ ଏବଂ ମହିଳା ଖେଳାଳିଙ୍କୁ ସମାନ ପାଉଣା ପ୍ରଦାନ କରାଯିବ। ସେଣ୍ଟ୍ରାଲ କଣ୍ଟ୍ରାକ୍ଟରେ ଅନୁବନ୍ଧିତ ଖେଳାଳିମାନଙ୍କୁ ଲିଙ୍ଗଗତ ପାର୍ଥକ୍ୟ କରା ନ ଯାଇ ସମସ୍ତଙ୍କୁ ସମାନ ଅର୍ଥ ମିଳିବ। ଲିଙ୍ଗଗତ ଅସମାନତାକୁ ଦୂରେଇବା ପାଇଁ ବିସିସିଆଇ ପକ୍ଷରୁ ଏଭଳି ପଦକ୍ଷେପ ନିଆଯାଇଛି। ବିସିସିଆଇ ସମ୍ପାଦକ ଜୟ ଶାହା ଟୁଇଟ୍ କରି ଏ ସମ୍ପର୍କରେ ସୂଚନା ଦେଇଛନ୍ତି। ଲିଙ୍ଗଗତ ଭେଦଭାବ ଦୂର କରିବା ପାଇଁ ବିସିସିଆଇ ପକ୍ଷରୁ ପ୍ରଥମ ପଦକ୍ଷେପ ଗ୍ରହଣ କରାଯାଇଥିବା ନେଇ ସେ ଗର୍ବର ସହିତ ଘୋଷଣା କରିଛନ୍ତି। ଏଣିକି ସେଣ୍ଟ୍ରାଲ କଣ୍ଟ୍ରାକ୍ଟରେ ଅନୁବନ୍ଧିତ ଖେଳାଳିମାନଙ୍କୁ ମଧ୍ୟ ସମାନ ଦରମା ପ୍ରଦାନ କରାଯିବ ବୋଲି ସେ ଟୁଇଟ୍ କରିଥିଲେ। ଏପରି ଘୋଷଣା ସହିତ ବିସିସିଆଇ ଲିଙ୍ଗଗତ ସମାନତାରେ ଏକ ନୂତନ ଶିଖର ଛୁଇଁବାରେ ସମର୍ଥ ବୋଲି ଶାହା ଉଲ୍ଲେଖ କରିଛନ୍ତି। କେନ୍ଦ୍ରୀୟ ଚୁକ୍ତିରେ ସାମିଲ ଥିବା ପୁରୁଷ କ୍ରିକେଟରମାନଙ୍କୁ ଟେଷ୍ଟ ମ୍ୟାଚ ପିଛା ୧୫ ଲକ୍ଷ, ଦିନିକିଆ ମ୍ୟାଚ୍ ପିଛା ୬ ଲକ୍ଷ ଓ ଟି୨୦ ମ୍ୟାଚ୍ ପିଛା ୩ ଲକ୍ଷ ଟଙ୍କା ପ୍ରଦାନ କରାଯାଉଥିବା ବେଳେ ମହିଳା ଖେଳାଳିଙ୍କୁ ଟେଷ୍ଟ ମ୍ୟାଚ ପିଛା ୪ ଲକ୍ଷ ଟଙ୍କା ଏବଂ ଦିନିକିଆ ଓ ଟି୨୦ ମ୍ୟାଚ ପାଇଁ ୧ ଲକ୍ଷ ଟଙ୍କା ମିଳୁଥିଲା। ☞ପୃଷ୍ଠା-୪

**ପାଉଥିଲେ**
ଟେଷ୍ଟ ମ୍ୟାଚ ପିଛା ୪ ଲକ୍ଷ
ଦିନିକିଆ ମ୍ୟାଚ୍ ପିଛା ୧ ଲକ୍ଷ
ଟି୨୦ ମ୍ୟାଚ୍ ପିଛା ୧ ଲକ୍ଷ

**ପାଇବେ**
ଟେଷ୍ଟ ମ୍ୟାଚ ପିଛା ୧୫ ଲକ୍ଷ
ଦିନିକିଆ ମ୍ୟାଚ୍ ପିଛା ୬ ଲକ୍ଷ
ଟି୨୦ ମ୍ୟାଚ୍ ପିଛା ୩ ଲକ୍ଷ

୧ରୁ ଖୋଲିବ ଶିମିଳିପାଳ ଅଭୟାରଣ୍ୟ
ପୃଷ୍ଠା-୧୧







# ଗୁଣି ସନ୍ଦେହରେ ମହିଳାଙ୍କୁ ହତ୍ୟା

- ୩ ପରିବାର ଉପରେ ଆକ୍ରମଣ, ୩ ଗୁରୁତର
- ଗଞ୍ଜାମର ମଧୁରଝୋଳ ଗାଁ ପୁରୁଷ ଶୂନ୍ୟ
- ୩୩ ଗିରଫ, ୪ ପ୍ଲାଟୁନ୍ ଫୋର୍ସ ମୁତୟନ

**ଗୁଣିଗାରେଡ଼ି ଓ ଅନ୍ଧବିଶ୍ୱାସ ସନ୍ଦେହରେ ରାଜ୍ୟର ମୟୂରଭଞ୍ଜ, କେନ୍ଦୁଝର, ଗଞ୍ଜାମ, ସୁନ୍ଦରଗଡ଼ ସମେତ ଅନେକ ଜିଲାରେ ପ୍ରତିବର୍ଷ ହତ୍ୟାକାଣ୍ଡ ଘଟୁଛି। ୨୦୦୮ରୁ ପ୍ରତିବର୍ଷ ହାରାହାରି ୭୦ ଜଣଙ୍କର ଏଥିଯୋଗୁ ପ୍ରାଣହାନି ଘଟୁଥିବା ଏକ ତଥ୍ୟ କହୁଛି। ଏହାକୁ ରୋକିବା ଲାଗି ୯ ବର୍ଷ ତଳୁ ଓଡ଼ିଶା ଗୁଣିଗାରେଡ଼ି ନିବାରଣ ଆଇନ-୨୦୧୩ ଆସିଥିଲେ ମଧ ଗୁଣିଜନିତ ହିଂସା ବର୍ତ୍ତମାନ ରାଜ୍ୟରେ ଏକ ଆହ୍ୱାନ ସୃଷ୍ଟି କରିଛି। ଗଞ୍ଜାମର କବିସୂର୍ଯ୍ୟନଗର ଘଟଣା ଏହାର ପ୍ରମାଣ ଦେଉଛି। କନିଆରି ପଞ୍ଚାୟତ ମଧୁରଝୋଳ ଗାଁରେ ଗୁଣିଗାରେଡ଼ି ସନ୍ଦେହରେ ତିନି ପରିବାର ଉପରେ ଆକ୍ରମଣ ହୋଇଛି। ଏଥିରେ ଜଣେ ମହିଳାଙ୍କ ମୃତ୍ୟୁ ଘଟିଥିବାବେଳେ ତାଙ୍କ ସ୍ୱାମୀଙ୍କ ସହିତ ୩ଜଣ ଗୁରୁତର ହୋଇଛନ୍ତି।**

**କବିସୂର୍ଯ୍ୟନଗର, ୨୭।୧୦(ଡି.ଏନ.ଏ.)**

ଅନ୍ଧବିଶ୍ୱାସକୁ ନେଇ ଅଶାନ୍ତ ହୋଇଉଠିଛି ଗଞ୍ଜାମ ଜିଲା କବିସୂର୍ଯ୍ୟନଗର ଥାନା କନିଆରୀ ପଞ୍ଚାୟତର ମଧୁରଝୋଳ ଗାଁ। ଗୁଣିଗାରେଡ଼ି ସନ୍ଦେହରେ ଗ୍ରାମବାସୀ ମିଳିତ ଭାବେ ୩ ପରିବାରର ଘରେ ପଶି ମରଣାନ୍ତକ ଆକ୍ରମଣ କରିଛନ୍ତି। ଏଥିରେ ଜଣେ ମହିଳାଙ୍କ ମୃତ୍ୟୁ ଘଟିଥିବାବେଳେ ୩ ଜଣ ଗୁରୁତର ହୋଇଛନ୍ତି। ମୃତ ମହିଳା ହେଲେ ଯୁଧିଷ୍ଠିର ନାହାକଙ୍କ ସ୍ତ୍ରୀ ଝୁନୁ ନାହାକ (୫୦)। ଘଟଣା ପରେ ସମଗ୍ର ଅଞ୍ଚଳରେ ତୀବ୍ର ଉତ୍ତେଜନା ଦେଖାଦେଇଛି। ପୋଲିସ ୨୦ ମହିଳା ଏବଂ ୧୩ ପୁରୁଷଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିବାବେଳେ ୨୨ରୁ ଊର୍ଦ୍ଧ୍ୱ ଜଣଙ୍କୁ ଅଟକ ☞ପୃଷ୍ଠା-୪



ଗ୍ରାମରେ ପୋଲିସ ଛାଉଣୀ

ଆଜିର ସମ୍ପାଦକୀୟ
ରିପବ୍ଲିକାନ୍ ଓ ସମାଜବାଦ

# ଶୁଷ୍କ ହେଉଛି ସର୍ବବୃହତ୍ ଡ୍ୟାମ୍

## ସ୍ୱଚ୍ଛ ଶକ୍ତି ଉତ୍ସ ଉପରେ ଜଳବାୟୁ ପରିବର୍ତ୍ତନର ପ୍ରଭାବ

**ନୂଆଦିଲ୍ଲୀ, ୨୭।୧୦**

ଚଳିତ ବର୍ଷ କାଲିଫର୍ନିଆଠାରୁ ଆରମ୍ଭ କରି ଜର୍ମାନୀ ଓ ଚାଇନା ପର୍ଯ୍ୟନ୍ତ ଜଳବାୟୁ ପରିବର୍ତ୍ତନଜନିତ ପ୍ରବଳ ଗ୍ରୀଷ୍ମପ୍ରବାହ ଅନୁଭୂତ ହୋଇଛି। ଆମେରିକା ସମେତ ଚାଇନାରେ ବର୍ଷା ଅଭାବରୁ ଭୟଙ୍କର ମରୁଡ଼ି ଦେଖାଦେଇଛି। ଏଥିଯୋଗୁ ସ୍ୱଚ୍ଛଶକ୍ତିର ଉତ୍ସ କୁହାଯାଉଥିବା ଡ୍ୟାମ୍‌ଗୁଡ଼ିକ ଶୁଖିବାରେ ଲାଗିଛି। ସାରା ବିଶ୍ୱରେ ହାଇଡ୍ରୋପାୱାର ପ୍ଲାଣ୍ଟ ବା ଜଳବିଦ୍ୟୁତ୍ ପ୍ରକଳ୍ପରୁ ହିଁ ଆବଶ୍ୟକତାର ବଡ଼ ଭାଗ ବିଦ୍ୟୁତ୍ ଉତ୍ପାଦନ ହୋଇଥାଏ। ଏହା ନ୍ୟୁକ୍ଲିୟର ପାୱାର ପ୍ଲାଣ୍ଟ, ପବନ ଓ ସୌରଶକ୍ତିରୁ ମିଳିତ ଭାବେ ଉତ୍ପାଦନ ହେଉଥିବା ବିଦ୍ୟୁତ୍‌ଠାରୁ ବହୁଗୁଣ ଅଧିକ। ଅସ୍ୱାଭାବିକ ବର୍ଷା, ମରୁଡ଼ି ସ୍ଥିତି, ଗ୍ରୀଷ୍ମପ୍ରବାହ ଯୋଗୁ ଚାଇନାରେ ଥିବା ବିଶ୍ୱର ସବୁଠୁ ବଡ଼ ନଦୀବନ୍ଧ ଯୋଜନା ଥ୍ରି ଗର୍ଜେସ ଡ୍ୟାମ୍ ବିଶେଷ ଭାବେ ପ୍ରଭାବିତ ହୋଇଛି। ହୁବେଇ ପ୍ରଦେଶରେ ୟାଙ୍ଗ୍‌ତେ ନଦୀ ଉପରେ ଥିବା ଏହି ଡ୍ୟାମ୍‌ରୁ ପାଣି ଶୁଖିବା କାରଣରୁ ହାଇଡ୍ରୋପାୱାର ପ୍ଲାଣ୍ଟରୁ ଚଳିତ ବର୍ଷ କମ୍ ପରିମାଣର ବିଦ୍ୟୁତ୍ ଉତ୍ପାଦନ ହୋଇପାରିଛି। ସ୍ୱଚ୍ଛ ଶକ୍ତିର ଉତ୍ସ ଏପରି ପ୍ରଭାବିତ ହେଲେ ତାହା ପରିବେଶ ସୁରକ୍ଷା ପାଇଁ ଶୁଭଙ୍କର ନୁହେଁ ବୋଲି ଜଳବାୟୁ ପରିବର୍ତ୍ତନ ବିଶେଷଜ୍ଞ ଚିନ୍ତାପ୍ରକଟ କରିଛନ୍ତି।

ଟର୍ବାଇନ୍ କିମ୍ବା ସ୍ପିଲ୍‌ୱେରୁ ପାଣି ବାହାରିବା ପରେ ଯେଉଁ ହ୍ୱାଇଟ୍ ସ୍ପ୍ରେ ଦେଖିବାକୁ ମିଳେ ତାହା ଅଗଷ୍ଟ ମାସ ଶେଷଆଡ଼କୁ ମଧ ଡ୍ୟାମ୍‌ରେ ଦେଖାଯାଇ ନ ଥିଲା। ଅର୍ଥାତ ଜଳସ୍ତର ହ୍ରାସ ଯୋଗୁ ସେଥିରୁ ପ୍ଲାଣ୍ଟର ବିଦ୍ୟୁତ୍ ଉତ୍ପାଦନ କ୍ଷମତା କମିଛି। ବିଶ୍ୱତାପନ ଓ ଜଳାଭାବ ଯୋଗୁ ଚାଇନାର ଏହି ମେଗା ପ୍ଲାଣ୍ଟ ଗ୍ଲୋବାଲ ହାଇଡ୍ରୋପାୱାର ସଙ୍କଟ ଜଟିଳ ହୋଇଛି। କେବଳ ଚାଇନା ନୁହେଁ, କାଲିଫର୍ନିଆଠାରୁ ଜର୍ମାନୀ ପର୍ଯ୍ୟନ୍ତ ଅନୁରୂପ ☞ପୃଷ୍ଠା-୪





**ଋଷି-ମୋଦି ଆଲୋଚନା**

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଗୁରୁବାର ବ୍ରିଟେନର ନୂଆ ପ୍ରଧାନମନ୍ତ୍ରୀ ଋଷି ସୁନକ୍‌ଙ୍କ ସହ ଟେଲିଫୋନ୍‌ରେ କଥା ହୋଇଛନ୍ତି। ପ୍ରଧାନମନ୍ତ୍ରୀ ଦାୟିତ୍ୱ ନେଇଥିବାରୁ ସୁନକଙ୍କୁ ମୋଦି ଅଭିନନ୍ଦନ ଜଣାଇଛନ୍ତି। ଦ୍ୱିପାକ୍ଷିକ ସହଯୋଗ ବୃଦ୍ଧି ଦିଗରେ ଏକାଠି କାମ କରିବାକୁ ପ୍ରଧାନମନ୍ତ୍ରୀ ମୋଦି କହିଥିଲେ। ଏହି ଅବସରରେ ଦୁଇ ନେତା ଭାରତ ଓ ବ୍ରିଟେନ ମଧ୍ୟରେ ମୁକ୍ତ ବାଣିଜ୍ୟ ଚୁକ୍ତିନାମାର ଆବଶ୍ୟକତା ଉପରେ ଆଲୋଚନା କରିଥିଲେ। ସୁନକ ମଧ୍ୟ ଟୁଇଟ୍ କରି ମୋଦିଙ୍କୁ ଧନ୍ୟବାଦ ଜଣାଇଛନ୍ତି। ଆଗାମୀ ଦିନରେ ଦୁଇଦେଶ ମଧ୍ୟରେ ପ୍ରତିରକ୍ଷା ଓ ଆର୍ଥିକ ସହଯୋଗ ବଢ଼ିଲେ ବିରାଟ ସଫଳତା ମିଳିବ ବୋଲି ସୁନକ କହିଛନ୍ତି।

## ସଂକ୍ଷେପରେ

### ଗୁଜରାଟରେ ହେବ ସେନା ପରିବହନ ବିମାନ କାରଖାନା

**ନୂଆଦିଲ୍ଲୀ,୨୭।୧୦:** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ରାଜ୍ୟ ଗୁଜରାଟରେ ସୈନ୍ୟବାହିନୀ ପାଇଁ ପରିବହନ ବିମାନ ନିର୍ମାଣ କାରଖାନା ହେବାକୁ ଯାଉଛି। ଏହି ବିମାନ ନିର୍ମାଣ ଲାଗି ଟାଟା ଏବଂ ଏୟାରବସ୍ ମଧ୍ୟରେ ଚୁକ୍ତି ସ୍ୱାକ୍ଷର ହୋଇଛି। ପ୍ଲାଣ୍ଟ ନିର୍ମାଣରେ ୨୨,୦୦୦ କୋଟି ଟଙ୍କା ଖର୍ଚ୍ଚ ହେବ। ପ୍ରଥମ ଥର ପାଇଁ ଭାରତରେ ଘରୋଇ କମ୍ପାନୀ ସାମରିକ ବିମାନ ନିର୍ମାଣ କରିବାକୁ ଯାଉଛି। ଉକ୍ତ ପ୍ରୋଜେକ୍ଟରେ ମୋଟ ୨୧,୯୩୫ କୋଟି ଟଙ୍କା ବ୍ୟୟ ହେବ। ଉକ୍ତ ବିମାନକୁ ବେସାମରିକ କାର୍ଯ୍ୟରେ ମଧ୍ୟ ନିୟୋଜିତ କରାଯାଇପାରିବ ବୋଲି ପ୍ରତିରକ୍ଷା ସଚିବ ଡ. ଅଜୟ କୁମାର କହିଛନ୍ତି। ରବିବାର ପ୍ରଧାନମନ୍ତ୍ରୀ ମୋଦି ବଡୋଦରାଠାରେ ଉକ୍ତ ପ୍ଲାଣ୍ଟର ଉଦ୍‌ଘାଟନ କରିବେ। ଏହି ପ୍ରକଳ୍ପରେ ହଜାର ହଜାର ଲୋକଙ୍କୁ ନିଯୁକ୍ତି ମିଳିପାରିବ।

### ଜମ୍ମୁ ରେଳଷ୍ଟେଶନରୁ ୧୮ ଡେଟୋନେଟର ଜବତ

**ନୂଆଦିଲ୍ଲୀ,୨୭।୧୦:** ଜମ୍ମୁ ରେଳଷ୍ଟେଶନ ଟ୍ୟାକ୍ସି ଷ୍ଟାଣ୍ଡରୁ ୧୮ଟି ଡେଟୋନେଟର ମିଳିଛି। ବିସ୍ଫୋରକ ସମେତ କିଛି ତାର ଦୁଇଟି ବାକ୍ସରେ ରଖାଯାଇଥିବା ପୋଲିସ କହିଛି। ଘଟଣାସ୍ଥଳରେ ପୋଲିସ ଅଫିସର ଉପସ୍ଥିତ ରହି ତଦନ୍ତ ଚଳାଇଛନ୍ତି। ବାକ୍ସ ମଧ୍ୟରେ ମହମ ଭଳି ପଦାର୍ଥ ପ୍ୟାକ୍ କରାଯାଇଥିଲା। ଟ୍ୟାକ୍ସି ଷ୍ଟାଣ୍ଡରୁ ଏକ ସନ୍ଦିଗ୍ଧ ବ୍ୟାଗ୍ ମିଳିବା ପରେ ସେଥିରୁ ଉପରୋକ୍ତ ବାକ୍ସ ଓ ତାର ମିଳିଥିଲା। ନିକଟରେ ଜମ୍ମୁ-କଶ୍ମୀରରେ ଏକାଧିକ ଆତଙ୍କବାଦୀ ଆକ୍ରମଣ ଘଟିଲାଣି। ଗତ ୧୮ ତାରିଖରେ ଆତଙ୍କବାଦୀଙ୍କ ଆକ୍ରମଣରେ ୨ ପ୍ରବାସୀ ଶ୍ରମିକ ନିହତ ହୋଇଥିଲେ।

### କୋଏମ୍ବାଟୁର ବିସ୍ଫୋରଣର ତଦନ୍ତ କରିବ ଏନ୍‌ଆଇଏ

**ନୂଆଦିଲ୍ଲୀ,୨୭।୧୦:** କୋଏମ୍ବାଟୁର ମନ୍ଦିର ନିକଟରେ ଗତ ରବିବାର ହୋଇଥିବା ବିସ୍ଫୋରଣ ଘଟଣାର ତଦନ୍ତ ଦାୟିତ୍ୱ ଜାତୀୟ ତଦନ୍ତକାରୀ ସଂସ୍ଥା (ଏନ୍‌ଆଇଏ)କୁ ହସ୍ତାନ୍ତର ପାଇଁ କେନ୍ଦ୍ର ସରକାର ଗୁରୁବାର ନିଷ୍ପତ୍ତି ନେଇଛନ୍ତି। ବିସ୍ଫୋରଣରେ ଜଣେ ଇଞ୍ଜିନିୟରଙ୍କ ମୃତ୍ୟୁ ଘଟିଥିଲା। ବିସ୍ଫୋରଣ ପଛରେ ଅନ୍ତର୍ଜାତୀୟ ସମ୍ପୃକ୍ତି ସନ୍ଦେହ କରାଯାଉଥିବାରୁ ତାମିଲନାଡୁ ମୁଖ୍ୟମନ୍ତ୍ରୀ ଏମ୍.କେ. ଷ୍ଟାଲିନ୍ ଘଟଣାର ଏନ୍‌ଆଇଏ ତଦନ୍ତ ଲାଗି ସୁପାରିସ କରିଥିଲେ। ଏହି ମାମଲାରେ ୨୯ ବର୍ଷୀୟ ଇଞ୍ଜିନିୟରିଂ ଛାତ୍ର ଜମିଶା ମୁବିନ୍‌ଙ୍କ ସମେତ ୫ ଜଣଙ୍କୁ ଗିରଫ କରାଯିବା ସହ ସେମାନଙ୍କ ବିରୋଧରେ ୟୁଏପିଏରେ ମାମଲା ରୁଜୁ ହୋଇଛି। ଶ୍ରୀଲଙ୍କା ଇଷ୍ଟର ବୋମା ବିସ୍ଫୋରଣ ଘଟଣା ପରେ ୨୦୧୯ରେ ମୁବିନ୍ ଏନ୍‌ଆଇଏ ନଜରରେ ରହିଥିଲେ।

### ମହିଳା ଗୃହକାର୍ଯ୍ୟ କରିବା ନିଷ୍ଠୁରତା ନୁହେଁ

**ମୁମ୍ବାଇ,୨୭।୧୦ (ପି.ଟି.):** ଜଣେ ବିବାହିତା ମହିଳା ନିଜ ପରିବାର ପାଇଁ ଘରକାମ କରିବାକୁ ସହାୟିକାର କାର୍ଯ୍ୟ ବୋଲି ବିବେଚନା କରାଯାଇପାରିବ ନାହିଁ ଏବଂ ଏହାକୁ ନିଷ୍ଠୁରତା କୁହାଯାଇପାରିବ ନାହିଁ ବୋଲି ବମ୍ବେ ହାଇକୋର୍ଟଙ୍କ ଔରଙ୍ଗାବାଦ ବେଞ୍ଚ୍ କହିଛନ୍ତି। ମହିଳା ଜଣଙ୍କ ତାଙ୍କ ସ୍ୱାମୀ ଓ ଶ୍ୱଶୁରଘର ଲୋକଙ୍କ ବିରୋଧରେ ଆଣିଥିବା ଘରୋଇ ହିଂସା ଓ ନିଷ୍ଠୁରତା ମାମଲାକୁ ହାଇକୋର୍ଟ ଖାରଜ କରିଦେଇଛନ୍ତି। ସ୍ୱାମୀ ଓ ତାଙ୍କ ମାଆବାପାଙ୍କ ବିରୋଧରେ ଦାଏର ଏତଲାକୁ ଜଷ୍ଟିସ୍ ବିଭା କଙ୍କନୱାଡ଼ି ଏବଂ ରାଜେଶ ପାଟିଲଙ୍କ ଖଣ୍ଡପୀଠ ଖାରଜ କରିଦେଇନ୍ତି। ଶ୍ୱଶୁରଘରେ ତାଙ୍କୁ ଘରୋଇ ସହାୟିକା ଭାବେ ବ୍ୟବହାର କରାଯାଉଥିଲା ଏବଂ କାର କିଣିବା ଲାଗି ୪ ଲକ୍ଷଟଙ୍କା ଆଣିବାକୁ କୁହାଯାଉଥିଲା । ଯୌତୁକ ଦାବିରେ ସ୍ୱାମୀ ତାଙ୍କୁ ମାନସିକ ଓ ଶାରୀରିକ ନିର୍ଯାତନା ଦେଉଥିଲେ ବୋଲି ମହିଳା ତାଙ୍କ ଅଭିଯୋଗରେ ଦର୍ଶାଇଥିଲେ।

### ୮ରେ ଜୟଶଙ୍କରଙ୍କ ରୁଷିଆ ଗସ୍ତ

**ନୂଆଦିଲ୍ଲୀ, ୨୭।୧୦:** ଭାରତର ବହିର୍ବ୍ୟାପାର ମନ୍ତ୍ରୀ ଏସ୍. ଜୟଶଙ୍କର ନଭେମ୍ବର ୮ରେ ରୁଷିଆ ଗସ୍ତ କରି ତାଙ୍କ ପ୍ରତିପକ୍ଷ ସେରେଗି ଲାଭ୍ରୋଭଙ୍କୁ ଭେଟିବେ। ଏ ନେଇ ମସ୍କୋ ପକ୍ଷରୁ ସୂଚନା ଦିଆଯାଇଛି। ଏହି ଅବସରରେ ଜୟଶଙ୍କର ଏବଂ ଲାଭ୍ରୋଭ୍ ଦ୍ୱିପାକ୍ଷିକ ଆଲୋଚନା ସହ ଅର୍ନ୍ତଜାତୀୟ ପ୍ରସଙ୍ଗ ଉପରେ ମଧ୍ୟ ଚର୍ଚ୍ଚା କରିବେ। ୟୁକ୍ରେନ୍ ଉପରେ ରୁଷିଆର ଆକ୍ରମଣ ଭିତରେ ଜୟଶଙ୍କରଙ୍କ ମସ୍କୋ ଗସ୍ତ ବେଶ୍ ଗୁରୁତ୍ୱ ରଖେ। ବୁଧବାର ରୁଷିଆ ପ୍ରତିରକ୍ଷା ମନ୍ତ୍ରୀ ସେରେଗି ଶୋଇଗୁ ଭାରତ ପ୍ରତିପକ୍ଷ ରାଜନାଥ ସିଂଙ୍କ ସହ ଫୋନ୍‌ରେ କଥା ହୋଇଥିଲେ। ୟୁକ୍ରେନ୍ ଡାର୍ଟି ବମ୍ ପ୍ରୟୋଗ ଯୋଜନା କରୁଥିବା ନେଇ ସେ ରାଜନାଥ ସିଂଙ୍କୁ ଜଣାଇଥିଲେ।

## ମେକ୍ସିକୋରେ ସମଲିଙ୍ଗୀ ବିବାହକୁ ସ୍ୱୀକୃତି



**ମେକ୍ସିକୋ ସିଟି:** ମେକ୍ସିକୋର ସୀମାନ୍ତ ରାଜ୍ୟ ତମାଉଲିପାସ୍‌ରେ ବୁଧବାର ରାତିରେ ସମଲିଙ୍ଗୀ ବିବାହକୁ ବୈଧ କରିବା ସମ୍ପର୍କିତ ଆଇନ ସପକ୍ଷରେ ମତଦାନ ହୋଇଛି। ଏହି ଆଇନକୁ ସ୍ୱୀକୃତି ପ୍ରଦାନରେ ଏହା ହେଉଛି ମେକ୍ସିକୋର ୩୨ତମ ବା ଶେଷ ରାଜ୍ୟ।

ତମାଉଲିପାସ୍‌ରେ ସମଲିଙ୍ଗୀ ବିବାହ ସମ୍ପର୍କିତ ସିଭିଲ୍ କୋଡ୍‌ରେ ସଂଶୋଧନ ସପକ୍ଷରେ ୨୩ ଓ ବିରୋଧରେ ୧୨ ଭୋଟ ପଡ଼ିଥିବାବେଳେ ୨ ମତଦାତା ଭୋଟ ଦେବାରୁ ବିରତ ରହିଥିଲେ। ଫଳାଫଳ ଆସିବା ପରେ ଏହି ଧରଣ ବିବାହର ସମର୍ଥକମାନେ ଖୁସିରେ ନାଚି ଉଠିଥିଲେ। କହିଥିଲେ, 'ହଁ ଆମେ ପାରିବା'। ସୁପ୍ରିମକୋର୍ଟ ପ୍ରେସିଡେଣ୍ଟ ଜଷ୍ଟିସ୍ ଅର୍ଟୁରୋ ଜାଲଡିଭର ଏହାକୁ ସ୍ୱାଗତ କରି କହିଛନ୍ତି, ସାରା ଦେଶ ଏକ ବିଶାଳ ଇନ୍ଦ୍ରଧନୁ ସହ ଚମକୁଛି। ସମସ୍ତ ନାଗରିକ ସମ୍ମାନ ଓ ଅଧିକାର ସହ ବଞ୍ଚନ୍ତୁ। ପ୍ରେମ ହେଉଛି ଜୀବନ। ଏହା ପୂର୍ବରୁ ଗୁଏରେରୋରେ ମଧ୍ୟ ସମାନ ଧରଣର ଆଇନକୁ ସ୍ୱୀକୃତି ଦିଆଯାଇଥିଲା। ୨୦୧୫ରେ ମେକ୍ସିକୋ ସୁପ୍ରିମକୋର୍ଟ ସମଲିଙ୍ଗୀ ବିବାହ ବିରୋଧୀ ଆଇନକୁ ଅସାମ୍ବିଧାନିକ ଘୋଷଣା କରିଥିଲେ। କିନ୍ତୁ କେତେକ ରାଜ୍ୟରେ ଏହି ରାୟର ଅନୁପାଳନ ଲାଗି ଆଇନ ପ୍ରଣୟନ ବିଳମ୍ବିତ ହୋଇଛି।

## ଚେହେରା ଦେଖାଇଲେ ଇରାନର ଆଞ୍ଜେଲିନା ଜୋଲି



**ତେହେରାନ:** ଇରାନର 'ଜୋମ୍ବି ଆଞ୍ଜେଲିନା ଜୋଲି' ନାମରେ ପରିଚିତ ସହର ତବର ଜେଲରୁ ମୁକୁଳିବା ପରେ ନିଜ ଚେହେରା ଦେଖାଇଛନ୍ତି। ଅନ୍ତର୍ଜାତୀୟ ସମୁଦାୟର ଦୃଷ୍ଟି ଆକର୍ଷଣ କରିବା ପାଇଁ ସେ ସବୁବେଳେ ପ୍ରସିଦ୍ଧି ଲାଭ କରିବାକୁ ଚାହୁଁଥିଲେ ଏବଂ ଏଥି ସକାଶେ ଭୟଙ୍କର ମେକ୍‌ଅପ୍ ନେବାକୁ ପସନ୍ଦ କରୁଥିଲେ ବୋଲି ସହର କହିଛନ୍ତି।

ଇନ୍‌ଷ୍ଟାଗ୍ରାମ୍‌ରେ ହଲିଉଡ୍ ଅଭିନେତ୍ରୀ ଆଞ୍ଜେଲିନା ଜୋଲିଙ୍କ ସଦୃଶ ନିଜର ବିଦ୍ରୂପାତ୍ମକ ଫଟୋ ପୋଷ୍ଟ କରି ରାତାରାତି ପ୍ରସିଦ୍ଧି ପାଇଥିବା ଏହି ଯୁବତୀଙ୍କୁ ୨୦୧୯ ଅକ୍ଟୋବରରେ ଦୁର୍ନୀତି ଓ ଈଶ୍ୱର ନିନ୍ଦା ଅଭିଯୋଗରେ ଗିରଫ କରାଯାଇଥିଲା। ତାଙ୍କୁ ୧୦ ବର୍ଷ ଜେଲ ଦଣ୍ଡାଦେଶ ହୋଇଥିଲା। କିନ୍ତୁ ଇରାନରେ ଗତମାସରେ ମହସା ଅମିନୀଙ୍କ ମୃତ୍ୟୁ ପରେ ଆନ୍ଦୋଳନ ମୁଣ୍ଡ ଟେକିବା ପରେ ତାଙ୍କୁ ମୁକ୍ତ କରାଯାଇଛି। ୨୧ ବର୍ଷୀୟା ସହର ନିଜ ଅସଲ ଚେହେରାକୁ ଲୁଚାଇବା ପାଇଁ କସ୍‌ମେଟିକ୍ ସର୍ଜରି କରାଇଥିଲେ। ତାଙ୍କୁ ଜେଲରୁ ମୁକୁଳାଇବା ପାଇଁ ସୋସିଆଲ ମିଡିଆରେ ବିଧିବଦ୍ଧ ଭାବେ ଅଭିଯାନ ଚାଲିଥିଲା। ଆକ୍ଟିଭିଷ୍ଟ ମାଶିହ ଅଲିନେଜାଦ୍‌ଙ୍କ ମତରେ ସହର ତବରଙ୍କୁ ୧୯ ବର୍ଷ ହେଉଥିବାବେଳେ ତାଙ୍କ ବ୍ୟଙ୍ଗ ତାଙ୍କୁ ଜେଲ ଭିତରକୁ ଟାଣିନେଇଥିଲା। ନିରୀହ ଝିଅଙ୍କୁ ମୁକ୍ତ କରିବା ପାଇଁ ତାଙ୍କ ମା' ସବୁଦିନ ଲୁହ ଝରାଉଥିଲେ।

# ବିପର୍ଯ୍ୟୟ ପଥେ ବିଶ୍ୱ



**ଜାତିସଂଘ,୨୭।୧୦**

ଜଳବାୟୁ ପରିବର୍ତ୍ତନଜନିତ ସଙ୍କଟକୁ ସାମ୍ନା କରୁଥିବା ପୃଥିବୀ ଏକ ବୃହତ୍ ବିପର୍ଯ୍ୟୟ ଆଡ଼କୁ ମୁହାଁଇଛି ବୋଲି ଜାତିସଂଘ ପକ୍ଷରୁ ପ୍ରକାଶିତ ଏକ ରିପୋର୍ଟରେ ଦର୍ଶାଯାଇଛି। ଜାତିସଂଘ ପରିବେଶ କାର୍ଯ୍ୟକ୍ରମ (ୟୁଏନ୍‌ଇପି) ଗୁରୁବାର ଜାରି କରିଥିବା ଏହାର ବାର୍ଷିକ ଏମିଶନ୍ସ ଗ୍ୟାପ୍ ରିପୋର୍ଟରେ ଉଲ୍ଲେଖ କରିଛି, ବିଶ୍ୱରେ ବଢୁଥିବା ତାପମାତ୍ରା ହ୍ରାସ ପାଇଁ ସରକାରମାନେ ଦେଇଥିବା ପ୍ରତିଶ୍ରୁତି ଠିକ୍ ଭାବେ ପାଳନ କରୁନାହାନ୍ତି। ବର୍ତ୍ତମାନର ସରକାରୀ କ୍ଲାଇମେଟ୍ ପଲିସିଗୁଡ଼ିକ ବିଶ୍ୱରେ ହାରାହାରି ୨.୮ ଡିଗ୍ରୀ ସେଲ୍‌ସିୟସ୍ ବା ୫ ଡିଗ୍ରୀ ଫାରେନ୍‌ହିଟ୍ ପର୍ଯ୍ୟନ୍ତ ତାପମାତ୍ରା ବୃଦ୍ଧି ଆଡ଼କୁ ଟାଣିନେଉଛି।

ଇଜିପ୍ଟରେ ନଭେମ୍ବର ୬ରୁ ୧୮ ତାରିଖ ପର୍ଯ୍ୟନ୍ତ ଚାଲିବାକୁ ଥିବା କୋପ୍ ୨୭ ଜଳବାୟୁ ଆଲୋଚନାରେ ତାପମାତ୍ରାକୁ ୨ ଡିଗ୍ରୀ ସେଲସିୟସ୍ ମଧ୍ୟରେ ସୀମିତ ରଖିବା ଉପରେ ଗୁରୁତ୍ୱାରୋପ କରାଯିବ। ତାପମାତ୍ରାକୁ ସୀମିତ ରଖିବା ପାଇଁ ପୂର୍ବରୁ ରହିଥିବା ସୁଯୋଗକୁ ଆମେ ହାତଛଡ଼ା କରିଦେଇଛେ। ଆମ ଅର୍ଥନୀତି ଓ ସମାଜଗୁଡ଼ିକରେ ଆମୂଳଚୂଳ ପରିବର୍ତ୍ତନ ଜରିଆରେ ହିଁ ପାଣିପାଗଜନିତ କ୍ରମବର୍ଦ୍ଧିଷ୍ଣୁ ବିପର୍ଯ୍ୟୟରୁ ନିଜକୁ ରକ୍ଷା କରିପାରିବା ବୋଲି ୟୁଏନ୍‌ଡିପି କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଆଇଙ୍ଗର ଆଣ୍ଡରସନ୍ କହିଛନ୍ତି। ସେହିପରି ଜାତିସଂଘ ମହାସଚିବ ଆଣ୍ଟୋନିଓ ଗୁଟେରସ୍ କହିଛନ୍ତି, କାର୍ବନ ନ୍ୟୁଟ୍ରାଲିଟିକୁ ସମର୍ଥନ ନ ମିଳିଲେ ଏହାର ଲକ୍ଷ୍ୟ ମୂଲ୍ୟହୀନ ହୋଇଯିବ। ବୈଶ୍ୱିକ ଓ ଜାତୀୟ ସ୍ତରରେ ଜଳବାୟୁ ପରିବର୍ତ୍ତନର ପ୍ରଭାବ ହ୍ରାସ ଲାଗି ଦିଆଯାଉଥିବା ପ୍ରତିଶ୍ରୁତିକୁ ରକ୍ଷା କରାଯାଉନାହିଁ। ଅନ୍ୟ ଭାଷାରେ ଆମେ ଏକ ବୈଶ୍ୱିକ ବିପର୍ଯ୍ୟୟ ଆଡ଼କୁ ଅଗ୍ରସର ହେଉଛେ ବୋଲି ଏକ ଭିଡିଓ ମେସେଜ୍‌ରେ ଗୁଟେରସ୍ କହିଛନ୍ତି।

## ଜଳବାୟୁ ପରିବର୍ତ୍ତନ ସବୁଠୁ ବଡ଼ ଶତ୍ରୁ

ବର୍ତ୍ତମାନଯାଏ ଆତଙ୍କବାଦକୁ ବିଶ୍ୱର ସବୁଠୁ ବଡ଼ ଶତ୍ରୁ ବୋଲି ବିବେଚନା କରାଯାଉଥିଲା। ବିଶେଷକରି ଆତଙ୍କବାଦୀଙ୍କ ଭୂସ୍ୱର୍ଗ ପାକିସ୍ତାନକୁ ହରଡ଼ଘଣାରେ ପକାଇବା ପାଇଁ ଭାରତ ପ୍ରାୟ ପ୍ରତ୍ୟେକ ଅନ୍ତର୍ଜାତୀୟ ମଞ୍ଚରେ ଏହି ପ୍ରସଙ୍ଗ ଉଠାଉଥିଲା। କିନ୍ତୁ ଏବେ ମାନବ ଜାତିର ଶତ୍ରୁ ତାଲିକାର ସର୍ବାଗ୍ରେ ରହିଛି ଜଳବାୟୁ ପରିବର୍ତ୍ତନ। ଗ୍ଲୋବାଲ ଟେରରିଜମ୍ ଇଣ୍ଡେକ୍ସ-୨୦୨୨ ଅନୁସାରେ ୨୦୨୧ରେ ବିଶ୍ୱରେ ଆତଙ୍କବାଦଜନିତ ମୃତ୍ୟୁସଂଖ୍ୟା ୧.୨% ହ୍ରାସ ପାଇ ୭,୧୪୨କୁ ଖସିଛି। ଅନ୍ୟପକ୍ଷେ ଗତବର୍ଷ କେବଳ ଭାରତରେ ଜଳବାୟୁ ପରିବର୍ତ୍ତନ ଜନିତ ମୃତ୍ୟୁସଂଖ୍ୟା ୧,୭୫୦ ରହିଥିଲା। ପାଣିପାଗରେ ହଠାତ୍ ଅସ୍ୱାଭାବିକ ପରିବର୍ତ୍ତନ ଯୋଗୁ ଘଟୁଥିବା ମୃତ୍ୟୁହାର ଅହେତୁକ ଭାବେ ବଢ଼ିଚାଲିଛି। ଏହି ଧାରା ଜାରି ରହିଲେ ୨୦୩୦ରୁ ୨୦୫୦ ମସିହା ମଧ୍ୟରେ ବାର୍ଷିକ ମୃତ୍ୟୁ ତାଲିକାରେ ଅତିରିକ୍ତ ୨ ଲକ୍ଷ ୫୦ ହଜାର ସଂଖ୍ୟା ଯୋଡ଼ି ହୋଇଯିବ ବୋଲି ଜାତିସଂଘ ଆକଳନ କରିଛି।

### ଭାରତ ଉପରେ ପ୍ରଭାବ

ଅସ୍ୱାଭାବିକ ମୌସୁମୀ ଏବଂ ହିମସ୍ଖଳନର ସର୍ବାଧିକ ଶିକାର ହୋଇଥିବା ପାକିସ୍ତାନରେ ପ୍ରଳୟଙ୍କରୀ ବନ୍ୟା ପ୍ରାୟ ୧୮୦୦ ଜଣଙ୍କ ଜୀବନ ନେଇସାରିଲାଣି। ଏହାକୁ ଦେଖି ଭାରତ ବେଶୀ ଦୂର ନୁହେଁ ବୋଲି ବୈଜ୍ଞାନିକ ବିଶ୍ଳେଷଣ ସ୍ପଷ୍ଟ କରିସାରିଲାଣି। ହିମାଳୟରେ ତରଳୁଥିବା ବରଫ ଭାରତ ପାଇଁ ମଧ୍ୟ ସମ୍ଭାବ୍ୟ ବିପଦର ସତର୍କ ଘଣ୍ଟି। ପରିବେଶଗତ ପ୍ରଦର୍ଶନ ସୂଚକାଙ୍କ (ଇପିଆଇ)-୨୦୨୨ରେ ୧୮୦ ରାଷ୍ଟ୍ର ମଧ୍ୟରୁ ସବାତଳେ ଥିବା ଭାରତ ପାଇଁ ଜଳବାୟୁ ପରିବର୍ତ୍ତନଜନିତ ସଙ୍କଟ ସର୍ବାଧିକ ଚିନ୍ତାର ବିଷୟ ବୋଲି ନିଃସନ୍ଦେହରେ କୁହାଯାଇପାରେ। ଜଳବାୟୁ ପରିବର୍ତ୍ତନର ପ୍ରଭାବ ହ୍ରାସ ସକାଶେ ଉପାୟ ଖୋଜିବା ପାଇଁ ଗତବର୍ଷ ନଭେମ୍ବରରେ ସ୍କଟଲାଣ୍ଡର ଗ୍ଲାସ୍‌ଗୋଠାରେ କୋପ୍-୨୬ ସମ୍ମିଳନୀ ଆୟୋଜିତ ହୋଇଥିଲା। ୨ ସପ୍ତାହ ଧରି ମାନସମନ୍ଥନ ପରେ ସର୍ବାଧିକ ତାପମାତ୍ରା ସୃଷ୍ଟିକାରୀ କୋଇଲା ବ୍ୟବହାରକୁ ସମ୍ପୂର୍ଣ୍ଣ ବନ୍ଦ କରିବା ପାଇଁ ୧୨୦ ବିଶ୍ୱନେତାଙ୍କ ସମେତ ଅନେକ ହଜାର ପ୍ରତିନିଧି ଏକପ୍ରକାର ସହମତି ପ୍ରକାଶ କରିଥିଲେ। କିନ୍ତୁ ଶେଷ ମୁହୂର୍ତ୍ତରେ ଭାରତ କୋଇଲା ବ୍ୟବହାର କ୍ଷେତ୍ରରେ 'ଫେଜ୍ ଆଉଟ୍' ବଦଳରେ 'ଫେଜ୍ ଡାଉନ୍' ଶବ୍ଦ ଯୋଡ଼ି ସଂକଳ୍ପନାମାରେ ବୈଷୟିକ ପରିବର୍ତ୍ତନ ଆଣିଥିଲା। ସେତେବେଳେ ଭାରତର ଏହି ପଦକ୍ଷେପକୁ ସଦସ୍ୟ ରାଷ୍ଟ୍ରଗୁଡ଼ିକ ନିନ୍ଦା କରିଥିଲେ।

## ଆଜମ ଖାନ୍‌ଙ୍କୁ ୩ ବର୍ଷ ଜେଲ

### ଘୃଣା ମନ୍ତବ୍ୟ ମାମଲା



**ବରେଲି,୨୭।୧୦**

ଘୃଣିତ ତଥା ଉତ୍ତେଜନା ସୃଷ୍ଟିକାରୀ ମନ୍ତବ୍ୟ ପାଇଁ ସମାଜବାଦୀ ପାର୍ଟିର ବରିଷ୍ଠ ନେତା ଆଜମ ଖାନ୍‌ଙ୍କୁ ରାମପୁର ଜିଲାର ଏକ ସ୍ୱତନ୍ତ୍ର ଅଦାଲତ ଗୁରୁବାର ଦୋଷୀସାବ୍ୟସ୍ତ କରିବା ସହ ୩ ବର୍ଷ ଜେଲଦଣ୍ଡରେ ଦଣ୍ଡିତ କରିଛନ୍ତି। ୨୦୧୯ରେ ଆଜମ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ ଉତ୍ତରପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥଙ୍କ ବିରୋଧରେ ଘୃଣିତ ମନ୍ତବ୍ୟ ଦେଇଥିଲେ। ଦଣ୍ଡାଦେଶ ପ୍ରଦାନ ପରେ ଅଦାଲତ ୭୪ ବର୍ଷୀୟ ଏସ୍‌ପି ବିଧାୟକଙ୍କୁ ଜାମିନ ମଞ୍ଜୁର କରିଛନ୍ତି। ରାୟ ବିରୋଧରେ ସପ୍ତାହେ ମଧ୍ୟରେ ଅପିଲ କରିବାକୁ ତାଙ୍କୁ ସମୟ ଦିଆଯାଇଛି। ସେ ରାୟ ବିରୋଧରେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହେବେ ବୋଲି କହିଛନ୍ତି। ତାଙ୍କ ନାମରେ ୧୫୩ଏ (ଦୁଇ ଗୋଷ୍ଠୀ ମଧ୍ୟରେ ଶତ୍ରୁତା ବଢ଼ାଇବା), ୫୦୫-୧(ସର୍ବସାଧାରଣରେ ପରିହାସ କରିବା) ଏବଂ ଜନପ୍ରତିନିଧି ଆଇନ, ୧୯୫୧ର ଧାରା ୧୨୫ ଅନୁଯାୟୀ ମାମଲା ରୁଜୁ ହୋଇଥିଲା। ୩ଟି ଯାକ ଧାରାରେ ଅଦାଲତ ତାଙ୍କୁ ଦୋଷୀସାବ୍ୟସ୍ତ କରିଛନ୍ତି। ସୁପ୍ରିମକୋର୍ଟଙ୍କ ଏକ ରାୟ ଅନୁଯାୟୀ ଆଜମଙ୍କ ସଭ୍ୟପଦ ରଦ୍ଦ ହୋଇପାରେ। କାରଣ କୌଣସି ଫୌଜଦାରି ମାମଲାରେ ଦୋଷୀସାବ୍ୟସ୍ତ ହୋଇ ବିଧାୟକ, ବିଧାନ ପରିଷଦ ସଦସ୍ୟ କିମ୍ବା ଏମ୍‌ପି ଯଦି ସର୍ବନିମ୍ନ ୨ ବର୍ଷ ଜେଲ ଯାଆନ୍ତି, ତେବେ ସେ ଗୃହର ସଦସ୍ୟତା ହରାଇବେ ବୋଲି ୨୦୧୩ରେ ସର୍ବୋଚ୍ଚ ଅଦାଲତ ରାୟ ଦେଇଥିଲେ।

ପୂର୍ବରୁ ଜମି ହଡ଼ପ ମାମଲାରେ ସେ ପାଖାପାଖି ୨ ବର୍ଷ ଜେଲରେ ରହିଥିଲେ। ଗତ ମେ'ରେ ସୁପ୍ରିମକୋର୍ଟରୁ ଅନ୍ତରୀଣ ଜାମିନ ପାଇ ଜେଲରୁ ବାହାରିଥିଲେ। ୨୦୧୭ରେ ଭାଜପା ଉତ୍ତରପ୍ରଦେଶରେ କ୍ଷମତାକୁ ଆସିବା ପରେ ଏସ୍‌ପି ନେତା ଆଜମଙ୍କ ବିରୋଧରେ ଦୁର୍ନୀତି, ଚୋରି, ଜମି ହଡ଼ପ ସମେତ ୮୭ ମାମଲା ଲଗାଇଛନ୍ତି। ଘୃଣା ମନ୍ତବ୍ୟ ବିରୋଧରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ ଲାଗି ସୁପ୍ରିମକୋର୍ଟ ସପ୍ତାହେ ପୂର୍ବରୁ କେନ୍ଦ୍ର ଓ ବିଭିନ୍ନ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେଇଥିଲେ।

## ପ୍ରତି ରାଜ୍ୟରେ ହେବ ଏନ୍‌ଆଇଏ ଅଫିସ୍

**ନୂଆଦିଲ୍ଲୀ,୨୭।୧୦**

ଜାତୀୟ ତଦନ୍ତକାରୀ ସଂସ୍ଥା (ଏନ୍‌ଆଇଏ)କୁ ରାଜ୍ୟ କ୍ଷେତ୍ରବାହାରେ କ୍ଷମତା ଦିଆଯିବା ସହ ୨୦୨୪ ସୁଦ୍ଧା ପ୍ରତି ରାଜ୍ୟରେ ଏହାର ଶାଖା ଖୋଲିବ ବୋଲି ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହା ଗୁରୁବାର କହିଛନ୍ତି। ହରିୟାଣାର ସୂରଯକୁଣ୍ଡଠାରେ ୨ଦିନିଆ ଚିନ୍ତନ ଶିବିରର ଉଦ୍‌ଘାଟନ ଅଧିବେଶନରେ ଉଦ୍‌ବୋଧନ ଦେଇ ଶାହା କହିଥିଲେ, ସାଇବର ଅପରାଧ, ନିଶାଦ୍ରବ୍ୟ ଚୋରା କାରବାର, ସୀମାପାର ଆତଙ୍କବାଦ, ଦେଶଦ୍ରୋହ ଓ ଅନ୍ୟାନ୍ୟ ଅପରାଧ ମାମଲା ତଦନ୍ତ ଲାଗି ମିଳିତ ଯୋଜନା ପ୍ରସ୍ତୁତ ହେଉଛି। ସହକାରୀ ସଂଘୀୟବାଦର ଲକ୍ଷ୍ୟ ହାସଲ କରିବା ଦିଗରେ ସହଯୋଗ, ସମନ୍ୱୟ ଓ ସହକାର୍ଯ୍ୟତା ଉପରେ ସରକାର ଗୁରୁତ୍ୱ ଦେଉଛନ୍ତି। ରାଜ୍ୟଗୁଡ଼ିକର ସ୍ୱତନ୍ତ୍ର ଅନୁମତି ବିନା ସାରା ଦେଶରେ ଆତଙ୍କବାଦୀ ମାମଲାରେ ତଦନ୍ତ କରିବା କ୍ଷମତା ଏନ୍‌ଆଇଏକୁ ମିଳିଛି। ୨୦୦୮ ମୁମ୍ବାଇ ଆତଙ୍କବାଦୀ ଆକ୍ରମଣ ଘଟଣା ପରେ ଏନ୍‌ଆଇଏ ଆଇନ କାର୍ଯ୍ୟକାରୀ ହୋଇ ସେହି ବର୍ଷ ଡିସେମ୍ବର ୩୧ରେ ଲାଗୁ ହୋଇଥିଲା। ଆତଙ୍କବାଦୀ ଆକ୍ରମଣ ଓ ବିସ୍ଫୋରଣ ସହ ଆନ୍ତଃରାଜ୍ୟ ଓ ଅନ୍ତର୍ଜାତୀୟ ସମ୍ପୃକ୍ତି ରହିଛି। ଏଥିସହିତ ନିଶାଦ୍ରବ୍ୟ ଓ ଅସ୍ତ୍ରଶସ୍ତ୍ର ଚୋରା କାରବାରରେ ସମ୍ପୃକ୍ତ ହୋଇଥିବାରୁ ଏ ସମସ୍ତ ମାମଲାର ତଦନ୍ତ ଏନ୍‌ଆଇଏ କ୍ଷମତା ପରିସରଭୁକ୍ତ ରହିଛି। ୨୦୧୯ରେ ଏନ୍‌ଆଇଏ(ସଂଶୋଧନ) ବିଲ୍ ପାସ୍ ହେବା ପରେ ଏହି ଏଜେନ୍ସିକୁ ଅଧିକ କ୍ଷମତା ମିଳିଛି।

## ଯମୁନାରେ ବିଷାକ୍ତ ଫେଣ

### ଦିଲ୍ଲୀ ସରକାରଙ୍କୁ ଦାୟୀ କଲେ ପରିବେଶବିତ୍

**ନୂଆଦିଲ୍ଲୀ,୨୭।୧୦**

କାଳିନ୍ଦୀ କୁଞ୍ଜ ନିକଟରେ ଥିବା ଯମୁନା ନଦୀରେ ଗୁରୁବାର ବିଷାକ୍ତ ଫେଣ ଭର୍ତ୍ତି ହୋଇଯାଇଥିଲା। ଯମୁନାକୁ ପ୍ରଦୂଷଣ ମୁକ୍ତ କରିବାରେ ଦିଲ୍ଲୀ ସରକାର ବିଫଳ ହୋଇଥିବା ଛଟ୍‌ପୂଜା ପୂର୍ବରୁ ପରିବେଶବିତ୍‌ମାନେ କହିଛନ୍ତି। ଅକ୍ଟୋବର ୩୦ ଓ ୩୧ରେ ଛଟ୍‌ପୂଜା ପାଳନ ହେବାକୁ ଥିବାବେଳେ ମହିଳାମାନେ ନଦୀ ପାଣିରେ ଥାଇ ସୂର୍ଯ୍ୟଙ୍କୁ ଅର୍ଘ୍ୟ ଅର୍ପଣ କରିଥାନ୍ତି। ଯମୁନାର କେତେକ ଘାଟରେ ଛଟ୍‌ପୂଜା ପାଇଁ ଦିଲ୍ଲୀ ଉପରାଜ୍ୟପାଳ ବିନୟୀ କୁମାର ସାକ୍ସେନା ଅନୁମତି ଦେଇଛନ୍ତି। ଭକ୍ତମାନଙ୍କ ପାଇଁ ସ୍ୱଚ୍ଛ ଘାଟ ଓ ଜଳର ବ୍ୟବସ୍ଥା କରିବା ନିମନ୍ତେ ସେ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍‌ରିୱାଲଙ୍କୁ କହିଛନ୍ତି। ଯମୁନାରେ ବାରମ୍ବାର ଫେଣ ଭାସିବା ଘଟଣାରେ ରାଜନୈତିକ ଇଚ୍ଛାଶକ୍ତିର ଅଭାବ, ଯମୁନା ପରିଷ୍କାର କରାଯିବା ଉପରେ ଗୁରୁତ୍ୱ ଦିଆ ନ ଯିବା ଏବଂ ସର୍ବନିମ୍ନ କାର୍ଯ୍ୟ ଦାୟୀ ବୋଲି ପରିବେଶବିତ୍ ବିମଳେନ୍ଦୁ ଝା କହିଛନ୍ତି।



## ଟୁଇଟର କିଣିଲେ ମସ୍କ



**ୱାଶିଂଟନ୍, ୨୭।୧୦**

ଟେସ୍‌ଲା ସିଇଓ ଏଲନ ମସ୍କ ମାଇକ୍ରୋବ୍ଲଗିଂ ପ୍ଲାଟ୍‌ଫର୍ମ ଟୁଇଟର କିଣିଥିବା ସ୍ପଷ୍ଟ କରିଛନ୍ତି। ଏ ନେଇ ଗୁରୁବାର ସେ ଏକ ଟୁଇଟ କରିଛନ୍ତି। ଅଧିକ ଅର୍ଥ ପାଇଁ ନୁହେଁ ବରଂ ମାନବୀୟ ସହାୟତା ପାଇଁ ସେ ଏହି ଫାର୍ମ କିଣିଥିବା କହିଛନ୍ତି। ଗତ ମେ'ରେ ମସ୍କ ଟୁଇଟର କିଣିବା ପାଇଁ କରିଥିବା ୪୪ ବିଲିୟନ ଡିଲ୍ ଚୂଡ଼ାନ୍ତ କରିବା ନିମନ୍ତେ ତାଙ୍କ ପାଖରେ ଶୁକ୍ରବାର ପର୍ଯ୍ୟନ୍ତ ସମୟ ଥିଲା। ଏଥିରେ ବହୁସଂଖ୍ୟାରେ ଫେକ୍ ଆକାଉଣ୍ଟ ଥିବା ଅଭିଯୋଗ କରି ଜୁଲାଇରେ ମସ୍କ ଏହି ଚୁକ୍ତିରୁ ଓହରିବା ପାଇଁ ଘୋଷଣା କରିବା ପରେ ଟୁଇଟର କୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲା। ଏ ନେଇ ଅଧିକ ଚିନ୍ତା କରିବା ପାଇଁ କୋର୍ଟ ଅକ୍ଟୋବର ୨୭ ପର୍ଯ୍ୟନ୍ତ ସମୟ ଦେଇଥିଲେ। ତେବେ ଏନେଇ ଟୁଇଟର ପକ୍ଷରୁ କୌଣସି ସୂଚନା ଦିଆଯାଇନାହିଁ। ଏହା ପୂର୍ବରୁ ମସ୍କ ବୁଧବାର ସାନ୍ ଫ୍ରାନ୍ସିସ୍‌କୋ ସ୍ଥିତ ଟୁଇଟର କାର୍ଯ୍ୟାଳୟରେ ପହଞ୍ଚିବା ବେଳର ଭିଡିଓ ପୋଷ୍ଟ କରିଥିଲେ। ଏହାର କ୍ୟାପଶନ୍‌ରେ ସେ 'ଚିଫ୍ ଟୁଇଟ୍' ଲେଖିଛନ୍ତି। ସେ ହାତରେ ଏକ ୱାଶ୍ ବେସିନ୍ ଧରି କାର୍ଯ୍ୟାଳୟ ଭିତରକୁ ଯାଉଥିବା ଭିଡିଓରେ ଦେଖିବାକୁ ମିଳିଥିଲା। 'ଏଣ୍ଟରିଂ ଟୁଇଟର ହେଡ୍‌କ୍ୱାର୍ଟର୍ସ, ଲେଟ୍ ଦ୍ୟାଟ୍ ସିଙ୍କ୍ ଇନ୍' ବୋଲି ସେ ଟୁଇଟ୍ କରିଥିଲେ।

## ଜବ୍ ଫର୍ ସେକ୍ସ ର୍ୟାକେଟରେ ପୂର୍ବତନ ମୁଖ୍ୟ ସଚିବ

**ଚେନ୍ନାଇ,୨୭।୧୦ (ଆଇଏଏନ୍‌ଏସ୍)**

ବରିଷ୍ଠ ଆଇଏଏସ୍ ଅଫିସର ତଥା ଆଣ୍ଡାମାନ ନିକୋବର ଦ୍ୱୀପପୁଞ୍ଜର ପୂର୍ବତନ ମୁଖ୍ୟ ଶାସନ ସଚିବ ଜିତେନ୍ଦ୍ର ନାରାୟଣ ନିଯୁକ୍ତି ପାଇଁ ସେକ୍ସ ର୍ୟାକେଟ୍‌ର ମୁଖ୍ୟ ଥିବା ଜଣାପଡ଼ିଛି। ତାଙ୍କର ପୋର୍ଟ ବ୍ଲେୟାର ବାସଭବନକୁ ୨୦ ଜଣ ମହିଳାଙ୍କୁ ନିଆଯାଇଥିବା ଅଭିଯୋଗ ହୋଇଛି। ସେହି ମହିଳାମାନଙ୍କୁ ଯୌନ ଶୋଷଣ କରାଯିବା ପରେ ସରକାରୀ ନିଯୁକ୍ତି ଦିଆଯାଇଥିଲା। ଜଣେ ୨୦ ବର୍ଷୀୟା ଯୁବତୀ ଜିତେନ୍ଦ୍ର ନାରାୟଣ ଏବଂ ଆଣ୍ଡାମାନ ନିକୋବରର ତତ୍କାଳୀନ ଶ୍ରମ କମିଶନର ଆର୍.ଏଲ୍. ଋଷିଙ୍କ ବିରୋଧରେ ଯୌନ ଶୋଷଣ ଓ ଗଣବଳାତ୍କାର ଅଭିଯୋଗ ଆଣିବା ପରେ ଘଟଣା ପଦାକୁ ଆସିଥିଲା। ଯୁବତୀଙ୍କ ଅଭିଯୋଗ ଅନୁଯାୟୀ ଜଣେ ବ୍ୟକ୍ତି ତାଙ୍କୁ ଶ୍ରମ କମିଶନରଙ୍କ ସହ ପରିଚିତ କରାଇବା ପରେ ତତ୍କାଳୀନ ମୁଖ୍ୟସଚିବଙ୍କ ଘରକୁ ନିଆଯାଇଥିଲା। ସେଠାରେ ତାଙ୍କୁ ଜବରଦସ୍ତ ମଦ ପିଆଯାଇଥିଲା ଏବଂ ମୁଖ୍ୟସଚିବ ଓ ଶ୍ରମ କମିଶନର ତାଙ୍କୁ ବଳାତ୍କାର କରିଥିଲେ ବୋଲି ଯୁବତୀ ଜଣକ ଅଭିଯୋଗରେ ଦର୍ଶାଇଥିଲେ। ମୁଖ୍ୟ ସଚିବ ପୋର୍ଟ ବ୍ଲେୟାରରୁ ନୂଆଦିଲ୍ଲୀ ବଦଳି ହେବା ପରେ ତାଙ୍କ ବାସଭବନରେ ଲାଗିଥିବା ସିସିଟିଭି କ୍ୟାମେରାର ହାର୍ଡ ଡିସ୍କକୁ ଲିଭାଯିବା ସହ ଡିଜିଟାଲ ଭିଡିଓ ରେକର୍ଡରକୁ ହଟାଇ ଦିଆଯାଇଥିବା ଅଭିଯୋଗ ହୋଇଛି। ଯୌନ ଶୋଷଣ ରିପୋର୍ଟ ଆସିବା ପରେ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ତାଙ୍କୁ ଚାକିରିରୁ ନିଲମ୍ବନ କରିଛି।



ଜିତେନ୍ଦ୍ର ନାରାୟଣ

**କରୋନା ସଂକ୍ରମଣ ସ୍ଥିତି**

| | ଆକ୍ରାନ୍ତ | ମୃତ୍ୟୁ | ଆରୋଗ୍ୟ |
|---|---|---|---|
| ବିଶ୍ୱ | ୬୩,୪୩,୯୮,୧୯୦ | ୬୫,୮୮,୫୯୧ | ୬୧,୩୪,୧୮,୩୩୩ |
| ଭାରତ | ୪,୪୬,୪୬,୮୮୦ | ୫,୨୮,୯୮୭ | ୪,୪୦,୯୭,୦୭୨ |
| ଓଡ଼ିଶା | ୧୩,୩୬,୦୦୦ | ୯୨୦୩(+୫୩) | ୧୩,୨୬,୪୬୯ |

ଗୁରୁବାର ରାତି ୧୦ଟା ସୁଦ୍ଧା
(+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ)
ତଥ୍ୟ: https://www.worldometers.info/coronavirus/ ଏବଂ ଓଡ଼ିଶା ସରକାର

# ହିନ୍ଦୋଳରେ ଥମୁନି ହାତୀ ଆତଙ୍କ


ଗ୍ରାମବାସୀ ରାସ୍ତା ଅବରୋଧ କରିଛନ୍ତି।

- ବିଲରେ ଚାଷୀଙ୍କୁ ଦଳିଦେଲା ଦନ୍ତା
- ସପ୍ତାହକ ମଧ୍ୟରେ ତୃତୀୟ ଘଟଣା
- ତୀବ୍ର ଉତ୍ତେଜନା, ରାସ୍ତାରୋକୋ

ସାତମାଇଲ/ରାସୋଳ, ୨୭।୧୦(ଡି.ଏନ୍.ଏ.)

ଢେଙ୍କାନାଳ ଜିଲା ହିନ୍ଦୋଳ ବନାଞ୍ଚଳରେ ଗଜ-ମଣିଷ ସଂଘର୍ଷ ତୀବ୍ର ରୂପ ନେଇଛି। ସପ୍ତାହକ ମଧ୍ୟରେ ହାତୀ ଆକ୍ରମଣରେ ୩ ଜଣଙ୍କ ଜୀବନ ଗଲାଣି। ଗତ ବୁଧବାର ଦନ୍ତା ଦଳିଦେବାରୁ ପଡ଼ା ଗ୍ରାମର ଟଙ୍କଧର ଭୋଇ (୫୨)ଙ୍କ ମୃତ୍ୟୁ ଘଟିଥିବାବେଳେ ଗୁରୁବାର କାରନ୍ଦା ଗ୍ରାମର ମାହୁଳି ପ୍ରଧାନ (୬୮)ଙ୍କ ଜୀବନ ନେଇଛି ହିଂସ୍ର ହାତୀ। ଏଥିପୂର୍ବରୁ କଡଲା ଗ୍ରାମର ସନ୍ତୋଷ ପ୍ରଧାନ (୪୮)ଙ୍କ ମଧ୍ୟ ହାତୀ ଆକ୍ରମଣରେ ଜୀବନ ଯାଇଥିଲା।

ଢେଙ୍କାନାଳ ଜିଲାରେ ୩୦୦ରୁ ଊର୍ଦ୍ଧ୍ୱ ହାତୀ ରହିଥିବାବେଳେ ସବୁଠାରୁ ଅଧିକ ଅଛନ୍ତି ହିନ୍ଦୋଳ ବନାଞ୍ଚଳରେ। କେବଳ ବାବନ୍ଧ ଫରେଷ୍ଟ ବିଟ୍ ଅଧୀନ ବମ୍ପା ନିକଟ କଲରାଖୋଲ ପାହାଡ଼ରେ ୭୧ରୁ ଊର୍ଦ୍ଧ୍ୱ ହାତୀ ଡେରା ପକାଇଥିଲେ। ବନ ବିଭାଗ ସେମାନଙ୍କୁ ଘଉଡ଼ାଇ ଦେଇଥିଲା। ତେବେ ସେଥିରୁ ଗୋଟିଏ ଦନ୍ତା ପଲରୁ ବାହାରି କାରନ୍ଦା ଅଞ୍ଚଳକୁ ପଳାଇଥିଲା। ଗୁରୁବାର ସକାଳ ପ୍ରାୟ ୫ଟାରେ ମାହୁଳି ଘର ନିକଟରେ ଧାନଜମି ନିକଟକୁ ମାଛ ଧରିବାକୁ ଯାଇଥିବାବେଳେ ଦନ୍ତା ହାବୁଡ଼ରେ ପଡ଼ିଯାଇଥିଲେ। ଉକ୍ତ ହାତୀ ତାଙ୍କୁ ଶୁଣ୍ଢରେ ଟେକିନେଇ ଫିଙ୍ଗିଦେଇଥିଲା। ଘଟଣାସ୍ଥଳରେ ତାଙ୍କର ପ୍ରାଣବାୟୁ ଉଡ଼ିଯାଇଥିଲା। ଫେରିବାରେ ବିଳମ୍ବ ହେବାରୁ ପରିବାର ଲୋକେ ଖୋଜାଖୋଜି କରିଥିଲେ। ଜମି ନିକଟରୁ ତାଙ୍କର ମୃତଦେହ ଠାବ କରାଯାଇଥିବାବେଳେ ନିକଟରେ ଉକ୍ତ ହିଂସ୍ରଦନ୍ତା ଛିଡ଼ା ହୋଇଥିଲା। ସୂଚନା ପାଇ ବାବନ୍ଧ ଫରେଷ୍ଟର ଏବଂ ବନ କର୍ମଚାରୀ ପହଞ୍ଚି ହାତୀକୁ ଘଉଡ଼ାଇଥିଲେ। ମାହୁଳିଙ୍କ ମୃତ୍ୟୁକୁ ନେଇ ତୀବ୍ର ଉତ୍ତେଜନା ପ୍ରକାଶ ପାଇଥିଲା। କ୍ଷତିପୂରଣ ଦାବିରେ ଗ୍ରାମବାସୀ ବାଲିମୀ ଛକରେ ମୃତଦେହ ରଖି ଗୁଡିଆକାଟେଣି-ହିନ୍ଦୋଳ ରାସ୍ତା ଅବରୋଧ କରିଥିଲେ। ରେଞ୍ଜର ଲୋହିତ କୁମାର ରଥ, ବାଲିମି ଥାନାଧିକାରୀ ବ୍ରହ୍ମାନନ୍ଦ ପାତ୍ର, ରାସୋଳ ଥାନାଧିକାରୀ ବିଜୟ କୁମାର ହାଇବ୍ରୁ, ହିନ୍ଦୋଳ ତହସିଲଦାର ସୁଶାନ୍ତ ମିଶ୍ର ପ୍ରମୁଖ ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାଇଥିଲେ। ତେବେ ଉତ୍ତ୍ୟକ୍ତ ଅଞ୍ଚଳବାସୀ ହାତୀ ଘଉଡ଼ାଇବାରେ ବନ ବିଭାଗର ବିଫଳତାକୁ ନେଇ ପ୍ରଶ୍ନ ଉଠାଇଥିବା ବେଳେ ଉତ୍ତେଜନା ପ୍ରକାଶ ପାଇଥିଲା। ସେମାନଙ୍କ କହିବା କଥା, ହାତୀ ଉପଦ୍ରବରେ ଜନସାଧାରଣଙ୍କ ଜୀବନ ବିପନ୍ନ ହେଲାଣି। ଏଥିରୁ ସୁରକ୍ଷା ଲାଗି ହାତୀସାଥୀ ନିଯୁକ୍ତି କରିବା, ଧାନ ଫସଲକୁ ସୁରକ୍ଷା ଦେବା, ସୋଲାର ବାଡ଼ ବ୍ୟବସ୍ଥା କରିବାକୁ ସେମାନେ ଦାବି କରିଥିଲେ। ତେବେ ଏତେ ସବୁ ଦାବିକୁ ତୁରନ୍ତ ପୂରଣ କରାଯିବା ନେଇ ଆନ୍ଦୋଳନକାରୀଙ୍କ ଦାବି ଆଗରେ ପ୍ରଶାସନ ଅସହାୟ ହୋଇପଡ଼ିଥିଲା। ବହୁ ଆଲୋଚନା ପର୍ଯ୍ୟାଲୋଚନା ପରେ ସରକାରୀ ନିୟମ ଅନୁଯାୟୀ ମୃତକଙ୍କ ପରିବାରକୁ କ୍ଷତିପୂରଣ ଦିଆଯିବ ବୋଲି ପ୍ରତିଶ୍ରୁତି ମିଳିଥିଲା ଏବଂ ରାସ୍ତାରୋକୋ ପ୍ରତ୍ୟାହୃତ ହୋଇଥିଲା। ଏହାପରେ ରାସୋଳ ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ଲାଗି ହିନ୍ଦୋଳ ଡାକ୍ତରଖାନାକୁ ପଠାଇ ଦେଇଛି।

ଅଞ୍ଚଳବାସୀଙ୍କ କହିବା କଥା, ଏବେ ଧାନ, ଆଖୁ ଏବଂ ବିଭିନ୍ନ ପରିବା ଉତ୍ପାଦନ ସମୟ ହୋଇଥିବାବେଳେ ହାତୀପଲ ଚାଷଜମି ଛାଡ଼ି ଯାଉନାହାନ୍ତି। ଚାଷୀମାନେ ଫସଲକୁ ସୁରକ୍ଷା ଦେବାକୁ ଜମିକୁ ଯାଉଥିବାବେଳେ ହାତୀ ଆକ୍ରମଣର ଶିକାର ହେଉଛନ୍ତି। ସେହିପରି ହାତୀ ଆତଙ୍କରେ ଜୀବନଯାତ୍ରା ପ୍ରଭାବିତ ହେଉଛି। ବନ ବିଭାଗ ସ୍ୱତନ୍ତ୍ର ଯୋଜନା ପ୍ରସ୍ତୁତ କରି ହାତୀ ଉପଦ୍ରବର ପ୍ରତିକାର କରିବାକୁ ସାଧାରଣରେ ଦାବି ହେଉଛି।

# ୩୧ରୁ କମିବ ଶୀତ: ହାଲୁକା ବର୍ଷା ସମ୍ଭାବନା

ଭୁବନେଶ୍ୱର, ୨୭।୧୦(ବ୍ୟୁରୋ)

ରାଜ୍ୟରୁ ଦକ୍ଷିଣ ପଶ୍ଚିମ ମୌସୁମୀ ବାୟୁ ଓ ସମ୍ଭାବ୍ୟ ବାତ୍ୟା ଅପସରି ଯିବା ପରେ ଗତ କିଛିଦିନ ହେବ ହାଲୁକା ଶୀତ ଆରମ୍ଭ ହୋଇଛି। ସର୍ବନିମ୍ନ ତାପମାତ୍ରା ୧୬ ଡିଗ୍ରୀ ସେଲ୍‌ସିୟସକୁ ଖସି ଆସିଛି। ଆଉ ୩ ଦିନ ପାରଦ ଆହୁରି ଖସିବା ନେଇ ପାଣିପାଗ ବିଭାଗ ପୂର୍ବାନୁମାନ କରିଛି । ତେବେ ଆସନ୍ତା ୩୧ ଓ ନଭେମ୍ବର ୧ତାରିଖରେ ପାରଦ ପୁଣି ଉପରମୁହାଁ ହେବ। ବଙ୍ଗୋପସାଗରରୁ ଜଳୀୟ ବାଷ୍ପ ରାଜ୍ୟକୁ ପ୍ରବେଶ କରିବ। ଫଳରେ ଆକାଶ ମେଘାଚ୍ଛନ୍ନ ରହିବା ସହ ଉପକୂଳ ଓ ଆଭ୍ୟନ୍ତରୀଣ ଓଡ଼ିଶାର କେତେକ ସ୍ଥାନରେ ହାଲୁକା ବର୍ଷା କିମ୍ବା କୁହୁଡ଼ି ହେବାର ସମ୍ଭାବନା ରହିଛି। ତେବେ ନଭେମ୍ବର ୪ ତାରିଖରୁ ପୁଣି ପାରଦ ୩ରୁ ୪ଡିଗ୍ରୀ ସେଲ୍‌ସିୟସ ତଳକୁ ଖସିବ। ବିଶେଷକରି ବଣ ପାହାଡ଼ଘେରା ଜିଲାଗୁଡ଼ିକରେ ଅଧିକ ଶୀତ ଅନୁଭୂତ ହେବ। ପାରଦ ୧୫ ଡିଗ୍ରୀ ସେଲ୍‌ସିୟସ ତଳକୁ ଖସିଆସିବ। ଆସନ୍ତା ସପ୍ତାହେ ଯାଏ ପାଗ ଶୁଖିଲା ରହିବ। ଆଞ୍ଚଳିକ ପାଣିପାଗ କାର୍ଯ୍ୟାଳୟରୁ ମିଳିଥିବା ସୂଚନା ଅନୁଯାୟୀ ଗତ ୨୪ ଘଣ୍ଟା ମଧ୍ୟରେ ଦାରିଙ୍ଗବାଡ଼ିରେ ସର୍ବନିମ୍ନ ତାପମାତ୍ରା ୧୬ ଡିଗ୍ରୀ ସେଲ୍‌ସିୟସ ରେକର୍ଡ କରାଯାଇଥିବା ବେଳେ ଫୁଲବାଣୀ ୧୭, ସୋନପୁର ୧୭, ଭବାନୀପାଟଣା ୧୭.୬, ହୀରାକୁଦ ୧୭.୪, କେନ୍ଦୁଝର ୧୭.୮, ଝାରସୁଗୁଡ଼ା ୧୮.୨, ଦେବଗଡ଼ ୧୮ ଓ ନୟାଗଡ଼ରେ ସର୍ବନିମ୍ନ ତାପମାତ୍ରା ୧୮ ଡିଗ୍ରୀ ସେଲ୍‌ସିୟସ ରେକର୍ଡ କରାଯାଇଛି।

# ବିନୋଦ କୁମାରଙ୍କୁ ହାଇକୋର୍ଟରୁ ଆଶ୍ୱସ୍ତି

## ଓଆର୍‌ଏଚ୍‌ଡିସି ଦୁର୍ନୀତି ମାମଲା

କଟକ ଅଫିସ, ୨୭।୧୦

ଓଡ଼ିଶା ରୁରାଲ ହାଉସିଂ ଡେଭ୍‌ଲପମେଣ୍ଟ କର୍ପୋରେଶନ (ଓଆର୍‌ଏଚ୍‌ଡିସି) ଦୁର୍ନୀତି ମାମଲାରେ ଦୋଷୀ ସାବ୍ୟସ୍ତ ପୂର୍ବତନ ଆଇଏଏସ୍ ବିନୋଦ କୁମାରଙ୍କୁ ଗୁରୁବାର ହାଇକୋର୍ଟରୁ ଆଶ୍ୱସ୍ତି ମିଳିଛି। ଭୁବନେଶ୍ୱର ସ୍ୱତନ୍ତ୍ର ଭିଜିଲାନ୍ସ ଅଦାଲତ ପ୍ରଦାନ କରିଥିବା ଦଣ୍ଡାଦେଶ ବିରୋଧରେ ବିନୋଦ କୁମାରଙ୍କ ପକ୍ଷରୁ ହାଇକୋର୍ଟରେ ଆବେଦନ କରାଯାଇଥିଲା। ଆବେଦନର ବିଚାର ପାଇଁ ହାଇକୋର୍ଟ ଗ୍ରହଣ କରିବା ସହ ତାଙ୍କୁ ଜାମିନ ପ୍ରଦାନ କରିଛନ୍ତି। ସେହିପରି ନିମ୍ନ ଅଦାଲତ ଦେଇଥିବା ଜରିମାନା ଆଦେଶ ଉପରେ ଅନ୍ତରୀଣ ରହିତାଦେଶ ଜାରି କରିଛନ୍ତି।



ଉଲ୍ଲେଖଯୋଗ୍ୟ, ଓଆର୍‌ଏଚ୍‌ଡିସି ଦୁର୍ନୀତି ମାମଲାରେ ୨୦୦୫ରେ ଭିଜିଲାନ୍ସ ଏତଲା ରୁଜୁ କରି ତଦନ୍ତ କରିଥିଲା। ତଦନ୍ତ ପରେ ଭିଜିଲାନ୍ସ ବିଭାଗ ଓଏଚ୍‌ଆର୍‌ଡିସିର ପୂର୍ବତନ ପରିଚାଳନା ନିର୍ଦ୍ଦେଶକ ବିନୋଦ କୁମାର, ମେଟ୍ରୋ ବିଲ୍ଡର୍ସର ପରିଚାଳନା ନିର୍ଦ୍ଦେଶକ ମହମ୍ମଦ ମୋକିମ୍, କମ୍ପାନୀ ସେକ୍ରେଟାରି ସ୍ୱସ୍ତି ରଞ୍ଜନ ମହାପାତ୍ର ଏବଂ ମେଟ୍ରୋ ବିଲ୍‌ଡର୍ସର ନିର୍ଦ୍ଦେଶକ ପୀଯୂଷ ମହାନ୍ତିଙ୍କ ବିରୋଧରେ ଚାର୍ଜଶିଟ ଦାଖଲ କରିଥିଲା। ସ୍ୱତନ୍ତ୍ର ଭିଜିଲାନ୍ସ ଅଦାଲତ ଉକ୍ତ ମାମଲାର ବିଚାର କରି ଉପରୋକ୍ତ ୪ଜଣଙ୍କୁ ୫୦ ହଜାର ଟଙ୍କା ଲେଖାଏ ଜରିମାନା ସହ ୩ ବର୍ଷ ଲେଖାଏ ଜେଲ ଦଣ୍ଡାଦେଶ ଦେଇଥିଲେ।












DSPL - 243

ODISHA
NEW OPPORTUNITIES

MAKE IN ODISHA CONCLAVE'22
BHUBANESWAR | 30 NOV-04 DEC | 2022



# BUSINESS SUMMIT
## *with*
# ASEAN HEADS OF MISSIONS IN INDIA

**28th October 2022 | Bhubaneswar**



**BRUNEI DARUSSALAM**



**H.E. Dato Alaihuddin Mohd Taha**
High Commissioner



**INDONESIA**



**H.E. Ms. Ina Hagniningtyas Krisnamurthi**
Ambassador



**LAO PDR**



**H.E. Mr. Bounneme Chouanghom**
Ambassador



**MYANMAR**



**H.E. Mr. Moe Kyaw Aung**
Ambassador



**THAILAND**



**H.E. Ms. Pattarat Hongtong**
Ambassador



**MALAYSIA**



**Mr. Amizal Fadzli Rajali**
Chargé d'affaires a.i



**Shri Naveen Patnaik**
Hon'ble Chief Minister, Odisha



**COME, JOIN THE JUGGERNAUT**

**Industrial Promotion & Investment Corporation of Odisha Limited (IPICOL)**
( A Government of Odisha Undertaking )

IPICOL House, Janpath, Bhubaneswar – 751022, Odisha | info@investodisha.org | 1800 345 7111
For further information please visit http://www.investodisha.gov.in/

Follow us on @investInOdisha /InvestOdisha Invest Odisha

OIPR-14005/13/0015/2223

ଯଦି ମା ଭଗବତୀଙ୍କ କରୁଣା ଓ ଅଭୟ ତୁମ ସଙ୍ଗେ ରହିଛି ତେବେ ଆଉ ଏପରି କ'ଣ ରହିଛି- ଯାହା ତୁମକୁ ସ୍ପର୍ଶ କରିପାରିବ ? ଆଉ କାହାକୁ ବା ତୁମେ ଭୟ କରିବ ? ଏହି କୃପାରୁ ଅଳ୍ପ ଟିକିଏ ମଧ୍ୟ ତୁମକୁ ସକଳ ବାଧା ବିପତ୍ତି ଓ ସଂକଟରୁ ପାରିକରିଦେବ। -ଶ୍ରୀଅରବିନ୍ଦ



# ରିପବ୍ଲିକାନ୍ ଓ ସମାଜବାଦ



ଜେମ୍ସ ଲିଭିଂଷ୍ଟୋନ୍

ଆଗକୁ ଆମେରିକାର ମଧ୍ୟବର୍ତ୍ତିକାଳୀନ ନିର୍ବାଚନ ଅନୁଷ୍ଠିତ ହେବ। ଏହି ନିର୍ବାଚନରେ ବିଜୟ ଲାଭ କରି ରିପବ୍ଲିକାନ ପାର୍ଟି ଉଭୟ ହାଉସ୍ ଅଫ୍ କଂଗ୍ରେସକୁ ଦଖଲ କରିବାକୁ ଅଗ୍ରସର ହେଉଛି। ତଥାପି ପାର୍ଟିକୁ ତା'ଉଗ୍ର ବାମପନ୍ଥୀ ବିଚାରକୁ ନେଇ ଭୟ ରହିଛି ଓ ଏହାକୁ ଛାଡ଼ିଦେଲେ ପାର୍ଟି ଲାଗି ଆଉ ସବୁ ବିଷୟ ମୂଲ୍ୟହୀନ। ବର୍ତ୍ତମାନ ପାର୍ଟି ସମାଜବାଦ ପ୍ରତିଷ୍ଠା କରିବାରେ ଦୃଢ଼ ନିଶ୍ଚିତ ରହିଥିବା ଲକ୍ଷ୍ୟ କରାଯାଉଛି। ଅପରପକ୍ଷେ ପାର୍ଟିରେ ମୂଳରୁ ରହି ଆସିଥିବା ପୁରୁଣା ଏବଂ ନୂଆ ରଢ଼ିବାଦ ବିଚାର ଏବେ ଖ୍ରୀଷ୍ଟିଆନ ଜାତୀୟତାବାଦକୁ ବଦଳିଯାଇଛି। ଏହି ବିଚାରଧାରାକୁ ଜର୍ଜିଆର କଂଗ୍ରେସ ପ୍ରତିନିଧି ମାର୍‌ଜୋରି ଟେଲର ଗ୍ରିନି ଉପସ୍ଥାପନ କରିବା ସହ ଲୋକପ୍ରିୟ ଫକ୍ସ ନ୍ୟୁଜର କମେଣ୍ଟେଟର ଟୁକର କାର୍ଲସନ ଏହାକୁ ପ୍ରୋତ୍ସାହିତ କରିଛନ୍ତି। ରିପବ୍ଲିକାନ୍ ପାର୍ଟି ପକ୍ଷରୁ ସମାଜବାଦର ନିରାଧାର ବିଚାର ଉପରେ ନୂଆ କରି ପ୍ରକାଶ ପାଇଥିବା ଅତ୍ୟଧିକ ଆଗ୍ରହ ପ୍ରାୟତଃ ହାସ୍ୟାସ୍ପଦ ଜଣାପଡୁଛି। କିନ୍ତୁ ନୋବେଲ ବିଜେତା ଅଷ୍ଟ୍ରୀୟ ଅର୍ଥନୀତିଜ୍ଞଙ୍କ ଫ୍ରେଡ୍ରିକ ଭନ୍ ହାୟକଙ୍କ ବୌଦ୍ଧିକ ଲିଗାସି ଉପରେ ଆଧାରିତ ସମାଜବାଦୀ ଚିନ୍ତାଧାରାକୁ ରିପବ୍ଲିକାନମାନେ ଭୁଲ୍ ବାଟରେ ଗ୍ରହଣ କରିଛନ୍ତି। ହାୟକ ସମାଜବାଦର ଚିରାଚରିତ ବିପଦ ବିରୋଧରେ ସବୁବେଳେ ନିଜକୁ ଜଡ଼ିତ ରଖୁଥିଲେ ଓ ସବୁ ପ୍ରତିରକ୍ଷାତ୍ମକ ପଦକ୍ଷେପ ଉପରେ ସେ ଚିନ୍ତା କରିଥିଲେ। ସେ ମଧ୍ୟ ଉଭୟ ବାମବାଦ ଓ ଫାସିବାଦକୁ ଏକାଠି କରିବାକୁ ବିଚାର କରିଥିଲେ। ତାଙ୍କ ପଦକ୍ଷେପ ଓ ବିଚାର ସରକାର ଓ ସିଭିଲ ସୋସାଇଟି, ସାର୍ବଜନୀନ ପରିସର ଓ ଘରୋଇ କ୍ଷେତ୍ର ଏବଂ ସରକାର ଓ ମୁକ୍ତ ମାର୍କେଟ ମଧ୍ୟରେ ରହିଥିବା ଆଧୁନିକ ଉଦାରବାଦ ସମ୍ପର୍କିତ ପ୍ରଭେଦ ଦୂର କରିବା ଲାଗି ଉଦ୍ଦିଷ୍ଟ।

ହାୟକଙ୍କ ଜଣାଶୁଣା ଲେଖା ମଧ୍ୟରେ ରହିଛି ୧୯୪୪ ଇସ୍ତାହାର'ରୋଡ ଟୁ ସେର୍ଫଡମ୍ ବା ଦାସତ୍ୱକୁ ପଥ', ଯାହା ବୌଦ୍ଧିକ ରଣଭୂମିରୁ ଅତୀତର କାର୍ଯ୍ୟକଳାପକୁ ଫେରିବାର ଏକ ପ୍ରକାର ପଥକୁ ସୂଚିତ କରିଛି। ଏହି ସ୍ଥିତିରେ ସମାଜର ଏକ ଆନ୍ତଃ ବ୍ୟବସ୍ଥାର ନକ୍ସା ବହୁତ କିଛି କାମ କରିବ କି ନାହିଁ ସେଥିରେ ସନ୍ଦେହ ରହିଥିବା ସେ ପାଠକମାନଙ୍କୁ କହିଛନ୍ତି। ଗୁରୁତ୍ୱପୂର୍ଣ୍ଣ ବିଷୟ ହେଉଛି, ଆମକୁ ତାଙ୍କ ନିର୍ଦ୍ଦିଷ୍ଟ ସିଦ୍ଧାନ୍ତ ଉପରେ ଏକମତ ହେବାକୁ ପଡ଼ିବ। ରୂଢ଼ିବାଦୀଙ୍କ ମଧ୍ୟରେ ରହିଥିବା ପୁରୁଣା, ନୂଆ କିମ୍ବା ନୂତନ ଖ୍ରୀଷ୍ଟିଆନ ଜାତୀୟତାବାଦର ଅପରିବର୍ତ୍ତନୀୟ ବିଚାରଧାରା ପରିବର୍ତ୍ତେ ହାୟକ ଦୁଇଟି ସିଦ୍ଧାନ୍ତ ଉପରେ ଜୋର୍ ଦେଇଥିଲେ। ପ୍ରଥମଟି ହେଉଛି, ମାର୍କେଟ ଫୋର୍ସ (ମୂଲ୍ୟ ଚାହିଦା ଏବଂ ଅତ୍ୟାବଶ୍ୟକ ସାମଗ୍ରୀଗୁଡ଼ିକର ଉପଲବ୍ଧତାକୁ ପ୍ରଭାବିତ କରୁଥିବା ଆର୍ଥିକ ବିଷୟଗୁଡ଼ିକ) ହିଁ ବ୍ୟକ୍ତି ସ୍ୱାଧୀନତାର ଉତ୍ସ। କିନ୍ତୁ ସେସବୁ ବିଷୟ ଉପରେ ଲୋକେ ଜାଣିପାରନ୍ତି ନାହିଁ। ସମସ୍ତେ ଯୋଗାଣ ଓ ଚାହିଦାର ନିୟମଗୁଡ଼ିକ ସହ ଜଡ଼ିତ ହେଲେ ହିଁ ସ୍ୱତନ୍ତ୍ରତା ଓ ସମାନତା ସମ୍ଭବ ହୋଇଥାଏ। ଏଥିରୁ ବୁଝାପଡ଼େ ଯେ, ଲୋକେ ଅଜ୍ଞତାରେ ରହୁଥିବାରୁ କେବଳ ପୁଞ୍ଜିବାଦୀ ସମାଜଗୁଡ଼ିକ ସ୍ୱାଧୀନ ହୋଇପାରିଛନ୍ତି। ଅଧିକ ଗୁରୁତ୍ୱପୂର୍ଣ୍ଣ ହେଉଛି ସେହି ସମାଜର ନାଗରିକମାନେ ବାସ୍ତବରେ ଅଧିକ ନ୍ୟାୟସଙ୍ଗତ ସାମାଜିକ ବ୍ୟବସ୍ଥା ସୃଷ୍ଟି କରିବାକୁ ଚେଷ୍ଟିତ ହୋଇପାରନ୍ତି ନାହିଁ। ଏହା କରିବା ଲାଗି ଆର୍ଥିକ ବିଷୟଗୁଡ଼ିକ ଦ୍ୱାରା ସୃଷ୍ଟି ହେଉଥିବା ପରିଣାମ ସବୁକୁ ସଂଶୋଧିତ କରି ବ୍ୟକ୍ତି ସ୍ୱାଧୀନତାର ଆର୍ଥିକ ଧାରାକୁ ଦୃଢ଼ କରିବାକୁ ପଡ଼ିବ। ଦ୍ୱିତୀୟରେ କେନ୍ଦ୍ରୀୟ ଯୋଜନା କିମ୍ବା ଆର୍ଥିକ ନୀତି ବଳରେ ମାର୍କେଟକୁ ନିୟନ୍ତ୍ରଣ କରିବାକୁ ହେବ। ବଜାରକୁ ପ୍ରଭାବିତ କରୁଥିବା ଆର୍ଥିକ ବିଷୟଗୁଡ଼ିକୁ ଦୂର କରି ଯଦି ସରକାର ସିଭିଲ ସୋସାଇଟି ଉପରେ ହସ୍ତକ୍ଷେପ କରନ୍ତି ତେବେ ସାର୍ବଜନୀନ କ୍ଷେତ୍ର ଘରୋଇ ସେକ୍ଟରକୁ ହଟାଇଦେବ। ହାୟକ କହିଛନ୍ତି ଯେ, ନ୍ୟାୟ ପାଇଁ ସରକାର ଯୋଜନା ଉପରେ କାର୍ଯ୍ୟ ଆରମ୍ଭ କରିବା ମାତ୍ରେ ଏହା ସମସ୍ତଙ୍କ ଭବିଷ୍ୟତ କିମ୍ବା ସ୍ଥିତିର ଉତ୍ତରଦାୟିତ୍ୱକୁ ଅସ୍ୱୀକାର କରିପାରିବେ ନାହିଁ। ସିଧାସଳଖ ଆର୍ଥିକ କାର୍ଯ୍ୟକଳାପ ଗ୍ରହଣ କରିଥିବା ଏଭଳି ସରକାର 'କୌଣସି ବ୍ୟକ୍ତି'ଙ୍କ ଲାଗି ସାଧନର ନ୍ୟାୟସଙ୍ଗତ ବଣ୍ଟନ ସମ୍ପର୍କିତ ବିଚାରକୁ ଅନୁଭବ କରିବା ଲାଗି କ୍ଷମତା ଉପଯୋଗ କରିବେ। 'କୌଣସି ବ୍ୟକ୍ତି' ଏଠାରେ ମୁଖ୍ୟ କଥା। ହାୟକ ସ୍ୱୀକାର କରନ୍ତି ଯେ, ନ୍ୟାୟସଙ୍ଗତ ବଣ୍ଟନର ପ୍ରତିଯୋଗିତାମୂଳକ ସିଦ୍ଧାନ୍ତଗୁଡ଼ିକ ବ୍ୟବସ୍ଥାରେ ରହିଛି । ଥରେ ସରକାର ପୁନଃ ଆବଣ୍ଟନର ମୂଳ ଏଜେଣ୍ଟ ହେବା ମାତ୍ରେ ସେଗୁଡ଼ିକୁ ନେଇ ରାଜନୈତିକ କ୍ଷେତ୍ରରେ ପ୍ରତିଯୋଗିତା ହେବା ଦରକାର।



ପୁରୁଣା ହେଉ କି ନୂଆ କିମ୍ବା ଖ୍ରୀଷ୍ଟିଆନ ଜାତୀୟତାବାଦ ଭଳି ରୂଢ଼ିବାଦୀ ମତ ସ୍ୱତନ୍ତ୍ରତା ଏବଂ ପ୍ରାଇଭେଟ ଏଣ୍ଟରପ୍ରାଇଜେସକୁ ସମାନ ବୋଲି ମାନିବାରେ ସବୁବେଳେ ହାୟକଙ୍କୁ ଅନୁସରଣ କରିଆସିଛି। ହେଲେ ଧନୀମାନଙ୍କ ପାଇଁ 'ସମାଜବାଦ' ଶବ୍ଦର ପରିଣାମ ସବୁବେଳେ ଭିନ୍ନ ରହିଆସିଛି। ସେମାନଙ୍କ ପାଇଁ ଏହା ଏକ ବ୍ୟବସ୍ଥା ; ଯାହା ଅବିରତ ଭାବେ ଟିକସ ଛାଡ଼, ଫାର୍ମାସ୍ୟୁଟିକାଲ, ଶକ୍ତି ଏବଂ କୃଷି କମ୍ପାନୀଗୁଡ଼ିକୁ ସିଧାସଳଖ ସବ୍‌ସିଡି ଦେବା, ମୁଦ୍ରାସ୍ଫୀତି ସମୟରେ ଶ୍ରମ ଶକ୍ତିକୁ କ୍ଷତି କରିବା ଭଳି ଆର୍ଥିକ ନୀତିଗୁଡ଼ିକ ଦ୍ୱାରା ଧନିକଙ୍କୁ ହିଁ ସଂସାଧନଗୁଡ଼ିକୁ ପୁନଃ ଆବଣ୍ଟନ କରିଥାଏ। ଏହି ସମୟରେ ରୂଢ଼ିବାଦୀଙ୍କର ପରିବର୍ତ୍ତନ ଲକ୍ଷ୍ୟ କରାଯାଉଥିଲେ ମଧ୍ୟ ହାୟକଙ୍କ ସିଦ୍ଧାନ୍ତ ରୂଢ଼ିବାଦୀଙ୍କ ପ୍ରବୃତ୍ତିରେ ଅନିୟନ୍ତ୍ରିତ ଭାବେ ରହିଛି ଓ ସେମାନେ ଯେତେବେଳେ ଚାହିଁବେ ଏହାକୁ ଫେରାଇ ଆଣିପାରିବେ। ରାଜନୀତି ଓ ସାମାଜିକ ସ୍ତରରେ ଖ୍ରୀଷ୍ଟିଆନ ଜାତୀୟତାବାଦର ରୂଢ଼ିବାଦୀ ଚିନ୍ତାଧାରା ଯାହା ଆମେରିକା ସଂସ୍କୃତିର କୋଣ ଅନୁକୋଣରେ ଦେଖେ ତାହା ଏକ ଭାବନାତ୍ମକ ପରିଣାମ ଭଳି ମନେହେଉଛି। ୨୦୧୧ରେ ସାମାଜିକ ଏବଂ ଆର୍ଥିକ ଅସମାନକୁ ନେଇ ୱାଲ୍ ଷ୍ଟ୍ରିଟ୍ ଦଖଲ ଅସମାନତା ବୃଦ୍ଧି ସମ୍ପର୍କିତ ନୂଆ ବିଚାରକୁ ପ୍ରତିପାଦିତ କରିବା, ୨୦୦୮ରେ ବିଶ୍ୱ ଅର୍ଥ ବ୍ୟବସ୍ଥାକୁ ଧ୍ୱଂସ କରିଥିବା ଫାଇନାନ୍ସିୟରମାନଙ୍କ କବଳରୁ ରକ୍ଷା କରିବା ସହ ବ୍ଲାକ୍ ଲାଇଭ୍ ମ୍ୟାଟର, ମି ଟୁ ଓ ରାଷ୍ଟ୍ରପତି ପାର୍ଥୀ ଭାବେ ପ୍ରଖ୍ୟାତ ସମାଜବାଦୀ ଭର୍ମୋଣ୍ଟ ସିନେଟର ବର୍ନି ସ୍ୟାଣ୍ଡର୍ସ ଉଭାହେବା ପରେ ବି ପୂର୍ଣ୍ଣ ସମାଜବାଦ ଆସିପାରିନାହିଁ। ୨୦୨୦ ସୁଦ୍ଧା ଅଧିକାଂଶ ଡେମୋକ୍ରାଟିକ ଏବଂ ସ୍ୱାଧୀନ ମତଦାତା ଏବଂ ଭିନ୍ନ ମତବାଦୀ ରିପବ୍ଲିକାନମାନେ ସିଙ୍ଗଲ କେୟାର ହେଲ୍‌ଥ କେୟାର, ଜଳବାୟୁ ପରିବର୍ତ୍ତନ ମୁକାବିଲା ଲାଗି ନିଆଯାଉଥିବା ଦୃଢ଼ ପଦକ୍ଷେପ, ଭିତ୍ତିଭୂମି ଓ ଚାକିରି ପାଇଁ ଅଧିକ ସରକାରୀ ବ୍ୟୟ ଲାଗି ଟ୍ୟାକ୍ସ ଦେଉଥିଲେ। ଏପରି କି ସ୍ୟାଣ୍ଡର୍ସଙ୍କ ଦ୍ୱିତୀୟ ନିର୍ବାଚନ ପ୍ରତିଦ୍ୱନ୍ଦ୍ୱିତା ସମୟରେ ସମାଜବାଦ ଯୁବ ଆମେରିକୀୟ ଯୁବବର୍ଗଙ୍କ ବେଶି ଲୋକପ୍ରିୟ ହୋଇପାରିଥିଲା।

କୋଭିଡ୍-୧୯ ମହାମାରୀରେ ସରକାର ୩ ଟ୍ରିଲିୟନ ଡଲାର ବ୍ୟୟ କଲେ ; ଯାହାଦ୍ୱାରା ମାନ୍ଦା ଅର୍ଥ ବ୍ୟବସ୍ଥାକୁ ସୁଧାରିବା ଲାଗି ପରିବାର ତଥା ଫାର୍ମଗୁଡ଼ିକୁ ପ୍ରଚୁର ଅର୍ଥ ଯୋଗାଇଦେଲେ। ଏବେ ଇନ୍‌ଫ୍ଲେସନ ରିଡକ୍‌ସନ ଆକ୍ଟ ସହ ସାର୍ବଜନୀନ ନିବେଶରେ ୭୦୦ ବିଲିୟନ ଡଲାରରୁ ଅଧିକ ହ୍ରାସ ସରକାରଙ୍କ ପାଇଁ ବଡ଼ ଝଟ୍‌କା ଆଣିଛି। ହେଲେ ଅର୍ଥନୀତିଜ୍ଞମାନେ ସମସ୍ତଙ୍କୁ ଉଦ୍ଧାର କରିବାର ଏକ 'ନୂଆ ଯୁଗ' ଚାଲିଛି ବୋଲି କହୁଛନ୍ତି। ସମ୍ଭବତଃ ଏହା 'ସମସ୍ତଙ୍କ ପାଇଁ ସମାଜବାଦ' ଉପରେ ଏକ ଡାଉନ୍ ପେମେଣ୍ଟ ବୋଲି ମୁଁ କହିବି। ରିପବ୍ଲିକାନ୍‌ଙ୍କର ଟିକସ ଛାଡ଼, ବିନିୟନ୍ତ୍ରଣ ଏବଂ ନୂଆ ଖ୍ରୀଷ୍ଟିଆନ ଜାତୀୟତାବାଦୀ ବିଚାରଧାରା ସହ ଏକଛତ୍ରବାଦୀ ଶାସନଠାରୁ ଶ୍ରମ ଚାହିଦା ନିଶ୍ଚିତ ଭାବେ ଆଶାଜନକ। ନ୍ୟାୟସଙ୍ଗତ ଆବଣ୍ଟନର ସିଦ୍ଧାନ୍ତ ଅଧିକ ସମତାବାଦୀ, ବାସ୍ତବବାଦୀ। ଏହା ଅସମାନତା, ଜଳବାୟୁ ପରିବର୍ତ୍ତନ, ପ୍ରବାସନ ପାଇଁ ଏକ ସମାଜିକ- ଗଣତାନ୍ତ୍ରିକ ଉପଚାର। ରିପବ୍ଲିକାନଙ୍କର ଖ୍ରୀଷ୍ଟିଆନ ଜାତୀୟତାବାଦୀ ବିଚାର ବେଶିଦିନ ରହି ନ ପାରେ। ସେମାନେ ସବୁଆଡେ ସମାଜବାଦର ଭୂତକୁ ଦେଖିବାକୁ ଉନ୍ମାଦି ନୁହନ୍ତି। ନଭେମ୍ବର ୮ରେ ଯାହା ପରିଣାମ ଆସୁନା କାହିଁକି, ମନେ ହେଉଛି ସମାଜବାଦର ସମୟ ଆସିଯାଇଛି।

**ପ୍ରାଧ୍ୟାପକ(ଇତିହାସ), ରୁ୍ୟଟ୍‌ଗର୍ସ ବିଶ୍ୱବିଦ୍ୟାଳୟ, ଆମେରିକା**

## ମନୋବଳ



ଚିଦାନନ୍ଦ ଦାଶ

ମନୋବଳ କହିଲେ ମନର ମାନସିକ ଶକ୍ତିକୁ ବୁଝାଯାଏ। ଅର୍ଥାତ୍ କେତେ ପରିମାଣରେ ମନର ଶକ୍ତି ଅଛି ବିଭିନ୍ନ ଅପ୍ରତ୍ୟାଶିତ ପରିସ୍ଥିତିକୁ ସମ୍ମୁଖୀନ ହେବା ପାଇଁ। କିଛି କିଛି ଲୋକଙ୍କର ଶାରୀରିକ ଶକ୍ତି କମି ଥାଇପାରେ। ମାତ୍ର ମାନସିକ ଶକ୍ତିରେ ସେମାନେ ବହୁତ ଆଗରେ ଥାନ୍ତି। ସେହିପରି କିଛି ଲୋକଙ୍କର ଶାରୀରିକ ଶକ୍ତି ଥାଇପାରେ ମାତ୍ର ମାନସିକ ଶକ୍ତିରେ ଦୁର୍ବଳ ଅନୁଭବ କରନ୍ତି। ମଣିଷ ମନ ସବଳ ଥିଲେ, ସେ ଶରୀରର ଦୁର୍ବଳତାକୁ ଏଡାଇଦେଇ ସମସ୍ତ କର୍ମ କରିଚାଲେ। ମାତ୍ର ଶରୀର ସବଳ ଥାଇ ଦୁର୍ବଳ ମନ ଲୋକ ସେହିପରି କର୍ମଠ ହୋଇପାରେନା।

ଖାଲି ମନୋବଳର କୌଣସି ମଲ୍ୟ ନଥାଏ ଯଦି ଏହା ଠିକ୍ ଭାବରେ ବିବେକ ଦ୍ୱାରା ବଶୀଭୂତ ହୋଇନାହିଁ, କାରଣ ବିବେକ ମନର ଲଗାମ ସଦୃଶ। ମନର ବିବେକ କୁଭାବନାକୁ ନିୟନ୍ତ୍ରଣରେ ରଖେ। ବିବେକ ହଜିଗଲେ ମନ ବେନିୟନ୍ତ୍ରିତ ହୋଇ ଖରାପ କର୍ମ କରି ଚାଲେ। ବିବେକର ଲଗାମ ଛିଡ଼ିଗଲେ ମଣିଷ ମନ ଯାହା ନାହିଁ ତାହା କରିବସେ। ମନୋବଳ ଦ୍ୱାରା ମଣିଷ କଷ୍ଟ ସହିଷ୍ଣୁ ହୋଇଥାଏ। କଷ୍ଟ ସହିଷ୍ଣୁ ହେବା ଦ୍ୱାରା ମନ ଦମ୍ଭ ହୋଇଥାଏ। ମନ ଦମ୍ଭ ହେବାଦ୍ୱାରା ମଣିଷ ବିବେକର ବିବେଚନାରେ ନିଜକୁ ନିୟୋଜିତ କରିଥାଏ।

ସାଧାରଣତଃ ମନୋବଳ ଦୁଇ ପ୍ରକାରର ପ୍ରଥମ ହେଲା ସକାରାତ୍ମକ ବନୋବଳ ଏବଂ ଦ୍ୱିତୀୟଟି ହେଲା ନକରାତ୍ମକ ମନୋବଳ। ସକାରାତ୍ମକ ମନବଳ ସୁ ବିବେକ ଦ୍ୱାରା ପରିଚାଳିତ ହୋଇଥାଏ। ଫଳରେ ମନ ସୁକର୍ମରେ ନିୟୋଜିତ ହୋଇଥାଏ। ସକରାତ୍ମକ ମନବଳ ସମ୍ପନ୍ନ ବ୍ୟକ୍ତି ଊର୍ଦ୍ଧ୍ୱଭାବନାକୁ ନିୟନ୍ତ୍ରଣରେ ରଖିଥାନ୍ତି ଓ ସୁଚିନ୍ତା ଓ ଭାବନାର ବ୍ରତୀ ହୋଇଥାନ୍ତି। ଏହାଛଡ଼ା ଏମାନେ ପରୋପକାରୀ, ସଚ୍ଚୋଟ, ସୃଜନଶୀଳ ଓ କର୍ମଠ ହୋଇଥାନ୍ତି। ମାତ୍ର ନକରାତ୍ମକ ମନବଳକୁ ବିବେକ ଦ୍ୱାରା ପରିଚାଳିତ ହୋଇଥାଏ ଏବଂ ମନ କୁକର୍ମରେ ନିବେଶ କରିଥାଏ। ନକାରାତ୍ମକ ମନୋବଳ ସମ୍ପନ୍ନ ବ୍ୟକ୍ତି ନିଜର ଚିନ୍ତନ ତଥା ରାଗ, ଅହଂକାର, ଘୃଣା ପ୍ରଭୃତିକୁ ନିୟନ୍ତ୍ରଣରେ ରଖିପାରେ ନାହିଁ। ନକରାତ୍ମକ ମନୋବଳ ବ୍ୟକ୍ତି ମନର କଷ୍ଟକୁ ସହି ପାରେ ନାହିଁ ଯାହାଫଳରେ ସେମାନେ ଆକ୍ରମଣାତ୍ମକ ହୋଇଥାନ୍ତି। ଆଉ କିଛି ବ୍ୟକ୍ତି ଉଭୟ ନକରାତ୍ମକ ଏବଂ ସକାରାତ୍ମକ ମନୋବଳ ସମ୍ପନ୍ନ ହୋଇଥାନ୍ତି। ମନରେ ଯେଉଁ ମନୋବଳ ବେଶୀ ଭାବରେ ପ୍ରଭାବିତ ହୋଇଥାଏ ସେଇ ଅନୁସାରେ ମନ କର୍ମ ଦ୍ୱାରା ପ୍ରଭାବିତ ହୋଇଥାଏ।

ଗୋଟିଏ ଦେଶରେ ଜଣେ ଦୟାଳୁ ରାଜା ଥିଲେ ରାଜା ପ୍ରଜାମାନଙ୍କୁ ଖୁବ୍ ଭଲ ପାଉଥିଲେ ଦେଖୁ ଦେଖୁ ପାଖ ଦେଶର ରାଜା ଦୟାଳୁ ରାଜାଙ୍କର ଦେଶକୁ ଆକ୍ରମଣ କରିବାକୁ ଯୁଦ୍ଧ ଘୋଷଣା କଲେ। ରାଜାଙ୍କର ସୈନ୍ୟସାମନ୍ତ ବଳ ଖୁବ୍ କମ୍ ଥିଲା। ମାତ୍ର ପଡୋଶୀ ଦେଶର ରାଜାଙ୍କର ସୈନ୍ୟବଳ ଅଧିକ ଥିଲା। ଦୟାଳୁ ରାଜା ହାରିଯିବାର ଚିନ୍ତାରେ ଘାରି ହେଲେ। ବିତସ୍ତତ ହୋଇ କଣ କରିବେ ଚିନ୍ତା କରି ପାରିଲେ ନାହିଁ। କିଛି ଦିନ ବିତିଗଲା ପରେ ରାଜା ରାଜ୍ୟର ଏକ ନିକଟସ୍ଥ ପାହାଡ଼ରେ ବାସ କରୁଥିବା ଜଣେ ସନ୍ନ୍ୟାସୀଠାରୁ ଉପଦେଶ ନେବାକୁ ମନସ୍ଥ କଲେ। ପରଦିନ ସକାଳୁ ରାଜା ସନ୍ନ୍ୟାସୀ ରହିଥିବା ଗୁମ୍ଫାକୁ ଗଲେ। ଗୁମ୍ଫାରେ ପହଞ୍ଚି ସନ୍ନ୍ୟାସୀଙ୍କୁ ସାଷ୍ଟାଙ୍ଗେ ପ୍ରଣାମ କଲେ। ରାଜା ତାଙ୍କର ସମସ୍ତ ଚିନ୍ତାର ବ୍ୟଥା ସନ୍ନ୍ୟାସୀଙ୍କ ଆଗରେ ବଖାଣିଲେ। କହିଲେ, ହେ ସନ୍ଥ ! ମୋର ଦେଶକୁ ପଡୋଶୀ ଦେଶର ରାଜା ଆକ୍ରମଣ କରିବ ବୋଲି ପ୍ରସ୍ତୁତ ହେଲାଣି। ମୁଁ ମୋର ଏ ସ୍ୱଳ୍ପ ସୈନ୍ୟ ବଳରେ ଯୁଦ୍ଧରେ ଜୟ କରିପାରିବିକି ନାହିଁ, ମୋତେ ଉପାୟ ବତାଅ'। ସନ୍ଥ ରାଜାଙ୍କ ଠାରୁ ଏ ପ୍ରକାର ହତସୋତ୍ସାହ କଥା ଶୁଣି ରାଜାକୁ ସ୍ୱାନ୍ତନା ଦେଇ ଆସନ ଗ୍ରହଣ କରିବା ପାଇଁ କହିଲେ। ତାପରେ ସନ୍ଥ ସନ୍ନ୍ୟାସୀ ଗୋଟିଏ ମୁଦ୍ରା ବାହାର କଲେ ଏବଂ ରାଜାଙ୍କୁ କହିଲେ ହେ ରାଜନ ! ଏ ମୁଦ୍ରାର ଗୋଟିଏ ପାର୍ଶ୍ୱରେ ଫଳକ ଅଛି ଏବଂ ଅନ୍ୟପଟରେ ଠାକୁରଙ୍କ ମୂର୍ତ୍ତି ଅଛି। ମୁଁ ବର୍ତ୍ତମାନ ମୁଦ୍ରାଟିକୁ ଉପରକୁ ଫିଙ୍ଗିବି, ମୁଦ୍ରାଟି ତଳେ ପଡ଼ି ଯଦି ଫଳକ ପାର୍ଶ୍ୱ ଦେଖାଯିବ, ତା ହେଲେ ଆପଣ ନିଶ୍ଚୟ ଯୁଦ୍ଧରେ ଜିତିବେ। ଏହା କହି ସନ୍ଥ ମୁଦ୍ରା ଉପରକୁ ଫିଙ୍ଗିଲେ। ତଳେ ପଡ଼ିଲା ବେଳକୁ ମୁଦ୍ରାର ଫଳକ ପାର୍ଶ୍ୱ ଦେଖାଗଲା। ସନ୍ଥ ରାଜାଙ୍କୁ ନିଶ୍ଚୟ ଯୁଦ୍ଧରେ ବିଜୟ ଲାଭ କରିବ ବୋଲି ଆଶ୍ୱାସନା ଦେଲେ। ସେଠାରୁ ରାଜା ଆସି ଯୁଦ୍ଧରେ ମଜିଗଲେ ଏବଂ ଶେଷରେ ଜୟଲାଭ କଲେ। ରାଜାଙ୍କର ଆନନ୍ଦର ସୀମା ରହିଲା ନାହିଁ। ଏଥର ରଜା ନିଜେ ଯାଇ ସନ୍ଥଙ୍କୁ ଦେଖାକରି ବିଜୟର ଶୁଭ ଖବର ଦେଲେ। ସନ୍ଥ କହିଲେ ହେ ରାଜାନ ମୁଁ ଯେଉଁ ମୁଦ୍ରାଟି ପକାଇଥିଲି, ତାହାର ଦୁଇପାର୍ଶ୍ୱରେ ଫଳକ ଥିଲା। କୌଣସି ଦେବାଦେବୀଙ୍କର ମୂର୍ତ୍ତି ନ ଥିଲା। ମୁଁ ଆପଣଙ୍କର ମନୋବଳ ବଢ଼ାଇବା ପାଇଁ ଏ ସବୁ କରିଥିଲି। ତାହାହିଁ ଫଳପ୍ରଦ ହେଲା।

ମୋ: ୯୯୩୮୧୮୧୩୦୨

## ଏଇ ଭାରତରେ

ମହାରାଷ୍ଟ୍ର ପିପଲ ଗାଁର ହରିଶ ଶାହା ଏବେ ୨୦୦୦ ପକ୍ଷୀ ଏକାବେଳକେ ଖାଇବା ଭଳି ସବୁଠୁ ବଡ଼ ବାର୍ଡ ଫିଡର ନିର୍ମାଣ କରିଛନ୍ତି। ସେ ପ୍ରଥମେ ଜଣେ ଗହଣା ଦୋକାନୀଙ୍କ ପ୍ରେରଣାରେ ପକ୍ଷୀମାନଙ୍କୁ ଖାଇବାକୁ ଦେବା ଆରମ୍ଭ କରିଥିଲେ। ହରିଶ ଏକ ଗହଣା ଦୋକାନରେ ଚାକିରି କରିଥିଲେ। ଦୋକାନ ମାଲିକ ପ୍ରତିଦିନ ଗୋଶାଳାରେ ଗୋରୁଙ୍କୁ ଖାଇବାକୁ ଦେବା ଲାଗି ୩୦ ହଜାର ଟଙ୍କା ଖର୍ଚ୍ଚ କରୁଥିଲେ। ହରିଶ ୨୦୧୪ରେ ଧାତୁ ନିର୍ମିତ ବାର୍ଡ ଫିଡର ତିଆରି କରି ପକ୍ଷୀଙ୍କୁ ଖାଇବାକୁ ଦେବା ଆରମ୍ଭ କରିଥିଲେ। ପ୍ରଥମେ ୧କେ.ଜି. ଦାନା ରହିବା ଭଳି ଏବଂ ୪ରୁ ୫ଟି ପକ୍ଷୀ ବସି ଆରାମରେ ଖାଇପାରୁଥିବା ପ୍ରାୟ ୧୦୦ ଫିଡର ତାଙ୍କ ଗାଁର ବିଭିନ୍ନ ସ୍ଥାନରେ ରଖିଥିଲେ। ପରେ ପକ୍ଷୀ ସଂଖ୍ୟା ବଢ଼ିବା ଦ୍ୱାରା ୨୦୦୦ ପକ୍ଷୀ ଖାଇବା ଭଳି ୭୦୦ କେ.ଜି. ଓଜନର ସବୁଠୁ ବଡ଼ ବାର୍ଡ ଫିଡର ନିର୍ମାଣ କରଛନ୍ତି। ଏହା ଗୀନିଜ ବୁକ୍ ଅଫ୍ ୱାର୍ଲ୍ଡ ରେକର୍ଡସ୍‌ରେ ସ୍ଥାନ ପାଇଛି। ଏହାକୁ ନିର୍ମାଣ କରିବା ଲାଗି ହରିଶ ୩ ଲକ୍ଷ ୮୦ ହଜାର ଟଙ୍କା ବ୍ୟୟ କରିଛନ୍ତି। ଏହି ବାର୍ଡ ଫିଡର୍‌ର ଦାନା ଖର୍ଚ୍ଚ ହରିଶ ବହନ କରୁଛନ୍ତି। ସପ୍ତାହରେ ସେ ୨୫୦ରୁ ୩୦୦ କିଲୋ ଦାନା କିଣୁଛନ୍ତି। ପ୍ରତିଦିନ ଉକ୍ତ ଫିଡରକୁ ଦାନା ଖାଇବାକୁ ୨୦୦ରୁ ୨୫୦ ପକ୍ଷୀ ବିଭିନ୍ନ ସ୍ଥାନରୁ ଆସୁଛନ୍ତି। କେବଳ ଏତିକି ନୁହେଁ ହରିଶ ଛୋଟ ଛୋଟ ଫିଡର ନିର୍ମାଣ କରି ଶସ୍ତାରେ ଲୋକମାନଙ୍କୁ ବିକ୍ରି କରିବା ସହ ପକ୍ଷୀଙ୍କୁ ଖାଇବାକୁ ଦେବା ଲାଗି ସେମାନଙ୍କୁ ଉତ୍ସାହିତ କରୁଛନ୍ତି। ତାଙ୍କ ଗାଁ ଓ ଆଖପାଖରେ ଲାଗିଥିବା ଫିଡରରେ ପକ୍ଷୀମାନେ ଖାଇବା ଫଳରେ ସେମାନେ ଆଉ ଫସଲ ନଷ୍ଟ କରୁନାହାନ୍ତି।

## ୨୫ ବର୍ଷ ତଳର ଧରିତ୍ରୀ

୨୮ ଅକ୍ଟୋବର ୧୯୯୭

- ଆଫଗାନିସ୍ତାନର ତାଲିବାନ ସରକାର ଦେଶର ନାମ ଇସ୍‌ଲାମୀୟ ରାଷ୍ଟ୍ରରୁ ବଦଳାଇ ଇସ୍‌ଲାମୀୟ ଏମିରେଟ୍ କରିଛନ୍ତି।
- ଗୁଜରାଟରେ ନୂଆ ରାଷ୍ଟ୍ରୀୟ ଜନତା ପାର୍ଟି (ଆରଜେପି) ସରକାର ଗଠନ ସକାଶେ ପଥ ପରିଷ୍କାର କରିବା ପାଇଁ ମୁଖ୍ୟମନ୍ତ୍ରୀ ପଦରୁ ଶଙ୍କର ସିଂ ବାଘେଲାଙ୍କ ଇସ୍ତଫା।
- ମାରୁତି ଉଦ୍ୟୋଗ ବୋର୍ଡର ନିର୍ଦ୍ଦେଶକ ପଦ ପାଇଁ ସୁଜୁକୀ ମୋଟର୍ସ କିଜି ସାଇତୋଙ୍କୁ ମନୋନୀତ କରିଛି।

## su|do|ku ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | | | | | | | 3 |
| | 6 | | 3 | 1 | 2 | 9 | | |
| | 1 | | | | 6 | 4 | | |
| 5 | | | | | | | | |
| | | 4 | | 8 | 7 | | | |
| | 7 | | 9 | | | | | |
| | 3 | | | | | | 6 | |
| | | 8 | | 9 | | | | |
| | | | 5 | | 4 | | | 7 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 8 | 5 | 7 | 9 | 6 | 4 | 3 | 1 | 2 |
| 4 | 2 | 9 | 3 | 1 | 7 | 8 | 6 | 5 |
| 3 | 1 | 6 | 5 | 8 | 2 | 9 | 7 | 4 |
| 5 | 8 | 1 | 2 | 7 | 9 | 4 | 3 | 6 |
| 7 | 4 | 2 | 8 | 3 | 6 | 1 | 5 | 9 |
| 6 | 9 | 3 | 4 | 5 | 1 | 2 | 8 | 7 |
| 2 | 3 | 8 | 6 | 9 | 5 | 7 | 4 | 1 |
| 1 | 6 | 4 | 7 | 2 | 8 | 5 | 9 | 3 |
| 9 | 7 | 5 | 1 | 4 | 3 | 6 | 2 | 8 |

ଗତକାଲିର ଉତ୍ତର

# କିଛି କଥା କିଛି ବ୍ୟଥା



ଡ. ସିଦ୍ଧାର୍ଥ କାନୁନ୍‌ଗୋ

ରାଜନେତାଙ୍କଠାରୁ ଆରମ୍ଭ କରି ତଥାକଥିତ ସମାଜସେବୀ ଗଳାଫଟେଇ ଚିତ୍କାର କରନ୍ତି ଯେ, ପ୍ରକୃତି ତା'ର ସବୁକିଛି ସମ୍ପଦ ଆମ ରାଜ୍ୟରେ ଭରିଦେଇଛି। ରାଜ୍ୟର ଶାଳ ସୁଗନ୍ଧ ବିସ୍ତୀର୍ଣ୍ଣ ବନାନୀ, ଲୁହା, ମାଙ୍ଗାନିଜ୍, କ୍ରୋମାଇଟ୍ ଆଦି ଖଣିଜ ସମ୍ପଦରେ ଭରପୂର ଓଡ଼ିଶା, ୪୮୦ କି.ମି. ସୁଦୀର୍ଘ ବେଳାଭୂମି ଇତ୍ୟାଦି ହେଉଛି ପ୍ରକୃତିର ଆମ ରାଜ୍ୟକୁ ଅବଦାନ। କିନ୍ତୁ ଏତେ ସବୁ ବିଭବ ପରେ ମଧ୍ୟ ଓଡ଼ିଶା ଯେଉଁ ଗରିବକୁ ସେଇ ଗରିବ। ସରକାର ବଦଳିଛି ; ନିର୍ବାଚନ ବେଳେ ପ୍ରତିଶ୍ରୁତି ଦେଇ ନେତାମାନେ କ୍ଷମତାକୁ ଆସିଛନ୍ତି। କିନ୍ତୁ ଓଡ଼ିଶାର ଭାଗ୍ୟ ବଦଳାଇବାକୁ କେହି ସମର୍ଥ ହୋଇନାହାନ୍ତି ବୋଲି ମନେହୁଏ। ଇତିମଧ୍ୟରେ ଓଡ଼ିଶା ସ୍ୱତନ୍ତ୍ର ରାଜ୍ୟର ମାନ୍ୟତା ପାଇବାର ୮୬ ବର୍ଷ ଅତିକ୍ରାନ୍ତ ହୋଇଗଲାଣି। କଥାକଥାକେ ଭାଷାଭିତ୍ତିରେ ଜନ୍ମଲାଭ କରିଥିବା ଓଡ଼ିଶା ହେଉଛି ପ୍ରଥମ ରାଜ୍ୟ ବୋଲି ଆମେ ବିଭିନ୍ନ ସଭାସମିତିରେ କହି ଆତ୍ମସନ୍ତୋଷ ଲାଭ କରୁଛୁ। କିନ୍ତୁ ବିଚାର କଲେ ଜଣାଯିବ ଯେ, ଆମ ପରେ ସୃଷ୍ଟି ହୋଇଥିବା ଆନ୍ଧ୍ରପ୍ରଦେଶ, କର୍ଣ୍ଣାଟକ, ହରିୟାଣା ଆଦି ରାଜ୍ୟର ବିକାଶଧାରା ଆମ ରାଜ୍ୟଠାରୁ ଢେର ଅଧିକ। ଆନ୍ଧ୍ରପ୍ରଦେଶରୁ ଅଣ୍ଡା, ମାଛ ଓ ପଶ୍ଚିମବଙ୍ଗରୁ ବିଭିନ୍ନ ପନିପରିବା ଏପରି କି ଫୁଲ ନ ଆସିଲେ ଆମ ଅବସ୍ଥା ଅସମ୍ଭାଳ। କଥାଟି ଏତିକିରେ ସରିନାହିଁ, ଖଣି ଖାଦାନଭରା କେନ୍ଦୁଝର ଜିଲା ତେଲକୋଇ ହେଉ କିମ୍ବା କୋରାପୁଟ ଜିଲାର ଦଶମନ୍ତପୁର ହେଉ ଅଥବା କଳାହାଣ୍ଡି ଜିଲାର ଥୁଆମୂଳରାମପୁର କିମ୍ବା ଗଜପତି ଜିଲାର ମୋହନ ସବୁଠି ଜୀବନଯନ୍ତ୍ରଣାର ଚିହ୍ନ ସ୍ପଷ୍ଟ ବାରିହୁଏ। ଏଠି ବିକାଶର ଧାରା ପହଞ୍ଚିପାରିନି ବୋଲି ମନେହୁଏ। ଗୋଟିଏ ପଟେ ସ୍ୱାଧୀନତାର ୭୫ ବର୍ଷ ପୂର୍ତ୍ତି ଉପଲକ୍ଷେ ଆମେ 'ଆଜାଦୀ କା ଅମୃତ ମହୋତ୍ସବ' ପାଳନ କରୁଛୁ। ଏଥିପାଇଁ କୋଟିକୋଟି ଟଙ୍କା ବିଜ୍ଞାପନ ଏବଂ ଅନ୍ୟାନ୍ୟ କାର୍ଯ୍ୟକ୍ରମ ବାବଦରେ ଖର୍ଚ୍ଚ ହେଉଛି। କିନ୍ତୁ ଉପରଲିଖିତ ଜିଲାରେ ସମାଜର ବିକଳ ଚିତ୍ର ଦେଖିବାକୁ ମିଳୁଛି। ଗର୍ଭବତୀ ମହିଳା ହୁଅନ୍ତୁ କିମ୍ବା ଗୁରୁତର ରୋଗୀ ସମସ୍ତେ କାନ୍ଧରେ କିମ୍ବା ଖଟିଆ ଅଥବା ଷ୍ଟ୍ରେଚରରେ ବୁହା ହୋଇ ଡାକ୍ତରଖାନା ଯାଉଛନ୍ତି।

ଅବଶ୍ୟ ଆମେ ଏ କଥା ସ୍ୱୀକାର କରୁଛୁ ଯେ, ଚିକିତ୍ସା ବିଜ୍ଞାନର ଉନ୍ନତି ଯୋଗୁଁ ମାତୃଶିଶୁହାର ଓ ଶିଶୁମୃତ୍ୟୁହାର ବହୁପରିମାଣରେ କମିଛି। ସରକାରୀ ଡାକ୍ତରଖାନା ଥିବା ଅଞ୍ଚଳରେ ରୋଗୀ ବା ତାଙ୍କ ପରିବାର ଲୋକେ ଯଥେଷ୍ଟ ସଚେତନ ହେଲେଣି। ସେମାନେ ଗମନାଗମନର ସୁବିଧା ଯୋଗୁ ଅନ୍ଧବିଶ୍ୱାସକୁ ପରିହାର କରି ଡାକ୍ତରଖାନାକୁ ରୋଗୀ ବା ଗର୍ଭବତୀ ମହିଳାଙ୍କୁ ଚିକିତ୍ସା ପାଇଁ ନେଉଛନ୍ତି। ଏହାଦ୍ୱାରା ଅବସ୍ଥାରେ ଯଥେଷ୍ଟ ଉନ୍ନତି ଆସିଛି। କିନ୍ତୁ ଏବେ ମଧ୍ୟ ସବୁଦିନିଆ ରାସ୍ତା ନ ଥିବାରୁ ଦକ୍ଷିଣ ଓ ପଶ୍ଚିମ ଓଡ଼ିଶାର ଦୁର୍ଗମ ପାହାଡ଼ିଆ ଅଞ୍ଚଳରେ ଥିବା ଜନନୀ ଯନ୍ତ୍ରଣାର ଦୃଶ୍ୟ ଦେଖିବାକୁ ପାଉଛୁ। ସ୍ୱାଧୀନତାର ୭୫ ବର୍ଷ ପରେ ମଧ୍ୟ ରାଜ୍ୟର ୫୫୨୫ ଗାଁକୁ ପକ୍କା ରାସ୍ତା ନାହିଁ। ବିଧାନସଭା ଅଧିବେଶନରେ ମନ୍ତ୍ରୀ କହୁଥିବା ତଥ୍ୟ ଆଧାରରେ ଆମେ ଏକଥା କହିବାକୁ ସାହସ କରୁଛୁ। ବର୍ଷା ଚାରିମାସ ଏସବୁ ଅଞ୍ଚଳରେ ବାସ କରୁଥିବା ଲୋକଙ୍କ ଯନ୍ତ୍ରଣା କହିଲେ ନ ସରେ ! କଚ୍ଚା ରାସ୍ତା ସବୁ କର୍ଦ୍ଦମାକ୍ତ ହୋଇଯିବାରୁ ଆମ୍ବୁଲାନ୍ସ ଗାଁ ଭିତରକୁ ଯାଇପାରୁନାହିଁ। କିଛି ଗାଁକୁ ନଦୀ ନାଳ ହେତୁ ବର୍ଷାଦିନେ ଗମନାଗମନରେ ଅସୁବିଧା ହୁଏ। ଏହିପରି ପ୍ରାୟ ୪ ମାସ ୧୦ ହଜାରରୁ ଅଧିକ ଜନବସତିଥିବା ଏସବୁ ଅଞ୍ଚଳ ସତେ ଯେପରି ବାହ୍ୟଜଗତରୁ ବିଚ୍ଛିନ୍ନ ହୋଇପଡୁଛି !



କନ୍ଧମାଳ ହେଉଛି ରାଜ୍ୟର ଅନ୍ୟତମ ଆଦିବାସୀ ବହୁଳ ଜିଲା । ଏହି ଜିଲାର ୧୨ଟି ବ୍ଲକ୍‌ର ୩୩୪ଟି ଗାଁ ଏପର୍ଯ୍ୟନ୍ତ ଅପହଞ୍ଚ। ବର୍ଷାଦିନେ ୩୩୪ଟି ଗାଁକୁ ରାସ୍ତାନାହିଁ ବୋଲି ଆମ୍ବୁଲାନ୍ସ ଯାଇ ପାରୁନି। ସେହିପରି ନବରଙ୍ଗପୁର ଜିଲା, ରାଗଗଡ଼ା, କଳାହାଣ୍ଡି, କେନ୍ଦୁଝର, ମାଲକାନଗିରି, ଗଜପତି, ଗଞ୍ଜାମ ଜିଲାରେ ଯଥାକ୍ରମେ ୨୫୨, ୮୪୦, ୫୧୨, ୧୪୧, ୧୫୦, ୧୬୦, ୯୩ ଏବଂ କୋରାପୁଟ ଜିଲାରେ ୧୦୦ରୁ ଅଧିକ ଗାଁକୁ ରାସ୍ତା ନାହିଁ ବୋଲି ସରକାର ସ୍ୱୀକାର କରିଛନ୍ତି।

ଗମନାଗମନ ସୁବିଧା ପାଇଁ ଢେର କିଛି ଯୋଜନା ଅଛି । ସେଗୁଡ଼ିକ ହେଲା ପ୍ରଧାନମନ୍ତ୍ରୀ ଗ୍ରାମସଡ଼କ ଯୋଜନା, ବିଜୁ ସେତୁ ଯୋଜନା ଓ ଦୁର୍ଗମ ଅଞ୍ଚଳକୁ ରାସ୍ତା ସଂଯୋଗ ପାଇଁ ଉପାନ୍ତ ଯୋଜନା। ଏତଦ୍‌ବ୍ୟତୀତ ଖଣିଜ ସମ୍ପଦଭରା ଜିଲାରେ ଗାଁକୁ ସବୁଦିନିଆ ରାସ୍ତା ପାଇଁ ଖଣିଜ ସମ୍ପଦ ପାଣ୍ଠିରୁ ସରକାର ଅର୍ଥ ବ୍ୟୟ କରନ୍ତି। ଏତେ ସବୁ ଯୋଜନା ସତ୍ତ୍ୱେ ଏପର୍ଯ୍ୟନ୍ତ ସବୁ ଗାଁକୁ ରାସ୍ତା ତିଆରି ହୋଇପାରି ନାହିଁ। ଏହାର କାରଣ ରାଜ୍ୟରେ ୪ ହଜାରରୁ ଅଧିକ ପଡ଼ା ଗାଁ ଅଛି। ପୁଣି ପାହାଡ଼ ଉପରେ ଓ ଜଙ୍ଗଲ ଭିତରେ ଅନେକ ଜନବସତି ଅଛି। ଏସବୁ ପଡ଼ା ଗାଁକୁ ରାଜସ୍ୱ ମାନ୍ୟତା ଦେବା ପାଇଁ ନିଷ୍ପତ୍ତି ହୋଇଛି କିନ୍ତୁ ଏହା ଏପର୍ଯ୍ୟନ୍ତ କାର୍ଯ୍ୟକାରୀ ହୋଇନାହିଁ।

ଶହେରୁ ଅଧିକ ଜନସଂଖ୍ୟା ଥିବା ଗାଁକୁ ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନା କିମ୍ବା ମୁଖ୍ୟମନ୍ତ୍ରୀ ସଡ଼କ ଯୋଜନାରେ ଅନ୍ତର୍ଭୁକ୍ତ କରି ରାସ୍ତା ନିର୍ମାଣର ବ୍ୟବସ୍ଥା ଅଛି। କିନ୍ତୁ ଏପରି ଶହେରୁ କମ୍ ଜନସଂଖ୍ୟା ଥିବା ଓଡ଼ିଶାରେ ପ୍ରାୟ ୨ ହଜାର ହେବ। କନ୍ଧମାଳ ଜିଲା କୋଟଗଡ଼ ବ୍ଲକ୍‌ରେ ମୋଟ୍ ୧୩୩ଟି ଗାଁ ମଧ୍ୟରୁ ୧୬ଟି ଗାଁରେ ୧୦୦ରୁ କମ୍ ଲୋକ ରହୁଛନ୍ତି। କଳାହାଣ୍ଡି ଜିଲା ଥୁଆମୂଳରାମପୁର ବ୍ଲକ୍‌ରେ ୨୭୫ ଗାଁ ଥିବା ବେଳେ ୬୦ ଗାଁର ଜନସଂଖ୍ୟା ୧୦୦ରୁ କମ୍। କୋରାପୁଟ, କଳାହାଣ୍ଡି ଜିଲାରେ ଏପରି କିଛି ଗାଁ ଅଛି ; ଯେଉଁଠାକୁ ସବୁଦିନିଆ ରାସ୍ତା ବା ସେତୁ ନିର୍ମାଣ ହୋଇନାହିଁ। ଏହିସବୁ ସମସ୍ୟାକୁ ଆଖି ଆଗରେ ରଖି ରାଜ୍ୟ ସରକାର ୨୦୧୭ରେ ସମ୍ପୂର୍ଣ୍ଣ ଯୋଜନା ଆରମ୍ଭ କରିଥିଲେ। ଏଥିରେ ଗର୍ଭବତୀଙ୍କୁ ଡାକ୍ତରଖାନାକୁ ଆଣିଲେ ଖର୍ଚ୍ଚ ବାବଦକୁ ୧୦୦୦ ଟଙ୍କା ଦିଆଯାଉଛି। ସ୍ଥଳ ବିଶେଷରେ ପ୍ରସବର ଯଥେଷ୍ଟ ପୂର୍ବରୁ ଗର୍ଭବତୀଙ୍କୁ ଡାକ୍ତରଖାନାରେ ରଖିବା ପାଇଁ ମା'ଘର ତିଆରି ହୋଇଛି କିନ୍ତୁ ବର୍ଷା ୪ମାସରେ ଏହି ଯୋଜନା ବିଶେଷ ଫଳପ୍ରଦ ହୋଇପାରୁନି। ସମ୍ପୂର୍ଣ୍ଣା ଯୋଜାନା ରାଜ୍ୟର ୭୮୫୩ ଅପହଞ୍ଚ ଗାଁରେ ଲାଗୁ କରାଯାଇଛି। ଏଥିପାଇଁ ଆଶା ଓ ଅଙ୍ଗନୱାଡ଼ି ଦିଦିଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଆମେ ସରକାରଙ୍କ ଆନ୍ତରିକତାକୁ ପ୍ରଶ୍ନ କରୁନାହୁଁ। ନଦୀନାଳ ଭରା ଓଡ଼ିଶାରେ ଗର୍ଭବତୀଙ୍କ ପକ୍ଷେ ପାଞ୍ଚ ଦଶ କିଲୋମିଟର ବାଟ ଆସିବା ମଧ୍ୟ କାଠିକର ପାଠ। ପୂର୍ବରୁ ଆମେ ଉଲ୍ଲେଖ କରିଛୁ ଯେ, ଅନେକ ସ୍ଥାନରେ ଆମ୍ବୁଲାନ୍ସ ସେବା ଉପଲବ୍ଧ ହୋଇପାରୁନାହିଁ।

ପରିଶେଷରେ ଆମେ ଏତିକିମାତ୍ର କହିବାକୁ ଚାହୁଁ ଯେ, ରାଜନେତା ଏବଂ ଚିନ୍ତାଶୀଳ ଜନନାୟକ ଏ ଦିଗରେ ଯତ୍ନଶୀଳ ହୋଇ ସରକାରଙ୍କୁ ଉଚିତ ପରାମର୍ଶ ଦିଅନ୍ତୁ ଏବଂ ଏଥିପାଇଁ ବିକଳ୍ପ ବ୍ୟବସ୍ଥା ଗ୍ରହଣ କରିବା ଅତ୍ୟନ୍ତ ଜରୁରୀ।

**ପ୍ରାକ୍ତନ ଅତିରିକ୍ତ ଶାସନ ସଚିବ, ଓଡ଼ିଶା ସରକାର, ଚୈତନ୍ୟ ଧାମ, ଶବର ସାହି, ଭୁବନେଶ୍ୱର, ମୋ: ୯୪୩୮୦୭୨୮୫୦**

## ପାଠକ ଶ୍ରେଷ୍ଠ ବିଚାରକ

### ତୀର୍ଥସ୍ଥାନର ସୁରକ୍ଷା ପ୍ରତି ଦୃଷ୍ଟି ଦିଆଯାଉ

ମହାଶୟ,

ପୁରୀ ଜିଲାର ସାକ୍ଷୀଗୋପାଳ ମନ୍ଦିର ଏକ ପ୍ରମୁଖ ତୀର୍ଥ ସ୍ଥାନ। ଏଠାକୁ ପ୍ରତିଦିନ ଶହ ଶହ ସଂଖ୍ୟାରେ ତୀର୍ଥଯାତ୍ରୀ ଟ୍ରେନ କିମ୍ବା ବସ୍ ଯୋଗେ ଦର୍ଶନ କରିବାକୁ ଆସିଥାନ୍ତି। ମାତ୍ର ଦୁଃଖର କଥା ବର୍ତ୍ତମାନର ମନ୍ଦିରକୁ ଦେଖିଲେ ଯେ କେହି ଜାଣିପାରିବ ଯେ ଏହାର କେହି ପ୍ରଶାସକ ନାହାନ୍ତି। ବାହାର ବେଢ଼ା ଚାରିପାଖ ଅନାବନା ଗଛରେ ପରିପୂର୍ଣ୍ଣ। ଏପରି କି କିଛି ଅବିବେକି ସେଥିରେ ମଳମୂତ୍ର ତ୍ୟାଗ କରି ଆହୁରି ଦୁର୍ଗନ୍ଧମୟ କରି ଦେଉଛନ୍ତି। ଏହାର ପରିଚାଳନା କମିଟି କିମ୍ବା କାର୍ଯ୍ୟନିର୍ବାହୀ ଅଧିକାରୀ ମଧ୍ୟ ଆଖି ବୁଜି ଦେଇଛନ୍ତି। ଫଳରେ ଆସୁଥିବା ତୀର୍ଥଯାତ୍ରୀମାନେ ଏହାକୁ ଘୃଣା ଦୃଷ୍ଟିରେ ଦେଖୁଛନ୍ତି। ଏଣ୍ଡାଉମେଣ୍ଟ କମିଶନର ମଧ୍ୟ କୌଣସି ତଦାରଖ ନାହିଁ। ତେଣୁ ଜନସାଧାରଣଙ୍କ ତରଫରୁ ସରକାରଙ୍କୁ ଅନୁରୋଧ ଯେ, ଏପରି ତୀର୍ଥସ୍ଥାନର ସୁରକ୍ଷା ଓ ଶୃଙ୍ଖଳା ରଖିବାକୁ ଦୃଷ୍ଟି ଦିଅନ୍ତୁ।

**-ବନମାଳୀ ବେହେରା, ସାକ୍ଷୀଗୋପାଳ**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦ କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଚିରନ୍ତନୀ

ସମର ନୁହଇ ସୁଷମା ତୋର
ରୂପର ଭୂଷା
ମିଛ ଆବରଣେ ଲୁଚଇ ସିନା
ଦେହର ତୃଷା।
-(ପ୍ରାଚୀନ)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

## ସେଲ୍ଫି କର୍ନର ଧରିତ୍ରୀ

### ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି

metroselfie@gmail.com



@ ଗଙ୍ଗାଧର



@ ଓମ୍



@ ଅନୁପ



@ ସୁଧାଂଶୁ



@ ଉଦୟଭାନୁ

ଆପଣମାନେ ପରିବାର ସଦସ୍ୟ, ସାଙ୍ଗ କିମ୍ବା ସମ୍ପର୍କୀୟଙ୍କ ଗହଣରେ ଉଠାଉଥିବା ସେଲ୍ଫିକୁ ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ଦଳିତ ନେତାଙ୍କୁ ଥାନାରେ ଦୁର୍ବ୍ୟବହାର ଅଭିଯୋଗ

ରସୁଲପୁର,୨୭।୧୦(ଡି.ଏନ.ଏ.)

କୁଆଖିଆ ଥାନାରେ ଦଳିତ ନେତା ତଥା ମିଳିତ କ୍ରିୟାନୁଷ୍ଠାନ କମିଟି-ଯାଜପୁର ସଭାପତି ଗୟାଧର ମଲିକଙ୍କୁ ଦୁର୍ବ୍ୟବହାର ପ୍ରଦର୍ଶନ କରାଯାଇଥିବା ଅଭିଯୋଗ ହୋଇଛି। ଥାନା ଅଧିକାରୀ ଶିବଚରଣ ବେହେରା ମଲିକଙ୍କୁ ଦୁର୍ବ୍ୟବହାର ପ୍ରଦର୍ଶନ କରିଥିବା ସେ ୫-ଟି ସଚିବଙ୍କୁ ଅଭିଯୋଗ କରିଛନ୍ତି। ଥାନା ଅଧିକାରୀ ଜନସାଧାରଣଙ୍କୁ ନ୍ୟାୟ ଦେବା ବଦଳରେ ଦୁର୍ବ୍ୟବହାର କରୁଛନ୍ତି। ତେଣୁ ଏହିଭଳି ଘଟଣାକୁ ତଦନ୍ତ ପରିସରଭୁକ୍ତ କରାଯାଇ ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ମଲିକ ଦାବି କରିଛନ୍ତି।

ସୂଚନା ମୁତାବକ, ଦଳିତ ନେତା ଜନସାଧାରଣଙ୍କ ବିଭିନ୍ନ ସମସ୍ୟା ନେଇ ଥାନାକୁ ଯାଆନ୍ତି। ଜନସାଧାରଣଙ୍କୁ ତ୍ୱରିତ ପୋଲିସ ସେବା ପ୍ରଦାନ ଦିଗରେ ସହଯୋଗ କରନ୍ତି। ଏହିକ୍ରମରେ ଥାନାକୁ ଦୌଡ଼ି ନ୍ୟାୟ ପାଉ ନ ଥିବା କେତେକ ଅଭିଯୋଗକୁ ନେଇ ମଲିକ ଥାନାକୁ ଯାଇଥିଲେ। ଘଟଣା ସମ୍ପର୍କରେ ଥାନା ଅଧିକାରୀଙ୍କ ସହ ଆଲୋଚନା କରିଥିଲେ। ମାତ୍ର ଥାନା ଅଧିକାରୀ ବେହେରା ତାଙ୍କ କଥା ଶୁଣିବା ବଦଳରେ ତାଙ୍କୁ ଦୁର୍ବ୍ୟବହାର ପ୍ରଦର୍ଶନ କରିଥିଲେ। ଥାନା ଅଧିକାରୀଙ୍କ ବ୍ୟବହାରରେ ଦଳିତ ନେତା ଅପମାନବୋଧ କରିବା ସହ ଥାନାରୁ ପଳାଇ ଆସିଥିଲେ। ଏ ନେଇ ଥାନା ଅଧିକାରୀ ବେହେରାଙ୍କୁ ପଚାରିବାରୁ ସେ କହିଛନ୍ତି, ଦଳିତ ନେତା ମଲିକ ମିଳିତ କ୍ରିୟାନୁଷ୍ଠାନର ସମସ୍ୟା ନେଇ ଥାନାକୁ ଆସି ନ ଥିଲେ। ଥାନାରେ କୌଣସି ମଧ୍ୟସ୍ଥିଙ୍କ ସ୍ଥାନ ନାହିଁ। ଏହାଛଡ଼ା ଦଳିତ ନେତା ନାଁରେ ସେ ଅନେକ ଲୋକଙ୍କୁ ଉସୁକାଇ କେସ୍ କରାଉଛନ୍ତି। ପୋଲିସକୁ ହଇରାଣ କରାଇବା ସହ ପୋଲିସକୁ ଚାପରେ ରଖି ନିଜର ଫାଇଦା ଉଠାଇବାକୁ ଚେଷ୍ଟା କରୁଛନ୍ତି। ସେ ଥାନାରେ ଅଧିକାରୀଙ୍କୁ ଉଚ୍ଚପଦସ୍ଥ ଅଧିକାରୀଙ୍କ ଭଳି ବ୍ୟବହାର କରୁଛନ୍ତି, ଯାହାକୁ ନେଇ ତାଙ୍କ ସହ ଉଚବାଚ ହୋଇଥିଲା। ତେବେ ସେ କାହାରିକୁ ଦୁର୍ବ୍ୟବହାର କରିନାହାନ୍ତି। ପୋଲିସ ଚୌକିକୁ ଅପମାନିତ କରାଗଲେ ସେ ଥାନା ଅଧିକାରୀ ହୋଇ କ'ଣ ଚୁପ୍ ହୋଇ ବସିଥାଆନ୍ତେ ବୋଲି ଓଲଟା ପ୍ରଶ୍ନ କରିଛନ୍ତି।

# ୟୁନେସ୍କୋ ପ୍ରତିନିଧି ଦଳର ଶିଳ୍ପୀ ଗ୍ରାମ ପରିଦର୍ଶନ

ଚଣ୍ଡିଖୋଲ,୨୭।୧୦(ଡି.ଏନ.ଏ.)

ଯାଜପୁର ଜିଲା ବଡ଼ଚଣା ବ୍ଲକର ଶୁଖୁଆପଡ଼ା ଶିଳ୍ପୀ ଗ୍ରାମ ଭାବେ ପରିଚିତ। ପଥର ଶିଳ୍ପ ପାଇଁ ପ୍ରସିଦ୍ଧ ଏହି ଗ୍ରାମରେ ସମସ୍ତେ ପ୍ରସ୍ତର ଶିଳ୍ପୀ। ୟୁନେସ୍କୋର ଏକ ପ୍ରତିନିଧି ଦଳ ଯାଜପୁର ଜିଲାକୁ ୩ ଦିନିଆ ଗସ୍ତରେ ଆସି ବୁଧବାର ପ୍ରଥମେ ଶୁଖୁଆପଡ଼ା ଗ୍ରାମରେ ପହଞ୍ଚି ପ୍ରସ୍ତର ଶିଳ୍ପୀମାନେ ନିର୍ମାଣ କରୁଥିବା କର୍ଯ୍ୟସ୍ଥଳ ବୁଲି ଦେଖିଥିଲେ। ସେମାନେ କାରିଗରଙ୍କ ସହ ଏହି ଶିଳ୍ପ ସମ୍ପର୍କରେ ପଚାରି ବୁଝିଥିଲେ। ଏହି ପ୍ରତିନିଧି ଦଳରେ ଇଟାଲୀର ମିଷ୍ଟର କରୋଲୋ, ପଶ୍ଚିମବଙ୍ଗର ଚିରଞ୍ଜୀତ ଗାଙ୍ଗୁଲି, ମିସ ଐଶ୍ୱର୍ଯ୍ୟ ଓ ଗୁଜରାଟର ଡ. ଜୁଲ୍ଫି ସାମିଲ ଥିଲେ। ସେମାନେ ଗ୍ରାମର ମହିଳାଙ୍କ ସହ ସ୍ୱୟଂ ସହାୟିକା ଗୋଷ୍ଠୀର କାର୍ଯ୍ୟ, ପଥରରେ ନିର୍ମିତ କାରୁକାର୍ଯ୍ୟ ଓ ଏହାର ବ୍ୟବସାୟ ସମ୍ପର୍କରେ ପଚାରି ବୁଝିଥିଲେ। ଗ୍ରାମର ବୟସ୍କ କାରିଗରଙ୍କୁ କିପରି ପ୍ରସ୍ତର ଶିଳ୍ପକୁ ପୂର୍ବ ପୁରୁଷମାନେ ଆଦରି ନେଇଥିଲେ ଏବଂ ଓଡ଼ିଶାରେ ପଥର ମୂର୍ତ୍ତିର ଚାହିଦା ସମ୍ପର୍କରେ ଆଲୋଚନା କରିଥିଲେ। ସେମାନେ ଏଠାରେ ପହଞ୍ଚିବା ପରେ ବନ୍ଦରେଶ୍ୱର ଛକ ନିକଟରେ ଜିଲା ଓରମାସ ଅଧିକାରୀ କ୍ଷୀତିସ ଚନ୍ଦ୍ର ବଳ, ଜିଲା ହସ୍ତଶିଳ୍ପ ଅଧିକାରୀ କମଳ ଲୋଚନ ସାହୁ, ସୂର୍ଯ୍ୟନାରାୟଣ ଦାସ, ଲଗ୍ନଜିତ ମହଲା, ଶିଳ୍ପୀ ନିର୍ମଳ ମହାରଣା ଓ କଳ୍ପତରୁ ମହାରଣାଙ୍କ ସମେତ କେତେକ ଗ୍ରାମବାସୀ ପ୍ରତିନିଧି ଦଳକୁ ସ୍ୱାଗତ କରିଥିଲେ।



ୟୁନେସ୍କୋ ପ୍ରତିନିଧି ଦଳଙ୍କୁ ସ୍ୱାଗତ କରାଯାଉଛି।


**ଦ.ପୂ. ରେଳପଥ - ଟେଣ୍ଡର**

ଟେଣ୍ଡର ବିଜ୍ଞପ୍ତି ନଂ.: ଏସ୍‌ଟି-ଏସ୍‌ପିଏଲ୍-ଏଚ୍‌ଆଇଜେ-ବିଟିଏସ୍-୨୨_୨୩ ତାରିଖ: ୨୫।୧୦।୨୦୨୨, ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତରଫରୁ ସିନିୟର ଡିଭିଜନାଲ ସିଗ୍ନାଲ ଆଣ୍ଡ ଟେଲିକମ୍ ଇଞ୍ଜିନିୟର (ସିଓ)/ଖଡ଼ଗପୁର-୭୨୧୩୦୧ ନିମ୍ନଲିଖିତ କାର୍ଯ୍ୟ ପାଇଁ ସମ୍ପୃକ୍ତ ସାମଗ୍ରୀ ନିମନ୍ତେ ଦର୍ଶାଯାଇଥିବା ତାରିଖର ୧୨.୦୦ ଘଟିକା ପୂର୍ବରୁ ଇ-ଟେଣ୍ଡର ଆହ୍ୱାନ କରୁଛନ୍ତି ଏବଂ ସେଗୁଡ଼ିକୁ ୧୨.୩୦ ଘଟିକାରେ ଖୋଲାଯିବ। **କାର୍ଯ୍ୟର ବର୍ଣ୍ଣନା:** ଦ.ପୂ. ରେଳପଥର ହିଜ୍‌ଲି-ବସ୍ତା ସେକ୍ସନରେ ଏକବର୍ଷ ଅବଧି ପାଇଁ ସିଗ୍ନାଲିଂ କାର୍ଯ୍ୟ, ବିଦ୍ୟମାନ ସିଷ୍ଟମ୍‌ରେ ଆଡିଶନ୍ ତଥା ଅଲ୍‌ଟରେଶନ୍, ସାଧାରଣ ମରାମତି ଏବଂ ରକ୍ଷଣାବେକ୍ଷଣ କାର୍ଯ୍ୟ। **ଟେଣ୍ଡର ମୂଲ୍ୟ:** ₹୩୪,୫୮,୧୩୩.୦୬ । **ଇଏମ୍‌ଡି:** ₹୬୯,୨୦୦/- । **ଟେଣ୍ଡର ଦସ୍ତାବିଜ ମୂଲ୍ୟ:** ଶୂନ୍ୟ । **ଖୋଲାଯିବା ତାରିଖ:** ୨୧।୧୧।୨୦୨୨ । **ସମାପ୍ତି ଅବଧି:** ୩୬୫ ଦିନ । **ଦାଖଲର ତାରିଖ:** ୨୧।୧୧।୨୦୨୨ରିଖ ୧୨.୦୦ ଘଟିକା ପର୍ଯ୍ୟନ୍ତ । ଟେଣ୍ଡରର ସମ୍ପୂର୍ଣ୍ଣ ବିବରଣୀ, ବର୍ଣ୍ଣନା, ବିନିର୍ଦ୍ଦିଷ୍ଟତା ତଥା ନିଜର ବିଡ୍ ଅନ୍‌ଲାଇନ୍‌ରେ ଦାଖଲ କରିବା ପାଇଁ ଆଗ୍ରହୀ ଟେଣ୍ଡରଦାତାମାନେ ୱେବ୍‌ସାଇଟ୍ **www.ireps.gov.in** ପରିଦର୍ଶନ କରିପାରନ୍ତି । ଏହି ସାମଗ୍ରୀ ପାଇଁ କୌଣସି କ୍ଷେତ୍ରରେ ମଧ୍ୟ ମାନୁଆଲ ଟେଣ୍ଡର ଗ୍ରହଣ କରାଯିବ ନାହିଁ । **ବି.ଦ୍ର.:** ଅନ୍ୟ ସମସ୍ତ ଟେଣ୍ଡରରେ ଅଂଶଗ୍ରହଣ କରିବା ଲାଗି ସମ୍ଭାବ୍ୟ ବିଡରମାନେ ନିୟମିତ ଭାବେ **www.ireps.gov.in** ପରିଦର୍ଶନ କରିପାରନ୍ତି । **(PR-730)**



**ODISHA HYDRO POWER CORPORATION LIMITED**
(A Government of Odisha Undertaking)
Regd. Office- Odisha State Police Housing & Welfare Corporation Building, Vanivihar Chowk, Janpath, Bhubaneswar-22,
Ph: 2542983,2542802,2545526,2542826, Fax: (0674) 2542102.Website: www.ohpcltd.com
CIN- U40101OR1995SGC003963
ISO 9001, 14001 & 45000

**ADVERTISEMENT NO.OHPC: HQ: HRD: RECTT: 04/2022 Dated: 27.10.2022**

**CAREER OPPORTUNITIES FOR YOUNG PROFESSIONALS**

**The Corporation intends to recruit young, bright and energetic Professionals as Administrative Non-Executive (ANE) Trainees i.e. Jr. Clerk Trainees/L D Assistant Trainee.**

Odisha Hydro Power Corporation Limited (OHPC) is an ISO 9001:2008 certified Gold rated State Public Sector Undertaking (with installed capacity of **2099.80** MW) having **6 (six)** projects within the state and one inter-State Project. OHPC is also promoting investment in renewable energy projects and various green energy sources through GEDCOL (a wholly owned subsidiary of OHPC).

OHPC intends to recruit bright, qualified and energetic professionals to be inducted as **Administrative Non-Executive (ANE) Trainees i.e. Jr. Clerk Trainees/L D Assistant Trainees** as per the following for their placement at various Units, Corporate Office and Project sites:

| Name of Post | ST | SC | SEBC | UR | TOTAL |
|---|---|---|---|---|---|
| Jr. Clerk Trainees / LD Assistant Trainees | 12 (W:4) | 07 (W:2) | 07 (W:2) | 24 (W:8) | 50 {PWD:2, Ex SM:1} |

**Important Dates:-**
The Commencement of Online registration & payment of application fee - 12.11.2022
Last date for payment of online application fee - 11.12.2022
The last date for submission of Online application in complete shape - 11.12.2022

**The detailed advertisement containing the category wise vacancy position, eligibility criteria, remuneration, procedure for online application and all other terms & conditions is available on the company's website - www.ohpcltd.com**

**Director (HR)**


## ମାଟି ବୋଝେଇ ଡମ୍ଫର ଜବତ

ଧର୍ମଶାଳା,୨୭।୧୦ (ଡି.ଏନ.ଏ.): ଧର୍ମଶାଳା ତହସିଲ ଅଧୀନ ଅଞ୍ଜିରା ପଞ୍ଚାୟତ ବାଘୁଆ ପାହାଡ଼ରୁ ବେଆଇନ ଭାବେ ମାଟି ପରିବହନ କରୁଥିବା ୨ଟି ଡମ୍ଫର ଗାଡ଼ିକୁ ଗୁରୁବାର ରାଜସ୍ୱ ନିରୀକ୍ଷକଙ୍କ ଦ୍ୱାରା ଜବତ କରାଯାଇଛି। ଡମ୍ଫର ନଂ.ଓଆର୍-୦୪ ଏଲ-୪୧୫୪ ଏବଂ ଓଆର-୦୯-ଏମ-୮୪୭୫କୁ ବଳରାମପୁର ରାଜସ୍ୱ ନିରୀକ୍ଷକ ଚନ୍ଦନ ସାହୁ ଅଟକାଇ କାଗଜପତ୍ର ଯାଞ୍ଚ କରିଥିଲେ। ମାତ୍ର ଡ୍ରାଇଭର କୌଣସି କାଗଜପତ୍ର ଦେଖାଇ ନ ପାରିବାରୁ ଉଭୟ ଡମ୍ଫରକୁ ଜବତ କରାଯାଇ ଚଢ଼େଇଧରା ଚେକ ପୋଷ୍ଟରେ ରଖାଯାଇଛି। ଗାଡି ଦୁଇଟିରୁ ଜରିମାନା ଆଦାୟ କରାଯାଇ ଛଡ଼ାଯିବ ବୋଲି ରାଜସ୍ୱ ନିରୀକ୍ଷକ ସାହୁ ସୂଚନା ଦେଇଛନ୍ତି।


SBC

**ସ୍ୱତନ୍ତ୍ର ହସ୍ତତନ୍ତ ଓ ହସ୍ତଶିଳ୍ପ ମେଳା - ୨୦୨୨**

ନୀଳାଚଳ ଅର୍ବାନ ହାଟ, ପୁରୀ
ତାରିଖ : ୩୧ ଅକ୍ଟୋବର ୨୦୨୨ ପର୍ଯ୍ୟନ୍ତ
ସମୟ : ସକାଳ ୧୧ ଠାରୁ ରାତ୍ର ୯ ପର୍ଯ୍ୟନ୍ତ

ଆକର୍ଷଣୀୟ ସରକାରୀ ରିହାତି ଉପଲବ୍ଧ

ଆୟୋଜକ :
ସମ୍ବଲପୁରୀ ବସ୍ତ୍ରାଳୟ
ତନ୍ତଶିଳ୍ପ ସସୀମ ସହଯୋଗ ସମିତି ଲି.

ପ୍ରାୟୋଜକ :
ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ବିଭାଗ, ଓଡ଼ିଶା ସରକାର ଏବଂ
ବୟନ ଶିଳ୍ପ ନିର୍ଦ୍ଦେଶାଳୟ, ଓଡ଼ିଶା ସରକାର
ଓ ହସ୍ତଶିଳ୍ପ ନିର୍ଦ୍ଦେଶାଳୟ, ଓଡ଼ିଶା ସରକାର



**IN THE DEBTS RECOVERY TRIBUNAL: CUTTACK**
**C-71, Sector-7, CDA, Cuttack-753014**
**O.A. No. 218/22**

**Utkal Grameen Bank** ...Applicant
Vs.
**Sri Ashok Kumar Agrawala & Ors.** ...Defendants

To,
2. **Sri Manoj Kumar Agrawala**, age not known but major, S/o- Narasingh Das Agrawala,
3. **Sri Pilu Agrawala**, age not known but major, S/o- Late Ratanlal Agrawala,
4. **Sri Siba Prasad Agrawala**, age not known but major, S/o- Late Ratanlal Agrawala,
5. **Sri Jayaram Behera**, age not known but major, S/o- Janma Behera, All of and PO: Chichinda, Via/PS: Bheden, Dist.: Bargarh-768104.
...*Defendants*

**SUMMONS BY PAPER PUBLICATION FOR SHOWING CAUSE AS TO WHY RELIEFS PRAYED FOR SHOULD NOT BE GRANTED**

Take notice that the applicant has instituted **OA No. 218/22** in the Debts Recovery Tribunal, Cuttack for recovery of **Rs.28,82,205.78** only pendentiliete and future interest thereon at the agreement rate till recover from the defendants with costs and for other reliefs. The above named defendants are hereby directed to appear before this Tribunal in person or through advocates or authorized agents and show cause on **28.11.2022 at 10.30 AM** positively as to why the reliefs prayed for should not be granted.

Take notice that in case of your default the original application shall be heard and disposed off exparte in your absence.

Given under hand and seal of this Tribunal on this **20th day of month October of 2022.**

**By orders of this Tribunal**
**Sd/- Registrar**
**Debts Recovery Tribunal**



**ଜିଲ୍ଲା ପରିଷଦ, ଜଗତ୍‌ସିଂହପୁର** Panchayati Raj

**OFFICE OF THE ZILLA PARISHAD, JAGATSINGHPUR**
**At/P.O.: Saanra, Via: Nalibar, Jagatsinghpur, PIN - 754104**
**Phone No.: 06724-231091, E-Mail: ori-djagatsinghpur@nic.in**
**No. 4387/ZP** **Dt.26.10.2022**

**NOTICE**

No. CAD-2289: It is hereby informed to all concerned that Provisional Merit List of Gram Rojgar Sevak (GRS) is hereby notified/published with reference to advertisement No. 1702, Dated: 18.05.2022 of Collector, Jagatsinghpur. The candidate who have applied as candidate for recruitment for the post of Gram Rozgar Sevak are hereby intimated to visit the Jagatsinghpur District website i.e. **www.jagatsinghpur.nic.in** & verify their names & other details in the provisional merit list & reject list of applications, published in the above website & file written objections if any personally by attending the office of the Zilla Parishad, Jagatsinghpur within 15 days of publication of this notice, with supporting documents.

**Sd./- Collector-cum-CEO**
**Zilla Parishad, Jagatsinghpur**
**OIPR-19249/11/0002/2223**



**भारत सरकार/Government of India**
**पर्यावरण, वन एवं जलवायु परिवर्तन मंत्रालय/Ministry of Environment, Forest and Climate Change**
**एकीकृत क्षेत्रीय कार्यालय/Integrated Regional Office**
**ए/3, चंद्रशेखरपुर/A/3, Chandrasekharpur**
**भुवनेश्वर - 751023, ओडिशा/Bhubaneswar-751023, Odisha**
सत्यमेव जयते
**Telephone: 0674-2301213, 2301248, 2302432, E-mail: roez.bsr-mef@nic.in**

**No. 5-ORC411/2020-BHU** **8th October, 2020**

To,
The Addl. Chief Secretary,
Forest & Environment Deptt.,
Govt. of Odisha,
Bhubaneswar.

Sub:- Diversion of 24.188 ha of forest land for construction of 3rd & 4th line between Budhapanka-Salegaon Railway Project (0.00 Km to 85.00 Km) under Dhenkanal/Athagarh Forest Division by East Coast Railway.

Madam,

I am to refer to State Govt. letter No. 10F(Cons)52/2020-5212/F&E dated 04.03.2020 and PCCF (Nodal), Odisha's letter No. 15872/9F (Rly)-386/2019 dated 10.09.2020 on the above mentioned subject seeking prior approval of the Ministry of Environment, Forest & Climate Change under section 2 of Forest (Conservation) Act, 1980.

2. After due consideration of the proposal of the State Government and on the basis of approval of Regional Empowered Committee meeting held on 29.09.2020, the Ministry of Environment, Forest & Climate Change hereby conveys ***'Stage-I/in-principle'*** approval for diversion of 24.188 ha of forest land for construction of 3rd & 4th line between Budhapanka-Salegaon Railway Project (0.00 Km to 85.00 Km) under Dhenkanal/Athagarh Forest Division by East Coast Railway, subject to the fulfillment of the following conditions.

i) Legal status of forest land shall remain unchanged.
ii) The user agency shall obtain NBWL clearance for a stretch of 203.65 meter passing through Kapilash Wildlife Sanctuary from competent authority. The State Govt. shall realize compensatory levies of the project after the user agency submits NBWL clearance obtained from competent authority.
iii) The user agency shall restrict the feeling of trees to minimum numbers in proposed forest land and the trees shall be felled under strict supervision of the State Forest Department.
iv) The site specific wildlife conservation plan shall be prepared and duly approved by CWLW, Odisha may be implemented at project cost.
v) As recommended by concerned DFOs, 12 nos. of underpasses at different vulnerable locations shall be constructed for safe movement of elephants. The vulnerable locations of 12 nos. of underpasses may be finally selected in consultation with three DFOs following a joint visit of user agency with the DFOs concerned and inform to the Regional Office along with GPS locations.
vi) Forest land will be handed over only after required non-forest land for the project is handed over to the user agency.
vii) Compensatory afforestation shall be taken up by the Forest Department over 48.50 ha degraded forest land identified in Baliposi RF of Sadangi Range of Dhenkanal Forest Division at the cost of the user agency. As far as possible, a mixture of local indigenous species shall be planted using multi species, multi canopy intensive planting technique and monoculture of any species shall be avoided. A revised C.A. Scheme consisting of indigenous species to result in a multi canopy forest may be submitted before Stage-II approval.
viii) The cost of compensatory afforestation at the prevailing wage rates as per compensatory afforestation scheme and at the cost of survey, demarcation and erection of permanent pillars if required on the CA land shall be deposited in advance with Forest Department by the project authority. The CA will be maintained for 10 years. The scheme may include appropriate provision for anticipated cost increase for works scheduled for subsequent years.
ix) The State Govt. shall charge the Net Present Value (NPV) for 24.088 ha forest area to be diverted under this proposal from the user agency as per the Orders of Hon'ble Supreme Court of India dated 30.10.2002, 01.08.2003, 28.03.2008, 24.04.2008 and 09.05.2008 in IA No. 566 in Writ Petition (Civil) No.202/1995 and as per the guidelines issued by Ministry vide letter No. 5-1/1998-FC (Pt.II) dated 18.09.2003, as well as letter No. 5-2/2006-FC dated 03.10.2006 and No. 5-3/2007-FC dated 05.02.2009 in this regard.
x) Additional amount of the NPV of the diverted forest land, if any, becoming due after finalization of the same by the Hon'ble Supreme Court of India on receipt of the report from the Expert Committee, shall be charged by the State Govt. from the user agency. The user agency shall furnish an undertaking to this effect.
xi) All the funds received from the user agency under the project shall be transferred/deposited to State CAMPA fund only through (**https://parivesh.nic.in/**).
xii) The complete compliance of the FRA, 2006 shall be ensured by way of prescribed certificate from the concerned District Collector. The use agency shall submit FRA certificate before issue of Stage-II approval.
xiii) Speed regulating signage will be erected along the railway line at regular intervals in the Protected Areas/Forest Areas.
xiv) The user agency shall provide suitable under/over passes in Protected Area/Forest Area as per recommendations of CWLW/NBWL.
xv) The user agency shall obtain Environmental Clearance as per the provisions of Environment (Protection) act, 1986, if applicable.
xvi) The layout plan of the proposed forest land shall not be changed without the prior approval of Central Government.
xvii) No labour camp shall be allowed in the forest area.
xviii) Sufficient firewood, preferably the alternate fuel, shall be provided by the user agency to the labourer after purchasing the same from the State Forest Department of Forest Development Corporation or any other legal source of alternate fuel.
xix) The user agency while executing works, shall not fell any tree or damage forest growth in the surrounding forest area in any manner.
xx) The boundary of the forest land to be diverted shall be suitably demarcated on ground at the project cost, as per the directions of the concerned Divisional Forest Officer.
xxi) No additional or new path will be constructed inside the forest area for any activity related to the project work.
xxii) The period of diversion under this approval shall be co-terminus with the period of lease granted in favour of user agency or the project life, whichever is less.
xxiii) The forest land shall not be used for any purpose other than that specified in the project proposal.
xxiv) The forest land proposed to be diverted shall under no circumstances be transferred to any other agencies, department or person without the prior approval of Government of India.
xxv) The State Govt. and user agency shall ensure compliance to provisions of the all Acts, Rules, Regulations, Guidelines, NGT Order (s) & Hon'ble Court Order (s) pertaining to this project, if any, for the time being in force, as applicable to the project.
xxvi) Any other conditions that the Ministry of Environment, Forests & Climate Change may impose from time to time in the interest of afforestation, conservation and management of flora and fauna in the area, shall be complied by the user agency.
xxvii) The compliance report of the Stage-I approval shall be uploaded on e-portal (**https://parivesh.nic.in**).

3. After receipt of the report on compliance to the conditions stipulated above, from the State Government of Odisha, final/Stage-II approval for diversion of the said forest land under Section 2 of Forest (Conservation) Act, 1980 will be issued by this Ministry. Transfer of forest land to user agency should not be effected by the State Government of Odisha till final/Stage-II approval for its diversion is issued by the Ministry of Environment, Forest & Climate Change.

4. However, to facilitate speedy execution of projects involving linear diversion, the in-principle approval may be deemed as the working permission for tree felling and commencement of work, if the required funds for CA, NPV and all other compensatory levies specified in the in-principle approval are realized from the user agency, the State Govt. may allow the commencement of work of the linear project in forest land for a period of one year as per Para 11.2 of Chapter-11 of Handbook of Guidelines issued under F.C. Act, 1980 vide Ministry's letter No. 5-2/2017-FC dated 28.03.2019. **No temporary working permission will be granted to the project for commencement of work on forest land till NBWL clearance is obtained from competent authority.**

**Yours faithfully,**
**(Padma Mahanti)**
**Dy. Inspector General of Forest (C)**

**PR-130/CF/22-23**

**EAST COAST RAILWAY**


# ଆରମ୍ଭ ହେଲା ଗିରିଗୋବର୍ଦ୍ଧନ ପୂଜା

## ବ୍ରାହ୍ମଣବାଡ଼ ଗ୍ରାମ ବିବାଦ ତୁଟିଲା

ରସୁଲପୁର,୨୭।୧୦(ଡି.ଏନ.ଏ.)

ରସୁଲପୁର ବ୍ଲକ ଅନ୍ତର୍ଗତ ସିଂହାପୁର ପଞ୍ଚାୟତ ବ୍ରାହ୍ମଣବାଡ଼ ଗ୍ରାମରେ ଗିରିଗୋବର୍ଦ୍ଧନ ପୂଜା ଯାକଜମକର ସହ ପାଳିତ ହେଉଛି। ଏହି ପୂଜାରେ ଉଭୟ ଗୋଷ୍ଠୀ ନିଜ ଭିତରେ ଲାଗି ରହିଥିବା ତିକ୍ତତାକୁ ଭୁଲି ଯାଇଛନ୍ତି। ସମସ୍ତେ ମିଳିମିଶି ଠାକୁର ପୂଜା କରିଛନ୍ତି। ଗାଁ ଦାଣ୍ଡରେ ମିଶି ପ୍ରସାଦ ସେବନ କରିଛନ୍ତି। ପୂଜାକୁ ନେଇ ଲାଗି ରହିଥିବା ତିକ୍ତତା ଦୂର ହୋଇଥିବାରୁ ଗୋପାଳ ସମ୍ପ୍ରଦାୟ ଲୋକଙ୍କ ମଧ୍ୟରେ ଭାଇଚାର ଭାବ ଜାଗ୍ରତ ହୋଇଛି। ଏହି ଘଟଣା ଅନ୍ୟ ସମ୍ପ୍ରଦାୟର ଲୋକଙ୍କ ପାଇଁ ଉଦାହରଣ ପାଲଟିଛି। ବ୍ରାହ୍ମଣବାଡ଼ ଗାଁର ସ୍ଥିତିରେ ପରିବର୍ତ୍ତନ ଘଟଣା ଏବେ ଚର୍ଚ୍ଚାର ବିଷୟ ପାଲଟିଛି।

ଗାଁରେ ଦୁଇ ଗୋଷ୍ଠୀ ମଧ୍ୟରେ ଲାଗି ରହିଥିବା ବିବାଦ ଯୋଗୁଁ ପୂଜାକୁ ନେଇ ଅନିଶ୍ଚିତତା ଲାଗି ରହିଥିଲା। ମାତ୍ର ଉଚ୍ଚ ନ୍ୟାୟାଳୟଙ୍କ ନିର୍ଦ୍ଦେଶକ୍ରମେ ପୂଜା ମଣ୍ଡପରେ ପୋଲିସ ପ୍ରଶାସନ ପକ୍ଷରୁ ଲାଗାଯାଇଥିବା ୧୪୪ଧାରା ଉଠାଇ ଦିଆଯାଇଥିଲା। କୁଆଖିଆ ପୋଲିସର ଉଦ୍ୟମରେ ଉଭୟ ଗୋଷ୍ଠୀକୁ ନେଇ ଶାନ୍ତି କମିଟି ଗଠନ କରାଯାଇଥିଲା। ପୂଜାକୁ ଶାନ୍ତିଶୃଙ୍ଖଳାର ସହ ପାଳନ କରିବାକୁ ଉଭୟ ପକ୍ଷର ସହମତି ମିଳିବା ପରେ ମୂର୍ତ୍ତି ପୂଜାକାର୍ଯ୍ୟକୁ ଧୁମ୍‌ଧାମର ସହ ପାଳନ କରାଯାଉଛି। ୫୦ରୁ ଊର୍ଦ୍ଧ୍ୱ ପରିବାର ଏହି ପୂଜାରେ ସାମିଲ ହୋଇଛନ୍ତି। ଗାଁର ଲୋକେ ଏକାଠି ହୋଇଯିବା ପରେ ପଂଚାୟତ ନିର୍ବାଚନ ସମୟରୁ ଲାଗି ରହିଥିବା ବିବାଦର ଅବସାନ ଘଟିଛି।



## ସଂକ୍ଷେପରେ

### ୨ ସାଇକେଲ ସହ ୪ ସିଲପଟ କାଠ ଜବତ

**କାଳିଆପାଣି,୨୭।୧୦(ଡି.ଏନ.ଏ.):** ଦୈତାରୀ ସଂରକ୍ଷିତ ଜଙ୍ଗଲର ରାଁସୋଳ ଫରେଷ୍ଟ ସେକ୍ସନ ଅଧୀନ ବାଘୁଆସାହି ଜଙ୍ଗଲରୁ କାଠ ଚୋରାଚାଲାଣ ସମୟରେ ରାଁସୋଳ ଫରେଷ୍ଟର ଚଢ଼ାଉ କରି ୨ ସାଇକେଲ ସହ ୪ ଶାଳ ସିଲପଟ କାଠ ଜବତ କରିଛନ୍ତି। ଉକ୍ତ ଜଙ୍ଗଲରୁ ପ୍ରତିଦିନ କାଠ ଚୋରାରେ ଚାଲାଣ ହେଉଥିଲା। ହେଲେ ବନ ବିଭାଗ କର୍ମଚାରୀ ଏହାର ଟେର୍ ପାଉ ନ ଥିଲେ। ତେବେ ବୁଧବାର ରାତିରେ ଫରେଷ୍ଟର ନରେଶ କୁମାର ଟୁଡୁ ଚିଙ୍ଗୁଡ଼ିପାଳ ପଞ୍ଚାୟତର ବାଘୁଆସାହି ଗାଁ ନିକଟରେ ଦେଇ କାଠ ଚୋରା ଚାଲାଣ ହେଉଥିବା ଖବର ପାଇ ଏକ ଟିମ ସହ ଚଢ଼ାଉ କରିଥିଲେ। ଖବର ପାଇ କାଠ ମାଫିଆ ଦୌଡ଼ି ପଳାଇଥିଲେ। ଫଳରେ ବନ ବିଭାଗ ଟିମ୍ ସେଠାରୁ ୨ଟି ସାଇକଲ ସହ ୪ଟି ସିଲପଟ କାଠ ଜବତ କରିଥିବା ଫରେଷ୍ଟର ଟୁଡୁ ପ୍ରକାଶ କରିଛନ୍ତି। ଚଢ଼ାଉରେ ଫରେଷ୍ଟରଙ୍କ ସହ ଗାର୍ଡ ଇପସିକାର ନାୟକ, ଗୌରାଙ୍ଗ ଜାରିକା, ବିଶ୍ୱନାଥ ଦେହୁରି ଓ ଗୌରାଙ୍ଗ ଦେହୁରି ପ୍ରମୁଖ ସାମିଲ ହୋଇଥିଲେ।

### ଗାଡ଼ି ଚାଳକଙ୍କଠାରୁ ଲୁଟ୍ ଅଭିଯୋଗରେ ଜଣେ ଗିରଫ

ଟଙ୍କା, ମୋବାଇଲ ଫୋନ୍ ଓ ଗାଡ଼ି ଜବତ

**ଚଣ୍ଡିଖୋଲ,୨୭।୧୦(ଡି.ଏନ.ଏ.):** ବଡ଼ଚଣା ଥାନା ଅନ୍ତର୍ଗତ ବଡ଼ଚଣା-ବାଲିଚନ୍ଦ୍ରପୁର ପୂର୍ତ୍ତ ବିଭାଗ ରାସ୍ତାର ରାଧାଦେଇପୁର ଗ୍ରାମ ନିକଟରେ ବୁଧବାର ରାତିରେ ଜଣେ ପିକ୍‌ଅପ୍ ଭ୍ୟାନ ଚାଳକଙ୍କୁ ମାଡ଼ ମାରି ଟଙ୍କା ଲୁଟ୍ କରିବା ଅଭିଯୋଗରେ ପୋଲିସ ଜଣେ ଯୁବକଙ୍କୁ ଗିରଫ କରି ଗୁରୁବାର କୋର୍ଟଚାଲାଣ କରିଛି। ଏଥିସହିତ ତାଙ୍କ ନିକଟରୁ ୩ ହଜାର ଟଙ୍କା, ମୋବାଇଲ୍ ଫୋନ୍ ଓ ଏକ ବାଇକ୍ ଜବତ କରାଯାଇଛି। ଗିରଫ ଅଭିଯୁକ୍ତ ହେଲେ ଏହି ଥାନା ଅନ୍ତର୍ଗତ ରଧାଦେଇପୁର ପଞ୍ଚାୟତ କୁଅଁରପୁର ଗ୍ରାମର ରାଜେଶ ନାୟକ(୨୪)। ସୂଚନା ଅନୁଯାୟୀ, ବୁଧବାର ରାତିରେ ଏକ ପିକ୍‌ଅପ୍ ଭ୍ୟାନ କଟକ ଜିଲା ଗୋବିନ୍ଦପୁର ଅଞ୍ଚଳରୁ ମାଲ ଭର୍ତ୍ତି କରି କେନ୍ଦ୍ରାପଡ଼ା ଅଞ୍ଚଳକୁ ଯାଉଥିଲା। ଭ୍ୟାନ୍‌ଟି ବଡ଼ଚଣା-ବାଲିଚନ୍ଦ୍ରପୁର ରାସ୍ତାରେ ଯାଉଥିଲା ବେଳେ ରାଜେଶ ଗାଡ଼ିକୁ ରାଧଦେଇପୁରଠାରେ ଅଟକାଇଥିଲେ। ଗାଡ଼ି ଅଟକିବା ପରେ ରାଜେଶ ଚାଳକଙ୍କୁ ମାଡ଼ ମାରି ତାଙ୍କ ନିକଟରୁ ୩ ହଜାର ଟଙ୍କା ଛଡାଇ ନେଇଥିଲେ। ଏ ସମ୍ପର୍କରେ ଚାଳକ ଥାନାରେ ଅଭିଯୋଗ କରିବା ପରେ ପୋଲିସ ରାଜେଶଙ୍କୁ ଏକ ବିଲ ମଝିରୁ ଗିରଫ କରିଥିଲା। ରାଜେଶ ନାମରେ ପୂର୍ବରୁ ୨ଟି ଚୋରି ମାମଲା ରହିଥିବାବେଳେ ତାଙ୍କ ବାପା ଜଣେ ଶିକ୍ଷକ ବୋଲି ଥାନା ଅଧିକାରୀ ସୁଶୀଲ ନାୟକ ପ୍ରକାଶ କରିଛନ୍ତି। ଏନେଇ ଥାନାରେ ନଂ.୩୧୧/୨୨ରେ ଏକ ମାମଲା ରୁଜୁ ହୋଇଛି।

### ଟାଙ୍କିରେ ପଡ଼ି ବୃଦ୍ଧାଙ୍କ ମୃତ୍ୟୁ

**ଯାଁଳା,୨୭।୧୦(ଡି.ଏନ୍.ଏ.):** ପାଣି ଟାଙ୍କିରେ ପଡ଼ିଯିବାରୁ ଗୁରୁବାର ଜଣେ ବୃଦ୍ଧାଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଇନ୍‌ଫୋଭ୍ୟାଲି ଥାନା ଅଧୀନ ଯାଁଳା ପଞ୍ଚାୟତ ଉତ୍ତର ମୁଣ୍ଡମୁହାଣ ଗ୍ରାମର ପାର୍ବତୀ ସ୍ୱାଇଁ(୯୭)। ସୂଚନା ମୁତାବକ, ଭୋର ୪ଟାରେ ପାର୍ବତୀ ଶୌଚ କରିବାକୁ ବାହାରକୁ ଯାଇଥିବା ବେଳେ ଘର ନିକଟରେ ଥିବା ଏକ ଟାଙ୍କିରେ ପଡି ଯାଇଥିଲେ। ୫ଟାରେ ପାର୍ବତୀ ତାଙ୍କ ରୁମରେ ନ ଥିବା ପରିବାରଲୋକେ ଦେଖିବାକୁ ପାଇଥିଲେ। ଖୋଜାଖୋଜି କରିବା ପରେ ପାର୍ବତୀ ଟାଙ୍କିରେ ଭାସୁଥିବା ଦେଖିଥିଲେ। ଏହା ପରେ ଟାଙ୍କିରୁ ତାଙ୍କୁ ଉଦ୍ଧାର କରାଯାଇଥିଲା।

# ସମନ୍ୱିତ ଶିଶୁ ବିକାଶ ଯୋଜନା ଦିଗହରା

**ଚଣ୍ଡିଖୋଲ,୨୭।୧୦ (ଡି.ଏନ୍.ଏ.)**

## ବଡ଼ଚଣା ବ୍ଲକ

ସରକାରଙ୍କ ତରଫରୁ ଶିଶୁ ଓ ମହିଳାଙ୍କ ପୁଷ୍ଟି ସାଧନ ଏବଂ ବିକାଶ କ୍ଷେତ୍ରରେ ସମନ୍ୱିତ ଶିଶୁ ବିକାଶ କାର୍ଯ୍ୟାଳୟ ପ୍ରତ୍ୟେକ ବ୍ଲକରେ କାର୍ଯ୍ୟ କରୁଛି। ତେବେ ଯାଜପୁର ଜିଲା ବଡ଼ଚଣା ବ୍ଲକଟି ଏକ ବୃହତ ବ୍ଲକ ହୋଇଥିବାରୁ ଏଠାରେ ଦୁଇଟି ସମନ୍ୱିତ ଶିଶୁ ବିକାଶ କାର୍ଯ୍ୟାଳୟ ରହିଛି। ଗୋଟିଏ ବଡ଼ଚଣା-୧ ହୋଇଥିବା ବେଳେ ଅନ୍ୟଟି ବଡ଼ଚଣା-୨(ଗ୍ରାମୀଣ)ଭାବେ କାର୍ଯ୍ୟ କରୁଛି। ବଡ଼ଚଣା-୧ର କାର୍ଯ୍ୟାଳୟ ବଡ଼ଚଣା ପଞ୍ଚାୟତ ସମିତି କାର୍ଯ୍ୟାଳୟ ନିକଟରେ ରହିଛି। ଏହା ଅଧୀନରେ ୨୩ଟି ପଞ୍ଚାୟତ ଥିବା ବେଳେ ଏହାକୁ ୬ଟି ସେକ୍ଟରରେ ବିଭକ୍ତ କରାଯାଇଛି। ତେବେ ବଡ଼ଚଣା-୧ ଅଧୀନରେ ସମନ୍ୱିତ ଶିଶୁ ବିକାଶ ଯୋଜନା ଦିଗହରା ହୋଇଥିବା ଅଭିଯୋଗ ହୋଇଛି। କାରଣ ଏହା ଅଧୀନରେ ଥିବା ଅଙ୍ଗନୱାଡି କେନ୍ଦ୍ରଗୁଡ଼ିକ ପରିଚାଳନାରେ ବ୍ୟାପକ ତ୍ରୁଟି ଦେଖାଦେଇଛି, ଯାହାକୁ ନେଇ ଗତ ୧୮ତାରିଖରେ ଅଙ୍ଗନୱାଡି କର୍ମୀମାନେ ସମନ୍ୱିତ ଶିଶୁ ବିକାଶ ଅଧିକାରୀ(ସିଡିପିଓ)ଙ୍କ କାର୍ଯ୍ୟାଳୟ ଘେରାଉ କରିଥିଲେ। ଏଠାରେ ଗ୍ୟାସ କିଣା, ଶିଶୁଙ୍କ ପୋଷାକ କିଣା ଓ ଖେଳନା କ୍ରୟରେ ଦୁର୍ନୀତି ହୋଇଥିବା ଅଭିଯୋଗ ହୋଇଥିଲା। ଯେଉଁଥି ପାଇଁ ଏହି ସିଡିପିଓ କାର୍ଯ୍ୟାଳୟ ଅଧୀନରେ ଥିବା ୧୭୭ଟି କେନ୍ଦ୍ରରେ ଅବ୍ୟବସ୍ଥା ଲାଗିରହିଥିବା ଜଣାପଡ଼ିଥିଲା।

ସୂଚନା ଥାଉକି, ୨୦୨୧ ଓ ୨୦୨୨ରେ ପ୍ରତ୍ୟେକ ଅଙ୍ଗନୱାଡ଼ି କେନ୍ଦ୍ରକୁ ଖେଳନା ପାଇଁ ୨,୫୦୦ ଟଙ୍କା ଓ ମେଡିସିନ୍ କିଟ୍ କିଣା ପାଇଁ ୧୫୦୦ ଟଙ୍କା ଆସିଥିଲା ବେଳେ ଏହା ମଧ୍ୟରେ ଏକ ବର୍ଷ ବିତିଯାଇଥିଲେ ବି ତାହା କିଣାଯାଇ ପାରିନାହିଁ। ଏପରିକି ଯେଉଁ ଅଙ୍ଗନୱାଡି କେନ୍ଦ୍ର ବିଦ୍ୟାଳୟ ପରିସରରେ ଚାଲୁଛି ସେଠାକୁ ପିଲାଙ୍କ ଖେଳ ଓ ଭିତ୍ତିଭୂମି ପାଇଁ ୮,୫୦୦ ଟଙ୍କା ଗତ ବର୍ଷ ଡିସେମ୍ବରରୁ ଆସିଥିଲେ ମଧ୍ୟ ତାହା କାର୍ଯ୍ୟକାରୀ ହୋଇପାରିନାହିଁ। ଏହି କାର୍ଯ୍ୟାଳୟରେ ୫ ସୁପରଭାଇଜର ଥିବାବେଳେ ଜଣେ ଜଣେ ସୁପରଭାଇଜର ଦୁଇ ଦୁଇଟି ସେକ୍ଟରର ଦାୟିତ୍ୱରେ ରହିଛନ୍ତି। ଏପରିକି ଜଣେ ସୁପର ଭାଇଜର ଦୀର୍ଘ ୧୪ବର୍ଷ ହେଲା ଏଠାରେ ରହିଥିଲା ବେଳେ କୌଣସି କେନ୍ଦ୍ରକୁ ଦିନେବି ପରିଦର୍ଶନ କରିବାକୁ ଯାଇନାହାନ୍ତି। ଅଙ୍ଗନୱାଡ଼ି କର୍ମୀଙ୍କୁ ସେମାନଙ୍କ ଖାତାପତ୍ର ଧରି ସିଡିପିଓଙ୍କ କାର୍ଯ୍ୟାଳୟକୁ ଆସିବାକୁ ନିର୍ଦ୍ଦେଶ ଦେଉଛନ୍ତି। ପ୍ରତ୍ୟେକ କେନ୍ଦ୍ରକୁ ରୋଷେଇ ପାଇଁ ଗ୍ୟାସ ଓ ଚୁଲା କିଣା ବାବଦକୁ ୭୫୦୦ ଟଙ୍କା ଆସିଥିଲା ବେଳେ ଏହାକୁ ଅଙ୍ଗନୱାଡ଼ି କେନ୍ଦ୍ରର କର୍ମୀମାନେ କିଣିବାକୁ ନିୟମ ଥିଲାବେଳେ କୁନ୍ଦଳ ଓ ପାରିଆ ସେକ୍ଟରର ଦାୟିତ୍ୱରେ ଥିବା ସୁପରଭାଇଜର ସେମାନଙ୍କୁ ନିର୍ଦ୍ଦିଷ୍ଟ ଏକ ଏଜନ୍ସି ନିକଟରୁ କିଣିବା ପାଇଁ ବାଧ କରିଥିଲେ। ଏପରି କି ସେମାନଙ୍କ ନିକଟରୁ ପଇସା ଆଣି ନିଜେ ଗ୍ୟାସ ଓ ଚୁଲା କ୍ରୟ କରିଥିଲେ, ଯାହାକୁ ନେଇ ବିବାଦ ସୃଷ୍ଟି ହୋଇଥିଲା।

ସରକାରଙ୍କ ନିର୍ଦ୍ଦେଶନାମା ଅନୁଯାୟୀ ପ୍ରତ୍ୟେକ ୬ମାସରୁ ୩ବର୍ଷର ଶିଶୁକୁ ଗୋଟିଏ ଛତୁଆ ପ୍ୟାକେଟ୍ ଓ ହାଲୁଆ ପ୍ୟାକେଟ୍ ଦିଆଯିବା ନିୟମ ରହିଛି। ଗର୍ଭବତୀ ଓ ପ୍ରସୂତିଙ୍କ ପାଇଁ ମାସକୁ ୪କେଜି ୫୦୦ ଗ୍ରାମର ଛତୁଆ ଓ ବାଦାମ ଲଡୁ ଦିଆଯିବା କଥା। ଅଙ୍ଗନୱାଡ଼ି କେନ୍ଦ୍ରକୁ ଆସୁଥିବା ଶିଶୁମାନଙ୍କୁ ସକାଳ ଜଳଖିଆ ସହିତ ସପ୍ତାହରେ ୫ଦିନ ଭାତ ଓ ଅଣ୍ଡା ତରକାରି ଦିଆଯିବା ନିୟମ ରହିଛି। ମାତ୍ର ଏହି ସିଡିପିଓ କାର୍ଯ୍ୟାଳୟ ଅଧୀନରେ ରହିଥିବା ଅଙ୍ଗନୱାଡ଼ି କେନ୍ଦ୍ରଗୁଡ଼ିକରେ ଏହାର ବ୍ୟତିକ୍ରମ ଦେଖିବାକୁ ମିଳିଛି। କେବଳ ସୋମବାର ଅଙ୍ଗନୱାଡ଼ି କେନ୍ଦ୍ରକୁ ଆସୁଥିବା ଶିଶୁଙ୍କୁ ଭାତ ଡାଲମା ଦିଆଯିବାର ବ୍ୟବସ୍ଥା ଥିବା ବେଳେ ଅନ୍ୟ ୫ଦିନ ଅଣ୍ଡାତରକାରି ଓ ଭାତ ଦିଆଯିବ ବୋଲି ତତ୍କାଳୀନ ଯାଜପୁର ଜିଲାପାଳ ସମସ୍ତ ସିଡିପିଓ କାର୍ଯ୍ୟାଳୟକୁ ନିର୍ଦ୍ଦେଶ ଦେଇଥିଲେ। ତେବେ ଏହାକୁ ବଡ଼ଚଣା-୧କାର୍ଯ୍ୟାଳୟ ଉଲଂଘନ କରୁଥିବା ଅଭିଯୋଗ ହୋଇଛି। ତେଣୁ ଏ ସମ୍ପର୍କରେ ଉଚ୍ଚସ୍ତରୀୟ ତଦନ୍ତ ପାଇଁ ଦାବି ହୋଇଛି। ଏନେଇ ବଡ଼ଚଣା-୧ର ସିଡିପିଓ ଭଗବତୀ ଗୁରୁଙ୍କୁ ପଚାରିବାରେ ସେ କୁହନ୍ତି, ଏ ପର୍ଯ୍ୟନ୍ତ ଖେଳନା ଓ ମେଡିସିନ୍ କିଟ୍ ବହୁତ କେନ୍ଦ୍ର କିଣି ନାହାନ୍ତି। ସେମାନଙ୍କୁ କୈଫିୟତ ମଗାଯାଇଛି। କିନ୍ତୁ ପୋଷାକ ସମସ୍ତ କେନ୍ଦ୍ରରେ ପହଞ୍ଚି ସାରିଛି। ଯଦି କେଉଁଠି ଅବ୍ୟବସ୍ଥା ହୋଇଥାଏ ତା'ର ତଦନ୍ତ କରାଯିବ।

# ରାଇଛନ୍ଦା ବାଲିଘାଟରେ ଲୋକାୟୁକ୍ତ ଟିମ୍‌ର ତଦନ୍ତ



ବାଲିଘାଟ ମାପଚୁପ କରିବାକୁ ଆସିଥିବା ଲୋକାୟୁକ୍ତ ଟିମ୍।

**ଧର୍ମଶାଳା/ଜେନାପୁର,୨୭।୧୦(ଡି.ଏନ.ଏ.)**

ଧର୍ମଶାଳା ତହସିଲ ଅଧୀନ ବ୍ରାହ୍ମଣୀ ନଦୀର ରାଇଛନ୍ଦା ବାଲିଘାଟରେ ଗୁରୁବାର ଲୋକାୟୁକ୍ତ ଟିମ୍ ଦ୍ୱାରା ତଦନ୍ତ କରାଯାଇଛି। ରାଇଛନ୍ଦା ବାଲିଘାଟରେ ନିଲାମଧାରୀ ଆବଶ୍ୟକତାଠାରୁ ୫ ଗୁଣା ଅଧିକ ବାଲି ଉତ୍ତୋଳନ କରିଥିବା ନେଇ ସୂଚନା ଅଧିକାର କର୍ମୀ ସର୍ବେଶ୍ୱର ବେହୁରା ସ୍ଥାନୀୟ ତହସିଲଦାର ଓ ଜିଲାପାଳଙ୍କ ନିକଟରେ ଅଭିଯୋଗ କରିଥିଲେ। ହେଲେ ଏହାର କିଛି ସୁଫଳ ନ ମିଳିବାରୁ ବେହୁରା ଲୋକାୟୁକ୍ତଙ୍କ ଦ୍ୱାରସ୍ଥ ହୋଇଥିଲେ। ଏନେଇ ଲୋକାୟୁକ୍ତ ୧୮୬/୨୨ରେ ଏକ ମାମଲା ରୁଜୁ କରିଥିଲେ। ଲୋକାୟୁକ୍ତଙ୍କ ନିର୍ଦ୍ଦେଶକ୍ରମେ ଏହାର ତଦନ୍ତ ପାଇଁ ଲୋକାୟୁକ୍ତଙ୍କ ପକ୍ଷରୁ ଡେପୁଟି ଡାଇରେକ୍ଟର ସର୍ବେଶ୍ୱର ସିଂଙ୍କ ନେତୃତ୍ୱରେ ଏକ ଚାରି ଜଣିଆ ଟିମ ଉକ୍ତ ବାଲିଘାଟରେ ପହଞ୍ଚି ତଦନ୍ତ କରିଛନ୍ତି। ତଦନ୍ତରେ ଧର୍ମଶାଳା ତହସିଲଦାର ଓ ସ୍ଥାନୀୟ ରାଜସ୍ୱ ନିରୀକ୍ଷକ ସହାୟତା କରିଥିଲେ। ରାଇଛନ୍ଦା ବାଲି ଘାଟରେ ୨୦ ଏକର ଅଞ୍ଚଳରୁ ୧୪,୩୭୦ ଘନଫୁଟ ବାଲି ଉତ୍ତୋଳନ ପାଇଁ ଚୁକ୍ତି ହୋଇଥିଲା। ମାତ୍ର ନିଲାମଧାରୀ ଏହାକୁ ନ ମାନି ଶହେ ଏକରରୁ ଊର୍ଦ୍ଧ୍ୱ ଅଞ୍ଚଳରୁ ବାଲି ଉତ୍ତୋଳନ କରିଥିଲେ। ଫଳରେ ସରକାର କୋଟିଏରୁ ଊର୍ଦ୍ଧ୍ୱ ଟଙ୍କାର ରାଜସ୍ୱ ହରାଇଥିବା ନେଇ ସୂଚନା ଅଧିକାର କର୍ମୀ ବେହୁରା ଅଭିଯୋଗ କରିଥିଲେ।

# କାଳୀପୂଜାରେ ଟ୍ରାଫିକ୍ ସମସ୍ୟା ଉତ୍କଟ



କାଳୀପୂଜା ବେଳେ ସହର ଭିତରେ ଟ୍ରକ୍ ଚଳାଚଳ କରୁଛି।

**ଯାଜପୁର ରୋଡ,୨୭।୧୦(ଡି.ଏନ.ଏ.)**

## ବୁଧବାର ସନ୍ଧ୍ୟାରେ ଦେଢ଼ଘଣ୍ଟା ବିଦ୍ୟୁତ୍ କାଟ୍

ଯାଜପୁର ରୋଡର ଗଣପର୍ବ କାଳୀପୂଜାରେ ଲୋକଙ୍କ ସମାଗମ ବଢିବାରେ ଲାଗିଛି। ଧାମନଗର ଉପନିର୍ବାଚନକୁ ଆଖି ଆଗରେ ରଖି ଏଥର ୧୪ଦିନ ପୂଜା ଉତ୍ସବ ପାଳନ କରିବାକୁ ପ୍ରଶାସନ ପକ୍ଷରୁ ନିଷ୍ପତ୍ତି ହୋଇଛି। ଏହି ଅବସରରେ ବିଶେଷକରି ସହରର ଟ୍ରାଫିକ୍, ରାସ୍ତା, ବିଦ୍ୟୁତ୍ ଏବଂ ପାନୀୟ ଜଳ ଯୋଗାଣକୁ ନେଇ ସର୍ବାଧିକ ଗୁରୁତ୍ୱାରୋପ କରାଯିବା ସହିତ ଏଥିରେ କୌଣସି ବ୍ୟାଘାତ ଯେପରି ନ ହେବ ସେଥିପ୍ରତି ଗୁରୁତ୍ୱ ଦେବାକୁ ପ୍ରଶାସନ ପକ୍ଷରୁ ପ୍ରତିଶ୍ରୁତି ଦିଆଯାଇଛି। ହେଲେ ବିଦ୍ୟୁତ୍ ଏବଂ ଟ୍ରାଫିକ୍ ସମସ୍ୟା ଏବେ ବି ବଳବତ୍ତର ରହିଛି। ବୁଧବାର ରାତି ସମୟରେ ବିଭିନ୍ନ ପୂଜା ମଣ୍ଡପରେ ଲୋକଙ୍କ ବିପୁଳ ସମାଗମ ହୋଇଥିଲା। ହେଲେ ସନ୍ଧ୍ୟାରେ ପ୍ରାୟ ଦେଢ ଘଣ୍ଟା ବିଦ୍ୟୁତ୍ କାଟ ସହରବାସୀଙ୍କୁ ନୟାନ୍ତ କରିଥିଲା। ଗତ ପ୍ରସ୍ତୁତି ବୈଠକରେ ପୂଜା ନିମନ୍ତେ ବିଦ୍ୟୁତ୍ ବିଭାଗ ସମ୍ପୂର୍ଣ୍ଣ ପ୍ରସ୍ତୁତ ରହିଥିବା ଦୃଢୋକ୍ତି ପ୍ରକାଶ କରିଥିବାବେଳେ ତାହା ଫସର ଫାଟିଛି। ଯାଜପୁର ରୋଡ ଥାନାଧିକାରୀ ପୂଜା ସମୟରେ ଟ୍ରାଫିକ ନିୟନ୍ତ୍ରଣ ଉପରେ ଗୁରୁତ୍ୱାରୋପ କରିଥିଲେ। କିନ୍ତୁ ଗୁରୁବାର ପୂର୍ବାହ୍ନରେ ଗ୍ରୀନ୍ ମାର୍କେଟ ନିକଟରେ ଟ୍ରକ ଚଳାଚଳ କରିବାରୁ ଟ୍ରାଫିକ୍ ସମସ୍ୟା ଗୁରୁତର ହୋଇଥିଲା। ଏପରିକି କିଛି ସମୟ ପର୍ଯ୍ୟନ୍ତ ଭିଡ଼ ଭିତରେ ଏକ ଆମ୍ବୁଲାନ୍ସ ଅଟକି ରହିଥିଲା। କଳକାରଖାନା ବସ୍‌ଗୁଡିକ ପୂର୍ବାହ୍ନ ୨ଟାରୁ ରାତି ୧୦ ମଧ୍ୟରେ ସହର ମଧ୍ୟକୁ ପ୍ରବେଶ ବାରଣ କରାଯାଇଛି। କିନ୍ତୁ ଏହି ନିଷ୍ପତ୍ତି ମଧ ପାଣିର ଗାର ହୋଇଛି ବୋଲି ମତପ୍ରକାଶ ପାଇଛି।

# ଜଙ୍ଗଲ ଜମିରେ ନିର୍ମିତ ଗୃହ ଭାଙ୍ଗିବ ତହସିଲ ପ୍ରଶାସନ

**କଳିଙ୍ଗନଗର,୨୭।୧୦(ଡି.ଏନ.ଏ.)**

ଦାନଗଦି ତହସିଲ ଅନ୍ତର୍ଗତ ସିଙ୍ଗାଡ଼ିଆ ବଜାର ନିକଟରେ ୧୨ଗୁଣ୍ଠରୁ ଅଧିକ ଜମିରେ ନିର୍ମାଣାଧୀନ ଥିବା ପାଖାପାଖି ୫ ହଜାର ବର୍ଗ ଫୁଟର ଏକ ଘରକୁ ତହସିଲ ପକ୍ଷରୁ ଅବୈଧ ଘୋଷଣା କରାଯାଇ ନୋଟିସ କରାଯାଇଛି। ତେଣୁ ଖୁବ୍‌ଶୀଘ୍ର ଏହି ଦିତଳ ମାର୍କେଟ କମ୍ପ୍ଲେକ୍ସ ଓ ସଂଲଗ୍ନ ବାସଗୃହ ଭଙ୍ଗାଯିବ ବୋଲି ତହସିଲଦାର ନମ୍ରତା ମୋଦି ସୂଚନା ଦେଇଛନ୍ତି।

ସୂଚନା ମୁତାବକ, ଦାନଗଦି ତହସିଲ ଦାନଗଦି ଆର୍‌ଆଇ ସର୍କଲ ଅନ୍ତର୍ଗତ ତ୍ରିଜଙ୍ଗା ମୌଜା ଖାତା ନମ୍ବର ୪୯୯, ପ୍ଲଟ ନମ୍ବର୍ ୩୨୮ରେ ୫୦ ଡେସିମିଲ ଜମିରେ ବେଆଇନ ଭାବେ ନିର୍ମାଣ ଜାରି ରହିଛି। ସିଙ୍ଗାଡ଼ିଆ ବଜାର ନିକଟରେ ନିର୍ମାଣ ସରିଥିବାବେଳେ ଏହାକୁ ଲଗାଇ ପଛ ପାଖରେ ୨ ହଜାର ବର୍ଗ ଫୁଟର ବାସ ଗୃହ ନିର୍ମାଣ ସରିଛି। ଉକ୍ତ ଘର ଛାତ ଉପରେ ସମାନ ଆୟତନର ବାସଗୃହ ମଧ ନିର୍ମାଣ ହେଉଥିବା ଦେଖିବାକୁ ମିଳିଛି। ବିଞ୍ଝାରପୁର ଅଞ୍ଚଳର ଏସ.କେ. ଫରିଦ୍‌ଙ୍କ ପୁଅ ଏସ୍.କେ. ସଲିଉଦ୍ଦିନ ଏହି ଘର ବ୍ୟବସାୟ ଉଦ୍ଦେଶ୍ୟରେ ନିର୍ମାଣ କରୁଥିବା ଜଣାପଡ଼ିଛି। ଏପରିକି ଯୁଦ୍ଧକାଳୀନ ଭିତ୍ତିରେ ୫ଟି ଦୋକାନ ଗୃହ ନିର୍ମାଣ ସାରି ବ୍ୟବସାୟୀଙ୍କୁ ସଦ୍ୟ ଭଡ଼ାରେ ଦିଆଯାଇଛି। ସମ୍ପୂର୍ଣ୍ଣ ବେଆଇନ ଏହି ନିର୍ମାଣକୁ କାହିଁକି ଭଙ୍ଗା ନ ଯିବ ସେ ନେଇ ଜବରଦଖଲ କରିଥିବା ବ୍ୟକ୍ତିଙ୍କୁ ନୋଟିସ ଦିଆଯାଇଥିବା ବେଳେ ସେ କୌଣସି କାଗଜ ଦେଖାଇ ପରି ନ ଥିଲେ। ଜମି ଜଙ୍ଗଲ କିସମର ହୋଇଥିବାରୁ ତୁରନ୍ତ ଘର ଭଙ୍ଗାଯାଇ ଜବରଦଖଲ ହଟାଇବା ପାଇଁ ତହସିଲ ପ୍ରଶାସନ ପ୍ରସ୍ତୁତ ହେଉଥିବା ସୂଚନା ମିଳିଛି। ଏନେଇ ଏସ.କେ. ସଲିଉଦ୍ଦିନଙ୍କ ପ୍ରତିକ୍ରିୟା ମିଳି ପାରିନାହିଁ।



ଜଙ୍ଗଲ ଜମିରେ ନିର୍ମାଣାଧୀନ ଗୃହ।

# ଆକ୍ରମଣ ଘଟଣାକୁ ନେଇ ଅଭିଯୋଗ

**ପାଣିକୋଇଲି,୨୭।୧୦(ଡି.ଏନ.ଏ.)**

ପାଣିକୋଇଲି ଥାନା ଅନ୍ତର୍ଗତ ଜହ୍ନା ପଞ୍ଚାୟତର ଜହ୍ନାକଣା ଗ୍ରାମରେ ଭୋଜି ଖାଇବାକୁ କେନ୍ଦ୍ରକରି ହରିଜନ ଓ ସବର୍ଣ୍ଣ ପରିବାର ମଧ୍ୟରେ ମାରପିଟ ହୋଇଥିବା ଅଭିଯୋଗ ହୋଇଛି। ଉଭୟଙ୍କ ଅଭିଯୋଗ କ୍ରମେ ପୋଲିସ ୨ଟି ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି। ଜହ୍ନାକଣା ଗ୍ରାମର ଜୟନ୍ତ ମଳିକଙ୍କ ସ୍ତ୍ରୀ ଅଖଜୀଙ୍କ ଅଭିଯୋଗ ମୁତାବକ, ତାଙ୍କ ଶ୍ୱଶୁର ଲକ୍ଷ୍ମୀଧରଙ୍କୁ ଗ୍ରାମର ଅକ୍ଷୟ ମହାପାତ୍ରଙ୍କ ପୁଅ ଅମିତ ଆସି କୀର୍ତ୍ତନ ମଳିକଙ୍କୁ କାହିଁକି ନିମନ୍ତ୍ରଣ କରିନ। ଏବେ ଯାଇ ତାଙ୍କ ଗୋଡ ତଳେ ପଡି ନିମନ୍ତ୍ରଣ କର ବୋଲି ବାଧ କରିଥିଲେ। ଅଖଜୀ ଏହାର ପ୍ରତିବାଦ କରିବାରୁ ଅମିତ ଜାତିକୁ ନେଇ ଆକ୍ଷେପ କରି ଗାଳିଗୁଲଜ କରିବା ସହ ଅଖଜୀ, ତାଙ୍କ ଶ୍ୱଶୁର ଦିଅରଙ୍କୁ ଆକ୍ରମଣ ଓ ଅସଦାଚରଣ ଉଦ୍ୟମ କରିଥିଲେ। ଭୟରେ ସେମାନେ ଘରେ ପଶିଯିବାରୁ କବାଟକୁ ମଧ ଭଙ୍ଗାରୁଜା କରିଥିଲେ। ଅପରପକ୍ଷେ ଅମିତ ପାଲଟା ଅଭିଯୋଗ କରିଛନ୍ତି। ତାଙ୍କ ଅଭିଯୋଗ ମୁତାବକ ସେ କୀର୍ତ୍ତନ ମଳିକଙ୍କ ଦୋକାନରୁ ପାନ ନେଇ ଫେରୁଥବା ବେଳେ ଲକ୍ଷ୍ମୀଧର ତାଙ୍କୁ ଅଟକାଇ ମୋ ସ୍ତ୍ରୀ ୧୧ ଦିନରେ କାହିଁକି ଆସିଲନି ବୋଲି ପଚାରିଥିଲେ। ତାଙ୍କୁ ନମନ୍ତ୍ରଣ ହୋଇନି ବୋଲି ଅମିତ କହିବାରୁ ଉଭୟଙ୍କ ମଧରେ ବଚସା ହୋଇଥିଲା। ଏହି ସମୟରେ ଲକ୍ଷ୍ମୀଧରଙ୍କ ପୁଅ ରତ୍ନାକର ଓ ଶୁଶାନ୍ତ ଲୁହାରଡ ଏବଂ ଠେଙ୍ଗାଧରି ଆସି ଗାଳିଗୁଲଜ କରିବା ସହ ମାଡ଼ମାରିଥିଲେ। ଭୟରେ ଅମିତ ଅନ୍ୟଜଣଙ୍କ ଘରେ ଆଶ୍ରୟ ନେଇଥିଲେ। ସେମାନେ ଫେରିବା ପରେ ସେ ଆସି ଅଭିଯୋଗ କରିଥିଲେ। ଅଖଜୀଙ୍କ ଅଭିଯୋଗ କ୍ରମେ ଏକ ମାମଲା ନଂ.୨୪୫/୨୨ ଓ ଅମିତଙ୍କ ଅଭିଯୋଗ କ୍ରମେ ଏକ ମାମଲା ନଂ.୨୪୬/୨୨ ରୁଜୁ ହୋଇଛି।

# ବୃଦ୍ଧା ମା'ଙ୍କୁ ବଡ଼ପୁଅଙ୍କ ଆକ୍ରମଣ

**ପାଣିକୋଇଲି,୨୭।୧୦(ଡି.ଏନ.ଏ.)**

ଜନ୍ମଦାତ୍ରୀ ମା'ଙ୍କୁ ବଡ଼ପୁଅ ମାଡ଼ ମାରି ଆହତ କରିବା ଓ ଘରେ ନିଆଁ ଲଗାଇ ଦେବାର ଧମକ ଦେବା ନେଇେ ପାଣିକୋଇଲି ଥାନାରେ ଅଭିଯୋଗ ହୋଇଛି। ପୋଲିସ ଏନେଇ ଏକ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି।

ଉକ୍ତ ଥାନା ତଣ୍ଡରା ପଞ୍ଚାୟତ ବରେଇ ଗ୍ରାମର ଭଗବାନ ସାହୁଙ୍କ ସ୍ତ୍ରୀ ଉମା ସାହୁ(୬୦)ଙ୍କ ଅଭିଯୋଗ ମୁତାବକ, ତାଙ୍କ ବଡ଼ପୁଅ ସୁରେନ୍ଦ୍ର ଅନେକ ସମୟରେ ତାଙ୍କୁ ମାରପିଟ କରନ୍ତି। ସାନପୁଅ ପ୍ରତିବାଦ କଲେ ତାଙ୍କୁ ମଧ୍ୟ ମାରଧର କରନ୍ତି। ତେବେ ସାନପୁଅ ନ ଥିବା ସୁଯୋଗ ନେଇ ସୁରେନ୍ଦ୍ର ତାଙ୍କ ସ୍ତ୍ରୀଙ୍କ ସହାୟତାରେ ଉମାଙ୍କୁ ମାରପିଟ କରିଥିଲେ। ମାଡ଼ ମାରି ଘରୁ ବାହାରକୁ ବାହାର କରିବା ସହ ଘରେ ନିଆଁ ଲଗାଇଦେବାର ଧମକ ଦେଇଥିଲେ। ଖବରପାଇ ସାନ ପୁଅ ଆସି ଉମାଙ୍କୁ ଉଦ୍ଧାର କରି ଯାଜପୁର ରୋଡ କ୍ଷେତ୍ରୀୟ ଚିକିତ୍ସାଳୟରେ ଭର୍ତ୍ତି କରାଇବା ପରେ ଥାନାରେ ଅଭିଯୋଗ କରିଥିଲେ। ଏନେଇ ଥାନାରେ ନଂ.୨୪୭/୨୨ ରୁଜୁ ହୋଇଛି।

# ରେଳ ଧାରଣାରେ କଟି ଜଣଙ୍କର ମୃତ୍ୟୁ

**କଳିଙ୍ଗନଗର,୨୭।୧୦(ଡି.ଏନ.ଏ.)**

ଜଖପୁରା ରେଲୱେ ଷ୍ଟେସନ ନିକଟ ରେଳ ଧାରଣାରେ କଟି ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ହୋଇଛି। ମୃତ ବ୍ୟକ୍ତି ହେଲେ ଜଖପୁରା ଗ୍ରାମର ବିଷ୍ଣୁଚରଣ ନାୟକ (୫୯)। ଖବର ପାଇ ଯାଜପୁର ରୋଡ୍ ରେଲୱେ ପୋଲିସ ଷ୍ଟେଶନ ନିକରେ ପହଞ୍ଚି ମୃତଦେହ ଜବତ କରି ଦାନଗଦି ଡାକ୍ତରଖାନାକୁ ବ୍ୟବଚ୍ଛେଦ ପାଇଁ ପଠାଇଛି। ସୂଚନା ମୁତାବକ, ବିଷ୍ଣୁଚରଣ ଭୁବନେଶ୍ୱର ଏଜି ଅଫିସରେ କାମ କରନ୍ତି। ଦିନ ୧୨ଟା ବେଳେ ସେ କୌଣସି କାମରେ ଭଦ୍ରକ ଯିବା ପାଇଁ ରେଲୱେ ଷ୍ଟେସନ ନିକଟରେ ବାଇକ ରଖି ରେଳ ଧାରଣା ଦେଇ ଷ୍ଟେସନ ନିକଟକୁ ଯାଉଥିଲେ। ଏହି ସମୟରେ ଏକ ଏକ୍ସପ୍ରେସ ଟ୍ରେନ ଦ୍ରୁତ ଗତିରେ ଆସି ତାଙ୍କ ଉପରେ ମାଡ଼ି ଯାଇଥିଲା। ଫଳରେ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ହୋଇଥିଲା।

# ୧୭୩ ଗାଁ ହେବ ବାହ୍ୟ ମଳମୁକ୍ତ

## ରସୁଲପୁର ବ୍ଲକରେ ସ୍ୱଚ୍ଛଭାରତ ମିଶନ ସମୀକ୍ଷା ବୈଠକ

**ରସୁଲପୁର,୨୭।୧୦(ଡି.ଏନ.ଏ.)**

ରସୁଲପୁର ବ୍ଲକ ସମ୍ମିଳନୀ କକ୍ଷରେ ଗୁରୁବାର ସ୍ୱଚ୍ଛଭାରତ ମିଶନକୁ ନେଇ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବ୍ଲକର ସମସ୍ତ ଗାଁକୁ ବାହ୍ୟ ମଳତ୍ୟାଗ ମୁକ୍ତ କରିବାକୁ(ଓଡିଏଫ+)ଲକ୍ଷ୍ୟ ରଖାଯାଇଛି। ବ୍ଲକ ଅଧୀନ ୧୭୩ଟି ରାଜସ୍ୱ ଗ୍ରାମରେ ସ୍ୱଚ୍ଛ ଭାରତ ମିଶନର କାର୍ଯ୍ୟକ୍ରମ ଓ ତା'ର ସଫଳତା ହାସଲ କରିବାକୁ ଯୋଜନା ପ୍ରସ୍ତୁତ ପାଇଁ ବ୍ଲକ ଅଧିକାରୀଙ୍କୁ ଜିଲାସ୍ତରୀୟ ଅଧିକାରୀଙ୍କ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି।

ବିଡିଓ ଅବନିକାନ୍ତ ସାହୁଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ବୈଠକରେ ମୁଖ୍ୟଅତିଥି ଭାବରେ ଅତିରିକ୍ତ ପ୍ରକଳ୍ପ ନିର୍ଦ୍ଦେଶକ(ପ୍ରଶାସନ) ରଶ୍ମିରେଖା ପ୍ରଧାନ ଯୋଗଦେଇ ଯାଜପୁର ଜିଲା ସ୍ୱଚ୍ଛ ଭାରତ ମିଶନ କାର୍ଯ୍ୟକ୍ରମରେ ଦେଶରେ ୪ର୍ଥ ସ୍ଥାନରେ ରହିଥିବା ବେଳେ ପୂର୍ବଭାରତରେ ପ୍ରଥମ ସ୍ଥାନ ଅଧିକାର କରିଥିବା ସୂଚନା ଦେଇଥିଲେ। ସମ୍ବଳ ଅଧିକାରୀ ଭାବେ ୟୁନିସେଫର ଯାଜପୁର ଜିଲା ସଂଯୋଜକ ଆଶୁତୋଷ ମହାନ୍ତି ଯୋଗଦେଇ ସ୍ୱଚ୍ଛ ଭାରତ ମିଶନକୁ ସଫଳ କରିବା ପାଇଁ କେଉଁ ସବୁ ଦିଗପ୍ରତି ଦୃଷ୍ଟି ଦେବାର ଆବଶ୍ୟକତା ରହିଛି ସେ ସମ୍ପର୍କରେ ଆଲୋକପାତ କରିଥିଲେ। ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା (ଏମ୍‌ଜିଏନ୍‌ଆର୍‌ଇଜିଏସ୍) ଜରିଆରେ ପ୍ରତ୍ୟେକ ଘରେ ଶୋଷକ ଖାତା(ସୋକ୍ ପିଟ୍), ଖତଗାଡ଼ିଆ(କମ୍ପୋଷ୍ଟ ପିଟ୍) ନିର୍ମାଣ, ଗାଁଗଣ୍ଡା ରାସ୍ତାକୁ ସଫା ରଖିବା, ପ୍ରତ୍ୟେକ ଘରେ କଠିନ ଓ ତରଳ ଆବର୍ଜନାର ସୁପରିଚାଳନା କରିବା, ଗୋଷ୍ଠୀ ଭିତ୍ତିକ ପାଇଖାନା, ଖତଗାଡିଆ, ଲିଚ୍‌ପିଟ୍, ସରକାରୀ ନଳକୂପ ସ୍ଥାନକୁ ସଫାସୁତୁରା ରଖିବା କାର୍ଯ୍ୟ ଆଦିକୁ ଯୁଦ୍ଧକାଳୀନ ଭିତ୍ତିରେ ଆରମ୍ଭ କରିବା ସହ ପ୍ରତ୍ୟେକ ପରିବାରକୁ ଏହି କାର୍ଯ୍ୟକ୍ରମରେ ସାମିଲ କରିବାକୁ କୁହାଯାଇଛି। ଏ ଦିଗରେ ରସୁଲପୁର ବ୍ଲକକୁ ଜିଲା ଓ ରାଜ୍ୟରେ ୧ନମ୍ବର ସ୍ଥାନ ଗ୍ରହଣ କରିବା ପାଇଁ ପ୍ରଶାସନିକ ଅଧିକାରୀ ବିଶେଷ ଗୁରୁତ୍ୱ ଦେବାକୁ ପରାମର୍ଶ ଦିଆଯାଇଛି।

ଉକ୍ତ ମିଶନକୁ ସଫଳ କରିବା ଦିଗରେ ପଞ୍ଚାୟତ ଜନପ୍ରତିନିଧିଙ୍କୁ ସାମିଲ କରିବାକୁ କୁହାଯାଇଛି। ସରପଞ୍ଚମାନଙ୍କ ଉଦ୍ୟମ ଓ ପ୍ରଶାସନର ସହାୟତାରେ ଏହି କାର୍ଯ୍ୟ ସଫଳରୂପାୟନ ହୋଇପାରିବ ବୋଲି ବୈଠକରେ ମତ ପ୍ରକାଶ ପାଇଛି। ବୈଠକରେ ଏବିଡିଓ ଦିବ୍ୟକାନ୍ତି ମିଶ୍ର, ଭାରପ୍ରାପ୍ତ ଜିପିଓ ପ୍ରଫୁଲ୍ଲ ଜେନା, ସହକାରୀ ନିର୍ବାହୀ ଯନ୍ତ୍ରୀ ସୋନାଲି ଧଳ, ବ୍ଲକରେ କାର୍ଯ୍ୟରତ ସମସ୍ତ ସହକାରୀ ଯନ୍ତ୍ରୀ, କନିଷ୍ଠ ଯନ୍ତ୍ରୀ, ନିର୍ବାହୀ ଅଧିକାରୀ, ଗ୍ରାମ ରୋଜଗାର ସେବକ ଅଂଶଗ୍ରହଣକରି କାର୍ଯ୍ୟ କରିବାରେ ରହୁଥିବା ସମସ୍ୟା ସମ୍ପର୍କରେ ଆଲୋଚନା କରିଥିଲେ। ବିଭିନ୍ନ ସମସ୍ୟାର ସମାଧାନସୂତ୍ର ସମ୍ପର୍କରେ ଉପସ୍ଥିତ ଜିଲା ଅଧିକାରୀମାନେ ପ୍ରକାଶ କରିଥିଲେ।



ସମୀକ୍ଷା ବୈଠକରେ ବିଡିଓଙ୍କ ସହ ଅନ୍ୟ ଅଧିକାରୀମାନେ।

# ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ର ଜନଶୁଣାଣି ଶିବିର

**ବରୀ,୨୭।୧୦(ଡି.ଏନ.ଏ.)**

ବରୀ ବ୍ଲକ୍ କାର୍ଯ୍ୟାଳୟ ସଭାଗୃହରେ ଗୁରୁବାର ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା(ଏମ୍‌ଜିଏନ୍‌ଆର୍‌ଇଜିଏସ୍)ର ବ୍ଲକ୍‌ସ୍ତରୀୟ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ବ୍ଲକ୍‌ଅଧ୍ୟକ୍ଷ ଅଶୋକ କୁମାର ଗେଡ଼ି ସଭାପତିତ୍ୱ କରିଥିଲେ। ଉକ୍ତ ଯୋଜନାର ସରକାରୀ ମାନଦଣ୍ଡ ଓ ନିୟମକୁ ଆଧାର କରି ଯେଭଳି ଭାବେ ପଞ୍ଜୀକୃତ ଶ୍ରମିକମାନେ କାର୍ଯ୍ୟ କରିବାର ସୁବିଧା ପାଇ ପାରିବେ ଓ ସରକାରଙ୍କ ଏହି ଯୋଜନା ସଫଳ ରୂପାୟନ ହୋଇପାରିବ ସେ କ୍ଷେତ୍ରରେ ବିଭିନ୍ନ ପଞ୍ଚାୟତର ସରପଞ୍ଚ, ସମିତିସଭ୍ୟାସଭ୍ୟ, ଜିଲା ପରିଷଦସଭ୍ୟାସଭ୍ୟ ଓ ସ୍ଥାନୀୟ ଲୋକଙ୍କ ସହଯୋଗ ଆବଶ୍ୟକତା ରହିଛି ବୋଲି ବିଡିଓ ଚିନ୍ମୟ ଦାସ ଉକ୍ତ କାର୍ଯ୍ୟକ୍ରମରେ ଯୋଗଦେଇ ମତ ରଖିଥିଲେ। ଯଦି କୌଣସି କ୍ଷେତ୍ରରେ ଲୋକପ୍ରତିନିଧି କିମ୍ବା ବରୀ ଅଞ୍ଚଳର ବୁଦ୍ଧିଜିବୀ, ସାମାଜିକ କର୍ମୀ କୌଣସି କାର୍ଯ୍ୟରେ ତ୍ରୁଟି ଅନୁଭବ କରନ୍ତି ସେମାନେ ବ୍ଲକ୍ ପ୍ରଶାସନ ସହ ଯୋଗସୂତ୍ର ରକ୍ଷା କରିଲେ ତାହାର ସମାଧାନ କରାଯିବା କ୍ଷେତ୍ରରେ ପଦକ୍ଷେପ ନିଆଯିବ ବୋଲି ବିଡିଓ ପ୍ରକାଶ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ସହକାରୀ ଯନ୍ତ୍ରୀ ସଞ୍ଜୀବ ଦାସ, ଏପିଓ ରବିନାରାୟଣ ସାହୁ, ଜିଲା ସାମାଜିକ ସମୀକ୍ଷକ ସତ୍ୟ ନାରାୟଣ ବେହେରା ପ୍ରମୁଖ ଯୋଗଦେଇ କାର୍ଯ୍ୟକ୍ରମ ଉପରେ ଆଲୋକପାତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ କନିଷ୍ଠ ଯନ୍ତ୍ରୀ ବିପ୍ଳବ ପରିଜା, ତନୁଶ୍ରୀ ସାମଲ, ସରୋଜ ପଣ୍ଡା, ରାକେଶ ମଲିକ, ଜିଲା ପରିଷଦସଭ୍ୟ ଦିଲୀପ ମହାନ୍ତି, ସନ୍ତୋଷ ସାମଲ, ସରପଞ୍ଚ ରଶ୍ମିତା ପରିଡ଼ା, ସସ୍ମିତା କୁଣ୍ଡୁ, ଚପଳା ମଲ୍ଲ, ସରଳା ମଳିକ, ଜଗଦିଶ ଜେନା, ଧୀରେନ୍ଦ୍ର ଜେନା, କୁନା ମଳିକ, ଶଙ୍କର୍ଷଣ ସ୍ୱାଇଁ, ହରପ୍ରିୟା ସାହୁ ଓ ମଧୁସ୍ମିତା ସାମଲଙ୍କ ସମେତ ବିଭିନ୍ନ ପଞ୍ଚାୟତର ସରପଞ୍ଚ, ସମିତିସଭ୍ୟାସଭ୍ୟ, ପଞ୍ଚାୟତ ନିର୍ବାହୀ ଅଧିକାରୀ ଏବଂ ଗ୍ରାମ ରୋଜଗାର ସେବକ ପ୍ରମୁଖ ଉପସ୍ଥିତ ରହି ଶିବିରର ଆଲୋଚନାରେ ଅଂଶଗ୍ରହଣ କରିଥିଲେ।



ଜନଶୁଣାଣି ଶିବିରରେ ଉପସ୍ଥିତ ବ୍ଲକ ପ୍ରଶାସନିକ ଅଧିକାରୀ ଓ ଅନ୍ୟମାନେ।

## ସଂକ୍ଷେପରେ

### ୨୨ ଗ୍ରାମ ବ୍ରାଉନ୍‌ସୁଗାର ଜବତ ପଶ୍ଚିମବଙ୍ଗର ଅଭିଯୁକ୍ତଙ୍କ ସମେତ ୩ କୋର୍ଟ ଚାଲାଣ

ବାଲିକୁଦା,୨୭।୧୦(ସ୍ୱ.ପ୍ର.): ବ୍ରାଉନ୍‌ସୁଗାର କାରବାର ଅଭିଯୋଗରେ ବାଲିକୁଦା ପୋଲିସ ବୁଧବାର ବାଲିକୁଦା କାଠଗୋଲା ଚକ ନିକଟରୁ ତିନି ଜଣଙ୍କୁ ଗିରଫ କରି ଗୁରୁବାର କୋର୍ଟ ଚାଲାଣ କରିଛି। ସେମାନଙ୍କଠାରୁ ୨୨ ଗ୍ରାମ ବ୍ରାଉନସୁଗାର ଓ ଗୋଟିଏ ବାଇକ୍ ଜବତ ହୋଇଛି। ଅଭିଯୁକ୍ତଙ୍କ ମଧ୍ୟରୁ ୨ ଜଣ କେନ୍ଦ୍ରାପଡା ଜିଲାର ହୋଇଥିବାବେଳେ ଜଣେ ପଶ୍ଚିମବଙ୍ଗର ବୋଲି ସୂଚନା ମିଳିଛି। ସେମାନେ ହେଲେ କେନ୍ଦ୍ରାପଡ଼ା ଜିଲା ପଟ୍ଟାମୁଣ୍ଡାଇ ଥାନା ବଳତାଳର ଶୁଭମ ରାଉତ, ରବୀନ୍ଦ୍ର ମହାନ୍ତି, ଏବଂ ପଶ୍ଚିମବଙ୍ଗ ପୁରୁଲିଆ ଜିଲା କାନୁଧ ବାମନିଆର ତୁଫାନ କୁମାର। ଏନେଇ ପୋଲିସ ମାମଲା (ନଂ.୪୭୧/୨୨) ରୁଜୁ କରିଛି। ଅଭିଯୁକ୍ତମାନଙ୍କ ଜାମିନ ନାମଞ୍ଜୁର ହେବାରୁ ବିଚାର ବିଭାଗୀୟ ହାଜତ (ଜେଲ)କୁ ପଠାଇ ଦିଆଯାଇଛି।

### ଆଳି ଡ୍ରାଇଭର ମହାସଂଘର ବରାହ କ୍ଷେତ୍ରରୁ ତୁଳସୀ କ୍ଷେତ୍ରକୁ ପଦଯାତ୍ରା

ଆଳି,୨୭।୧୦(ଡି.ଏନ.ଏ.): ଓଡିଶା ଡ୍ରାଇଭର ମହାସଂଘର ୧୧ ଦଫା ଦାବି ପୂରଣ ନିମନ୍ତେ ଡ୍ରାଇଭର ସଂଘର ରାଜ୍ୟ ସଭାପତି ପ୍ରଶାନ୍ତ ମେଣ୍ଡୁଲି ସମ୍ବଲପୁର ମା' ସମଲେଇ ମନ୍ଦିରରୁ ଦଣ୍ଡ ପ୍ରଣାମରେ କିଛିଦିନ ହେବ ନବୀନ ନିବାସ ଅଭିମୁଖେ ବାହାରିଛନ୍ତି। ସଭାପତିଙ୍କ ଶୁଭ ମନାସୀ ଆଳି ଡ୍ରାଇଭର ସଂଘ ସଭାପତି ଦୈତାରୀ ପାତ୍ରଙ୍କୁ ନେତୃତ୍ୱରେ ସଂଘର ସଦସ୍ୟମାନେ ବରାହ କ୍ଷେତ୍ର ଲକ୍ଷ୍ମୀବରାହ ମନ୍ଦିରରୁ ବାହାରି ତୁଳସୀ କ୍ଷେତ୍ର ଶ୍ରୀବଳଦେବଜୀଉ ମନ୍ଦିର ଅଭିମୁଖେ ଗୁରୁବାର ପଦଯାତ୍ରା କରିଛନ୍ତି। ସରକାରଙ୍କ ପାଖରେ ପୂର୍ବରୁ ଦେଇଥିବା ଦାବିପତ୍ରକୁ ସରକାର ବୁଝିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। କିନ୍ତୁ ଆଜିକୁ ୩ ମାସ ପୂରି ଯାଇଥିଲେ ମଧ୍ୟ ସରକାର ସେମାନଙ୍କ ଦାବି ପୂରଣ କରିବା ପରିବର୍ତ୍ତେ ପ୍ରତାରଣା କଲେ। ସେଥିପାଇଁ ଡ୍ରାଇଭର ସଂଘର ସଭାପତି ଦଣ୍ଡଯାତ୍ରାରେ ନବୀନ



ନିବାସ ଅଭିମୁଖେ ଯାଉଛନ୍ତି। ସେମାନଙ୍କ ମୁଖ୍ୟ ସମସ୍ୟା ମଧ୍ୟରେ ରାସ୍ତାଘାଟରେ କିଛି ଅସୁବିଧା ହେଲେ ଡ୍ରାଇଭରମାନଙ୍କୁ ମାଡ଼ ହେଉଥିବାବେଳେ ଗାଡି ରଖିବା ନିମନ୍ତେ ପାର୍କିଂର ବ୍ୟବସ୍ଥା, ଇନ୍ସୁରାନ୍ସ ଭଳି ୧୧ ଦଫା ଦାବି ନେଇ ସେମାନେ ଆନ୍ଦୋଳନ କରି ଆସୁଛନ୍ତି। ସରକାର ସେମାନଙ୍କ ଦାବି ପୂରଣ କରିବାକୁ ବିଭିନ୍ନ ଅନୁଷ୍ଠାନ ମଧ୍ୟ ଦାବି କରି ଆସୁଥିବା ଦେଖିବାକୁ ମିଳିଛି।

# ଜୁନ୍‌ରୁ ମିଳୁନି ଗହମ, ରାଶନ ହିତାଧିକାରୀ ହତାଶ

**କେନ୍ଦ୍ରାପଡ଼ା ଅଫିସ, ୨୭।୧୦**



- ଅଟା କେଜି ପ୍ରତି ୫ ଟଙ୍କା ବଢ଼ିଲା, ଡାଇବେଟିସ ରୋଗୀ ଚିନ୍ତାରେ
- ପ୍ରତିମାସରେ ଆସୁଥିଲା ୧୭,୧୬୩ କୁଇଣ୍ଟାଲ ଗହମ
- ଗହମ ଯୋଗାଇବାକୁ ଚିଠି ହୋଇଛି ବୋଲି କହିଲେ ସିଏସ୍‌ଓ

ପରିବର୍ତ୍ତିତ ଖାଦ୍ୟ ସାରଣୀରେ ଅଟା ଏବେ ପ୍ରମୁଖ ଭୂମିକା ଗ୍ରହଣ କରିଛି। ଧନୀଠାରୁ ଗରିବ ପର୍ଯ୍ୟନ୍ତ ସମସ୍ତେ ଏବେ ଗହମ ଉପରେ ନିର୍ଭର କରୁଛନ୍ତି। ଏହା ଛଡା ଡାଇବେଟିସ ରୋଗୀଙ୍କ ନିତ୍ୟ ଆହାରରେ ରୁଟି ପ୍ରମୁଖ ଅଙ୍ଗ ହୋଇଥିବା ବେଳେ କେନ୍ଦ୍ରାପଡ଼ା ଜିଲାରେ ୫ମାସ ହେଲା (ଜୁନ୍‌ରୁ) ରାଶନ କାର୍ଡଧାରୀଙ୍କୁ ଗହମ ମିଳୁନାହିଁ। ଜିଲାର ୨,୬୪,୨୩୮ ପରିବାର ମଧ୍ୟରୁ ଅଧିକାଂଶ ଗହମ ପାଉ ନ ଥିବାରୁ ହତାଶ ହୋଇପଡିଛନ୍ତି। ଅପରପକ୍ଷରେ କେନ୍ଦ୍ର ସରକାର ପକ୍ଷରୁ ଚଳିତ ରବି ଫସଲରେ ଗହମର ସର୍ବୋଚ୍ଚ ସହାୟକ ମୂଲ୍ୟ (ଏମ୍‌ଏସ୍‌ପି)ରେ କୁଇଣ୍ଟାଲ ପିଛା ୧୧୦ ଟଙ୍କାକୁ ବୃଦ୍ଧି କରାଯାଇଛି। ଫଳରେ ବଜାରରେ ଅଟା କେଜି ପ୍ରତି ୫ ଟଙ୍କା ଅଧିକ ବୃଦ୍ଧି ପାଇଛି। ଫଳରେ ୫ କେଜି ଅଟା ପ୍ୟାକେଟରେ ୨୫ ଟଙ୍କା ବଢ଼ିଛି। ଯାହାକି ଖାଉଟି ପ୍ୟାକେଟ ଉପରେ ଦରବୃଦ୍ଧି ମାଡ ହୋଇଛି। ରାଶନ କାର୍ଡଧାରୀଙ୍କ ସମେତ ରୋଗୀ ଏବେ ଗହମ ଅପେକ୍ଷାରେ ଥିବା ମତ ପ୍ରକାଶ ପାଇଛି।

ଏ ସମ୍ପର୍କରେ କେନ୍ଦ୍ରାପଡ଼ା ବ୍ଲକ କୋରୋ ପଞ୍ଚାୟତର ମନ୍ମଥ କୁମାର ରାଉତ କହିଛନ୍ତି, କିଛି ଜମି ଭାଗ ଚାଷ କରି ଧାନ ଉତ୍ପାଦନ କରୁଛୁ। ଏହି ଫସଲ ଆମର ୬ ଜଣିଆ ପରିବାର ପାଇଁ ନିଅଣ୍ଟ ହେଉଛି। ଜାତୀୟ ଖାଦ୍ୟ ସୁରକ୍ଷା ଯୋଜନାରେ ସାମିଲ ହୋଇଥିବାରୁ ମାସିକ ୩୦ କେଜି ଗହମ ପାଇଁ ପଞ୍ଜୀକୃତ କରିଛୁ। ସକାଳ ଓ ରାତିରେ ରୁଟି ପ୍ରମୁଖ ଖାଦ୍ୟ ହେଉଥିବା ବେଳେ କେବଳ ମଧ୍ୟାହ୍ନ ଭୋଜନରେ ଭାତ ସାମିଲ ହେଉଛି। ଏହା ଦୀର୍ଘଦିନ ଧରି ଚାଲିଆସିଛି। ଗତ ଜୁନ୍‌ରୁ ଡିଲର ଗହମ ଦେଉନାହାନ୍ତି। ଫଳରେ ସବୁବେଳେ ଭାତ ଖାଇବାକୁ ପଡୁଛି। ଆମ ଘରେ ବଡ ଭାଇଙ୍କୁ ଡାଇବେଟିସ। ଭାତ ଖାଇଲେ ସ୍ୱାସ୍ଥ୍ୟ ବିଗିଡି ଯାଉଛି। ଅଟା ଦର ମଧ୍ୟ କେଜି ପ୍ରତି ୫ ଟଙ୍କା ବଢ଼ିଯାଇଛି। ସରକାରୀ ରାଶନ ଯୋଗାଣ ଯୋଜନାରେ ଗହମକୁ ପୁନର୍ବାର ସାମିଲ କରିବାକୁ ସେ ନିବେଦନ କରିଛନ୍ତି। ରାଷ୍ଟ୍ରୀୟ ମଧ୍ୟବିତ୍ତ ପରିବାର ମହାସଂଘର କେନ୍ଦ୍ରାପଡ଼ା ଜିଲା ସଭାପତି ନିରଞ୍ଜନ ପରିଡା କହିଛନ୍ତି, ଜିଲାରେ ମୋଟ ୨,୬୪,୮୦୬ ପରିବାରର ୧୦,୧୮,୬୩୫ ହିତାଧିକାରୀ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ଖାଦ୍ୟ ସୁରକ୍ଷା ଯୋଜନାରେ ସାମିଲ ହୋଇଛନ୍ତି। ଏଥିମଧ୍ୟରୁ କେନ୍ଦ୍ର ସରକାରଙ୍କ ଖାଦ୍ୟ ସୁରକ୍ଷା ଯୋଜନାରେ ୨,୬୪,୨୩୮ ପରିବାର ପାଇଁ ମୋଟ ୧୭୧୬୩.୨୫ କୁଇଣ୍ଟାଲ ଗହମ ମାସିକ ଉଠାଯାଉଛି। ତେବେ ୫ ମାସ ହେଲା ହିତାଧିକାରୀଙ୍କୁ ଗହମ ମିଳିନାହିଁ। ଯାହା ଏବେ ମଧ୍ୟବିତ୍ତ ଓ ଗରିବଙ୍କ ପାଇଁ ସମସ୍ୟା ସୃଷ୍ଟି କରିଛି। ଡିଲରମାନେ ଗହମ ଉଠାଇ ନ ଥିବା କହି ଚାଉଳ ଦେଉଛନ୍ତି। ଗହମ ଏବେ ସମସ୍ତଙ୍କ ପାଇଁ ଆବଶ୍ୟକ ଥିବା ବେଳେ ଏହାକୁ ଯୋଗାଇ ନ ଦେବା ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ଖାଦ୍ୟ ସୁରକ୍ଷା ନୀତିରେ ପ୍ରଶ୍ନବାଚୀ ଆଣିଛି। ତୁରନ୍ତ ରାଶନ କାର୍ଡଧାରୀଙ୍କ ପାଇଁ ଗହମ ଯୋଗାଣର ସୁବନ୍ଦୋବସ୍ତ କରିବାକୁ ସେ ଦାବି କରିଛନ୍ତି। ଏ ସମ୍ପର୍କରେ ସିଏସ୍‌ଓ ପ୍ରଶାନ୍ତ କୁମାର ଗନ୍ତାୟତ କହିଛନ୍ତି, ଗହମର ସଂଗ୍ରହ ହାର କମ୍ ଥିବାରୁ କେନ୍ଦ୍ର ସରକାରଙ୍କ ପକ୍ଷରୁ ୧୦ ମାସ ପର୍ଯ୍ୟନ୍ତ ନିଅଣ୍ଟ ସ୍ଥିତି ରହିବ ବୋଲି ଗତ ମେ ମାସରେ ସୂଚନା ମିଳିଥିଲା। ଜୁନ୍ ମାସ ଆଲଟମେଣ୍ଟରେ ପ୍ରାୟ ୫୦ ପ୍ରତିଶତ ଗହମ ଜିଲା ପାଇଁ ଉଠାଣ ହୋଇ ବଣ୍ଟନ ହୋଇଛି। ଏବେ କେନ୍ଦ୍ର ସରକାର ରାଶନ କାର୍ଡଧାରୀଙ୍କ ପାଇଁ ଅତିରିକ୍ତ ୩ ମାସ ଧରି ରାଶନ ସାମଗ୍ରୀ ଯୋଗାଣ ପାଇଁ ନିଷ୍ପତ୍ତି ନେଇଛନ୍ତି। ସେହି ଅନୁଯାୟୀ, ଚଳିତ ମାସରେ ଗହମ ଉଠାଣ ହୋଇଛି। ଯାହା ଆସନ୍ତା ନଭେମ୍ବରରେ ବଣ୍ଟନ ସମୟରେ ପ୍ରଦାନ କରାଯିବ। ହିତାଧିକାରୀଙ୍କ ପାଇଁ ଅଦ୍ୟାବଧି ଗହମ ଉଠାଣ ହୋଇନାହିଁ। ହିତାଧିକାରୀ ଏ ନେଇ ବାରମ୍ବାର ଅସନ୍ତୋଷ ପ୍ରକାଶ କରୁଥିବା ଅଭିଯୋଗ ଆସୁଛି। ଏହାର ସମାଧାନ ପାଇଁ ବିଭାଗୀୟ ଉଚ୍ଚ କାର୍ଯ୍ୟାଳୟକୁ ଚିଠି ହୋଇଥିବା ସିଏସ୍‌ଓ ଗନ୍ତାୟତ ପ୍ରକାଶ କରିଛନ୍ତି।

### ମଧ୍ୟାହ୍ନଭୋଜନ ସମୟରେ ଛାତ୍ରଙ୍କ ମୁଣ୍ଡ ଫାଟିଲା



ନାଉଗାଁ,୨୭।୧୦ (ସ୍ୱ.ପ୍ର.): ନାଉଗାଁ ବ୍ଲକ ଅନ୍ତର୍ଗତ ବଛାଲୋ ଉନ୍ନୀତ ଉଚ୍ଚ ବିଦ୍ୟାଳୟରେ ଗୁରୁବାର ମଧ୍ୟାହ୍ନଭୋଜନ ଖାଇବାବେଳେ ଛାତ୍ରଙ୍କ ମୁଣ୍ଡ ଫାଟିଯାଇଛି। ଏନେଇ ଛାତ୍ରଙ୍କ ବାପା ଗୋବିନ୍ଦ ବାଉତ ବିଇଓ ନିକଟରେ ଅଭିଯୋଗ ହୋଇଛି। ଅଭିଯୋଗ ମୁତାବକ ତାଙ୍କ ପୁଅ ପୃଥ୍ୱୀରାଜ ଷଷ୍ଠ ଶ୍ରେଣୀରେ ପଢ଼ନ୍ତି। ସେ ବିଦ୍ୟାଳୟରେ ମଧ୍ୟାହ୍ନ ଭୋଜନ ଖାଉଥିବା ସମୟରେ ମୁଣ୍ଡରେ ଆସି ପଥର ବାଜିଥିଲା। ଫଳରେ ପୃଥ୍ୱୀରାଜଙ୍କ ମୁଣ୍ଡ ଫାଟିଯାଇଛି। ଏ ନେଇ ତାଙ୍କ ଜୀବନପ୍ରତି ବିପଦ ଥିବା ଅଭିଯୋଗପତ୍ରରେ ଦର୍ଶାଯାଇଛି। ଶିକ୍ଷକଙ୍କ ଦାୟିତ୍ୱହୀନତା ଯୋଗୁ ବିଦ୍ୟାଳୟରେ ଛାତ୍ରଙ୍କ ମୁଣ୍ଡ ଫାଟିଥିବା ନେଇ ସାଧାରଣରେ ଚର୍ଚ୍ଚା ହେଉଛି। ଏବିଷୟରେ ବ୍ଲକ ଶିକ୍ଷାଧିକାରୀ ମନୋରମା ରାଉତ କହିଛନ୍ତି, ଅଭିଯୋଗ ହସ୍ତଗତ ହୋଇଛି। ତଦନ୍ତ ପରେ ପଦକ୍ଷେପ ନିଆଯିବ। ଏସଂକ୍ରାନ୍ତରେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପ୍ରମୋଦ ଚଇନୀଙ୍କୁ ଯୋଗାଯୋଗ କରାଯାଇଥିଲେ ମଧ୍ୟ ସେ ଫୋନ ଉଠାଇ ନ ଥିଲେ।

# ୩ ସ୍ଥାନରେ କ୍ଲଷ୍ଟରସ୍ତରୀୟ ସୁରଭି କାର୍ଯ୍ୟକ୍ରମ



ଡାଙ୍ଗମାଳ ନାଗା ନାରାୟଣ ହାଇସ୍କୁଲରେ କ୍ଲଷ୍ଟରସ୍ତରୀୟ ସୁରଭ କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିମାନେ।

**ରାଜନଗର, ୨୭।୧୦(ଡି.ଏନ.ଏ.)**

ରାଜନଗର ବ୍ଲକ କଏଥାସ୍ଥିତ ଭାବଗ୍ରାହୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ଲକ୍ଷ୍ମୀ ବରାହ ଉଚ୍ଚ ବିଦ୍ୟାଳୟ ହାତିନା ଆଞ୍ଚଳିକ ସାଧନ କେନ୍ଦ୍ର ପକ୍ଷରୁ କ୍ଲଷ୍ଟରସ୍ତରୀୟ ସୁରଭି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅବସରପ୍ରାପ୍ତ ବ୍ଲକ ଶିକ୍ଷାଧିକାରୀ ବିଜୟ କୁମାର ଜେନା ମୁଖ୍ୟ ଅତିଥି, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଗଣେଶ ନାୟକ ମୁଖ୍ୟବକ୍ତା, ସମ୍ମାନୀତ ଅତିଥି ଭାବେ କାଶୀନାଥ ସ୍ୱାଇଁ, ନୃସିଂହ ଚରଣ ସେଠୀ, ଶିକ୍ଷକ ନେତା ସୁଶାନ୍ତ ପ୍ରଧାନ, ଅଧ୍ୟାପକ ସତୀଶ କୁମାର ମହାପାତ୍ର ଏବଂ ରାଜକିଶୋର ପାଣି ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ସେମାନେ କହିଥିଲେ, ସୁରଭି କାର୍ଯ୍ୟକ୍ରମ ମାଧ୍ୟମରେ ଛାତ୍ରୀଛାତ୍ରମାନଙ୍କର ପ୍ରତିଭାକୁ ଲୋକଲୋଚନକୁ ଆଣିବା ଏହାର ମୂଳଲକ୍ଷ୍ୟ ବୋଲି କହିଥିଲେ। ମୁଖ୍ୟ ଅତିଥି ଜେନା କୃତି ଛାତ୍ରୀଛାତ୍ରମାନଙ୍କୁ ପୁରସ୍କୃତ କରିଥିଲେ। ଏହି କାର୍ଯ୍ୟକ୍ରମରେ କ୍ଲଷ୍ଟର ଅଧିନରେ ୧୭ଟି ବିଦ୍ୟାଳୟର ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ସିଆରସିସି ମଗ୍ଗୁଲି ଚରଣ ସେଠୀ ଅତିଥି ପରିଚୟ ପ୍ରଦାନ କରିଥିଲେ।

ସେହିପରି ଡାଙ୍ଗମାଳସ୍ଥିତ ନାଗା ନାରାୟଣ ହାଇସ୍କୁଲରେ କ୍ଲଷ୍ଟରସ୍ତରୀୟ ସୁରଭି କାର୍ଯ୍ୟକ୍ରମ ହୋଇଥିଲା। ସିଆରସିସି ନିରୋଜ କୁମାର ଦାସଙ୍କ ସଂଯୋଜନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପ୍ରଧାନ ଶିକ୍ଷକ ମାନସ କୁମାର ମିଶ୍ର ଅଧ୍ୟକ୍ଷତା କରିଥିଲେ। ମୁଖ୍ୟଅତିଥି ଭାବେ ୩୨ନଂ. ଜୋନ ଜିଲାପରିଷଦ ସଦସ୍ୟ ଝୁକୁମିନା କୁଅଁର, ଖମାରସାହି ସରପଞ୍ଚ ଅନସୂୟା ବିଶ୍ୱାଳ, ଡାଙ୍ଗମାଳ ସରପଞ୍ଚ ଦ୍ରୌପଦୀ ସେଠୀ, କୃଷ୍ଣନଗର ସରପଞ୍ଚ ନନ୍ଦ ଦୁଲାଲ ପରିଡା, ବିଦ୍ୟାଳୟ ପରିଚାଳନା କମିଟି ସଭାପତି କାର୍ତ୍ତିକ ଚନ୍ଦ୍ର ବେହେରା ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ଅନୁଷ୍ଠିତ ପ୍ରତିଯୋଗିତାରେ ଶ୍ରେଷ୍ଠତ୍ୱ ଲାଭ କରିଥିବା ଛାତ୍ରୀଛାତ୍ରମାନଙ୍କୁ ପୁରସ୍କୃତ କରିଥିଲେ। ଏହି କାର୍ଯ୍ୟକ୍ରମରେ ଶିକ୍ଷକ ଓମ ପ୍ରକାଶ ବାରିକ ସ୍ୱାଗତ ଭାଷଣ, ସୁସିଲ କୁମାର ମଣ୍ଡଳ ଅତିଥି ପରିଚୟ ପ୍ରଦାନ, ଶିକ୍ଷକ ଗୋପୀନାଥ ସେଠୀ ଧନ୍ୟବାଦ ଦେଇଥିଲେ। ସେହିପରି ଭାଟପଡା କୁଶାଇଲୋ ନୋଡାଲ ଉପ୍ରା ବିଦ୍ୟାଳୟରେ ବୀଣାପାଣି ନୋଡାଲ ଉପ୍ରା ଆଞ୍ଚଳିକ ସାଧନ କେନ୍ଦ୍ର ପକ୍ଷରୁ ସୁରଭୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ଶ୍ରୀକାନ୍ତ ରାୟଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ସାନବଡଗୋପାଳପୁର ସରପଞ୍ଚ ଗୋଲେଖ ଚନ୍ଦ୍ର ସ୍ୱାଇଁ, ମୁଖ୍ୟବକ୍ତା ଏବିଇଓ କଳ୍ପନା କୁମାରୀ ଦେଇ, ସମ୍ମାନୀତ ଅତିଥି ଭାବେ ଶିକ୍ଷାବିତ୍ ବାନାମ୍ବର ପାତ୍ର, ସିଆରସିସି ଲକ୍ଷ୍ମୀକାନ୍ତ ପ୍ରିୟଦର୍ଶନ ପ୍ରମୁଖ ଯୋଗ ଦେଇଥିଲେ। ଉଦ୍‌ଯାପନୀ ଉତ୍ସବରେ ସିଆରସିସି କୃଷ୍ଣଚନ୍ଦ୍ର ମଲ୍ଲିକ, ଉତ୍ତମ କୁମାର ମଲ୍ଲିକ ପ୍ରମୁଖ ଯୋଗଦେଇ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କାର ପ୍ରଦାନ କରିଥିଲେ। ଶିକ୍ଷକ ପ୍ରଭାକର ରାଉତ ଅତିଥି ପରିଚୟ ପ୍ରଦାନ, ଜୟନ୍ତ କୁମାର ଦାସ ଧନ୍ୟବାଦ ଦେଇଥିଲେ।

### ସ୍ୱତନ୍ତ୍ର ଭୂ-ଅର୍ଜନ ଅଧିକାରୀଙ୍କ କାର୍ଯ୍ୟାଳୟ କୁଜଙ୍ଗରେ ଖୋଲୁ

**କୁଜଙ୍ଗ,୨୭।୧୦(ଡି.ଏନ୍.ଏ)**

କୁଜଙ୍ଗ ବ୍ଲକରେ ସ୍ୱତନ୍ତ୍ର ଭୂଅର୍ଜନ ଅଧିକାରୀଙ୍କ କାର୍ଯ୍ୟାଳୟ ଖୋଲିବାକୁ ଏକ ପ୍ରେସ୍ ବିଜ୍ଞପ୍ତି ଜରିଆରେ ଦାବି କରାଯାଇଛି। ପାରାଦୀପ ବନ୍ଦର ଓ ଏହାକୁ ଭିତ୍ତିକରି ଗଢି ଉଠିଥିବା ଶିଳ୍ପ ସଂସ୍ଥା ଏବଂ ହେବାକୁ ଥିବା ନୂତନ ଶିଳ୍ପ ଲାଗି ସରକାର ଲୋକମାନଙ୍କ ଜମି ଅଧିଗ୍ରହଣ କରୁଛନ୍ତି। କୁଜଙ୍ଗ ବ୍ଲକ ଅନ୍ତର୍ଗତ ବିଶ୍ୱାଳୀ ପଞ୍ଚାୟତ ନରେନ୍ଦ୍ରପୁର ଗାଁର ୧୫୪ ଏକର ଜମି ଓଡ଼ିଶା ଶିଳ୍ପ ଭିତ୍ତିଭୂମି ଉନ୍ନୟନ ନିଗମ ଦ୍ୱାରା ଶିଳ୍ପ ପ୍ରତିଷ୍ଠା ଓ ଆନୁଷଙ୍ଗିକ ବ୍ୟବସ୍ଥା ପାଇଁ ରାଜ୍ୟ ସରକାର ଏବେ ଜମି ଅଧିଗ୍ରହଣ କରିବାକୁ ଯାଉଛନ୍ତି। ଏ ନେଇ ଗତ ୧୦ ତାରିଖରେ ଜିଲା ପ୍ରଶାସନ ପକ୍ଷରୁ ବିଜ୍ଞପ୍ତି ଜାରି କରାଯାଇଛି। ଉକ୍ତ ବିଜ୍ଞପ୍ତିରେ ଲୋକମାନେ ତାଙ୍କ ଜମିର ଭଲ ମନ୍ଦ ଆପତ୍ତି ସମ୍ପର୍କରେ ଜିଲା କାର୍ଯ୍ୟାଳୟର ଭୂଅର୍ଜନ, ପୁନର୍ବାସ ଓ ଥଇଥାନ ପ୍ରକୋଷ୍ଠରେ ଯୋଗାଯୋଗ କରିବାକୁ ସୂଚନା ଦିଆଯାଇଛି। ଏ ନେଇ ପାରାଦୀପସ୍ଥିତ ମଧୁବନଠାରେ ସ୍ୱତନ୍ତ୍ର ଭୂଅର୍ଜନ କାର୍ଯ୍ୟାଳୟ ଖୋଲା ଯାଇଛି। ଏହାକୁ କୁଜଙ୍ଗ ଅଞ୍ଚଳର ଲୋକେ ବିରୋଧ କରିଛନ୍ତି। ମଧୁବନସ୍ଥିତ କାର୍ଯ୍ୟାଳୟ ଦୂର ହୋଇଥିବାରୁ ଅଭିଯୋଗ ପାଇଁ ଅଧିକ ଖର୍ଚ୍ଚାନ୍ତ ହେବାକୁ ପଡ଼ିବ ବୋଲି କବି ପୀତାମ୍ବର ତରାଇ ପ୍ରେସ ବିଜ୍ଞପ୍ତିରେ ଦର୍ଶାଯାଇଛି। ଭୂଅର୍ଜନ କାର୍ଯ୍ୟାଳୟକୁ କୁଜଙ୍ଗ ସ୍ଥାନାନ୍ତର କରି ପୁରୁଣା ତହସିଲ କୋଠାରେ ଖୋଲିବାକୁ ସେ ଦାବି କରିଛନ୍ତି। ଏପରି ନ ହେଲେ ଜମି ହରାଇବାକୁ ଯାଉଥିବା ନରେନ୍ଦ୍ରପୁର ଗାଁର ଲୋକ ବିରୋଧ କରିବେ ବୋଲି ଗୌରହରି ବାରିକ କହିଛନ୍ତି।

# ଶ୍ରୀବଳଦେବଜୀଉଙ୍କ ତତ୍ତ୍ୱରେ ଏ ଦେଶ ପରିଚାଳିତ



ଖବରଦାତା ସମ୍ମିଳନୀରେ ଡ. ସ୍ୱାମୀ ଚିଦାନନ୍ଦ ବ୍ରହ୍ମଚାରୀ ଓ ଅନ୍ୟମାନେ।

**କେନ୍ଦ୍ରାପଡ଼ା ଅଫିସ, ୨୭।୧୦**

ଭାରତ ଭୂଖଣ୍ଡ କୃଷି ଅର୍ଥନୀତିରେ ପରିଚାଳିତ। ଏହାର ପ୍ରତୀକ ଶ୍ରୀବଳଦେବଜୀଉ। ହାତରେ ଥିବା ହଳ ମୂଷଳ ଆୟୁଧ ଏହାର ପରିଚାୟକ। ହଳ କୃଷି ଅର୍ଥନୀତିକୁ ଦର୍ଶାଉ ଥିବା ବେଳେ ମୂଷଳ ଶିଳ୍ପ ସମୃଦ୍ଧିର ପଥ ପ୍ରଦର୍ଶନ କରିଥାଏ ବୋଲି ଡ. ସ୍ୱାମୀ ଚିଦାନନ୍ଦ ବ୍ରହ୍ମଚାରୀ ଏକ ଖବରଦାତା ସମ୍ମିଳନୀରେ ଗୁରୁବାର ପ୍ରକାଶ କରିଛନ୍ତି। ଶିଶୁ ଅନନ୍ତ ଆଶ୍ରମ ଓ ଅନନ୍ତ ବଳିଆ ସେବା ସଂଘ ପକ୍ଷରୁ ବଳିଆ ପ୍ରେମୀ ପଦ୍ମଶ୍ରୀ ବାବା ବଳିଆଙ୍କ ମାର୍ଗଦର୍ଶନରେ ଗୁରୁବାରଠାରୁ ନଭେମ୍ବର ୨ ତାରିଖ ପର୍ଯ୍ୟନ୍ତ ସପ୍ତାହ ବ୍ୟାପୀ ଶ୍ରୀବଳଦେବ କ୍ଷେତ୍ର ପରିକ୍ରମା କାର୍ଯ୍ୟକ୍ରମ ଆୟୋଜିତ ହେଉଛି। ପ୍ରଥମଦିନ ଇଚ୍ଛାପୁରସ୍ଥ ଶ୍ରୀବଳଦେବଜୀଉ ମନ୍ଦିର ପରିକ୍ରମା ସହିତ ଡ. ସ୍ୱାମୀ ଚିଦାନନ୍ଦ ପହଞ୍ଚି ଶ୍ରୀବଳଦେବଜୀଉଙ୍କ ତତ୍ତ୍ୱ ସମ୍ପର୍କରେ ମନ୍ଦିର ପରିସରରେ ସମ୍ମିଳନୀ କହିଥିଲେ। ଏଥିରେ ସେ କହିଥିଲେ, ଶ୍ରୀବଳଦେବ ହେଉଛନ୍ତି କୃଷକ ଦେବତା। ଏକାଧାରରେ କୃଷି, ଶିଳ୍ପ ଓ ସଂଗ୍ରାମର ପ୍ରତୀକ। ଏହାର ମୂଳକ୍ଷେତ୍ର ଶ୍ରୀକ୍ଷେତ୍ର ହୋଇଥିବା ବେଳେ ତୁଳସୀ କ୍ଷେତ୍ରର ଅଧିଷ୍ଠାତା। ଏଠାରେ ଶ୍ରୀବ୍ରହ୍ମ ବଳଦେବ ଭାବେ ବିରାଜମାନ ଅଛନ୍ତି। ବ୍ରହ୍ମ ଗୁପ୍ତ ରହୁଥିବାରୁ ଏହାକୁ ବ୍ରହ୍ମ କ୍ଷେତ୍ର କୁହାଯାଉଛି। ସେହିପରି ସାରା ଓଡ଼ିଶାରେ ତୁଳସୀଙ୍କୁ ପୂଜା କରାଯାଉଛି। ଚାଷୀର ପ୍ରତୀକ ଏହି ବ୍ରହ୍ମ ଦେବତାଙ୍କ ସମ୍ପର୍କରେ ପ୍ରଚାର ପ୍ରସାର ହୋଇପାରିଲେ ଆଧ୍ୟାତ୍ମିକ ବିକାଶ ହୋଇପାରିବ। ଏହି ଅବସରରେ ଆସନ୍ତା ୨୮ ତାରିଖରେ ରିଘାଗଡ, ଇନ୍ଦୁପୁର, ହଳଦୀବସନ୍ତ, ବାଗଦା, ଅରଙ୍ଗାବାଦ, ବରୀ ନୂଆଗାଁରେ ପରିକ୍ରମା କାର୍ଯ୍ୟକ୍ରମ ରହିଥିବା ସେ ସୂଚନା ଦେଇଛନ୍ତି।

# ସ୍ୱୟଂ ସହାୟିକା ଗୋଷ୍ଠୀଙ୍କୁ ମତ୍ସ୍ୟଚାଷ ପ୍ରଶିକ୍ଷଣ




ପ୍ରଶିକ୍ଷଣ ଶିବିରରେ ଯୋଗଦେଇଥିବା ମହିଳା ଓ ଅନ୍ୟମାନେ।

**ରାଜନଗର, ୨୭।୧୦(ଡି.ଏନ.ଏ.)**

ରାଜନଗର ପଞ୍ଚାୟତ ସମିତି ସଭାଗୃହରେ ବ୍ଲକସ୍ତରୀୟ ସ୍ୱୟଂ ସହାୟିକା ଗୋଷ୍ଠୀର ମହିଳାମାନଙ୍କୁ ବୈଜ୍ଞାନିକ ପଦ୍ଧତିରେ ମାଛ ଚାଷ କରିବା କ୍ଷେତ୍ରରେ ପ୍ରଶିକ୍ଷଣ ଗୁରୁବାର ଦିଆଯାଇଛି। ଶିବିରକୁ ପଞ୍ଚାୟତ ସମିତି ଅଧ୍ୟକ୍ଷା ପ୍ରତିଭା ପାତ୍ର ଉଦ୍‌ଘାଟନ କରିବା ସହ ଗ୍ରାମାଞ୍ଚଳର ମହିଳାମାନଙ୍କର ଆର୍ଥିକ ମାନଦଣ୍ଡ ସୁଦୃଢ଼ କରିବା କ୍ଷେତ୍ରରେ ମତ୍ସ୍ୟଚାଷ ପାଇଁ ଅଧିକ ପ୍ରୋତ୍ସାହନ ଯୋଗାଯିବ ବୋଲି କହିଥିଲେ। ବିଡିଓ ରବୀନ୍ଦ୍ର କୁମାର ପ୍ରଧାନ, ଜିଲା ମତ୍ସ୍ୟ ଅଧିକାରିଣୀ ମମତା ମହାପାତ୍ର, ପ୍ରଶିକ୍ଷକ ସୌରଭ ବିଶ୍ୱାଳ, ପଞ୍ଚାୟତ ସମିତି ଉପାଧ୍ୟକ୍ଷ ଗଣେଶ ଚନ୍ଦ୍ର ଗୁଡିଆ ପ୍ରମୁଖ ଯୋଗଦେଇଥିଲେ। ସେମାନେ ରାଜ୍ୟ ସରକାରଙ୍କ ଏହି ଯୋଜନାକୁ ପ୍ରଶଂସା କରିବା ସହ ମହିଳାମାନେ ମାଛ ଚାଷ କରିବା ପୂର୍ବରୁ ନିଜ ପୋଖରୀର ପାରିପାର୍ଶ୍ୱିକ ସଫା ସୁତୁରା ରଖିବା ସହ ସରକାରଙ୍କ ପକ୍ଷରୁ ଆସୁଥିବା ଶତକଡା ୬୦ ପ୍ରତିଶତ ରିହାତି ବିଷୟରେ ଆଲୋଚନା କରିଥିଲେ। ଜିଲା ମତ୍ସ୍ୟବିଭାଗ, ମିଶନ ଶକ୍ତି ଏବଂ ୱାଲ୍ଡ ଫିସର ମିଳିତ ଆନୁକୂଲ୍ୟରେ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀକୁ ନିଜ ପଞ୍ଚାୟତ ପୋଖରୀରେ ଏହି ମାଛ ଚାଷ କରିବାକୁ ସହାୟତା ପ୍ରଦାନ କରୁଛନ୍ତି। ଏହି ଯୋଜନାରେ ବ୍ଲକର ୧୨୪ଟି ସ୍ୱୟଂ ସହାୟିକା ଗୋଷ୍ଠୀକୁ ୫ବର୍ଷ ପାଇଁ ମାଛ ଚାଷ କରିବାକୁ ଚଳିତବର୍ଷ ପଞ୍ଚାୟତ ପୋଖରୀ ନିଲାମ ଦିଆଯାଇଛି। ବୈଜ୍ଞାନିକ ପଦ୍ଧତିରେ ମାଛ ଚାଷ କଲେ ହେକ୍ଟର ପିଛା ୫ ଟନ୍ ମାଛ ଉତ୍ପାଦନ ହୋଇପାରିବ ବୋଲି ପ୍ରଶିକ୍ଷକ ବିଶ୍ୱାଳ ସୂଚନା ଦେଇଥିଲେ। ବ୍ଲକ ମିଶନ ଶକ୍ତିର ସଂଯୋଜିକା ସାଗରିକା ମଲ୍ଲିକ, ଓଡ଼ିଶା ଜୀବିକା ମିଶନର ପ୍ରକଳ୍ପ ପରିଚାଳକ ରଶ୍ମୀ ରଞ୍ଜନ ଦାଶ, ଭାରପ୍ରାପ୍ତ ସହକାରୀ ମତ୍ସ୍ୟ ଅଧିକାରିଣୀ ହରପ୍ରିୟା ବେହେରା, କନିଷ୍ଠ ମତ୍ସ୍ୟ ବୈଷୟିକ ସହକାରୀ ବିକାଶ କୁମାର ନାୟକ, ସାଗର ମିତ୍ର ଶୁଭଶ୍ରୀ ରାୟ, ସତ୍ୟଜିତ ଦାସ ପ୍ରମୁଖ ଶିବିରକୁ ପରିଚାଳନା କରିଥିଲେ।

# ହଜିଗଲାଣି ମୁକ୍ତା ଯୋଜନାର ପ୍ରକଳ୍ପ

**ପଟ୍ଟାମୁଣ୍ଡାଇ,୨୭।୧୦(ସ୍ୱ.ପ୍ର.)**



ପଟ୍ଟାମୁଣ୍ଡାଇରେ ଜଳ ସଂରକ୍ଷଣ ପ୍ରକଳ୍ପ ପୋତି ହୋଇଯାଇଛି।

କେନ୍ଦ୍ରାପଡ଼ା ଜିଲା ପଟ୍ଟାମୁଣ୍ଡାଇ ଅଞ୍ଚଳରେ କରୋନା ସମୟରେ ଲୋକଙ୍କ ସହ ଶ୍ରମିକ ଶ୍ରେଣୀର ଲୋକେ ବେଶୀ ପ୍ରଭାବିତ ହୋଇଥିଲେ। ବିଭିନ୍ନ ରାଜ୍ୟରେ କାର୍ଯ୍ୟ କରୁଥିବା ପ୍ରବାସୀ ଶ୍ରମିକମାନେ ଘରକୁ ବାହୁଡି ଥିଲେ। ଏଠାରେ ମଧ୍ୟ କାମ ନ ମିଳିବାରୁ ଲୋକେ ଅତି ଦୟନୀୟ ଭାବେ ରହୁଥିଲେ। ଏହାକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ସହରାଞ୍ଚଳରେ ବାସ କରୁଥିବା ଅସହାୟ ଶ୍ରମିକମାନଙ୍କ ପାଇଁ ମୁଖ୍ୟମନ୍ତ୍ରୀ କର୍ମ ତତ୍ପର ଯୋଜନା (ମୁକ୍ତା)ରେ କାମ ଯୋଗାଇ ଦେଇଥିଲେ। ତେବେ ସରକାରଙ୍କର ଏହି ଯୋଜନାରେ ଲୋକେ ଉପକୃତ ହେବେ ବୋଲି ଯେଉଁ ଆଶା କରାଯାଇଥିଲା, ତାହା ପଟ୍ଟାମୁଣ୍ଡାଇ ପୌରାଞ୍ଚଳରେ ବିଫଳ ହୋଇଥିବା ଅଭିଯୋଗ ହେଉଛି। ମୁକ୍ତା ଯୋଜନାରେ ନିର୍ମାଣ ହୋଇଥିବା ପ୍ରକଳ୍ପର ଚିହ୍ନବର୍ଣ୍ଣ ଏବେ ହଜିଗଲାଣି। ଫଳରେ ସରକାରଙ୍କ ଲକ୍ଷାଧିକ ଟଙ୍କା ପାଣିରେ ପଡିଥିବା ଅଭିଯୋଗ ହେଉଛି।

ମୁକ୍ତା ଯୋଜନାରେ ପଟ୍ଟାମୁଣ୍ଡାଇ ପୌରପରିଷଦ ପକ୍ଷରୁ ଅର୍ଥ ବ୍ୟୟ କରାଯାଇ ବିଭିନ୍ନ ପ୍ରକଳ୍ପ ନିର୍ମାଣ ନେଇ ସ୍ୱୟଂ ସହାୟକ ଗୋଷ୍ଠୀକୁ କାମ ଦିଆଯାଇଥିଲା। ପ୍ରାୟ ୧୫୦ରୁ ଊର୍ଦ୍ଧ୍ୱ ଜଳ ଅମଳ ପ୍ରକଳ୍ପ (ଡବ୍ଲୁଏଚଏସ୍) ନିର୍ମାଣ ଅତି ତରବରିଆ ଭାବେ କରାଯାଇଥିଲା। ଏଥିପାଇଁ ୭୪ ଲକ୍ଷ ଟଙ୍କା ଖର୍ଚ୍ଚ କରାଯାଇଛି। ଗୋଟିଏ ଗୋଟିଏ ଜଳ ଅମଳ ପ୍ରକଳ୍ପ ପାଇଁ ୮୦ ହଜାରରୁ ୭୦ ହଜାର ଟଙ୍କା ଖର୍ଚ୍ଚ କରାଯାଇଛି। ତେବେ ସେହି ଜଳ ଅମଳ ପ୍ରକଳ୍ପଗୁଡିକ ଏବେ ହଜି ଯାଇଥିବା ଦେଖିବାକୁ ମିଳିଛି। ଏହି ପ୍ରକଳ୍ପଗୁଡିକର ଚିହ୍ନବର୍ଣ୍ଣ ଦିଶୁନାହିଁ। କେବଳ ଫଳକ ଅଛି, ଲେଖା ଲିଭି ଗଲାଣି। ଜଳ ଅମଳ ପ୍ରକଳ୍ପଗୁଡିକ ପଡି ରହିଛି। କାରଣ ସ୍ୱୟଂ ସହାୟକ ଗୋଷ୍ଠୀଙ୍କ ନାମରେ ଅନ୍ୟମାନେ ଏହି କାମକୁ ଅତି ନିମ୍ନମାନରେ ତିଆରି କରି ଟଙ୍କା ବିଭାଗୀୟ ଅଧିକାରୀଙ୍କ ସହ ମିଶି ହଡପ କରିଥିବା ଅଭିଯୋଗ ହେଉଛି। ୨୦୧୮ ସେପ୍ଟେମ୍ବରରୁ ପରିଷଦ ଭାଙ୍ଗି ଯାଇଥିବାରୁ ୱାର୍ଡରେ କାଉନସିଲର ନ ଥିଲେ। ଫଳରେ ବିଭାଗୀୟ ଅଧିକାରୀମାନେ ଅତି ତରବରିଆ ଭାବେ ମନଇଚ୍ଛା ଯେଉଁଠି ପାରିଲେ ସେଠି ଏହି ପ୍ରକଳ୍ପକୁ ନିମ୍ନମାନର କାମ କରି ଲକ୍ଷାଧିକ ଟଙ୍କା ହଡପ କରିଥିବା ନେଇ ସ୍ଥାନୀୟ ବାସିନ୍ଦା ଅଭିଯୋଗ କରିଛନ୍ତି। ଯେଉଁ ଲକ୍ଷ୍ୟ ନେଇ ଏହି ପ୍ରକଳ୍ପ ନିର୍ମାଣ କରାଯାଇଥିଲା ତାହାର କୌଣସି ସୁଫଳ ମିଳିବ ନାହିଁ ବୋଲି କୁହାଯାଇଛି। ପୌରାଞ୍ଚଳର ବିଭିନ୍ନ ସ୍ଥାନରେ ପୂର୍ବରୁ ୨୦ରୁ ୩୦ ଫୁଟ ଗଭୀରରେ ପାଣି ମିଳୁଥିବା ସ୍ଥାନରେ ଏବେ ୬୦ ଫୁଟ ଖୋଳିବାକୁ ପଡୁଛି। ଆଗାମୀ ଦିନରେ ଏହା ସହର ପାଇଁ ଏକ ବଡ ସମସ୍ୟା ସୃଷ୍ଟି କରିବ ବୋଲି ପରିବେଶବିତ୍‌ମାନେ କହୁଛନ୍ତି। ତେବେ ମୁକ୍ତା ଯୋଜନାରେ ସହରର କାନ୍ଥରେ ରଙ୍ଗ ଦେବା ବା ଚିତ୍ରକଳା କରିବା, ମିନି ପାର୍କ ନିର୍ମାଣ, ମିଶନ ଶକ୍ତି ଗୃହ ନିର୍ମାଣ,

### ଲକ୍ଷାଧିକ ଟଙ୍କା ପାଣିରେ ପଡ଼ିଲା

ବର୍ଷା ଜଳ ସଂରକ୍ଷଣ, ବିଭିନ୍ନ ସ୍ଥାନରେ ପରିଶ୍ରାଗା, ବଡ ପୋଖରୀ ନିର୍ମାଣ ସହ ପାର୍କର ବ୍ୟବସ୍ଥା, ଜିମ୍ କରିବା ଭଳି କାମରେ ଲକ୍ଷାଧିକ ଟଙ୍କା ଖର୍ଚ୍ଚ କରାଯାଇଛି। ବିଭାଗ ପୋଖରୀ ବାବଦକୁ ୧୫ ଲକ୍ଷ ଓ ବର୍ଷା ଜଳ ସଂରକ୍ଷଣ ବାବଦକୁ ୭୪ ଲକ୍ଷ ଖର୍ଚ୍ଚର ହିସାବ ଦେଇଥିବା ବେଳେ ଅନ୍ୟ କୌଣସି ହିସାବ ଦେଇ ପାରି ନ ଥିଲେ। ମୁକ୍ତା ଯୋଜନାରେ ଆସିଥିବା ଅର୍ଥ ଖର୍ଚ୍ଚ ହେଉଥିବା ବେଳେ ଏହାର କୌଣସି ଫାଇଦା ଲୋକେ ପାଇ ପାରୁ ନ ଥିବା ଦେଖିବାକୁ ମିଳିଛି। ତେବେ ଯେଉଁ ଜାଗାରେ ବର୍ଷା ଜଳ ସଂରକ୍ଷଣ ପାଇଁ ସୋକ୍ ପିଟ ନିର୍ମାଣ କରାଯାଇଛି ସେଠାରେ ଆଗରୁ ଗାତଥିବା ବେଳେ ଏବେ ତାହା ମାଟିରେ ମିଶିଯାଇଛି। ସହରର ଭୂତଳ ଜଳସ୍ତର ବୃଦ୍ଧି ପାଇଁ ପ୍ରସ୍ତୁତ ହୋଇଥିବା ଯୋଜନାକୁ ପୌରା ଅଧିକାରୀ ଗୁରୁତ୍ୱ ଦେଉ ନ ଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ଏ ନେଇ ପୌର ପରିଷଦର ନିର୍ବାହୀ ଅଧିକାରୀ ସମ୍ପଦ ସ୍ୱାଇଁଙ୍କୁ ପଚାରିବାରୁ ମୁକ୍ତା ଯୋଜନା କାର୍ଯ୍ୟକ୍ଷମ ଅଛି, ଯାହା ଖରାପ ହେଉଛି ପୁଣି କାର୍ଯ୍ୟକ୍ଷମ ହେବ ବୋଲି ସେ କହିଛନ୍ତି।

# ବିଦେଶରେ ଚାକିରି ଦେବାକୁ କହି ଏଜେଣ୍ଟ ଠକି ନେଲେ ଟଙ୍କା

**ଆଳି,୨୭।୧୦(ଡି.ଏନ.ଏ.)**

ବିଦେଶରେ ଚାକିରି କରାଇ ଦେବାକୁ କହି ୩୦ରୁ ଊର୍ଦ୍ଧ୍ୱ ଯୁବକଙ୍କ ନିକଟରୁ ୩୦ ଲକ୍ଷରୁ ଅଧିକ ଟଙ୍କା ନେଇ ଏଜେଣ୍ଟ ଫେରାର ହୋଇଯିବା ପରେ ଯୁବକମାନେ ଆଳି ଥାନାର ଦ୍ୱାରସ୍ଥ ହୋଇଛନ୍ତି। ଠକେଇରେ ଶିକାର ହୋଇଥିବା ପଟ୍ଟାମୁଣ୍ଡାଇ ଥାନା ଅନ୍ତର୍ଗତ ବଉଲାଙ୍ଗ ବିକ୍ରମ କେଶରୀ ପାତ୍ର, ଧୀରେନ୍ଦ୍ର ପାତ୍ର, କେନ୍ଦ୍ରାପଡ଼ାର ସୁଶାନ୍ତ ମଲିକ, ରାଜନଗର ମହୁଲିଆର ପ୍ରମୋଦ ସାହୁ, ଆଳି ନରେନ୍ଦ୍ରପୁରର ମନୋଜ ମଲିକ, ମନୋରଞ୍ଜନ ପଲାଇ, ସନ୍ଦୀପ ମଲିକ, ସିଦ୍ଧାର୍ଥ ମଲିକ, ବିଶ୍ୱ ରଞ୍ଜନ ମହାନ୍ତି, ବୀରଭଦ୍ର ନାୟକଙ୍କ ସମେତ କେନ୍ଦ୍ରାପଡ଼ା, ପଟ୍ଟାମୁଣ୍ଡାଇ, ଆଳି, ଚାନ୍ଦବାଲି ଅଞ୍ଚଳର ଯୁବକ ମାନେ ଆଳି ଥାନାରେ ଅଭିଯୋଗ କରିଛନ୍ତି। ଅଭିଯୋଗ ମୁତାବକ, ଆଳି ଥାନା ଅନ୍ତର୍ଗତ ବେଲସରପୁର ଗାଁର ଅମୂଲ୍ୟ ମଲିକ ଉପରୋକ୍ତ ଯୁବକମାନଙ୍କୁ ତାଙ୍କ ଘର ନିକଟକୁ ଡାକି ଓମାନ ଓ କୁଏତ ଯିବା



ଠକାମିର ଶିକାର ହୋଇଥିବା ଯୁବକମାନେ ଆଳି ଥାନାରେ ଅଭିଯୋଗ କରିବାକୁ ଆସିଛନ୍ତି।

ନିମନ୍ତେ ପ୍ରବର୍ତ୍ତାଇ ଅଗଷ୍ଟ ୨ ରେ ଜଣ ପିଛା ୧ ଲକ୍ଷ ୫୦ ହଜାର ଟଙ୍କା ନେବାକୁ କଥାବାର୍ତ୍ତା କରିଥିଲେ। ନଗଦ ଟଙ୍କା ଓ ଫୋନ ପେ ମାଧ୍ୟମରେ ଅମୂଲ୍ୟ ଜଣ ପିଛା ୧ ଲକ୍ଷ ଟଙ୍କା ନେଇ ଯାଇଛନ୍ତି। ଅମୂଲ୍ୟ ସେମାନଙ୍କ ନିକଟରୁ ଟଙ୍କା ନେବା ପରେ ବମ୍ବେ ପଳାଇ ଯାଇ ଦିଲ୍ଲୀ ଡାକିଥିଲେ। ଦିଲ୍ଲୀରେ ସେ ଅଫିସରଙ୍କୁ ନେଇ ତାଙ୍କ ନିକଟରେ ପହଞ୍ଚିବେ ବୋଲି କହିଥିଲେ। ଏହି ଯୁବକମାନେ ଏକତ୍ରିତ ହୋଇ ଦିଲ୍ଲୀରେ ଅଗଷ୍ଟ ୨୫ରେ ପହଞ୍ଚିବା ପରେ ଅମୂଲ୍ୟଙ୍କ ସହ ଯୋଗାଯୋଗ ହୋଇ ପାରି ନ ଥିଲା। ଅମୂଲ୍ୟ ଫୋନ ସୁଇଚ ଅଫ କରି ରଖିଥିଲେ। ଅପରପକ୍ଷରେ ଅମୂଲ୍ୟ ସେମାନଙ୍କୁ ୨୮ ତାରିଖରେ ବିମାନ ଅଛି ଯିବାକୁ କହିଥିଲେ। ୧୦ ଦିନ ସେମାନେ ଅମୂଲ୍ୟକୁ ଅପେକ୍ଷା କରି ନିରାଶ ହେବା ପରେ ନିଜ ନିଜ ଘରକୁ ଫେରି ଆସିଛନ୍ତି। ଯୁବକମାନେ ଘରକୁ ଫେରିବା ପରେ ଅମୂଲ୍ୟଙ୍କ ଘରେ ପହଞ୍ଚି ଏ ବିଷୟରେ ପଚାରିଥିଲେ। ପୁଣି

### ଠକେଇର ଶିକାର ଯୁବକମାନେ ଆଳି ଥାନାର ଦ୍ୱାରସ୍ଥ

ସେମାନେ ଅମୂଲ୍ୟଙ୍କ ସହ ଯୋଗାଯୋଗ କରିଥିଲେ। ପରେ ଅମୂଲ୍ୟ ସେମାନଙ୍କୁ ଆଉ ୫୦ ହଜାର ଟଙ୍କା ଦେବା ପରେ ପାସ୍ ପୋର୍ଟ ପଠାଇବେ ବୋଲି କହିଥିଲେ। ଅମୂଲ୍ୟଙ୍କ କଥା ଅନୁସାରେ ତାଙ୍କ ବାପାଙ୍କୁ ଯୁବକମାନେ ଚଳିତ ମାସ ୧୫ ତାରିଖରେ ଜଣ ପିଛା ୫୦ ହଜାର ଟଙ୍କା ଲେଖାଏ ଦେଇଥିଲେ। ୫୦ ହଜାର ଟଙ୍କା ପଠାଇବା ପରେ ଏହି ଯୁବକମାନଙ୍କୁ ଅମୂଲ୍ୟ ପାସପୋର୍ଟ ପଠାଇଥିଲେ। ମାତ୍ର ସେଗୁଡିକୁ ଅଧା ଚିରି ଯାଇଥିଲା। ସେମାନଙ୍କ ସନ୍ଦେହ ହେବାରୁ ଏ ସମ୍ପର୍କରେ ସେମାନେ ପାସପୋର୍ଟ ଅଫିସ ସହି ଯୋଗାଯୋଗ କରିଥିଲେ। ସେମାନଙ୍କୁ ମିଳିଥିବା ପାସପୋର୍ଟ ଅଚଳ ବୋଲି ସେମାନେ ଜାଣିବାକୁ ପାଇଥିଲେ। ଏହାପରେ ସେମାନେ ସେମାନଙ୍କ ଟଙ୍କା ଫେରାଇ ଦେବାକୁ ଅମୂଲ୍ୟ ଘରକୁ ଯିବାରୁ ତାଙ୍କ ସ୍ତ୍ରୀ, ବାପା ପରିବାର ଲୋକ ସେମାନଙ୍କୁ ଗାଳି ଗୁଲଜ କରିବା ସହ ମାରିବାକୁ ଉଦ୍ୟମ କରିଥିଲେ। ଏ ନେଇ ସେମାନେ ଗତ ୨୫ ତାରିଖରେ ଅମୂଲ୍ୟଙ୍କ ନାମରେ ଆଳି ଥାନାରେ ଏକ ଅଭିଯୋଗ ଦେଇଥିଲେ। ଆଳି ପୋଲିସ ଅମୂଲ୍ୟଙ୍କ ନିକଟକୁ ଖବର ଦେବାରୁ ସେ ଥାନାକୁ ଆସି ଯୁବକମାନଙ୍କୁ ନଭେମ୍ବର ୩ରେ ଟଙ୍କା ଫେରାଇବାକୁ ପ୍ରତିଶ୍ରୁତି ଦେଇଥିଲେ। ତାଙ୍କ ବାପାଙ୍କୁ ଦେଇଥିବା ୫୦ ହଜାର ଟଙ୍କା ଗୁରୁବାର ଦେବାକୁ ଥିବାବେଳେ ସେମାନେ ତାଙ୍କ ଘର ନିକଟରେ ପହଞ୍ଚିବା ବେଳକୁ ଅମୂଲ୍ୟ ଘରେ ନ ଥିବା ବେଳେ ତାଙ୍କ ସ୍ତ୍ରୀ ଓ ବାପା ସେମାନଙ୍କ ସହ ଯୁକ୍ତିତର୍କ କରିବା ଦ୍ୱାରା ସେମାନେ ପୁଣି ଥରେ ଥାନାର ଦ୍ୱାରସ୍ଥ ହୋଇଛନ୍ତି। ଆଳି ଥାନା ଅଧିକାରୀ ଦିଲୀପ ସାହୁଙ୍କୁ ଏ ନେଇ ପଚାରିବାରୁ ଅଭିଯୋଗ ମିଳିବା ପରେ ନଂ. ୪୩୧/୨୨ରେ ମାମଲା ରୁଜୁ କାରାଯାଇ ତଦନ୍ତ ଆରମ୍ଭ ହୋଇଛି ବୋଲି ସେ କହିଛନ୍ତି।

## ସଂକ୍ଷେପରେ

### ଶେଷ ସମୟ ପର୍ଯ୍ୟନ୍ତ ବଦଳୁଛି ସମୀକରଣ
### ଆଜି ଲେବର ଟ୍ରଷ୍ଟି ନିର୍ବାଚନ

ପାରାଦୀପ, ୨୭।୧୦(ସ୍ୱ.ପ୍ର.): ଦୀର୍ଘ ୪ ବର୍ଷ ବ୍ୟବଧାନ ପରେ ଶୁକ୍ରବାର ପାରାଦୀପ ବନ୍ଦର ପ୍ରାଧିକରଣ ବୋର୍ଡ ପାଇଁ ଲେବର ଟ୍ରଷ୍ଟି ନିର୍ବାଚନ ହେବ। ଚଳିତଥର ୮ଟି ୟୁନିୟନ ଏଥିରେ ଭାଗ ନେଇଛନ୍ତି। ମୋଟ୍ ୩୯୧ ଭୋଟର ବନ୍ଦର ୪ ନଂ. ଗେଟ ପାଖ ବୁଥ୍‌ରେ ମତଦାନ କରିବେ। ଅପରାହ୍ନ ୪ଟାରେ ମତଦାନ ଓ ସନ୍ଧ୍ୟାରେ ଗଣତି ହେବ ବୋଲି ନିର୍ବାଚନ ଅଧିକାରୀ ତଥା କେନ୍ଦ୍ର ଶ୍ରମ ଓ ରୋଜଗାର ବିଭାଗ ପକ୍ଷରୁ ବିଜ୍ଞପ୍ତିରେ ଦର୍ଶାଯାଇଛି। ଚଳିତ ଥର ଏହି ନିର୍ବାଚନ କିଛି ଘଟଣା ପାଇଁ ରୋଚକ ମୋଡ ନେଇଛି। ଦୁଇଟି ୟୁନିୟନ କର୍ମକର୍ତ୍ତାଙ୍କ ମଧ୍ୟରେ ଗଣ୍ଡଗୋଳ, ଗୋଟିଏ ୟୁନିୟନ ଯାଞ୍ଚରେ ବାଦ ପଡିବା, ବାଦ ପଡିଥିବା ୟୁନିୟନ ନେତା ତଥା ପୂର୍ବତନ ଟ୍ରଷ୍ଟି ଆଉ ଏକ ୟୁନିୟନ ଲୋଗୋ ଜରିଆରେ ପ୍ରଚାର କରିବା ଭଳି ଘଟଣା ଘଟିଛି। ସମ୍ପୃକ୍ତ ନେତା ଯେଉଁ ୟୁନିୟନ ସହ ସହବନ୍ଧିତ ହୋଇଛନ୍ତି ତାକୁ ଭାଜପା ସମର୍ଥନ କରିବା ସହ କର୍ମୀମାନେ ପ୍ରଚାର କରୁଛନ୍ତି। ସେ ଯେଉଁ ୟୁନିୟନ ସହ ଜଡ଼ିତ ହୋଇଛନ୍ତି ତାହା କୌଣସି ବୃହତ୍ ସଂଘ ଦ୍ୱାରା ସହବନ୍ଧିତ ନୁହେଁ। ଉକ୍ତ ୟୁନିୟନ ରାଜ୍ୟ ବିଜେଡି ସମର୍ଥିତ ସଙ୍ଗଠନ ବୋଲି ଜଣାପଡିଛି। ଅପରପକ୍ଷେ ନିର୍ବାଚନ ଆଚରଣ ବିଧି ସମୟରେ କର୍ମକର୍ତ୍ତା ୟୁନିୟନ ଅଦଳବଦଳ ଘଟଣାକୁ ନେଇ ପ୍ରତିପକ୍ଷ ୟୁନିୟନଗୁଡିକ ମଧ୍ୟ ବିରୋଧ କଲେଣି। ଏମିତି ଅନେକ ଘଟଣା ମଧ୍ୟରେ କେଉଁ ୨ଟି ୟୁନିୟନ ସଫଳତା ହାସଲ କରିବ ତାହା ଶୁକ୍ରବାର ସନ୍ଧ୍ୟା ସୁଦ୍ଧା ସ୍ପଷ୍ଟ ହେବ।

### ଅଯୋଧାପୁରରେ ମା'କାଳୀଙ୍କ ପୂଜା

ରଘୁନାଥପୁର,୨୭।୧୦(ଡି.ଏନ୍.ଏ.): ରଘୁନାଥପୁର ବ୍ଲକ ଅଯୋଧାପୁରରେ ମା'କାଳୀଙ୍କ ପୂଜା ଦେଢ଼ଶହ ବର୍ଷରେ ପଦାର୍ପଣ କରିଛି। ଏହି ପୂଜା ସବୁବର୍ଗର ଲୋକଙ୍କୁ ଏକତ୍ରିତ କରି ଭାତୃଭାବ ବଜାଇ ରଖିବାରେ ସଫଳ ହୋଇଛି। ଶିକ୍ଷକ ଜୟପ୍ରକାଶ ପଣ୍ଡା ଓ ମା'ଦକ୍ଷିଣକାଳୀ ପୂଜା କମିଟିର ସମ୍ପାଦକ ଚନ୍ଦ୍ରକାନ୍ତ ପଣ୍ଡାଙ୍କ କହିବାନୁଯାୟୀ, ୧୮୬୬ରେ ପଶ୍ଚିମବଙ୍ଗର ହରମନ ମିତ୍ର ରଘୁନାଥପୁର ଅଞ୍ଚଳରେ ପହଞ୍ଚି



ଜମିଦାରି ଆରମ୍ଭ କରିଥିଲେ। ଏହାର କିଛି ବର୍ଷ ପରେ ତାଙ୍କ ପରିବାର ସଦସ୍ୟ ମନୀନ୍ଦ୍ର ମିତ୍ର ଇଷ୍ଟଦେବୀ ମା' କାଳୀଙ୍କୁ ଅଯୋଧାପୁରର ବ୍ରାହ୍ମଣ ସାହିରେ ଏକ ବରଗଛ ମୂଳେ ସ୍ଥାପିତ କରିଥିଲେ। ଏହାର ସେବାନୀତି ପାଇଁ ରାମ ଠାକୁରଙ୍କୁ ନିୟୋଜିତ କରିଥିଲେ। ଜମିଦାରି ଶାସନ ଉଚ୍ଛେଦ ପରେ ସେବକ ଠାକୁର ଗାଁରେ ମାଗଣ କରି ଦୈନିକ ସେବାନୀତି କରୁଥିଲେ। ତାଙ୍କ ପରେ ଗ୍ରାମବାସୀ ମନ୍ଦିର କରି ନିଜର ଇଷ୍ଟଦେବୀ ଭାବେ ମା'ଙ୍କ ଶକ୍ତିପୀଠରେ ପୂଜାର୍ଚ୍ଚନା କରୁଛନ୍ତି। ପ୍ରତିବର୍ଷ ମା'ଙ୍କ ମୃଣ୍ମୟୀ ମୂର୍ତ୍ତି ଗଢି ପୂଜା କରି ଆସୁଛନ୍ତି। ପୂଜା କମିଟି ସଭାପତି ପ୍ରମୋଦ କୁମାର ଜେନା, ସମ୍ପାଦକ ପଣ୍ଡା ଓ କୋଷାଧକ୍ଷ ଲିଙ୍ଗରାଜ ପତିଙ୍କ ତତ୍ତ୍ୱାବଧାନରେ ସମସ୍ତ କାର୍ଯ୍ୟ ପରିଚାଳିତ ହେଉଛି। ଗ୍ରାମବାସୀ ଏଥିରେ ସହଯୋଗ କରୁଛନ୍ତି।

# ତନ୍ତିଆପାଳ ବିଜୁ ସେତୁ ଲୋକାର୍ପଣ କଲେ ମନ୍ତ୍ରୀ





ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକ ତନ୍ତିଆପାଳଠାରେ ବିଜୁ ସେତୁ ଲୋକାର୍ପଣ କରୁଛନ୍ତି।

**ମହାକାଳପଡ଼ା,୨୭।୧୦ (ଡି.ଏନ.ଏ.)**

କେନ୍ଦ୍ରାପଡ଼ା ଜିଲା ମହାକାଳପଡ଼ା ବ୍ଲକ ଉପକୂଳ ନାଞ୍ଜୁରା ପଞ୍ଚାୟତ ତନ୍ତିଆପାଳଠାରେ ନୂତନ ବିଜୁ ସେତୁକୁ ରାଜ୍ୟ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକ ଗୁରୁବାର ଲୋକାର୍ପିତ କରିଛନ୍ତି। ଏହି ସେତୁ ହଂସୁଆ ନଦୀ ଶାଖା ନଦୀ ଉପରେ ନିର୍ମାଣ ହୋଇଛି। ସେତୁ ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ ହେବାରୁ ମହାକାଳପଡ଼ା -ରାଜନଗର ବ୍ଲକ ସହ ଯାତାୟାତ ସୁବିଧା ହୋଇଛି। ଏହି ସେତୁ ପୂର୍ବରୁ ୧୯୯୨-୯୩ ମସିହାରେ ଲୁହାରେ ନିର୍ମାଣ ହୋଇଥିଲା। ପରେ

### ମହାକାଳପଡା-ରାଜନଗର ଯାତାୟାତ ବାଟ ଫିଟିଲା

ଭାରୀଯାନ ଚଳାଚଳ କରିବା ଯୋଗୁ ଦୁର୍ବଳ ହୋଇ ୨୦୧୪ ମାର୍ଚ୍ଚ ୨ରେ ଭୁଶୁଡି ପଡ଼ିଥିଲା। ମନ୍ତ୍ରୀ ନାୟକଙ୍କ ଉଦ୍ୟମରେ ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ଟେଣ୍ଡର କରାଯାଇ ନିର୍ମାଣ ଶେଷ ହୋଇଛି। ଏହି ସ୍ଥାନଟି ପଙ୍କ ଅଧିକ ଥିବାରୁ ପୂର୍ବରୁ ନିର୍ମାଣରେ ସମସ୍ୟା ହୋଇଥିଲା। ମନ୍ତ୍ରୀ ଏହା ପୂର୍ବରୁ ଜମ୍ବୁ ପଞ୍ଚାୟତ ଭାଟେଣୀଠାରେ ବସୁଧା ଯୋଜନାରେ ଏକ ଲକ୍ଷ ଲିଟର ଉଚ୍ଚ ପାଣି ଟାଙ୍କିକୁ ଉଦଘାଟନ କରିଥିଲେ। ସେହିପରି ସୁନୀତି ପଞ୍ଚାୟତ ବେଣାକନ୍ଧାଠାରେ ୨ଟି ଏକ ଲକ୍ଷ ଲିଟର ଉଚ୍ଚ ପାଣି ଟାଙ୍କି ଓ ତନ୍ତିଆପାଳ ଗ୍ରାମରେ ଆଉ ଏକ ପାଣି ଟାଙ୍କି ଉଦ୍‌ଘାଟନ କରିଥିଲେ। ତନ୍ତିଆପାଳ ବିଜୁ ସେତୁଠାରେ ଏକ କାର୍ଯ୍ୟକ୍ରମରେ ମନ୍ତ୍ରୀ ନାୟକ, ବ୍ଲକ ଅଧକ୍ଷା କଳ୍ପନା ରାଉତ, କେନ୍ଦ୍ରାପଡା ଗ୍ରାମ୍ୟ ଉନ୍ନୟନ ବିଭାଗ ନିର୍ବାହୀ ଯନ୍ତ୍ରୀ ରାଜେଶ ପ୍ରଧାନ, କେନ୍ଦ୍ରାପଡା ଗ୍ରାମ୍ୟ ପାନୀୟ ଜଳ ଯୋଗାଣ ନିର୍ବାହୀ ଯନ୍ତ୍ରୀ ବସନ୍ତ କୁମାର ନାୟକ, ସହକାରୀ ଯନ୍ତ୍ରୀ ବସନ୍ତ କୁମାର ସେଠୀ, କନିଷ୍ଠ ଯନ୍ତ୍ରୀ ସୁବ୍ରତ ସାହୁଙ୍କ ସମେତ ବିଭାଗୀୟ ଅଧିକାରୀମାନଙ୍କ ସହିତ ଲୋକ ପ୍ରତିନିଧି ଉପସ୍ଥିତ ଥିଲେ।

# ପୃଥକ୍ ମାମଲାରେ ୨ ଅଭିଯୁକ୍ତ କୋର୍ଟ ଚାଲାଣ

**ନାଉଗାଁ,୨୭।୧୦(ସ୍ୱ.ପ୍ର.)**

ନାଉଗାଁ ଥାନା ଅନ୍ତର୍ଗତ ଅଲଣାହାଟରେ ପରିବା ଦୋକାନ କରିଥିବା ନିରଞ୍ଜନ ସାହୁଙ୍କ କ୍ୟାବିନ ପୋଡି ମାମଲାରେ ଥାନା ପକ୍ଷରୁ ଅରକ୍ଷିତ ଭୋଇଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଛି। ୨୪ ଅକ୍ଟୋବର ୨୦୨୨ରେ ପରିବା କିଣାବିକାକୁ ନେଇ ଉଭୟଙ୍କ ମଧ୍ୟରେ ବଚସା ହୋଇଥିଲା। ଅରକ୍ଷିତ ଉକ୍ତ ଦିନ ବିଳମ୍ବିତ ରାତିରେ ନିରଞ୍ଜନଙ୍କ କ୍ୟାବିନରେ ନିଆଁ ଲଗାଇ ଦେଇଥିଲେ। ଫଳରେ ସେଠାରେ ଥିବା ପରିବା ସମେତ ବିଭିନ୍ନ ଆସବାବପତ୍ର ପୋଡି ପାଉଁଶ ହୋଇଯାଇଥିଲା। ଏ ସଂକ୍ରାନ୍ତରେ ନିରଞ୍ଜନ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଏହାକୁ ଭିତ୍ତି କରି ଥାନା ପକ୍ଷରୁ ମାମଲା (ନଂ.୨୩୬/୨୨) ରୁଜୁ କରାଯାଇ ତଦନ୍ତ ଜାରି ରହିଥିଲା। ୨୭ ଅକ୍ଟୋବର ୨୦୨୨ରେ ଅରକ୍ଷିତଙ୍କୁ ଗିରଫ କରାଯାଇଥିଲା। ସେହିପରି ଚୋରା ମଦ ବିକ୍ରି ଅଭିଯୋଗରେ ଜଣେ ମହିଳାଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି। ନାଉଗାଁ ଥାନା ଏସ୍‌ଆଇ ଦୀପ୍ତିମୟୀ ବିଶ୍ୱାଳଙ୍କ ଅଭିଯୋଗ ମୁତାବକ, ୨୭ ଅଗଷ୍ଟ ୨୦୨୨ ରେ ଜାମୁଗାଁ ପଞ୍ଚାୟତ ଏକରୁଖା ଗ୍ରାମର ବାବାଜୀ ସ୍ୱାଇଁ, ସ୍ତ୍ରୀ ଲୋଭାବତୀ ଓ ପୁଅ ମାନସ ସ୍ୱାଇଁ ଚୋରା ମଦ କାରବାର କରୁଥିବା ନେଇ ଏକ ବିଶେଷ ସୂତ୍ରରୁ ଖବର ମିଳିଥିଲା। ଏହାପରେ ଏସ୍‌ଆଇ ବିଶ୍ୱାଳ ଓ ତାଙ୍କ ସହକର୍ମୀ ଘଟଣାସ୍ଥଳରେ ଚଢ଼ାଉ କରି ଅଭିଯୁକ୍ତ ବାବାଜୀ ଓ ମାନସଙ୍କୁ ଧରିବା ସମୟରେ ଉଭୟ ବାପ ଓ ପୁଅ ପୋଲିସ ଗାଡି ଉପରକୁ ଟେକା ଫିଙ୍ଗିବା ସହ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିଥିଲେ। ଥାନା ପକ୍ଷରୁ ଅଭିଯୋଗକୁ ଭିତ୍ତି କରି ମାମଲା (ନଂ.୧୮୮/୨୨) ରୁଜୁ କରାଯାଇ ପ୍ରଥମେ ମାନସଙ୍କୁ ଓ ପରେ ବାବାଜୀଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଥିଲା। ଏହି ଘଟଣାରେ ସମ୍ପୃକ୍ତି ଅଭିଯୋଗରେ ଲୋଭାବତୀଙ୍କୁ କୋର୍ଟ ଚାଲାଣ କରାଯାଇଥିବା ଥାନାଧିକାରୀ ଅନିରୁଦ୍ଧ ନାୟକ ପ୍ରକାଶ କରିଛନ୍ତି।

# ୨୫ ସ୍କୁଲରେ ୧୨୯୨ ଛାତ୍ରୀଛାତ୍ର

**ରଘୁନାଥପୁର,୨୭।୧୦(ଡି.ଏନ୍.ଏ.)**

### ୯ମ ସମ୍ମେଟିଭ ଆସେସ୍‌ମେଣ୍ଟ ୧ ପରୀକ୍ଷା ଆରମ୍ଭ

ଗଣଶିକ୍ଷା ବିଭାଗ ପକ୍ଷରୁ ଗୁରୁବାରଠାରୁ ନବମ ଶ୍ରେଣୀ ସମ୍ମେଟିଭ ଆସେସ୍‌ମେଣ୍ଟ ୧ ପରୀକ୍ଷା ଆରମ୍ଭ ହୋଇଛି। ରଘୁନାଥପୁର ବ୍ଲକର ୨୫ ସ୍କୁଲରେ ମୋଟ ୧୨୯୨ ଛାତ୍ରୀଛାତ୍ର ନିଜ ନିଜ ସ୍କୁଲରେ ଏହି ପରୀକ୍ଷା ଦେଉଛନ୍ତି। ଏଥିପାଇଁ ବୋର୍ଡ଼ ପକ୍ଷରୁ ପ୍ରଶ୍ନପତ୍ର ପ୍ରସ୍ତୁତ କରାଯାଇ ନୋଡାଲ କେନ୍ଦ୍ର ଜରିଆରେ ପରୀକ୍ଷା ଆରମ୍ଭ ହେବାର ଏକଘଣ୍ଟା ପୂର୍ବରୁ ପ୍ରତି ସ୍କୁଲରେ ପ୍ରଶ୍ନପତ୍ର ପହଞ୍ଚାଯାଉଛି। ପ୍ରଧାନଶିକ୍ଷକମାନେ ସେଣ୍ଟର ସୁପରିଣ୍ଟେଣ୍ଡେଣ୍ଟ ଦାୟିତ୍ୱରେ ରହିଛନ୍ତି। ପରୀକ୍ଷାକୁ କଡାକଡିକରାଯାଇଛି। ପରୀକ୍ଷା କେନ୍ଦ୍ରକୁ ପ୍ରବେଶ ସମୟରେ ଗେଟ୍ ଚେକିଂ ଓ ହଲଚେକିଂ ପ୍ରତି ଗୁରୁତ୍ୱ ଦିଆଯାଉଛି। ପ୍ରତି ବିଷୟ ପାଇଁ ପିଲାମାନେ ୮୦ ନମ୍ବରର ପରୀକ୍ଷା ଦେବେ। ଏଥିରେ ଅବଜେକ୍ଟିଭ ୫୦ ଓ ସବ୍‌ଜେକ୍ଟିଭ ୩୦ ନମ୍ବର ରହିଛି। ଗଣିତ ବିଷୟ ପାଇଁ ୨ ଘଣ୍ଟା ୧୫ ମିନିଟ ସମୟ ଅବଧି ଥିବାବେଳେ ଅନ୍ୟ ସମସ୍ତ ବିଷୟ ପାଇଁ ୨ ଘଣ୍ଟା ଧାର୍ଯ୍ୟ କରାଯାଇଛି। ପ୍ରଥମ ଦିନ ଇଂଲିଶ୍ ପରୀକ୍ଷା ଶୃଙ୍ଖଳାର ସହ ସମ୍ପନ୍ନ ହୋଇଥିବାବେଳେ ଆସନ୍ତା ନଭେମ୍ବର ୨ରେ ପରୀକ୍ଷା ଶେଷ ହେବ ବୋଲି ଜଣାପଡିଛି।

# ଭିତରକନିକାରେ ପ୍ରଶିକ୍ଷଣ ନେଉଛନ୍ତି ବନ କର୍ମଚାରୀ



ପ୍ରଶିକ୍ଷଣ ନେବାକୁ ଆସିଥିବା ବନ କର୍ମଚାରୀ ଭିତରକନିକା ପରିଭ୍ରମଣ କରୁଛନ୍ତି।

**ରାଜନଗର, ୨୭।୧୦(ଡି.ଏନ.ଏ.)**

କେନ୍ଦ୍ରାପଡ଼ା ଜିଲା ଭିତରକନିକା ଜାତୀୟ ଉଦ୍ୟାନର ଜୈବ ବିବିଧତା, ହେନ୍ତାଳ ବଣ, ବିଭିନ୍ନ ସରୀସୃପ, ବଉଳା କୁମ୍ଭୀର, ହରିଣଙ୍କ ସମେତ ଅନନ୍ୟ ବୈଭବକୁ ଅନୁଧ୍ୟାନ ଓ ପ୍ରଶିକ୍ଷକ ଗ୍ରହଣ କରିବାକୁ ୫୭ ଜଣ ବନ କର୍ମଚାରୀ ଆସିଛନ୍ତି। ଘଞ୍ଚ ଜଙ୍ଗଲ ଭିତରେ ଏହି ପ୍ରଶିକ୍ଷାର୍ଥୀମାନେ ଦୁଃସାହାସିକ ଯାତ୍ରା କରିବା ସହ ଭିତରକନିକାର ଟିକିନିକ ତଥ୍ୟ ଶିକ୍ଷା ଗ୍ରହଣ କରୁଛନ୍ତି। ଗୁରୁବାର ବଙ୍ଗୋପସାଗର ତଟବର୍ତ୍ତୀ ବରୁଣେଇ ମୁହାଣ, ପେଣ୍ଠର ବିସ୍ତୀର୍ଣ୍ଣ ବେଳାଭୂମିରେ ପହଞ୍ଚି ଅଲିଭରିଡ୍‌ଲେ କଇଁଛମାନଙ୍କ ଜୀବନଶୈଳୀ, ବରୁଣେଇ ବେଳାଭୂମି ଏବଂ ଏହାର ଐତିହ୍ୟ ସମ୍ବନ୍ଧରେ ଜ୍ଞାନ ଆହୋରଣ କରିଛନ୍ତି। ଏହି ଅବସରରେ ଦୋବନ୍ଧିଠାରେ ରାଜନଗର ଅତିରିକ୍ତ ବନ ସଂରକ୍ଷିକା ପୂର୍ଣ୍ଣିମା ହୀରା ହାଁସଦା, ରାଜନଗର ରେଞ୍ଜ ଅଫିସର ଚିତ୍ତ ରଞ୍ଜନ ବେଉରା, କନିକା ରେଞ୍ଜ ଅଫିସର ମାନସ କୁମାର ଦାସ, ଏସିଏଫ୍ ଦେବାଶିଷ ପତି ପ୍ରମୁଖ ପ୍ରଶିକ୍ଷକ ଭାବେ ଯୋଗ ଦେଇଛନ୍ତି। ସେମାନେ ଭିତରକନିକା ଓ ଗହୀରମଥା ସମ୍ବନ୍ଧରେ ଅନୁଗୋଳସ୍ଥିତ ଓଡ଼ିଶା ରେଞ୍ଜର୍ସ କଲେଜରେ ଅଧ୍ୟୟନ କରୁଥିବା ଦିଲ୍ଲୀ, ତାମିଲନାଡ୍ଡୁ, ଉତ୍ତର ପ୍ରଦେଶ ଓ ଓଡ଼ିଶାର ପ୍ରଶିକ୍ଷାର୍ଥୀମାନଙ୍କୁ ପ୍ରଶିକ୍ଷଣ ଦେଇଥିଲେ।

# ୯୦୦ ଟନ ସ୍କ୍ରାପ୍ ନଷ୍ଟକଲା ପାରାଦୀପ ବନ୍ଦର

**ପାରାଦୀପ,୨୭।୧୦(ସ୍ୱ.ପ୍ର.)**

ପାରାଦୀପ ବନ୍ଦର ପ୍ରଶାସନ ପକ୍ଷରୁ ସ୍ୱଚ୍ଛତା ଅଭିଯାନ ୨-୦ ଆରମ୍ଭ ହୋଇଛି। କେନ୍ଦ୍ର ଜାହାଜ ଚଳାଚଳ ଓ ଜଳମାର୍ଗ ମନ୍ତ୍ରଣାଳୟ ପକ୍ଷରୁ ସ୍ୱତନ୍ତ୍ର ନିର୍ଦ୍ଦେଶ ମତେ ଏହି ଅଭିଯାନ ସମଗ୍ର ଦେଶରେ ଥିବା ମେଜର ପୋର୍ଟଗୁଡ଼ିକରେ ଆରମ୍ଭ ହୋଇଛି। ଏଥିରେ ଦୀର୍ଘ ସମୟ ଧରି ପଡି ରହିଥିବା ପୁରୁଣାସ୍କ୍ରାପ୍ ଗୁଡିକୁ ହଟାଇବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ଏହି ପ୍ରକ୍ରିୟାରେ ପାରାଦୀପ ବନ୍ଦର ପୁରୁଣା ବିଲ୍ଡିଂଗୁଡିକୁ ଭାଙ୍ଗି ପ୍ରାୟ ୯୦୦ ଟନ ସ୍କ୍ରାପ୍ ନଷ୍ଟ କରିଛି। ଏଥିରୁ ୪.୩ କୋଟି ଟଙ୍କା ମିଳିଛି। ଉକ୍ତ ଅର୍ଥକୁ ଶିକ୍ଷାର ବିକାଶ ପାଇଁ ବ୍ୟୟ କରାଯିବ ବୋଲି ବନ୍ଦର ଜନସମ୍ପର୍କ ବିଭାଗ ପକ୍ଷରୁ



କୁହାଯାଇଛି। ଏହା ବ୍ୟତିରେକେ ଆସନ୍ତା ୩୧ରୁ ବନ୍ଦର ଭିନ୍ନ ଭିନ୍ନ ବିଭାଗ ପକ୍ଷରୁ ସ୍ୱଚ୍ଛତା ଅଭିଯାନ ଆରମ୍ଭ ହେବ। ଏହି ସମୟରେ ପୁରୁଣା ଆସବାବପତ୍ର କିମ୍ବା ସ୍କ୍ରାପ୍‌ଗୁଡିକୁ ଭଙ୍ଗାଯାଇ ପୁନଃ ବ୍ୟବହାରକ୍ଷମ କରାଯିବାର ପ୍ରସ୍ତାବ ରହିଛି।

# ଚାଷୀଙ୍କ ଆମରଣ ଅନଶନ ପ୍ରତ୍ୟାହୃତ

**ଏରସମା,୨୭।୧୦(ସ୍ୱ.ପ୍ର.)**

ଏରସମା ବ୍ଲକରେ ୨୦୨୧ରେ ହୋଇଥିବା ଲଗାଣ ବର୍ଷା ଓ ଜୱାଦ ବାତ୍ୟା ପ୍ରଭାବରେ କ୍ଷତିଗ୍ରସ୍ତ ଚାଷୀଙ୍କୁ ସହାୟତା ପ୍ରଦାନ ଦାବିରେ ଅଖିଳ ଭାରତ କୃଷକ ସଭା ପକ୍ଷରୁ ୨୬ରୁ ଚାଷୀଙ୍କ ଆମରଣ ଅନଶନ ଜାରି ରହିଥିଲା। ଗୁରୁବାର ଏହା ପ୍ରତ୍ୟାହୃତ ହୋଇଯାଇଛି। ଅପରାହ୍ନରେ ଏରସମା ତହସିଲଦାର ନବ ପ୍ରସାଦ ନାୟକ ଘଟଣାସ୍ଥଳକୁ ଆସି ଅନଶନକାରୀ ଚାଷୀଙ୍କୁ ବୁଝାଶୁଝା କରିଥିଲେ । ସେ କହିଥିଲେ, ପ୍ରାଥମିକ ପର୍ଯ୍ୟାୟରେ ୫ ପଞ୍ଚାୟତର ଚାଷୀଙ୍କୁ କ୍ଷତିପୂରଣ ଦିଆଯିବ। ଶୁକ୍ରବାରଠାରୁ ଏହା ଆରମ୍ଭ ହୋଇ ନଭେମ୍ବର ଶେଷ ସୁଦ୍ଧା ବ୍ଲକର ସମସ୍ତ ଚାଷୀଙ୍କୁ ୨ ବର୍ଷର ବର୍ଷା ବିପ୍ରାତ ଜନିତ କ୍ଷୟକ୍ଷତି ଓ ଜୱାଦ ବାତ୍ୟା ସହାୟତା ପ୍ରଦାନ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଏହାପରେ ଅନଶନ ପ୍ରତ୍ୟାହୃତ ହୋଇଥିଲା। ଏହି ଆଲୋଚନାରେ ଅନଶନରେ ବସିଥିବା




ଏରସମା ତହସିଲ ସମ୍ମୁଖରେ ଅନଶନରତ ଚାଷୀ ଓ ନେତାମାନେ।

ଅଭିଜିତ ସାହୁ, ରାମଚନ୍ଦ୍ର ମୁଦୁଲି, ପ୍ରଫୁଲ୍ଲ ଦାସ, ସର୍ବେଶ୍ୱର ବେଉରା, ପ୍ରଦୀପ୍ତ ସ୍ୱାଇଁ ଓ କାହ୍ନା ସେନାପତି ପ୍ରମୁଖ ସାମିଲ ହୋଇଥିଲେ। ଏହି ସମୟରେ ଅଖିଳ ଭାରତ କୃଷକ ସଭାର ରାଜ୍ୟ ସଭାପତି ଶଶିଭୂଷଣ ସ୍ୱାଇଁ, ପୀତାମ୍ବର ଦାସ, ପ୍ରସନ୍ନ କୁମାର କୁଅଁର, ବାସୁଦେବ ଖଣ୍ଡୁଆଳ, ଦାମୋଦର ବେହେରା, ବଂଶୀଧର ବେହେରା, ଶରତ ମଲ୍ଲିକ, ଧ୍ରୁବ ଚରଣ ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ, ୨୦୨୧ରେ ଅଖିଳ ଭାରତ କୃଷକ ସଭା ପକ୍ଷରୁ କ୍ଷତିପୂରଣ ଦାବିରେ ୬ ଜଣ ଚାଷୀ ଆମରଣ ଅନଶନ କରିଥିଲେ । ୩ ଦିନ ପରେ ଜିଲା ପ୍ରଶାସନ ଏରସମା ତହସିଲଦାରଙ୍କ ମାଧ୍ୟମରେ ୧୫ ଦିନ ମଧ୍ୟରେ କ୍ଷତି ପୂରଣ ଦେବାକୁ ପ୍ରତିଶ୍ରୁତି ଦେବା ପରେ ଅନଶନ ପ୍ରତ୍ୟାହୃତ ହୋଇଥିଲା । ଇତିମଧ୍ୟରେ ବର୍ଷେ ବିତି ଯାଇଥିଲେ ମଧ୍ୟ କ୍ଷତିପୂରଣ ମିଳିପାରିନାହିଁ। ପୁନର୍ବାର ପ୍ରଶାସନ ପକ୍ଷରୁ ଦିଆଯାଇଥିବା ପ୍ରତିଶ୍ରୁତି କାର୍ଯ୍ୟକାରୀ ହେବ କି ନାହିଁ ତାହା ସମୟ କହିବ।

# ରେଳ ଲାଇନରେ କାର୍ଯ୍ୟରତ ଠିକା ଶ୍ରମିକଙ୍କ ଦରମା ବାଟମାରଣା

**ଡେରାବିଶ ୨୭।୧୦(ସ୍ୱ.ପ୍ର.)**

ନିଯୁକ୍ତି ଦେଇଥିବା ଆଉଟସୋର୍ସିଂ ଠିକା ସଂସ୍ଥା ଦ୍ୱାରା ହରିଦାସପୁର-ପାରାଦୀପ ରେଳ ଲାଇନରେ କାର୍ଯ୍ୟରତ ଠିକା ଶ୍ରମକଙ୍କ ଦରମା ବାଟମାରଣା ଓ ମାନସିକ ନିର୍ଯାତନା ଦିଆଯାଉଥିବା ନେଇ ଅଭିଯୋଗ ହୋଇଛି। ଡେରାବିଶ ଅଞ୍ଚଳର କେତେଜଣ ଯୁବକ ଏଥିରେ ନିୟୋଜିତ ହୋଇଥିବାବେଳେ ଠିକାଦାରଙ୍କ ଦ୍ୱାରା ଶୋଷଣ ହେବାରୁ ଏହାକୁ ବିରୋଧ କରି ଜିଲା ଚାଷୀ ଶ୍ରମିକ ସଂଘ ରେଳ ବିଭାଗ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ଏଥିସହ ଏହି ଘଟଣା ବାବଦରେ ସଂଘ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଓ ଜିଲା ପ୍ରଶାସନ ନିକଟରେ ମଧ୍ୟ ଅଭିଯୋଗ କରିଛନ୍ତି।

ହରିଦାସପୁର-ପାରାଦୀପ ରେଳ ଲାଇନରେ ୩୧।୩।୨୦ଠାରୁ ୨୦ରୁ ଅଧିକ ଶ୍ରମିକ ରାତ୍ରିକାଳୀନ ରେଳଧାରଣା ସର୍ବେକ୍ଷଣ କାର୍ଯ୍ୟରେ ନିୟୋଜିତ ରହି ନିଜର କାର୍ଯ୍ୟ ସୁଚାରୁରୂପେ ସମ୍ପାଦନ କରି ଆସୁଛନ୍ତି। ଏହି ଶ୍ରମିକମାନେ ଆଉଟସୋର୍ସିଂ ଠିକା ସଂସ୍ଥା ଦ୍ୱାରା କାର୍ଯ୍ୟରେ

### ବିଭାଗୀୟ ମନ୍ତ୍ରୀଙ୍କୁ ଅଭିଯୋଗ କଲା ଜିଲା ଚାଷୀ ଶ୍ରମିକ ସଂଘ

ନିୟୋଜିତ ହୋଇ ପୂର୍ବତଟ ରେଳବାଇ ଖୋର୍ଦ୍ଧା ଡିଭିଜନର ଜର୍ନେକ ଅଫିସରଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟ କରୁଛନ୍ତି। ଶ୍ରମିକମାନଙ୍କୁ ନିଯୁକ୍ତି ଦେବା ସମୟରେ ଆଇଟସୋର୍ସିଂ ଠିକାଦାର ପ୍ରତ୍ୟେହ ୫୧୯ ଟଙ୍କା ପରିବର୍ତ୍ତେ ୧୦ ହଜାର ଟଙ୍କା ମାସିକ ଦେବାକୁ କହିଥିଲେ। ଏଥିରେ ସହମତି ପ୍ରକାଶ କରି ଶ୍ରମିକମାନେ କାମ କରିଥିଲେ। ମାତ୍ର ଠିକାଦାର ପ୍ରତିଶ୍ରୁତି ପୂରଣ କରିବା ପରିବର୍ତ୍ତେ ଶ୍ରମିକମାନଙ୍କୁ ଶୋଷଣ କରୁଥିବା ଅଭିଯୋଗ ହୋଇଛି। କାର୍ଯ୍ୟ ଆରମ୍ଭ ଦିନଠାରୁ ଶ୍ରମିକମାନେ ଦୈନିକ ପ୍ରାପ୍ୟ ପାଉନାହାନ୍ତି, ଦରମା ଦେବା ସମୟରେ ଶ୍ରମିକମାନଙ୍କଠାରୁ ଟଙ୍କା କାଟି ରଖାଯାଉଛି, ଠିକାଦାର କାର୍ଯ୍ୟ ଆରମ୍ଭରୁ ଶ୍ରମିକମାନଙ୍କ ନାମରେ ବ୍ୟାଙ୍କ ପାସ୍ ବହି ଖୋଲି ଏଟିଏମ୍ କାର୍ଡ ନିଜ ପାଖରେ ରଖିଥିବା ଅଭିଯୋଗ ହୋଇଛି। ବ୍ୟାଙ୍କ ପାସ୍ ବହିରେ ଶ୍ରମିକମାନଙ୍କ ପିତାଙ୍କ ନାମ ଦିଆ ନ ଯାଇ ଠିକାଦାରଙ୍କ ନାମ ଲେଖାଯାଇଛି। ଠିକାଦାର ଶ୍ରମିକମାନଙ୍କଠାରୁ ସେମାନଙ୍କ ଫାଙ୍କା ଚେକ୍ ବହିରେ ଦସ୍ତଖତ ନେଇ ଟଙ୍କା ଉଠାଉଛନ୍ତି। ୱେଜ ସିଟ୍‌ରେ କାର୍ଯ୍ୟରତ ଶ୍ରମିକମାନେ ଦସ୍ତଖତ କରିବାବେଳେ କାମ କରୁ ନ ଥିବା କେତେଜଣ ଲୋକଙ୍କ ନାମ ସେଥିରେ ଅନ୍ତର୍ଭୁକ୍ତ ହୋଇଥିବା ଜଣାଯାଇଛି। ଉକ୍ତ ଶ୍ରମିକଙ୍କ ନାମରେ ପୂର୍ଣ୍ଣ ୨୬ ଦିନର କାର୍ଯ୍ୟ ପଡିଛି। ସେମାନଙ୍କ ନାମରେ ପୂର୍ଣ୍ଣ ମଜୁରୀ ଉଠାଯାଉଛି। ରାତ୍ରି ସମୟରେ ରେଳ ଲାଇନରେ କାର୍ଯ୍ୟ କରୁଥିବା ଶ୍ରମିକମାନଙ୍କୁ ୩ ବର୍ଷ କାମ କଲା ପରେ ବି ଶ୍ରମିକ କଲ୍ୟାଣ କାର୍ଡରେ ନାମ ଦିଆଯାଇନାହିଁ। ଏହାଦ୍ୱାରା ଶ୍ରମିକମାନଙ୍କ ଜୀବନ ନିରାପତ୍ତା ପ୍ରତି ଆଶଙ୍କା ପ୍ରକାଶ ପାଇଛି। କାର୍ଯ୍ୟରତ ଶ୍ରମିକମାନଙ୍କ ଦୈନିକ ଯାତାୟାତ ପ୍ରତି ରାତିରେ ୧୨ କିମି ନିୟମ ଥିବା ବେଳେ ସେମାନଙ୍କୁ ୨୦ କିମି ପର୍ଯ୍ୟନ୍ତ ଚାଲିବାକୁ ପଡୁଛି। ଦୈନିକ ୩୮୪ ଟଙ୍କା ମଜୁରୀ ପାଉଥିବା ଶ୍ରମିକମାନଙ୍କୁ କିଛିଦିନ ତଳେ ୫୦ଟଙ୍କା କଟାଯାଇ ୩୩୪ ଟଙ୍କା ମଜୁରୀ ଦିଆଗଲା। ଏଥିରେ ଶ୍ରମିକମାନେ ଅସନ୍ତୋଷ ପ୍ରକାଶ କରିବାରୁ ସେମାନଙ୍କୁ ବାରମ୍ବାର ବାହାର କରି ଦିଆଯିବାର ଧମକ ଦିଆଯାଉଛି। ଏହାଦ୍ୱାରା ଶ୍ରମିକମାନେ ଗଭୀର ମାନସିକ ଚାପରେ ରହିବାକୁ ବାଧ ହେଉଛନ୍ତି। ଶ୍ରମିକମାନଙ୍କ ସମସ୍ୟାଗୁଡିକର ସମାଧାନ ପାଇଁ ଜିଲା ଚାଷୀ ଶ୍ରମିକ ସଂଘ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ଏ ସମ୍ପର୍କରେ ସଂଘର ସଭାପତି ପଣ୍ଡିତ ଶରତ ମିଶ୍ର, ସମ୍ପାଦକ କୃତ୍ତିବାସ ଦାସ ଓ ତପନ କୁମାର ପଣ୍ଡାଙ୍କ ନେତୃତ୍ୱରେ ସଂଘ ସଦସ୍ୟଙ୍କ ଦସ୍ତଖତ ସମ୍ବଳିତ ଏକ ଅଭିଯୋଗପତ୍ରକୁ କେନ୍ଦ୍ର ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ, କେନ୍ଦ୍ରୀୟ ମୁଖ୍ୟ ଶ୍ରମ କମିଶନର, କେନ୍ଦ୍ରାପଡା ଜିଲାପାଳ ଓ ପାରାଦୀପସ୍ଥିତ ଶ୍ରମ ଏନ୍‌ଫୋର୍ସମେଣ୍ଟ ଅଫିସରଙ୍କ ନିକଟରେ ଗୁହାରି କରାଯାଇଛି। ୧୫ଦିନ ମଧ୍ୟରେ ଏହି ସମସ୍ୟାର ସମାଧାନ ପାଇଁ ସଂଘ ନିବେଦନ କରିଛି। ଯଦି କର୍ତ୍ତୃପକ୍ଷ ସଂଘର ନିବେଦନକୁ ପ୍ରତ୍ୟାଖ୍ୟାନ କରନ୍ତି, ସଂଘ ଆଇନଗତ କାର୍ଯ୍ୟାନୁଷ୍ଠାନ ସହ ଆନ୍ଦୋଳନକୁ ଓହ୍ଲାଇବ ବୋଲି ସୂଚନା ଦେଇଛି।

# ନନ୍ଦନକାନନରେ ହାତୀ ପ୍ରେମା ଅସୁସ୍ଥ

- ଉଠି ନ ପାରିବାରୁ ହାତୀଶାଳରେ ହେଲା ଚିକିତ୍ସା
- ପର୍ଯ୍ୟଟକଙ୍କ ପାଇଁ ହାତୀ ସଫାରି ବନ୍ଦ



ବାରଙ୍ଗ,୨୭।୧୦(ଡି.ଏନ୍.ଏ.)

ପ୍ରାଣୀ ଉଦ୍ୟାନ ନନ୍ଦନକାନନର ଅନ୍ୟତମ ଆକର୍ଷକ ସାଜିଥିବା ହାତୀ ପ୍ରେମା ଗୁରୁବାର ହଠାତ୍ ଅସୁସ୍ଥ ହୋଇ ତଳେ ପଡ଼ିଯାଇଛି। ଗୋଡ଼ରେ ବଢୁଥିବା ମାଂସପିଣ୍ଡୁଳାରୁ ଶାରୀରିକ ଅସୁସ୍ଥତା ଆରମ୍ଭ ହୋଇଥିବା ପ୍ରେମା ଏବେ ସମ୍ପୂର୍ଣ୍ଣ ରୂପେ ଅସୁସ୍ଥ ହୋଇପଡିଛି। ଯାହାକୁ ନେଇ ନନ୍ଦନକାନନ କର୍ତ୍ତୃପକ୍ଷଙ୍କ ପାଇଁ ଚିନ୍ତା ବଢିଯାଇଛି। ଅସୁସ୍ଥ ପ୍ରେମାକୁ ଛିଡ଼ାକରାଇବାକୁ ଯେତେ ଚେଷ୍ଟା କରିଥିଲେ ସୁଦ୍ଧା ନ ହେବାରୁ ଶେଷରେ ହାତୀଶାଳ ଚତୁଃପାର୍ଶ୍ୱ ଜରିପାଲରେ ଆବଦ୍ଧ କରାଯାଇ ଚିକିତ୍ସା ଆରମ୍ଭ ହୋଇଛି। ଅନ୍ୟପଟେ ଗୁରୁବାର ସକାଳୁ ହାତୀ ସଫାରିର ଫାଟକକୁ ପର୍ଯ୍ୟଟକଙ୍କ ପାଇଁ ବନ୍ଦ କରାଯାଇଛି।

ନନ୍ଦନକାନନର ହାତୀ ପ୍ରେମା ମାଡ୍ରାସ ଭାଣ୍ଡାଲୁର ଚିଡ଼ିଆଖାନାରୁ ୧୯୮୫ ଅକ୍ଟୋବର ୧୩ରେ ନନ୍ଦନକାନନକୁ ଆସିଥିବାବେଳେ ୬୬ବର୍ଷରେ ପଦାର୍ପଣ କରିଛି। ଗତ ଜୁଲାଇରେ ତା'ର ଆଗ ବାମଗୋଡ଼ରେ ଦୁଇଟି ମାଂସପିଣ୍ଡୁଳା ହୋଇଥିବାରୁ ଡାକ୍ତରମାନେ ଦୁଇଟି ପର୍ଯ୍ୟାୟରେ ଅପରେଶନ କରିଥିଲେ। ହେଲେ ପରେ ମାଂସପିଣ୍ଡୁଳା ପୁଣି ଧୀରେ ଧୀରେ ବଢୁଥିବାରୁ ପ୍ରେମାକୁ ଚାଲିବାରେ ଅସୁବିଧା ହେଉଥିଲା। ସେହିଦିନଠାରୁ ପ୍ରେମା ଅସୁସ୍ଥତା ହେବାରେ ଲାଗିଥିଲା। ଏଥିଯୋଗୁ ଖାଇବା ମଧ୍ୟ କମ୍ କରିଦେଇଥିଲା। ନନ୍ଦନକାନନର ଡାକ୍ତରମାନେ ପ୍ରେମାର ସ୍ୱାସ୍ଥ୍ୟାବସ୍ଥାରେ ସୁଧାର ଆଣିବା ପାଇଁ ଚିକିତ୍ସା ଆରମ୍ଭ କରିଦେଇଥିଲେ। ଯଦିଓ ଅସୁସ୍ଥ ଥିଲା ତଥାପି ହାତୀଶାଳରେ ଗୋଡ଼ରେ ଶିକୁଳିବନ୍ଧା ହୋଇ ଛିଡ଼ା ହୋଇରହୁଥିଲା। କିନ୍ତୁ ଗୁରୁବାର ସକାଳେ ପ୍ରେମା ଛିଡା ହୋଇ ନପାରି ତଳେ ପଡିଯାଇଥିବା ଡାକ୍ତରଖାନା ଓ ପ୍ରାଣୀ ବିଭାଗକୁ ଜଣାଇ ଦିଆଯାଇଥିଲା। ପ୍ରେମାକୁ ଉଠାଇବାକୁ ସକାଳ ୯ଟାରେ ମାହୁନ୍ତଙ୍କଠାରୁ ଆରମ୍ଭ କରି ଡାକ୍ତର ଓ ପ୍ରାଣୀ ବିଭାଗ କର୍ମଚାରୀମାନେ ଉଦ୍ୟମ କରିଥିଲେ। ବିଫଳ ହେବାରୁ ଜେସିବିରେ ପ୍ରେମାକୁ ଛିଡା କରିବାକୁ ଉଦ୍ୟମ ସତ୍ତ୍ୱେ ହୋଇପାରି ନ ଥିଲା। ଏପରିକି ପାଖରେ ଥିବା କଦଳୀଗଛ ଆଣି ଖାଇବାକୁ ଦେବା ସହ ପାଣି ସ୍ପ୍ରେ ମଧ୍ୟ କରାଯାଇଥିଲା। ସବୁ ପ୍ରକାର ଉଦ୍ୟମ ବିଫଳ ହେବାପରେ ଶେଷରେ ହାତୀଶାଳରେ ହିଁ ଘୋଡ଼ାଯାଇ ପ୍ରେମାର ଚିକିତ୍ସା ହୋଇଥିଲା। ଏହି ଘଟଣା ପରେ ହାତୀସଫାରିର ଫାଟକକୁ ପର୍ଯ୍ୟଟକଙ୍କ ପାଇଁ ବନ୍ଦ କରାଯାଇଛି। ଫଳରେ ପର୍ଯ୍ୟଟକ ହାତୀଶାଳରେ ଥିବା ହାତୀ ବାସନ୍ତୀ ଓ ହୀରାକୁ ଦେଖିବାରୁ ବଞ୍ଚିତ ହୋଇଛନ୍ତି।

ନନ୍ଦନକାନନରେ ଥିବା ଜୀବଜନ୍ତୁଙ୍କ ସ୍ୱାସ୍ଥ୍ୟଗତ ସମସ୍ୟାରେ ସୁଧାର ଆଣିବା ପାଇଁ ଏକାଧିକ ଡାକ୍ତର ଅଛନ୍ତି। ନନ୍ଦନକାନନ ପ୍ରାଣୀ ଚିକିତ୍ସା ବଳୟରେ ଜଣେ ବରିଷ୍ଠ ପଶୁ ଚିକିତ୍ସକ, ଜଣେ ସହକାରୀ ପଶୁ ଚିକିତ୍ସକ, ୨ଜଣ ପ୍ରାଣୀଧନ ନିରୀକ୍ଷକ ନିଯୁକ୍ତି ପାଇଛନ୍ତି। ଏହାପରେ ବି ଓୟୁଏଟିର ବିଶେଷଜ୍ଞଙ୍କର ସହାୟତା ନିଆଯାଉଛି। ଏହାସତ୍ତ୍ୱେ ଠିକ୍ ରୋଗ ନିରୂପଣ ହୋଇପାରୁ ନ ଥିବାରୁ ଜୀବଜନ୍ତୁଙ୍କ ମୃତ୍ୟୁ ଘଟୁଥିବା ଅଭିଯୋଗ ହେଉଛି। ମାସକ ମଧ୍ୟରେ ଜଳହସ୍ତୀ ଶାବକ, ୩ ଗୁରାଣ୍ଡି, ମାଈ କୃଷ୍ଣସାର ମୃଗ, ମାଈ ନୀଳଗାଈ, ବାଘୁଣୀ ବିଜୟା, ଏମୁ ମୃତ୍ୟୁ କରିଛି।

# ପଲିଥିନ ନିଷେଧ ପାଇଁ ଆକ୍ସନ ପ୍ଲାନ୍

ଭୁବନେଶ୍ୱର,୨୭।୧୦(ବ୍ୟୁରୋ)

**ପଞ୍ଚାୟତ, ପୌର ସଂସ୍ଥା ପାଇଁ ଗଠନ ହେବ ସ୍ୱତନ୍ତ୍ର ସ୍କ୍ୱାଡ**



ରାଜ୍ୟରେ ଥରେ ବ୍ୟବହାର ହେଉଥିବା ପ୍ଲାଷ୍ଟିକ ସମ୍ପୂର୍ଣ୍ଣ ନିଷେଧ କରାଯାଇଛି। ମାତ୍ର ଏହାକୁ ଖୋଲାଖୋଲି ଉଲ୍ଲଂଘନ କରାଯାଉଛି। ପଲିଥିନ କଟକଣାକୁ କଡ଼ାକଡ଼ି କରିବା ପାଇଁ ଓଡ଼ିଶା ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ (ଓଏସ୍‌ପିସିବି) ସମ୍ପୂର୍ଣ୍ଣ ଆକ୍ସନ ପ୍ଲାନ୍ ପ୍ରସ୍ତୁତ କରିଛି। ପ୍ରଦୂଷଣ ବୋର୍ଡ ମେମ୍ବର ସେକ୍ରେଟାରି କେ. ମୁରୁଗେସେନ ଆକ୍ସନ ପ୍ଲାନ୍ ନେଇ ବିଭାଗୀୟ ବରିଷ୍ଠ ଅଧିକାରୀମାନଙ୍କ ସହ ଆଲୋଚନା କରିଛନ୍ତି । ପୌର ସଂସ୍ଥା ଏବଂ ପଞ୍ଚାୟତିରାଜ ଅନୁଷ୍ଠାନ ଯଥା ଜିଲା ପରିଷଦ, ପଞ୍ଚାୟତ ସମିତି, ଗ୍ରାମ ପଞ୍ଚାୟତଗୁଡ଼ିକର ଇକୋ ସେନ୍‌ସିଟିଭ ଜୋନ, ମନ୍ଦିର, ରେଳ ଷ୍ଟେଶନ, ବସ୍‌ଷ୍ଟାଣ୍ଡ, ହାଟ, ଡାକ୍ତରଖାନା ଓ ନର୍ସିଂହୋମ୍ ପରିସର, ସ୍କୁଲ ଓ କଲେଜ ପରିସର, ଶିଳ୍ପାଞ୍ଚଳ, ରାଜ୍ୟ ସରକାରଙ୍କ ଅଧୀନରେ ଥିବା ସମସ୍ତ ସର୍ବସାଧାରଣ ସ୍ଥାନରେ ଏହି ଆକ୍ସନ ପ୍ଲାନ୍ ଲାଗୁ କରାଯିବ।

ବଜାରରେ ଏହା ସହଜରେ ଉପଲବ୍ଧ ହେଉଥିବାରୁ ଥରେ ବ୍ୟବହାର କରାଯାଉଥିବା ପ୍ଲାଷ୍ଟିକ ଓ ୫୦ ମାଇକ୍ରନ୍‌ରୁ କମ୍ ମୋଟେଇ ପଲିଥିନ ବହୁଳ ମାତ୍ରାରେ ବ୍ୟବହାର କରାଯାଉଛି । ପରିବେଶ ପାଇଁ ଏହା ଅତ୍ୟନ୍ତ ବିପଜ୍ଜନକ । ଏହି କଠିନ ବର୍ଜ୍ୟବସ୍ତୁକୁ ପରିଚାଳନା କରିବା ପ୍ରଶାସନ ପାଇଁ ବଡ଼ ଚ୍ୟାଲେଞ୍ଜ ହୋଇଛି। ପଲିଥିନଗୁଡ଼ିକୁ ପୌର ବର୍ଜ୍ୟରୁ ସେଗୁଡ଼ିକୁ ଅଲଗା କରାଯାଇ ପୁନଃ ପ୍ରକ୍ରିୟାକରଣ କରାଯିବ। ନିଜ ଅଞ୍ଚଳରେ କେତେ ପରିମାଣର ବର୍ଜ୍ୟ ବାହାରୁଛି ପୌର ସଂସ୍ଥା ଏବଂ ପଞ୍ଚାୟତ ତାହାର ରେକର୍ଡ ରଖିବେ। ସଂଗୃହୀତ ପଲିଥିନ ରାସ୍ତା ନିର୍ମାଣ ଏବଂ ସିମେଣ୍ଟ କାରଖାନାରେ ବ୍ୟବହାର କରାଯିବ। ପଞ୍ଚାୟତଗୁଡ଼ିକ ପୁନଃ ପ୍ରକ୍ରିୟାକରଣ ପାଇଁ ବର୍ଜ୍ୟବସ୍ତୁଗୁଡ଼ିକୁ ପୌର ସଂସ୍ଥାଗୁଡ଼ିକୁ ହସ୍ତାନ୍ତର କରିବେ। ଆଗାମୀ ଦିନରେ ଥରେ ବ୍ୟବହୃତ ପଲିଥିନଗୁଡ଼ିକୁ ନଷ୍ଟ କରିବା ପାଇଁ ରିଫ୍ୟୁଜ ଡିରାଇଭିଡ୍ ଫୁଏଲ(ଆରଡିଏଫ) ପ୍ଲାଣ୍ଟ ଏବଂ ୱେଷ୍ଟ ଟୁ ଏନର୍ଜି ପ୍ଲାଣ୍ଟ (ଡବ୍ଲ୍ୟୁଟିଇ) ପ୍ଲାଣ୍ଟ ସ୍ଥାପନ କରାଯିବ।

ରାଜ୍ୟର ସମସ୍ତ ପୌର ସଂସ୍ଥା ଏବଂ ପଞ୍ଚାୟତ ପାଇଁ ସ୍ୱତନ୍ତ୍ର ସ୍କ୍ୱାଡ ଗଠନ କରାଯିବ। ହାଟ, ବଜାର, ଗଚ୍ଛିତ ରଖୁଥିବା ବ୍ୟବସାୟୀ, ଶିଳ୍ପାଞ୍ଚଳ ଇତ୍ୟାଦିକୁ ଏହି ସ୍କ୍ୱାଡ ସପ୍ତାହକୁ ଦୁଇଥର ଅଚାନକ ପରିଦର୍ଶନ କରିବେ। ନିଷେଧ କରାଯାଇଥିବା ପଲିଥିନଗୁଡ଼ିକୁ ଜବତ କରି ଜରିମାନା ଆଦାୟ କରିବେ। ସେହି ଜରିମାନାକୁ ପୌର ସଂସ୍ଥା ଏବଂ ପଞ୍ଚାୟତରେ ଏକ ଆକାଉଣ୍ଟ ଖୋଲାଯାଇ ଡିପୋଜିଟ୍ କରାଯିବ। କୌଣସି ପ୍ରକାର ଆଇନଶୃଙ୍ଖଳା ଯେପରି ସୃଷ୍ଟି ନ ହେବ ସେଥିପାଇଁ ପୋଲିସ ସ୍କ୍ୱାଡ୍ ଚଢ଼ାଉ ସମୟରେ ସହଯୋଗ କରିବ। ଜରିମାନା ଅର୍ଥରେ ଜନସଚେତନତା ସୃଷ୍ଟି କରାଯିବ। ପଲିଥିନ ପରିବର୍ତ୍ତେ ପରିବେଶକୁ ଖାପଖୁଆଇବା ଭଳି ଝୋଟରେ ତିଆରି ବ୍ୟାଗ୍ ଓ ଅନ୍ୟାନ୍ୟ ବସ୍ତୁ ବ୍ୟବହାର ଉପରେ ଗୁରୁତ୍ୱ ଦିଆଯିବ। ଏଥିପାଇଁ ନାବାର୍ଡ କିମ୍ବା ବ୍ୟାଙ୍କରୁ ସହାୟତା ପ୍ରଦାନ କରାଯିବ। ସମସ୍ତ ସରକାରୀ ଏବଂ ଘରୋଇ ଶିକ୍ଷାନୁଷ୍ଠାନ, ସରକାରୀ କାର୍ଯ୍ୟାଳୟ, ଶିଳ୍ପ ସଂସ୍ଥା, ଧାର୍ମିକ ସ୍ଥଳ, ଡାକ୍ତରଖାନା, ନର୍ସିଂହୋମ୍‌ଗୁଡ଼ିକୁ ପଲିଥିନ ମୁକ୍ତ ଘୋଷଣା କରିବାକୁ ପ୍ରୋତ୍ସାହିତ କରାଯିବ ବୋଲି ମୁରୁଗେସେନ କହିଛନ୍ତି।

# ସୂର୍ଯ୍ୟମନ୍ଦିର ବୁଲିଲେ ୭ ଦେଶର ରାଷ୍ଟ୍ରଦୂତ

କୋଣାର୍କ,୨୭।୧୦(ଡି.ଏନ୍.ଏ.)

ବିଶ୍ୱ ପର୍ଯ୍ୟଟନସ୍ଥଳୀ କୋଣାର୍କର ସୂର୍ଯ୍ୟମନ୍ଦିର, ଆନ୍ତର୍ଜାତିକ ବ୍ୟାଖ୍ୟାନ କେନ୍ଦ୍ରକୁ ଗୁରୁବାର ଆସୋସିଏଶନ ଅଫ୍ ସାଉଥ ଇଷ୍ଟ ଏସିଆନ ନେଶନର ସଦସ୍ୟ ମଣ୍ଡଳୀ ବୁଲି ଦେଖିଛନ୍ତି। ଏହି ଓଡ଼ିଶା ଭ୍ରମଣରେ ସାମିଲ ହୋଇଥିଲେ ଭିଏତନାମ, ମ୍ୟାନମାର, ଥାଇଲାଣ୍ଡ, ଲାଓପିଡିଆର, ମାଲେସିଆ, ଇଣ୍ଡୋନେସିଆ, ବୋର୍ନିଓର ରାଷ୍ଟ୍ରଦୂତ ସମୂହ। ସଦସ୍ୟ ମଣ୍ଡଳୀ ପ୍ରଥମେ କୋଣାର୍କରେ ପହଞ୍ଚିବା ପରେ ଜିଲା ପ୍ରଶାସନ ପକ୍ଷରୁ ଜିଲାପାଳ ସମର୍ଥ ବର୍ମା ରାଷ୍ଟ୍ରଦୂତମାନଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ପ୍ରଦାନ କରିଥିଲେ। ପ୍ରାୟ ୩ ଘଣ୍ଟାର ଭ୍ରମଣ ସମୟରେ ବ୍ୟାଖ୍ୟାନ କେନ୍ଦ୍ରରେ ଓଡ଼ିଶାର ଐତିହ୍ୟ, ବୋଇତ ବନ୍ଦାଣ, ଭଗ୍ନ କୋଣାର୍କର ପୂର୍ବ ସ୍ଥିତିର ପ୍ରତିକାତ୍ମକ ପ୍ରସ୍ତର ଖୋଦେଇ ସୂକ୍ଷ୍ମ କାରୁକାର୍ଯ୍ୟ ଦେଖିବା ସହ କୋଣାର୍କର ଇତିହାସ ସମ୍ବନ୍ଧୀୟ ସ୍ଥିରଚିତ୍ର ଦେଖି ବିମୋହିତ ହୋଇଥିଲେ। ଏହାପରେ କୋଣାର୍କ ସୂର୍ଯ୍ୟମନ୍ଦିର ବୁଲି ପ୍ରତ୍ନତାତ୍ତ୍ୱିକ ତଥ୍ୟ,

**କୋଣାର୍କର ଇତିହାସ ଜାଣି ବିମୋହିତ**

ସୂର୍ଯ୍ୟ ଘଡି, ପୌରାଣିକ କାହାଣୀ, ଶାମ୍ବ ଓ ଧର୍ମପଦଙ୍କ କାହାଣୀ ଆଦି ଗାଇଡ୍‌ଙ୍କଠାରୁ ବୁଝିଥିଲେ। ଏଭଳି କାରୁକାର୍ଯ୍ୟ ଦେଖି ବିଶ୍ୱରେ ବିରଳ ଓ ଅଦ୍ୱିତୀୟ ବୋଲି ରାଷ୍ଟ୍ରଦୂତମାନେ କହିଥିଲେ। କୋଣାର୍କରୁ ଏକ ଭଲ ଅନୁଭୂତି ନେଇଯିବା ଓଡ଼ିଶାର ପର୍ଯ୍ୟଟନ ବିକାଶରେ ସହାୟକ ହେବ। ସୂର୍ଯ୍ୟମନ୍ଦିର ଦର୍ଶନ କରିବା ସହ ନିପୁଣ କାରୁକାର୍ଯ୍ୟ ଦେଖି ଖୁସିବ୍ୟକ୍ତ କରିଥିଲେ ଟିମ୍ ସଦସ୍ୟଗଣ। ଏହି ଗସ୍ତ ସମୟରେ ପୁରୀ ଅତିରିକ୍ତ ଜିଲାପାଳ ଦିଲୀପ କୁମାର ମହାପାତ୍ର, ଗୋପ ତହସିଲଦାର ଏସ୍.କେ.ସାଗିର, ଜିଲା ପର୍ଯ୍ୟଟନ ଅଧିକାରୀ ସରୋଜକାନ୍ତ ପ୍ରଧାନ, କୋଣାର୍କ ଥାନା ଅଧିକାରୀ ରଞ୍ଜନ କୁମାର ମଲ୍ଲିକ ଓ କୋଣାର୍କ ପର୍ଯ୍ୟଟନ ଅଧିକାରୀ ଅମିୟ କୁମାର ସେଠୀଙ୍କ ସମେତ ଏଏସ୍‌ଆଇର ଅଧିକାରୀମାନେ ଉପସ୍ଥିତ ଥିଲେ।



ସୂର୍ଯ୍ୟ ମନ୍ଦିର ପରିଦର୍ଶନ ଅବସରରେ ଗୁରୁବାର ଆସୋସିଏଶନ ଅଫ୍ ସାଉଥ୍ ଇଷ୍ଟ ଏସିଆନ ନେଶନର ସଦସ୍ୟମଣ୍ଡଳୀ।

# ନଭେମ୍ବରରେ ପାଣିକୋଇଲି ଟୋଲ୍ ପ୍ଲାଜା ସ୍ଥାନାନ୍ତର

- ଲିଜ୍ ଅବଧି ସରିବା ପରେ ବି ଏନ୍‌ଏଚ୍‌ଏଆଇ ନୀରବ
- ଟୋଲ ଅର୍ଥ ହେରାଫେରି ଆଶଙ୍କା
- ସ୍ଥାନାନ୍ତର ନିଷ୍ପତ୍ତିକୁ ୬ ବର୍ଷ ବିତିଲା

ଯାଜପୁର ଅଫିସ,୨୭।୧୦



ଏନଏଚ୍‌ଏଆଇ(ନ୍ୟାଶନାଲ ହାଇୱେ ଅଥରିଟି ଅଫ୍ ଇଣ୍ଡିଆ) ଅଧୀନରେ ଥିବା ଯାଜପୁର ଜିଲା ପାଣିକୋଇଲି ଟୋଲ ପ୍ଲାଜା ସ୍ଥାନାନ୍ତର ନିଷ୍ପତ୍ତିକୁ ୬ ବର୍ଷ ବିତିଛି। ଏପରିକି ଟୋଲ ଆଦାୟ ଦାୟିତ୍ୱରେ ଥିବା ରଞ୍ଜୋର ଡେଭଲପମେଣ୍ଟ ପ୍ରା.ଲିଃ. ଠିକାସଂସ୍ଥାର ଲିଜ୍ ଅବଧି ଗୁରୁବାର ଶେଷ ହୋଇଛି। କିନ୍ତୁ ଭଦ୍ରକ-ଯାଜପୁର ସୀମାନ୍ତବର୍ତ୍ତୀ ନେଉଳିଆଠାରେ ନବନିର୍ମିତ ଟୋଲପ୍ଲାଜାକୁ ସ୍ଥାନାନ୍ତର କରିବାକୁ ଏନଏଚ୍‌ଏଆଇ କର୍ତ୍ତୃପକ୍ଷ ଦିନ ଗଡ଼ାଇ ଚାଲିଛନ୍ତି। ଆଗକୁ ନୂତନ ଟେଣ୍ଡର ହେବା ପର୍ଯ୍ୟନ୍ତ ଦୈନିକ ପ୍ରାୟ ୩୦ ଲକ୍ଷ ଟଙ୍କାରୁ ଊର୍ଦ୍ଧ୍ୱ ଟୋଲ ଆଦାୟ ଅର୍ଥକୁ ହେରାଫେରି କରିବାକୁ ଏହା ଏକ ଚକ୍ରାନ୍ତ ବୋଲି ସାଧାରଣରେ ଆଲୋଚନା ହେଉଛି। ଅନ୍ୟପକ୍ଷେ ପାଣିକୋଇଲି ଟୋଲପ୍ଲାଜା ଆସନ୍ତା ନଭେମ୍ବର ପ୍ରଥମ ସପ୍ତାହ ସୁଦ୍ଧା ସ୍ଥାନାନ୍ତର ହେବ ବୋଲି ଏନଏଚ୍‌ଏଆଇ ପକ୍ଷରୁ ସୂଚନା ମିଳିଛି।

ଯାଜପୁର ଜିଲା ଦେଇ ଯାଇଥିବା ୧୬ନଂ. ଜାତୀୟ ରାଜପଥର ପାଣିକୋଇଲି ଓ ୫୩ନଂ. ଜାତୀୟ ରାଜପଥର ଶ୍ରୀରାମପୁର ଟୋଲପ୍ଲାଜା ସ୍ଥାନାନ୍ତର ନିଷ୍ପତ୍ତି ୬ ବର୍ଷ ହେଲା ଅସମାହିତ ହୋଇରହିଛି। ଅବଧି ସରିବାର ପ୍ରାୟ ଅଢେଇ ମାସ ପରେ ପାଣିକୋଇଲି ଟୋଲପ୍ଲାଜାକୁ ନେଇ ୨୦୨୦ ଅଗଷ୍ଟ ୬ ରେ ଟେଣ୍ଡର ହୋଇଥିଲା। ଏହି ଅଢେଇ ମାସ ଏନଏଚ୍‌ଏଆଇ କର୍ତ୍ତୃପକ୍ଷଙ୍କ ଦ୍ୱାରା ପରିଚାଳିତ ହୋଇଥିଲାବେଳେ ଠିକାସଂସ୍ଥା ସାହାକାର ପ୍ରାଇଭେଟ ଲିଃ କେବଳ ପରିଚାଳନା କରିଥିଲା। ସେତେବେଳେ ଉକ୍ତ ଠିକାସଂସ୍ଥାକୁ ପରିଚାଳନା ଖର୍ଚ୍ଚ ପ୍ରଦାନ କରି ବାକି ଟୋଲ ଆଦାୟର ସିଂହଭାଗ ଅର୍ଥ ମିଳିମିଶି ଲୁଟ୍ କରାଯାଇଥିବା ଅଭିଯୋଗ ହୋଇଥିଲା। ସେତେବେଳେ ଏକ ନୂତନ ଠିକାସଂସ୍ଥାକୁ ଦୈନିକ ୩୨ଲକ୍ଷ ୭୨ ହଜାର ଟଙ୍କାରେ ଲିଜ୍ ଦେଇଥିବା ସୂଚନା ମିଳିଥିଲା। ଅନୁରୂପ ଭାବେ ବର୍ତ୍ତମାନ ମଧ୍ୟ ଟେଣ୍ଡର ପ୍ରକ୍ରିୟାକୁ ବିଳମ୍ବିତ କରି ଟୋଲ ଆଦାୟ ଅର୍ଥକୁ ବାଟମାରଣା କରିବାକୁ ଚକ୍ରାନ୍ତ ଚାଲିଥିବା କୁହାଯାଉଛି। ତେଣୁ ନେଉଳିଆ ଟୋଲ ପ୍ଲାଜା ନିର୍ମାଣ ଶେଷ ହୋଇ ସାରିଥିଲେ ହେଁ ଜାଣିଶୁଣି ସେଠାକୁ ସ୍ଥାନାନ୍ତର କରାଯାଉନାହିଁ। ଯେତେଦିନ ଟେଣ୍ଡର ପ୍ରକ୍ରିୟା ଘୁଞ୍ଚିବ ସେତେଦିନ ପର୍ଯ୍ୟନ୍ତ ଟୋଲ ଆଦାୟର ବିପୁଳ ଅର୍ଥ ସମ୍ପୃକ୍ତ କେତେଜଣ ଅଧିକାରୀଙ୍କ ପକେଟକୁ ଯିବ ବୋଲି ଆଶଙ୍କା ପ୍ରକାଶ ପାଇଛି।

ସୂଚନାଯୋଗ୍ୟ, ଏନ୍‌ଏଚ୍‌ଏଆଇର ଗାଇଡ୍‌ଲାଇନ ଅନୁଯାୟୀ ଗୋଟିଏ ଟୋଲଗେଟରୁ ଅନ୍ୟ ଟୋଲ୍‌ଗେଟର ଦୂରତା ଅତିକମରେ ୬୦ କିଲୋମିଟର ହେବା ଆବଶ୍ୟକ। କିନ୍ତୁ ୧୬ନଂ. ଜାତୀୟ ରାଜପଥ, ଚଣ୍ଡିଖୋଲ-ପାରାଦୀପ ୫୩ନଂ. ଏବଂ ପାଣିକୋଇଲି-କେନ୍ଦୁଝର ୨୦ନଂ. ଜାତୀୟ ରାଜପଥରେ ୪ଟି ଟୋଲପ୍ଲାଜା ରହିଛି। ସେଥିମଧ୍ୟରୁ ଯାଜପୁର ଜିଲାର ପାଣିକୋଇଲି ଓ ଶ୍ରୀରାମପୁରରେ ୨ଟି ଟୋଲପ୍ଲାଜା କାମ କରୁଛି। କେବଳ ୧୬ନଂ. ଏନଏଚରେ ୪୭ କିମି ଦୂରତା ମଧ୍ୟରେ ପାଣିକୋଇଲି ଓ ବନ୍ଦାଲୋ ଟୋଲପ୍ଲାଜା ରହିଛି। ଭୁବନେଶ୍ୱରଠାରୁ ଯାଜପୁର ଜିଲାଦେଇ ପ୍ରସିଦ୍ଧ ଘଟଗାଁ ତାରିଣୀ ମନ୍ଦିରକୁ ଗଲେ ମଙ୍ଗୁଳି, ପାଣିକୋଇଲି ଓ ଆନନ୍ଦପୁର ନିକଟସ୍ଥ ୩ ଟୋଲପ୍ଲାଜା ଅତିକ୍ରମ କରିବାକୁ ପଡୁଛି। ତେଣୁ ଜାତୀୟ ରାଜପଥ ପ୍ରାଧିକରଣ(ଏନ୍‌ଏଚ୍‌ଆଇ) ପକ୍ଷରୁ ମଙ୍ଗୁଳି ଟୋଲପ୍ଲାଜାକୁ ବନ୍ଦାଲୋ, ପାଣିକୋଇଲି ଟୋଲପ୍ଲାଜାକୁ ଭଦ୍ରକ ଜିଲା ନେଉଳିଆ ଏବଂ ଶ୍ରୀରାମପୁର ଟୋଲପ୍ଲାଜାକୁ କେନ୍ଦ୍ରାପଡ଼ା ଜିଲା ମାର୍ଶାଘାଇକୁ ସ୍ଥାନାନ୍ତର କରିବାକୁ ୨୦୧୬ ଜୁଲାଇରେ ନିଷ୍ପତ୍ତି ହୋଇଥିଲା। ଏହି ନିଷ୍ପତ୍ତିକୁ କାର୍ଯ୍ୟକାରୀ କରିବାକୁ ରାଜ୍ୟ ପରିବହନ କମିଶନର ତାଙ୍କ ପତ୍ରସଂଖ୍ୟା ୧୧୦୬୩/୧୯।୭।୨୦୧୬ରେ ୱାର୍କସ ସେକ୍ରେଟାରୀଙ୍କୁ ପତ୍ର ଲେଖିଥିଲେ। ଏହି ପତ୍ର ଜାରି ହେବାର ୬ ବର୍ଷରୁ ଊର୍ଦ୍ଧ୍ୱ ସମୟ ଅତିକ୍ରାନ୍ତ ହୋଇ ସାରିଥିଲେ ହେଁ ନିଜର ସ୍ୱାର୍ଥସାଧନ ପାଇଁ ବିଭାଗୀୟ କର୍ତ୍ତୃପକ୍ଷ ଲୋକଙ୍କୁ ଶୋଷଣ କରୁଥିବା ଅଭିଯୋଗ ହେଉଛି। ଏହି କ୍ରମରେ ଏନ୍‌ଏଚ୍ ସମ୍ପ୍ରସାରଣ କାର୍ଯ୍ୟ ମଧ୍ୟ ବାଧାପ୍ରାପ୍ତ ହେଉଛି।

ଏ ସଂକ୍ରାନ୍ତରେ ଏନଏଚ୍‌ଏଆଇ ବାଲେଶ୍ୱର ଡିଭିଜନର ନିର୍ଦ୍ଦେଶକ ଜେ.ପି. ବର୍ମାଙ୍କୁ ପଚାରିବାରୁ ସେ କହିଛନ୍ତି, ନଭେମ୍ବର ପ୍ରଥମ ସପ୍ତାହ ସୁଦ୍ଧା ପାଣିକୋଇଲି ଟୋଲପ୍ଲାଜା ସ୍ଥାନାନ୍ତର କରାଯିବ। ଟେଣ୍ଡର ହେବା ପର୍ଯ୍ୟନ୍ତ ପୁରୁଣା ସଂସ୍ଥା ପରିଚାଳନା କରିବ। ଏଥିରେ କୌଣସି ହେରାଫେରିର ସମ୍ଭାବନା ନାହିଁ।

# ୧ରୁ ଖୋଲିବ ଶିମିଳିପାଳ ଅଭୟାରଣ୍ୟ

ବାରିପଦା ଅଫିସ,୨୭।୧୦

ମୟୂରଭଞ୍ଜ ଜିଲାର ପ୍ରସିଦ୍ଧ ଶିମିଳିପାଳ ଅଭୟାରଣ୍ୟ ଅସନ୍ତା ନଭେମ୍ବର ୧ତାରିଖରୁ ଖୋଲିବ। ଏନେଇ ବିଭାଗ ପକ୍ଷରୁ ବିଧିବଦ୍ଧ ବିଜ୍ଞପ୍ତି ପ୍ରକାଶ ପାଇଛି। ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପର କ୍ଷେତ୍ର ନିର୍ଦ୍ଦେଶକ ତଥା ଆଞ୍ଚଳିକ ମୁଖ୍ୟ ବନ ସଂରକ୍ଷକ ବାରିପଦାଙ୍କ କାର୍ଯ୍ୟାଳୟ ପତ୍ର ସଂଖ୍ୟା ୪୨୬୮/୨୬।୧୦।୨୨ ଅନୁଯାୟୀ ପର୍ଯ୍ୟଟକମାନେ ଶିମିଳିପାଳ ମଧ୍ୟକୁ ପ୍ରବେଶ କରି ପାରିବେ ବୋଲି ଅନୁମତି ପ୍ରଦାନ କରାଯାଇଛି।
ବାରିପଦାର ପିଠାବଟା ଗେଟ ଦେଇ ଅଗ୍ରୀମ ବୁକିଂ କିମ୍ବା ପ୍ରଥମେ ପହଞ୍ଚିଥିବା ୨୫ଟି ଗାଡ଼ି ଏବଂ ଯଶିପୁର କାଳିଆଣୀ ପଟୁ ୩୫ଟି ଗାଡ଼ି ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପକୁ ପ୍ରବେଶ ପାଇଁ ସକାଳ ୬ଟାରୁ ୯ଟା ମଧ୍ୟରେ ଅନୁମତିପତ୍ର ନେଇପାରିବେ। ବ୍ୟାଘ୍ର ପ୍ରକଳ୍ପ ମଧ୍ୟକୁ ପ୍ରବେଶ କରିବା ପୂର୍ବରୁ ପର୍ଯ୍ୟଟକମାନେ ପ୍ରଚଳିତ ନିୟମାବଳୀ ପାଳନ ନିମନ୍ତେ ଲିଖିତନାମା ପ୍ରଦାନ କରିବେ। ନିୟମାବଳୀ ଉଲ୍ଲଂଘନ କଲେ ଆଇନ ଅନୁଯାୟୀ ଦଣ୍ଡିତ ହେବେ ବୋଲି ବିଭାଗ ସତର୍କ କରାଇଛି। ପର୍ଯ୍ୟଟକଙ୍କ ଯାନ ଏବଂ ସେମାନଙ୍କ ସମସ୍ତ ଜିନିଷପତ୍ର ପ୍ରବେଶ ଓ ପ୍ରସ୍ଥାନ ଫାଟକରେ ଯାଞ୍ଚ କରାଯିବ। ଅପରାହ୍ଣ ୩ଟା ପୂର୍ବରୁ ସମସ୍ତ ପର୍ଯ୍ୟଟକ ଯୋରନ୍ଦା, ବରେହିପାଣି ଜଳପ୍ରପାତ ଏବଂ ଅପରାହ୍ଣ ୪ଟା ପୂର୍ବରୁ ଚହଲା ସ୍ଥାନ ଛାଡ଼ିବେ। କୌଣସି କାରଣରୁ ଯାନ ଖରାପ ହେଲେ ସେହି ଯାନରେ ଥିବା ପର୍ଯ୍ୟଟକମାନଙ୍କୁ ବାରିପଦା କିମ୍ବା ଯଶିପୁର ବସ୍‌ଷ୍ଟାଣ୍ଡ ପହଞ୍ଚାଇବାକୁ ଅଗ୍ରୀମ ୪ହଜାର ଟଙ୍କା ଜମା କରିବା ପରେ ବିଭାଗ ପକ୍ଷରୁ ସେମାନଙ୍କୁ ସ୍ଥାନାନ୍ତର କରାଯିବ। ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପରେ ଥିବା କୁମାରୀ, ଗୁଡ଼ଗୁଡିଆ, ରାମତୀର୍ଥ, ବରେହିପାଣି ଓ ଜାମୁଆଣୀରେ ରାତ୍ରିଯାପନ କରିବା ନିମନ୍ତେ ପର୍ଯ୍ୟଟକମାନଙ୍କୁ ୱେବ୍‌ସାଇଟ ଇକୋଟୁର ଓଡ଼ିଶା ଡଟ୍ କମ୍‌ରେ ଅଗ୍ରୀମ ଆରକ୍ଷଣ କରିବା ପାଇଁ ବ୍ୟବସ୍ଥା କରାଯାଇଛି। ଚଳିତ ବର୍ଷଠାରୁ ପର୍ଯ୍ୟଟକମାନେ ନିଜର ଏବଂ ଯାନର ପ୍ରବେଶ ନିମନ୍ତେ ଅନୁମତିପତ୍ର ଶିମିଳିପାଳ ଡଟ୍ ଓଆର୍‌ଜି ୱେବ୍‌ସାଇଟ ଜରିଆରେ କିମ୍ବା ପୂର୍ବ ପରି ପ୍ରବେଶ ପଥରେ ଅନୁମତିପତ୍ର ନେଇପାରିବେ। ଅଭୟାରଣ୍ୟକୁ ପ୍ରବେଶ ପାଇଁ ଯାନ ସହିତ ଜଣେ ଗାଇଡ୍ ନେବା ବାଧ୍ୟତାମୂଳକ କରାଯାଇଛି। ସେହିପରି ଦେବକୁଣ୍ଡ ଭ୍ରମଣ ପାଇଁ ନଭେମ୍ବର ୧ତାରିଖ ସକାଳ ୭ଟାରୁ ଅପରାହ୍ଣ ୨ଟା ପର୍ଯ୍ୟନ୍ତ ମୁଖ୍ୟ ଫାଟକ ସମ୍ମୁଖରୁ ଅନୁମତିପତ୍ର ମିଳିପାରିବ ବୋଲି ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।

# ଅପରେଶନ ଲୋଟସ୍ ଫେଲ୍

**ହାଇଦ୍ରାବାଦ/ନୂଆଦିଲ୍ଲୀ,୨୭।୧୦**

## କେସିଆର୍‌ଙ୍କୁ ହଟାଇବାକୁ ଭାଜପାର ଷଡ଼ଯନ୍ତ୍ର: ଟିଆରଏସ୍

- ଫାର୍ମ ହାଉସ୍‌ରୁ ବିପୁଳ ଅର୍ଥ ଜବତ
- ୩ ଭାଜପା ଏଜେଣ୍ଟ ଗିରଫ
- ଅଭିଯୋଗକୁ ଖଣ୍ଡନ କଲେ କେନ୍ଦ୍ରମନ୍ତ୍ରୀ ରେଡ୍ଡୀ


କେ. ଚନ୍ଦ୍ରଶେଖର ରାଓ


ଜି. କିଶନ ରେଡ୍ଡୀ

ତେଲଙ୍ଗାନା ମୁଖ୍ୟମନ୍ତ୍ରୀ କେ. ଚନ୍ଦ୍ରଶେଖର ରାଓ (କେସିଆର୍)ଙ୍କ ନେତୃତ୍ୱାଧୀନ ତେଲଙ୍ଗାନା ରାଷ୍ଟ୍ର ସମିତି (ଟିଆର୍‌ଏସ୍) ସରକାରକୁ ଭାଙ୍ଗି ରାଜ୍ୟରେ କ୍ଷମତାସୀନ ହେବା ପାଇଁ ଭାଜପା ପକ୍ଷରୁ ଚାଲିଥିବା 'ଅପରେଶନ ଲୋଟସ୍' ଫେଲ୍ ମାରିଛି। ଟିଆର୍‌ଏସ୍ ବିଧାୟକମାନଙ୍କୁ ପ୍ରଲୋଭନ ଦେଖାଇଥିବା ଭାଜପା ଏଜେଣ୍ଟମାନଙ୍କୁ ତେଲଙ୍ଗାନା ପୋଲିସ ଗିରଫ କରିଛି। ଅନ୍ୟପକ୍ଷେ କେନ୍ଦ୍ରମନ୍ତ୍ରୀ ଜି. କିଶନ ରେଡ୍ଡୀ ଏହି ଅଭିଯୋଗକୁ ଖଣ୍ଡନ କରିଛନ୍ତି। ମାତ୍ର ୪ ଜଣ ଟିଆର୍‌ଏସ୍ ବିଧାୟକ ଭାଜପାରେ ସାମିଲ ହୋଇଗଲେ କେସିଆର୍ ସରକାରଙ୍କ ପତନ ଘଟିବ କି ବୋଲି ସେ ପ୍ରଶ୍ନ କରିଛନ୍ତି।

୨୦୨୪ ସାଧାରଣ ନିର୍ବାଚନରେ ଭାଜପାକୁ କ୍ଷମତାଚ୍ୟୁତ କରିବା ପାଇଁ କେସିଆର୍ ଉଦ୍ୟମ ଆରମ୍ଭ କରିଛନ୍ତି। ଏହାକୁ ଦେଖି ଆସନ୍ତା ବର୍ଷ ଡିସେମ୍ବରରେ ହେବାକୁ ଥିବା ତେଲଙ୍ଗାନା ବିଧାନସଭା ନିର୍ବାଚନରେ ଶାସକ ଟିଆର୍‌ଏସ୍‌କୁ ହଟାଇବା ପାଇଁ ଭାଜପା ପକ୍ଷରୁ ଜୋର୍‌ଦାର୍ ପ୍ରୟାସ ଜାରି ରହିଛି। ଏହି କ୍ରମରେ ଟିଆର୍‌ଏସ୍‌ର ୪ ବିଧାୟକଙ୍କୁ ଅର୍ଥଲୋଭ ଦେଖାଇ ଦଳ ବିରୋଧରେ ବିଦ୍ରୋହ ଘଟାଇବାକୁ ସେମାନଙ୍କୁ ପ୍ରବର୍ତ୍ତାଯାଇଥିଲା। ମୁନୁଗୋଡ୍ ବିଧାନସଭା ଉପନିର୍ବାଚନକୁ ସପ୍ତାହେ ବାକି ଥିବାବେଳେ ତେଲଙ୍ଗାନା ପୋଲିସ ବୁଧବାର ରାତିରେ ହାଇଦ୍ରାବାଦ ନିକଟସ୍ଥ ଏକ ଫାର୍ମହାଉସ୍‌ରୁ ବିପୁଳ ଅର୍ଥ ଜବତ କରିଛି। ଟିଆର୍‌ଏସ୍‌ର ୪ ବିଧାୟକଙ୍କୁ ଦଳ ଛାଡ଼ିବା ପାଇଁ ଭାଜପା ଏଜେଣ୍ଟମାନେ ଏହି ଅର୍ଥ ପ୍ରଦାନର ପ୍ରଲୋଭନ ଦେଖାଇଥିଲେ ବୋଲି ପୋଲିସ କହିଛି। ୪ ବିଧାୟକଙ୍କ ମଧ୍ୟରୁ ଜଣଙ୍କୁ ୧୦୦ କୋଟି ଟଙ୍କା ଯଚାଯାଇଥିଲା। ଅବଶିଷ୍ଟ ୩ ବିଧାୟକଙ୍କୁ ୫୦ କୋଟି ଟଙ୍କା ଲେଖାଏ ଦିଆଯିବ ବୋଲି ଭାଜପା ଏଜେଣ୍ଟମାନେ ପ୍ରତିଶ୍ରୁତି ଦେଇଥିବା ଟିଆର୍‌ଏସ୍ ପକ୍ଷରୁ ଅଭିଯୋଗ ଅଣାଯାଇଛି। ଅନ୍ୟପକ୍ଷେ ଭାଜପା କହିଛି, ଶିକାର ଉଦ୍ୟମର ଅଭିଯୋଗ ହେଉଛି ମୁଖ୍ୟମନ୍ତ୍ରୀ କେସିଆର୍‌ଙ୍କ ଦ୍ୱାରା ନିର୍ଦ୍ଦେଶିତ ତଥା ପ୍ରାୟୋଜିତ ଏକ ରାଜନୈତିକ ଡ୍ରାମା।

ଟିଆର୍‌ଏସ୍ ବିଧାୟକ ପାଇଲଟ୍ ରୋହିତ୍ ରେଡ୍ଡୀଙ୍କ ମୋଇନାବାଦର ଅଜିଜ୍‌ନଗରସ୍ଥିତ ଫାର୍ମ ହାଉସ୍‌ରେ ଚଢ଼ାଉ ବେଳେ ହରିୟାଣାର ଫରିଦାବାଦସ୍ଥିତ ଏକ ମନ୍ଦିରରେ ପୂଜକ ଥିବା ଦିଲ୍ଲୀର ସତୀଶ ଶର୍ମା(୩୩) ଓରଫ୍ ରାମଚନ୍ଦ୍ର ଭାରତୀ, ଆନ୍ଧ୍ରପ୍ରଦେଶର ତିରୁପତି ସନ୍ଥ ଡି. ଶ୍ୟାମାଜୀ ଏବଂ ହାଇଦ୍ରାବାଦ ବ୍ୟବସାୟୀ ନନ୍ଦକୁମାର ସେଠାରେ ଉପସ୍ଥିତ ଥିଲେ। ଫାର୍ମହାଉସ୍‌ରେ ଥିବା ଏକ କାର୍‌ରୁ ୧୫ କୋଟି ଟଙ୍କା ଜବତ କରାଯାଇଛି। ଅଭିଯୁକ୍ତମାନେ ବିଧାୟକ ପାଇଲଟଙ୍କ ସମେତ ବି. ହର୍ଷବର୍ଦ୍ଧନ ରେଡ୍ଡୀ, ଜି. ବାଲରାଜୁ ଏବଂ ରେଗାକାନ୍ତ ରାଓଙ୍କ ସହ ଯୋଗାଯୋଗରେ ଥିଲେ ବୋଲି ପୋଲିସ କହିଛି। ସାଇବରାବାଦ ପୋଲିସ କମିଶନର ଷ୍ଟିଫେନ୍ ରବୀନ୍ଦ୍ର ଗଣମାଧ୍ୟମକୁ କହିଛନ୍ତି, ଟିଆର୍‌ଏସ୍ ବିଧାୟକମାନଙ୍କଠାରୁ ସୂଚନା ପାଇ ଉକ୍ତ ଫାର୍ମ ହାଉସ୍‌ରେ ଚଢ଼ାଉ କରାଯାଇଥିଲା। ଫାର୍ମ ହାଉସ୍‌ରେ ଥିବା ୩ ଜଣ ବ୍ୟକ୍ତି ସେମାନଙ୍କୁ ଟଙ୍କା, ଠିକା କାମ ଓ ଉଚ୍ଚ ପଦବୀ ଲୋଭ ଦେଖାଇ ଶାସକ ଦଳରେ ବିଦ୍ରୋହ ଘଟାଇବାକୁ ପ୍ରବର୍ତ୍ତାଉଥିଲେ। ପ୍ରକାଶ ଯେ, ଆସନ୍ତା ନଭେମ୍ବର ୩ରେ ମୁନୁଗୋଡ୍ ବିଧାନସଭା ନିର୍ବାଚନମଣ୍ଡଳୀରେ ଉପନିର୍ବଚନ ହେବ। ସ୍ଥାନୀୟ ବିଧାୟକ କୋମାଟିରେଡ୍ଡୀ ରାଜଗୋପାଳ ରେଡ୍ଡୀ କିଛି ମାସ ତଳେ କଂଗ୍ରେସ ଛାଡ଼ି ଭାଜପାରେ ସାମିଲ ହୋଇଛନ୍ତି। ସେ ଏହି ଉପନିର୍ବାଚନରେ ଟିଆର୍‌ଏସ୍‌ର ପୂର୍ବତନ ବିଧାୟକ କୁସୁକୁନ୍ତଲା ରେଡ୍ଡୀ ଏବଂ କଂଗ୍ରେସ ପ୍ରାର୍ଥୀ ପଲ୍ଲବୀ ଶ୍ରାବନ୍ତୀ ରେଡ୍ଡୀଙ୍କ ବିରୋଧରେ ଲଢ଼ୁଛନ୍ତି।

ଟିଆର୍‌ଏସ୍ ସୋସିଆଲ ମିଡିଆ ଆବାହକ ଏମ୍. କ୍ରିଶଙ୍କ ଟୁଇଟ୍ କରିଛନ୍ତି, କେସିଆର୍‌ଙ୍କ ବିରୋଧରେ ଏହା ଭାଜପାର ବଡ଼ ନେତାମାନଙ୍କର ଏକ ଷଡ଼ଯନ୍ତ୍ର। ଟୁଇଟରରେ ସେ ଗିରଫ ଅଭିଯୁକ୍ତମାନଙ୍କ ସହ କେନ୍ଦ୍ରମନ୍ତ୍ରୀ ଜି. କିଶନ ରେଡ୍ଡୀଙ୍କ ଏକ ଫଟୋକୁ ଶେୟାର କରିଛନ୍ତି। ଭାଜପା ନେତା ତଥା ଦଳର ଜାତୀୟ ଉପାଧ୍ୟକ୍ଷ ଡି.କେ. ଅରୁଣା କହିଛନ୍ତି, ଏହା ହେଉଛି ଟିଆର୍‌ଏସ୍ ଅଧ୍ୟକ୍ଷ ତଥା ମୁଖ୍ୟମନ୍ତ୍ରୀ କେସିଆର୍‌ଙ୍କ ଆଉ ଏକ ଡ୍ରାମା।

# କେନ୍ଦ୍ରଠାରୁ ଶ୍ୱେତପତ୍ର ଦାବିକଲା କଂଗ୍ରେସ

**ନୂଆଦିଲ୍ଲୀ,୨୭।୧୦(ପି.ଟି.)**

### କଶ୍ମୀରୀ ପଣ୍ଡିତଙ୍କ ସମସ୍ୟା


ପଓ୍ୱନ ଖେରା

ଦକ୍ଷିଣ କଶ୍ମୀରର ଶୋପିଆନ୍ ଜିଲାରୁ କଶ୍ମୀରୀ ପଣ୍ଡିତମାନଙ୍କ ଗଣପଳାୟନ ଘଟଣାରେ କଂଗ୍ରେସ ଗୁରୁବାର କେନ୍ଦ୍ର ସରକାରଙ୍କୁ ନିନ୍ଦା କରିଛି। ୮ ବର୍ଷ ଶାସନରେ କଶ୍ମୀରର ସଂଖ୍ୟାଲଘୁମାନଙ୍କ ଦୁର୍ଦ୍ଦଶା ସମ୍ପର୍କରେ ଭାଜପା ନେତୃତ୍ୱାଧୀନ ସରକାର ଶ୍ୱେତପତ୍ର ପ୍ରକାଶ କରିବାକୁ କଂଗ୍ରେସ ଦାବି କରିଛି। ଉପତ୍ୟକାରେ କଶ୍ମୀରୀ ପଣ୍ଡିତମାନଙ୍କୁ ଟାର୍ଗେଟ କିଲିଂ କରାଯାଉଥିବାରୁ ମୋଦି ସରକାର ଏଥିପାଇଁ କ୍ଷମା ମାଗନ୍ତୁ ବୋଲି ବିରୋଧୀ ଦଳ ଦାବି କରିଛି। ନିକଟରେ ଆତଙ୍କବାଦୀମାନେ କଶ୍ମୀରୀ ପଣ୍ଡିତ ଓ ଅନ୍ୟମାନଙ୍କୁ ଏକାଧିକ ଥର ଟାର୍ଗେଟ ଆକ୍ରମଣ କଲେଣି। ତେଣୁ ଭୟରେ ଶୋପିଆନ୍‌ର ଚୌଧରୀଗୁଣ୍ଡ୍ ଗ୍ରାମରୁ ୧୦ କଶ୍ମୀରୀ ପଣ୍ଡିତ ପରିବାର ଜମ୍ମୁ ପଳାଇଛନ୍ତି। ସେମାନଙ୍କର ଉପତ୍ୟକାକୁ ଫେରିବା ଯୋଜନା ନାହିଁ ବୋଲି ଏହି ସଂଖ୍ୟାଲଘୁ ସଦସ୍ୟମାନେ କହିଛନ୍ତି। କଶ୍ମୀରୀ ପଣ୍ଡିତ କର୍ମଚାରୀମାନଙ୍କୁ ସେମାନଙ୍କ ଇଚ୍ଛା ବିରୋଧରେ କାର୍ଯ୍ୟକୁ ଫେରିବା ଲାଗି ଧମକ ଦିଆଯାଉଛି। ଚଳିତ ବର୍ଷ ଅକ୍ଟୋବର ସୁଦ୍ଧା ୩୦ କଶ୍ମୀରୀ ପଣ୍ଡିତଙ୍କୁ ଟାର୍ଗେଟ କିଲିଂ କରାଗଲାଣି ବୋଲି କଂଗ୍ରେସ ଗଣମାଧ୍ୟମ ବିଭାଗ ମୁଖ୍ୟ ପଓ୍ୱନ ଖେରା କହିଛନ୍ତି। ଏହା ଉପରେ ମୋଦି ସରକାର ଶ୍ୱେତପତ୍ର ପ୍ରକାଶ କରିବାକୁ ସେ ଦାବି କରିଛନ୍ତି। ଅନ୍ୟପକ୍ଷରେ କଶ୍ମୀରୀ ପଣ୍ଡିତମାନଙ୍କ ଗଣପଳାୟନ ଖବରକୁ ଶୋପିଆନ୍ ପ୍ରଶାସନ ଖଣ୍ଡନ କରିଛି।

# ରାମକୃଷ୍ଣଙ୍କ ମୃତ୍ୟୁର ତଦନ୍ତ ଦାବିରେ ଯୋଗାଣ ମନ୍ତ୍ରୀ ଅଟକ


ଜମ୍ବୁ ଫେରିଘାଟଠାରେ ଗ୍ରାମବାସୀ ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକଙ୍କ ଗାଡ଼ିକୁ ଅଟକାଇଛନ୍ତି।

**କେନ୍ଦ୍ରାପଡ଼ା ଅଫିସ/ ମହାକାଳପଡ଼ା, ୨୭।୧୦(ଡି.ଏନ.ଏ.)**

## ପୋଲିସ-ମହିଳାଙ୍କ ମଧ୍ୟରେ ଠେଲାପେଲା

କେନ୍ଦ୍ରାପଡ଼ା ଜିଲା ମହାକାଳପଡା ଜମ୍ବୁ ସାମୁଦ୍ରିକ ଥାନା ଅନ୍ତର୍ଗତ ଜମ୍ବୁ ଗ୍ରାମର ରାମକୃଷ୍ଣ ମଣ୍ଡଳଙ୍କ ମୃତ୍ୟୁ ଗତ ୧୧ ତାରିଖରେ ହୋଇଥିଲା। ଏହି ମୃତ୍ୟୁ ଘଟଣାରେ ରାଜ୍ୟ ଖାଦ୍ୟ ଯୋଗାଣ ଓ ସମବାୟ ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକ ଗୁରୁବାର ହଟହଟା ହୋଇଛନ୍ତି। ଠିକ୍ ତଦନ୍ତ କରାଯିବା ଦାବିରେ ଶତାଧିକ ମହିଳାପୁରୁଷ ମନ୍ତ୍ରୀ ନାୟକଙ୍କୁ ଜମ୍ବୁ ଘାଟଠାରେ ଭେଟିବାକୁ ଚାହିଁଥିଲେ। ତେବେ ସମର୍ଥକ ଏଥିରେ ବାଧା ଦେବାରୁ ମହିଳାମାନେ ଗାଡି ଅଟକ ରଖି ଆଗରେ ଧାରଣା ଦେଇଥିଲେ। ଫଳରେ ମନ୍ତ୍ରୀ ନାୟକ ଗାଡି ଛାଡି ଜଣେ ବ୍ୟକ୍ତିଙ୍କ ବାଇକ୍‌ରେ ସ୍ଥାନ ଛାଡିଥିଲେ। ମନ୍ତ୍ରୀଙ୍କ ଗାଡି ପ୍ରାୟ ଅଧଘଣ୍ଟା ଅଟକି ରହିଥିଲା। ଏହାକୁ ନେଇ ପୋଲିସ ଓ ମହିଳାଙ୍କ ମଧ୍ୟରେ ଉଚବାଚରୁ ଠେଲାପେଲା ହୋଇଥିଲା। ଜିଲା ପୋଲିସର ହସ୍ତକ୍ଷେପ ପରେ ସେଠାରୁ ଗାଡି ମୁକୁଳି ଥିଲା।

ଜମ୍ବୁ ଗାଁର ରାମକୃଷ୍ଣଙ୍କୁ ହତ୍ୟା କରାଯାଇଥିବା ନେଇ ବାପା ସୌମେନ୍ଦ୍ର ଜମ୍ବୁ ସାମୁଦ୍ରିକ ଥାନାରେ ଅଭିଯୋଗ କରିଥିଲେ। ଏଥିରେ ମୃତକଙ୍କ ସ୍ତ୍ରୀ, ତାଙ୍କ ଭାଇ, ସ୍ଥାନୀୟ ଅଞ୍ଚଳର ରାଜନେତା ଆଦିଙ୍କ ସମ୍ପର୍କ ରହିଥିବାରୁ ପୋଲିସ ଘଟଣାକୁ ଗୁରୁତ୍ୱ ଦେଇ ନ ଥିଲା। ଫଳରେ ଗ୍ରାମବାସୀ ୩ ଦିନ ମୃତଦେହ ରଖି ଧାରଣା ଦେଇଥିଲେ। ପୋଲିସ ବୁଝାଶୁଝା କରିବା ପରେ ମୃତଦେହକୁ ପରିବାର ଓ ଗାଁ ଲୋକ ସଂସ୍କାର କରିଥିଲେ। ସନ୍ଦେହରେ ଥିବା ଅଭିଯୁକ୍ତଙ୍କୁ ଥାନା ପକ୍ଷରୁ ଜେରା କରାଯାଉ ନ ଥିବା ଦର୍ଶାଇ ମନ୍ତ୍ରୀ ନାୟକଙ୍କୁ ଉଚ୍ଚସ୍ତରୀୟ ତଦନ୍ତ ପାଇଁ ଦାବିପତ୍ର ଦେବାକୁ ଜମ୍ବୁ ଗ୍ରାମବାସୀ ଚେଷ୍ଟା କରିଥିଲେ। ତେବେ ସମର୍ଥକମାନେ ମନ୍ତ୍ରୀଙ୍କୁ ଦାବିପତ୍ର ଦେବାରେ ବାଧା ସୃଷ୍ଟି କରିବାରୁ ପ୍ରାୟ ୪୫ ମିନିଟ୍ ଧରି ଏହି ବିରୋଧ ପ୍ରଦର୍ଶନ କରାଯାଇଥିଲା। ପରେ ପୋଲିସ ସୁରକ୍ଷାରେ ମନ୍ତ୍ରୀ ନାୟକ ସୁନିତି ଓ ତନ୍ତିଆପାଳ ଅଞ୍ଚଳକୁ ଯାଇ ପଦଯାତ୍ରା କରିଥିଲେ।

# ଆଚରଣବିଧି ଉଲ୍ଲଂଘନ କଲେ କାର୍ଯ୍ୟାନୁଷ୍ଠାନ

**ଭୁବନେଶ୍ୱର,୨୭।୧୦(ବ୍ୟୁରୋ)**

### ଧାମନଗର ଉପନିର୍ବାଚନ

- ୨୦୦୬ କେସ୍‌ରେ ହୋଇଛି କାର୍ଯ୍ୟାନୁଷ୍ଠାନ: ମୁଖ୍ୟ ନିର୍ବାଚନ ଅଧିକାରୀ


ସୁଶୀଲ କୁମାର ଲୋହାନୀ

ଧାମନଗର ବିଧାନସଭା ନିର୍ବାଚନମଣ୍ଡଳୀରେ ଉପନିର୍ବାଚନ ନିମନ୍ତେ ବିଭିନ୍ନ ରାଜନୈତିକ ଦଳମାନଙ୍କ ଦ୍ୱାରା ପ୍ରଚାର କାର୍ଯ୍ୟ ଖୁବ୍ ଜୋରରେ ଚାଲିଛି। ଇତିମଧ୍ୟରେ ରାଜନୈତିକ ଦଳମାନଙ୍କ ଦ୍ୱାରା ନିର୍ବାଚନ ପ୍ରଚାର ସମୟରେ ଆଦର୍ଶ ଆଚରଣବିଧିର ଉଲ୍ଲଂଘନ ହେଉଥିବା ନେଇ ଅନେକ ଅଭିଯୋଗ ଆସୁଛି। ସେମାନଙ୍କ ବିରୋଧରେ ଆଇନ ଅନୁସାରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ମୁଖ୍ୟ ନିର୍ବାଚନ ଅଧିକାରୀ ସୁଶୀଲ କୁମାର ଲୋହାନୀ ଜଣାଇଛନ୍ତି। ନିର୍ବାଚନ ସମୟରେ ଭୋଟରମାନଙ୍କୁ ଟଙ୍କା ଦେଇ ଭୋଟଦେବା ପାଇଁ ପ୍ରବର୍ତ୍ତାଇବା କିମ୍ବା ଭୋଟରଙ୍କୁ ନିୟମିତ ଭୟଭୀତ କରାଇ ଭୋଟଦେବା ପାଇଁ ବାଧ କରିବା ହେଉଛି ଜଘନ୍ୟ ଅପରାଧ। ଏସବୁ କାର୍ଯ୍ୟରେ ଯେକୌଣସି ବ୍ୟକ୍ତିବିଶେଷ କିମ୍ବା ରାଜନୈତିକ ଦଳର କର୍ମକର୍ତ୍ତା କିମ୍ବା ପ୍ରାର୍ଥୀ ଏଥିରେ ସମ୍ପୃକ୍ତ ଥିବାର ପ୍ରମାଣ ମିଳିଲେ ସେମାନଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ ପ୍ରକାଶ କରିଛନ୍ତି।

ଆସନ୍ତା ଉପନିର୍ବାଚନ ପାଇଁ ସମସ୍ତ ପ୍ରାର୍ଥୀ, ରାଜନୈତିକ ଦଳର କର୍ମକର୍ତ୍ତାଙ୍କୁ ଆଦର୍ଶ ଆଚରଣବିଧିକୁ କଡ଼ାକଡ଼ି ଭାବେ ପାଳନ କରିବା ପାଇଁ ମୁଖ୍ୟ ନିର୍ବାଚନ ଅଧିକାରୀ ଉପଦେଶ ଦେଇଛନ୍ତି। ଏହାର ବ୍ୟତିକ୍ରମ ହେଲେ ନିଶ୍ଚିତ ଭାବେ ଆଇନ ଅନୁସାରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ମଧ୍ୟ ଚେତାବନୀ ଦେଇଛନ୍ତି। ନାଗରିକମାନେ ନିଜ ମୋବାଇଲ୍ ମାଧ୍ୟମରେ ଭିଡିଓ ଚିତ୍ର ଉତ୍ତୋଳନ କରି ସମ୍ପୃକ୍ତ ଜିଲା ନିର୍ବାଚନ ଅଧିକାରୀଙ୍କ ନିକଟକୁ ପଠାଇଲେ ୧୦୦ ମିନିଟ୍ ମଧ୍ୟରେ ନିର୍ଦ୍ଦିଷ୍ଟ ବ୍ୟକ୍ତିଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ କହିଛନ୍ତି। ଜିଲା ପ୍ରଶାସନ ତରଫରୁ ବିଧାନସଭା ନିର୍ବାଚନମଣ୍ଡଳୀ ସହ ସମଗ୍ର ଜିଲାରେ ଆଦର୍ଶ ଆଚରଣବିଧିର କଡ଼ାକଡ଼ି ପାଳନ ନିମନ୍ତେ ସବୁପ୍ରକାର ବ୍ୟବସ୍ଥା ଗ୍ରହଣ କରିବା ସହ ଏନ୍‌ଫୋର୍ସମେଣ୍ଟ ଟିମ୍ ଲଗାଯାଇଛି। ବିଭିନ୍ନ ରାଜନୈତିକ ଦଳଗୁଡ଼ିକ ଦ୍ୱାରା ଗାଡ଼ିର ଅପବ୍ୟବହାର, ଡାକବାଜି ଯନ୍ତ୍ର ବ୍ୟବହାର ଆଇନର ଉଲ୍ଲଂଘନ କରିବା, ବେଆଇନ ଭାବେ ସଭାସମିତି କରିବା, ଭୋଟରଙ୍କୁ ଟଙ୍କା ଦେଇ ନିଜ ସପକ୍ଷରେ ଭୋଟଦେବା ପାଇଁ ପ୍ରବର୍ତ୍ତାଇବା ଇତ୍ୟାଦି ବାବଦରେ ଏ ପର୍ଯ୍ୟନ୍ତ ମୋଟ ୧୦୨ଟି ଅଭିଯୋଗ ଗ୍ରହଣ କରାଯାଇ କାର୍ଯ୍ୟାନୁଷ୍ଠାନ ହୋଇଛି। ଥାନାରେ ଦୁଇ ଜଣଙ୍କ ବିରୋଧରେ ମାମଲା ରୁଜୁ କରାଯାଇଥିବା ମୁଖ୍ୟ ନିର୍ବାଚନ ଅଧିକାରୀ ପ୍ରକାଶ କରିଛନ୍ତି। ଆଦର୍ଶ ଆଚରଣବିଧି ଉଲ୍ଲଂଘନ କରି ଜନସାଧାରଣ ଓ ବ୍ୟକ୍ତିଗତ କୋଠାବାଡ଼ିଗୁଡ଼ିକୁ ବିକୃତ କରି ନିର୍ବାଚନ ପ୍ରଚାର (ପେଣ୍ଟିଂ) କରିବା ଅଭିଯୋଗରେ ୧୬୧୪ଟି କେସ୍ ଜିଲା ପ୍ରଶାସନ ନଜରକୁ ଆସିଛି। ସେହିପରି ଜନସାଧାରଣ ଓ ବ୍ୟକ୍ତିଗତ ସମ୍ପତ୍ତି ଯଥା କୋଠାବାଡ଼ିଗୁଡ଼ିକରେ ପୋଷ୍ଟର,ବ୍ୟାନର, କାନ୍ଥରେ ଲେଖିବା ଇତ୍ୟାଦି ଅଭିଯୋଗରେ ୨୦୦୬ ଗୋଟି କେସ୍ ଧରାପଡ଼ିବା ସହ ଉଲ୍ଲଂଘନକାରୀଙ୍କ ବିରୋଧରେ ବିହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି ବୋଲି ଲୋହାନୀ ପ୍ରକାଶ କରିଛନ୍ତି। ଜିଲା ପୋଲିସ ପ୍ରଶାସନ ଦ୍ୱାରା ଚଢ଼ାଉ କରାଯାଇ ୬୩୯ ଅସ୍ତ୍ରଶସ୍ତ୍ର ଜବତ କରାଯିବା ସହ ସିଆର୍‌ପିସି ଧାରା ୧୦୭ ଓ ୧୧୬ ଅନୁସାରେ ୨୦୧୧ ଜଣଙ୍କୁ ଅଟକ ରଖାଯାଇଛି ଓ ୧୯୬ ଜଣଙ୍କ ବିରୋଧରେ ଜାମିନବିହୀନ ଗିରଫ ପରଓ୍ୱାନା ଜାରି କରାଯାଇଛି ଲୋହାନୀ କହିଛନ୍ତି।

# ଆଜିଠୁ ଜମିବ ପ୍ରଚାର

### ଧାମନଗର ମୁହାଁ ୩ ଦଳର ନେତା

**ଭୁବନେଶ୍ୱର,୨୭।୧୦(ବ୍ୟୁରୋ)**

ଧାମନଗର ଉପନିର୍ବାଚନକୁ ନେଇ ରାଜ୍ୟ ରାଜନୀତି ଚଳଚଞ୍ଚଳ ହୋଇଉଠିଛି। ପୂର୍ବତନ ବିଧାୟକ ରାଜେନ୍ଦ୍ର ଦାସଙ୍କୁ ଟିକେଟ ନ ମିଳିବା ପରେ ସେ ସ୍ୱାଧୀନ ଭାବେ ନାମାଙ୍କନପତ୍ର ଦାଖଲ କରିଛନ୍ତି। ଏହା ବର୍ତ୍ତମାନ ଶାସକ ଦଳ ଲାଗି ମୁଣ୍ଡବିନ୍ଧାର କାରଣ ପାଲଟିଛି। ସେପଟେ ମାଳମାଳ ବିଜେଡି ନେତା ବୁଲି ପ୍ରଚାର ଚଳାଇଥିବା ବେଳେ ଭାଜପା ଏଥିରେ ପଛରେ ପଡ଼ିବାକୁ ଚାହୁଁନାହିଁ। ଅନ୍ୟପଟେ ଆସନ୍ତା ୩୧ରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭର୍ଚୁଆଲ ମୋଡ୍‌ରେ ବିଜେଡି ପ୍ରାର୍ଥୀ ଅବନ୍ତୀ ଦାସଙ୍କ ଲାଗି ପ୍ରଚାର କରିବା କାର୍ଯ୍ୟକ୍ରମ ରହିଛି। କଂଗ୍ରେସ ପକ୍ଷରୁ ପିସିସି ସଭାପତି ଶରତ ପଟ୍ଟନାୟକଙ୍କ ସମେତ ଅନ୍ୟମାନେ ପ୍ରଚାର କାର୍ଯ୍ୟ ଜୋର୍‌ଦାର ଚଳାଇଛନ୍ତି। ସେହିପରି ଭାଜପା ପ୍ରାର୍ଥୀ ସୂର୍ଯ୍ୟବଂଶୀ ସୂରଜଙ୍କ ପାଇଁ ଧାମନଗର ନିର୍ବାଚନମଣ୍ଡଳୀର ବିଭିନ୍ନ ପଞ୍ଚାୟତରେ ପ୍ରଚାର କରିବାକୁ କେନ୍ଦ୍ରମନ୍ତ୍ରୀମାନେ ଶୁକ୍ରବାରଠାରୁ ମଇଦାନକୁ ଓହ୍ଲାଇବେ। ନିର୍ବାଚନ ଲାଗି ଆଉ ମାତ୍ର ୫ ଦିନ ଥିବାବେଳେ ପ୍ରଚାର ମଇଦାନରେ ପ୍ରବଳ ଭିଡ଼ ଜମିବାକୁ ଯାଉଛି। ଶୁକ୍ରବାର ଠାରୁ ଦୁଇଦିନ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ପ୍ରଚାରକୁ ଓହ୍ଲାଇବେ। ଆଗକୁ କେନ୍ଦ୍ରମନ୍ତ୍ରୀ ବିଶ୍ୱେଶ୍ୱର ଟୁଡୁ, ରାଷ୍ଟ୍ରୀୟ ମୁଖପାତ୍ର ସମ୍ବିତ ପାତ୍ର, ଏମ୍‌ପି ଜୁଏଲ ଓରାମ ଓ ଅନ୍ୟ ବରିଷ୍ଠ ନେତାମାନେ ପ୍ରଚାରକରିବାକୁ ଆସିବେ। ଭାଜପା ରାଜ୍ୟ ସାଧାରଣ ସମ୍ପାଦକ ପୃଥ୍ୱୀରାଜ ହରିଚନ୍ଦନ କହିଛନ୍ତି, ଯାଜପୁର ଜିଲାର ଯେଉଁ ବିଜେଡି ନେତାମାନେ ଚକ୍ରାନ୍ତ କରି ଭଦ୍ରକରେ ହେବାକୁ ଥିବା ମେଡିକାଲ କଲେଜକୁ ତାଙ୍କ ଜିଲାକୁ ନେଇଯାଇଥିଲେ ଏବେ ସେମାନେ ଧାମନଗରରେ ଅଛନ୍ତି। ଧାମନଗରରେ ସେମାନେ ବିଜେଡିର ନିର୍ବାଚନ ପରିଚାଳନା କରୁଛନ୍ତି। ସେହିଭଳି ବୈତରଣୀରେ ଭଦ୍ରକବାସୀଙ୍କୁ ବନ୍ୟା ମୁହଁକୁ ଠେଲିଦେଇ ଯାଜପୁର ଜିଲାର ନଦୀବନ୍ଧକୁ ସଶକ୍ତ କରିଥିବା ବିଜେଡି ନେତାମାନଙ୍କୁ ଏବେ ଧାମନଗରବାସୀ ଉଚିତ ଜବାବ ଦେବେ ବୋଲି ସେ କହିଛନ୍ତି।

# ପ୍ରଚାର ମଇଦାନରେ ପିସିସି ସଭାପତି


ରୋଡ୍‌ଶୋ'ରେ ପିସିସି ସଭାପତି ଶରତ ପଟ୍ଟନାୟକଙ୍କ ସହ କଂଗ୍ରେସ ନେତାମାନେ।

**ଭଦ୍ରକ ଅଫିସ, ୨୭।୧୦**

ଧାମନଗର ଉପନିର୍ବାଚନ ଯେତିକି ପାଖେଇ ଆସୁଛି ନିର୍ବାଚନୀ ମାହୋଲ ସେତେ ସରଗରମ ହେଉଛି। ପ୍ରଚାର କ୍ଷେତ୍ରରେ ବିଜେଡି ଓ ଭାଜପା ବହୁ ଆଗରେ ଥିବାବେଳେ ପଛରେ ପଡ଼ିଥିବା କଂଗ୍ରେସ ଗତ ଦୁଇଦିନ ଧରି ପ୍ରଚାରକୁ ଜୋର୍‌ଦାର କରିଛି। ଦଳୀୟ ପ୍ରାର୍ଥୀ ହରେକୃଷ୍ଣ ସେଠୀ ଘରକୁ ଘର ବୁଲି ପ୍ରଚାର କରୁଥିବା ବେଳେ ଗୁରୁବାର ପିସିସି ସଭାପତି ଶରତ ପଟ୍ଟନାୟକ ମଇଦାନକୁ ଓହ୍ଲାଇଛନ୍ତି।

ତିହିଡ଼ି ବ୍ଲକରୁ ପ୍ରଚାର ଆରମ୍ଭ କରିଥିବା ବେଳେ ପିସିସି ସଭାପତିଙ୍କ ସହ ପୂର୍ବତନ ପିସିସି ସଭାପତି ଜୟଦେବ ଜେନା, ଜଟଣୀ ବିଧାୟକ ସୁରେଶ ରାଉତରାୟ, ବିଧାୟକ ସନ୍ତୋଷ ସିଂ ସାଲୁଜା, ରାଜ୍ୟ ମହିଳା ମୋର୍ଚ୍ଚା ସଭାପତି ବନ୍ଦିତା ପରିଡ଼ା, ପୂର୍ବତନ ବିଧାୟକ ଗଣେଶ୍ୱର ବେହେରା, ପୂର୍ବତନ ଏମ୍‌ପି ଅନନ୍ତ ପ୍ରସାଦ ସେଠୀ, ଭଦ୍ରକ ଜିଲା ସଭାପତି ସୁବ୍ରତ ଦାସ, ଭଦ୍ରକ ନିର୍ବାଚନମଣ୍ଡଳୀ ନେତା ନଳିନୀକାନ୍ତ ମହାନ୍ତି ପ୍ରମୁଖ ସାମିଲ ଥିଲେ। ସେମାନେ ତିହିଡ଼ି ବ୍ଲକର କାଁପଡ଼ା ପଞ୍ଚାୟତରୁ ପ୍ରଚାର ଆରମ୍ଭ କରି ତଳଗୋପବିନ୍ଧା, ବାରୋ, ଶ୍ୟାମସୁନ୍ଦରପୁର, ଗୁଆମାଳ, ଅଚକ ଆଦି ପଞ୍ଚାୟତରେ ରୋଡ୍‌ଶୋ' ସହ କେତେକ ସ୍ଥାନରେ ପଦଯାତ୍ରା କରି ଦଳୀୟ ପ୍ରାର୍ଥୀ ହରେକୃଷ୍ଣଙ୍କ ପାଇଁ ଭୋଟ୍ ମାଗିଥିଲେ। ଶେଷରେ ବାରୋଠାରେ ଅନୁଷ୍ଠିତ ନିର୍ବାଚନୀ ବୈଠକରେ ଉଭୟ ବିଜେଡି ଓ ଭାଜପାକୁ କଟୁ ସମାଲୋଚନା କରିବା ସହ ଦଳୀୟ ପ୍ରାର୍ଥୀଙ୍କୁ ବିପୁଳ ଭୋଟ୍ ଦେଇ ଜିତାଇବାକୁ କଂଗ୍ରେସ ନେତାମାନେ ନିବେଦନ କରିଥିଲେ।

# ୨ ମନ୍ତ୍ରୀଙ୍କୁ କଳାପତାକା

**ଆଠଗଡ଼,୨୭।୧୦(ସ୍ୱ.ପ୍ର.)**

ଆଠଗଡ଼ ରାଜ୍ୟ ସଡ଼କ ପରିବହନ ନିଗମର ଅତ୍ୟାଧୁନିକ ବସ୍‌ଷ୍ଟାଣ୍ଡ ଲୋକାର୍ପଣ ପାଇଁ ଗୁରୁବାର ନଗର ଉନ୍ନୟନ ମନ୍ତ୍ରୀ ଉଷାଦେବୀ ଓ କୃଷିମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ଆସୁଥିବାବେଳେ କଂଗ୍ରେସ ପକ୍ଷରୁ କଳାପତାକା ପ୍ରଦର୍ଶନ କରିବାକୁ ଉଦ୍ୟମ କରାଯାଇଛି। ଉଭୟ ମନ୍ତ୍ରୀ ଶୋଭାଯାତ୍ରାରେ ଆସୁଥିବାବେଳେ ଆଠଗଡ଼-ଚାନ୍ଦବାଲି ଛକ ଉପଖଣ୍ଡ ଆରକ୍ଷୀ ଅଧୀକ୍ଷକଙ୍କ କାର୍ଯ୍ୟାଳୟ ସମ୍ମୁଖରେ କଟକ ଜିଲା ଯୁବ କଂଗ୍ରେସ ଉପ-ସଭାପତି ମନୋରଞ୍ଜନ ପଟ୍ଟନାୟକଙ୍କ ନେତୃତ୍ୱରେ କର୍ମୀମାନେ କଳାପତାକା ଦେଖାଇବାକୁ ଚେଷ୍ଟା କରିଥିଲେ। ଏଣୁ ଉଭୟ କଂଗ୍ରେସ ଏବଂ ବିଜେଡି କର୍ମୀଙ୍କ ମଧ୍ୟରେ ଠେଲାପେଲା ହୋଇଥିଲା। ପୋଲିସ ହସ୍ତକ୍ଷେପ ପରେ ଉଭୟ ପକ୍ଷ ଶାନ୍ତ ପଡ଼ିଥିଲେ। ଏହି ସମୟରେ ପୋଲିସ ମନୋରଞ୍ଜନଙ୍କ ସମେତ ସାନଭାଇ ଜ୍ଞାନରଞ୍ଜନ ଓ ତାଙ୍କ ୨ ସହଯୋଗୀଙ୍କୁ କାବୁ କରି ଥାନାରେ ଅଟକ ରଖିବା ପରେ ସନ୍ଧ୍ୟାରେ ଛାଡିଦେଇଥିବା ଥାନା ଅଧିକାରୀ ବାମଦେବ ସ୍ୱାଇଁ ସୂଚନା ଦେଇଛନ୍ତି।

# ସିଇସିଙ୍କୁ ଫେରାଦ ହେଲା ବିଜେଡି

## 'ଉପନିର୍ବାଚନରେ ଭାଜପାର ବେନିୟମ ଟଙ୍କା ବଣ୍ଟା ରୋକାଯାଉ'

**ଭୁବନେଶ୍ୱର,୨୭।୧୦(ବ୍ୟୁରୋ)**


ବିଜେଡି ପ୍ରତିନିଧି ଦଳ ଗୁରୁବାର ନୂଆଦିଲ୍ଲୀଠାରେ ସିଇସିଙ୍କୁ ଭେଟିବାକୁ ଯାଉଛନ୍ତି।

ଧାମନଗର ଉପନିର୍ବାଚନ ନେଇ ବିଜେଡି ଏବଂ ଭାଜପା ପରସ୍ପର ମଧ୍ୟରେ ଦୋଷ ଲଦାଲଦି ପର୍ବ ଜାରି ରଖିଛନ୍ତି। ବୁଧବାର ଭାଜପାର ଏକ ପ୍ରତିନିଧି ମଣ୍ଡଳୀ ଭାରତୀୟ ନିର୍ବାଚନ ଆୟୋଗ(ସିଇସି)ଙ୍କ ନିକଟରେ ଫେରାଦ ହୋଇ ଶାସକ ଦଳ ଧାମନଗରରେ ଲୋକଙ୍କୁ ଟଙ୍କା ବାଣ୍ଟୁଥିବାର ପ୍ରଲୋଭନ ଦେଖାଉଛି ବୋଲି ଅଭିଯୋଗ କରିଥିଲା। ଏଭଳି ସମୟରେ ଗୁରୁବାର ବିଜେଡିର ଏକ ପ୍ରତିନିଧି ଦଳ ଭାରତୀୟ ନିର୍ବାଚନ ଆୟୋଗଙ୍କ ପାଖରେ ଫେରାଦ ହୋଇ ଭାଜପା ବିରୋଧରେ ଅଭିଯୋଗ କରିଛି।

ବିଜେଡି ଟିମ୍ ଅଭିଯୋଗ କରିଛି ଯେ, ଭାଜପା ନେତା ଓ କର୍ମୀ ଧାମନଗର ଉପନିର୍ବାଚନରେ ଟଙ୍କା କାରବାର କରୁଛନ୍ତି। ଅନ୍ୟପଟେ ଭାଜପା ଜଣେ ମହିଳାଙ୍କ ଜରିଆରେ ଟଙ୍କା ବାଣ୍ଟିବାର ଭିଡିଓ ଓ ଫଟୋ ତିଆରି କରି ଏହା ବିଜେଡି କରୁଛି ବୋଲି ଅଭିଯୋଗ କରୁଛି। ଏହାସହ ଏସ୍‌ଏଚ୍‌ଜି ମହିଳାମାନଙ୍କୁ ଭାଜପା ଯେପରି ଅପମାନ କରୁଛି ତାହା ନିନ୍ଦନୀୟ। ମିଛ ଭିଡିଓ ପ୍ରସ୍ତୁତ କରି ସାମାଜିକ ଗଣମାଧ୍ୟମରେ ତାହା ପ୍ରଚାର କରୁଛି। ଏହି ଭିଡିଓ ଦେଖାଇ ମିଶନ ଶକ୍ତି ମହିଳା ଟଙ୍କା ବାଣ୍ଟୁଥିବା ଅଭିଯୋଗ କରିଛନ୍ତି। ଭାଜପା ବହୁଳ ମାତ୍ରାରେ ଟଙ୍କା ବାଣ୍ଟି ଧାମନଗର ଉପନିର୍ବାଚନ ଜିତିବାର ପ୍ରୟାସ କରୁଛି। ଯେତେବେଳେ ଧାମନଗର ଉପନିର୍ବାଚନ ହାରୁଥିବା ନେଇ ଭାଜପା ନେତାମାନେ ସୁରାକ ପାଇଲେ ଏବେ ବିପୁଳ ଅର୍ଥ କାରବାର ଆରମ୍ଭ କରିଛନ୍ତି। ଅନ୍ୟପଟେ ୨୦୨୨ ପଞ୍ଚାୟତ ଓ ଅର୍ବାନ ନିର୍ବାଚନରେ ଭାଜପାର ବିପୁଳ ଅର୍ଥ ଜବତ କରାଯାଇଥିଲା। ସ୍ଥାନୀୟ ପ୍ରଶାସନ ବିରୋଧରେ ଭାଜପା ମିଛ ଦୋଷ ଅଜାଡ଼ି ସେମାନଙ୍କୁ ଭୟଭୀତ କରାଇବାକୁ ଚେଷ୍ଟା କରୁଛି। ପ୍ରାୟ ସବୁ ନିର୍ବାଚନରେ ଭାଜପା ପକ୍ଷରୁ ଏହିଭଳି ଉଦ୍ୟମ ଆରମ୍ଭ ହୋଇଛି। ଭାଜପା ଯେଉଁ ମିଛ ଭିଡିଓ ପ୍ରସାର କରି ଏସ୍‌ଏଚ୍‌ଜି ମହିଳାଙ୍କୁ ଅପମାନିତ କରୁଛି ଏହାକୁ ରୋକାଯାଉ। ଧାମନଗରରେ ଭାଜପା ଲୋକଙ୍କ ମତ ପରିବର୍ତ୍ତନ ଲାଗି ବେନିୟମ ଭାବେ ଯେପରି ଅର୍ଥ କାରବାର ନ କରେ ସେଥିପ୍ରତି ଧ୍ୟାନ ଦିଆଯିବା ଦରକାର। ସ୍ଥାନୀୟ ପ୍ରଶାସନ ଯେପରି ବିନା ଭୟରେ ନିଜର କାର୍ଯ୍ୟ କରିବ ସେଥିପ୍ରତି ଧ୍ୟାନଦେବାକୁ ବିଜେଡି ପ୍ରତିନିଧି ଦଳ ଦାବି କରିଛି।

# ମିଥ୍ୟା ମାମଲା କରି ଦଳୀୟ କର୍ମୀଙ୍କୁ ହଇରାଣ କରାଯାଉଛି: ଭାଜପା

**ଭୁବନେଶ୍ୱର,୨୭।୧୦(ବ୍ୟୁରୋ)**

ଭଦ୍ରକ ଜିଲା ଧାମନଗର ଉପନିର୍ବାଚନରେ ଭୋଟରଙ୍କୁ ପ୍ରଭାବିତ କରିବା ପାଇଁ ଶାସକ ଦଳ ବାରମ୍ବାର ନିର୍ବାଚନ ଆଚରଣ ବିଧି ଉଲ୍ଲଂଘନ କରି ଆସୁଛି। ଏହାସତ୍ତ୍ୱେ ସ୍ଥାନୀୟ ଜିଲାପାଳ ଓ ବିଧାନସଭା ନିର୍ବାଚନ ଅଧିକାରୀ ଏନେଇ କୌଣସି କାର୍ଯ୍ୟାନୁଷ୍ଠାନ ନେଉନାହାନ୍ତି। ଭାଜପାର ୯୩୨ରୁ ଊର୍ଦ୍ଧ୍ୱ କାର୍ଯ୍ୟକର୍ତ୍ତାଙ୍କୁ ମିଥ୍ୟା ନୋଟିସ ଦେଇ ପୋଲିସ ପ୍ରଶାସନ ମାନସିକ ନିର୍ଯାତନା ଦେଉଛି। ଉପନିର୍ବାଚନ ଜିତିବା ପାଇଁ ସରକାରୀ କଳକୁ ଖୋଦ୍ ଶାସକ ଦଳର ମନ୍ତ୍ରୀ, ବିଧାୟକ, ନେତାମାନେ ଅପବ୍ୟବହାର କରୁଛନ୍ତି। ଅନ୍ୟପକ୍ଷରେ ଭାଜପା କାର୍ଯ୍ୟକର୍ତ୍ତାଙ୍କ ବିରୋଧରେ ମିଥ୍ୟା ମାମଲା, ମିଥ୍ୟା ନୋଟିସ ଦେଇ ପୋଲିସ ଭୟଭୀତ କରାଉଛି ବୋଲି ଶୁକ୍ରବାର ଭାଜପାର ଏକ ପ୍ରତିନିଧି ଦଳ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କୁ ଭେଟି ଜଣାଇଛି।

**ହ୍ରାସ ପାଉଛି ନିଯୁକ୍ତି ସଂଖ୍ୟା**

**ନୂଆଦିଲ୍ଲୀ:** ଚଳିତ ବର୍ଷ ଅଗଷ୍ଟ ମାସରେ ଦେଶରେ ସଂଗଠିତ ନିଯୁକ୍ତି ସଂଖ୍ୟା ହ୍ରାସ ପାଇଛି। ଏପରିକି ସରକାରଙ୍କ ବିଭିନ୍ନ ସଂସ୍ଥା ପକ୍ଷରୁ ଜାରି କରାଯାଇଥିବା ତଥ୍ୟରୁ ଏହା ଜଣାପଡ଼ିଛି। ବିଶେଷ କରି କର୍ମଚାରୀ ଭବିଷ୍ୟନିଧି ପାଣ୍ଠି ସଂଗଠନ (ଇପିଏଫ୍‌ଓ), କର୍ମଚାରୀ ରାଜ୍ୟ ବୀମା ନିଗମ (ଇଏସ୍‌ଆଇସି) ଏବଂ ଜାତୀୟ ପେନସନ୍ ସ୍କିମରେ ମଧ ଏହି ମାସରେ କମ୍ ସଂଖ୍ୟକ ନୂଆ କର୍ମଚାରୀ ଯୋଡ଼ି ହୋଇଛନ୍ତି। ସେହିଭଳି ଗତ ଜୁଲାଇରେ ୧୮.୨ ଲକ୍ଷ ନୂଆ ସଦସ୍ୟ ଇପିଏଫ୍‌ଓରେ ଯୋଡ଼ି ହୋଇଥିଲେ ହେଲେ ଅଗଷ୍ଟରେ ସେମାନଙ୍କ ସଂଖ୍ୟା ୭.୧% ହ୍ରାସ ପାଇ ୧୬.୯ ଲକ୍ଷ ହୋଇଛି।



# ରାଜ୍ୟ ଗୃହନିର୍ମାଣ ସଂସ୍ଥାର ନୂତନ ଅଧ୍ୟକ୍ଷ କଳିକେଶ ନାରାୟଣ ସିଂଦେଓ

ଭୁବନେଶ୍ୱର,୨୭/୧୦(ବ୍ୟୁରୋ)


କଳିକେଶ ନାରାୟଣ ସିଂଦେଓ

ବିଜେଡ଼ି ଲୋକସଭା ପୂର୍ବତନ ସାଂସଦ କଳିକେଶ ନାରାୟଣ ସିଂଦେଓ ଗୁରୁବାର ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥାର ନୂତନ ଅଧ୍ୟକ୍ଷ ଭାବେ ଯୋଗଦାନ କରିଛନ୍ତି। ରାଜ୍ୟ ସରକାରଙ୍କ ଆଭିମୁଖ୍ୟକୁ ସଫଳ ଭାବେ କାର୍ଯ୍ୟ କରିବା ମୋର ଏକମାତ୍ର ଲକ୍ଷ୍ୟ ବୋଲି ସିଂଦେଓ ମତବ୍ୟକ୍ତ କରିଛନ୍ତି।

ତେବେ ଏହି ଯୋଗଦାନ ସମୟରେ ସଂସ୍ଥାର ପରିଚାଳନା ନିର୍ଦ୍ଦେଶିକା ସାଗରିକା ପଟ୍ଟନାୟକ, ସଚିବ ରଶ୍ମିତାରାଣୀ ତରାସିଆ, ଅର୍ଥ ଉପଦେଷ୍ଟା ତଥା ମୁଖ୍ୟ ହିସାବ ଅଧିକାରୀ ପୁଷ୍ପାଞ୍ଜଳି ତ୍ରିପାଠୀ, ମୁଖ୍ୟଯନ୍ତ୍ରୀ ଲୋକନାଥ ପ୍ରସାଦ ମହାପାତ୍ର ଓ ସଂସ୍ଥାର ୱାର୍କର୍ସ ୟୁନିୟନର କର୍ମକର୍ତ୍ତା ମାନେ ଦେଓକୁ ସ୍ୱାଗତ କରିଥିଲେ। ସିଂଦେଓ ବିଗତ ଦିନରେ ଦୁଇଥର ସାଂସଦ ଓ ଥରେ ରାଜ୍ୟର ସର୍ବକନିଷ୍ଠ ବିଧାୟକ ଭାବେ ନିର୍ବାଚିତ ହୋଇ ଦାୟିତ୍ୱ ନିର୍ବାହ କରିଥିବା ବେଳେ ବନ୍ଧୁକ ଚାଳନା ଓ ବାସ୍କେଟ ବଲରେ ଜାତୀୟସ୍ତରର ଖେଳାଳି ଭାବେ ପ୍ରତିନିଧିତ୍ୱ କରିଛନ୍ତି। ସେ ମଧ୍ୟ ଦେଶର ସ୍ୱନାମଧନ୍ୟ ଡୁନ୍ ସ୍କୁଲ ଓ ଦିଲ୍ଲୀ ସେଣ୍ଟ ଷ୍ଟିଫେନ୍ କଲେଜର ପ୍ରାକ୍ତନ ଛାତ୍ର ଅଟନ୍ତି। ଓଡ଼ିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ ସ୍ୱର୍ଗତ ରାଜେନ୍ଦ୍ର ନାରାୟଣ ସିଂଦେଓଙ୍କର ସେ ନାତି ଓ ସୁପରିଚିତ ପୂର୍ବତନ ବରିଷ୍ଠ ମନ୍ତ୍ରୀ ଅନଙ୍ଗ ଉଦୟ ସିଂଦେଓଙ୍କ ଜ୍ୟେଷ୍ଠପୁତ୍ର।

# 'ମୁଦ୍ରାନୀତିରେ ହୋଇପାରେ ବଡ଼ ପରିବର୍ତ୍ତନ'

- ବଢ଼ିପାରେ ଋଣ ସୁଧହାର
- ନଭେମ୍ବର ୩ରେ ଜରୁରୀ ଏମ୍‌ପିସି ବୈଠକ ଡାକିବେ ଆର୍‌ବିଆଇ

ନୂଆଦିଲ୍ଲୀ,୨୭।୧୦




ଚଳିତ ବର୍ଷ ନଭେମ୍ବର ୩ରୁ ମୁଦ୍ରାନୀତି କମିଟି (ଏମ୍‌ପିସି)ର ଅତିରିକ୍ତ ବୈଠକ ହେବାକୁ ଯାଉଛି ବୋଲି ଭାରତୀୟ ରିଜର୍ଭ ବ୍ୟାଙ୍କ (ଆର୍‌ବିଆଇ) ପକ୍ଷରୁ କୁହାଯାଇଛି। ଏପରିକି ଆର୍‌ବିଆଇ ଏମ୍‌ପିସିଙ୍କ ଏକ ଗୁରୁତ୍ୱପୂର୍ଣ୍ଣ (ଏମର୍ଜେନ୍ସି) ବୈଠକ ପାଇଁ ଆହ୍ୱାନ କରାଯାଇଛି। କାରଣ ଏମ୍‌ପିସିଙ୍କ ନିୟମିତ ବୈଠକ ୨୦୨୨ ଡିସେମ୍ବର ୫ରୁ ୭ ମଧ୍ୟରେ ହେବା ଯୋଜନା ରହିଥିଲା। ତେବେ ତା'ର ଯଥେଷ୍ଟ ପୂର୍ବରୁ ଆର୍‌ବିଆଇ ଏହି ଏମ୍‌ପିସି ବୈଠକ ପାଇଁ ଆହ୍ୱାନ କରିବା ସବୁ ବର୍ଗଙ୍କ ପାଇଁ ଆଶଙ୍କା ସୃଷ୍ଟି କରିଛି ବୋଲି ବଜାର ବିଶେଷଜ୍ଞମାନେ ମତ ପ୍ରକାଶ କରିଛନ୍ତି। ସେମାନଙ୍କ କହିବା କଥା, ଯେକୌଣସି ସମୟରେ ଏକ ବଡ଼ଧରଣର ପରିବର୍ତ୍ତନ ସପକ୍ଷରେ ଆର୍‌ବିଆଇ ଘୋଷଣା କରିପାରେ ବା କିଛି ଦୃଢ଼ ପଦକ୍ଷେପ ଗ୍ରହଣ କରିବ ବୋଲି ଆଶା କରାଯାଉଛି। ସେହିଭଳି ଆର୍‌ବିଆଇଙ୍କ ଏହି ବୈଠକରେ ଖୁଚୁରା ମୁଦ୍ରାସ୍ଫୀତି ୬%ରୁ ଉପରେ ରହିବା ଯୋଗୁ ଆଗାମୀ ଶୀତକାଳୀନ ଅଧିବେଶନରେ ସରକାର ବିରୋଧୀଙ୍କୁ ଦେବାକୁ ଥିବା ଜବାବ ନେଇ ମଧ ବିସ୍ତୃତ ଆଲୋଚନା ହୋଇପାରେ ବୋଲି ଆକଳନ କରାଯାଇଛି। ଅପରପକ୍ଷରେ ଆର୍‌ବିଆଇ ସୂତ୍ରରୁ ମିଳିଥିବା ସୂଚନା ଅନୁସାରେ ଭାରତୀୟ ରିଜର୍ଭ ବ୍ୟାଙ୍କ ଅଧିନିୟମ ୧୯୩୪ର ଧାରା ୪୫ ଜେଡ୍‌ଏନ୍‌ରେ ଥିବା ପ୍ରାବଧାନ ଅନୁସାରେ ଏମ୍‌ପିସିର ଏହି ବିଶେଷ ବୈଠକ ଡକାଯାଇଛି। ସେହିପରି ପୂର୍ବ ଏମ୍‌ପିସି ବୈଠକ ଚଳିତ ବର୍ଷ ସେପ୍ଟେମ୍ବର ୨୮ରୁ ୩୦ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ସେହି ଅନୁସାରେ ପରବର୍ତ୍ତୀ ବୈଠକ ଆସନ୍ତା ଡିସେମ୍ବର ୫ରୁ ୭ ମଧ୍ୟରେ ହେବା କାର୍ଯ୍ୟକ୍ରମ ରହିଥିଲା। ତେବେ କେତେକ ଜରୁରୀ ଆହ୍ୱାନ ଯୋଗୁ ଆର୍‌ବିଆଇ ପକ୍ଷରୁ ମାସକ ପୂର୍ବରୁ ଏହି ସ୍ୱତନ୍ତ୍ର ବୈଠକ ଅନୁଷ୍ଠିତ ହେବାର କାର୍ଯ୍ୟକ୍ରମ ପାଇଁ ଆହ୍ୱାନ କରାଯାଇଛି। ଗତ ମାସ (ସେପ୍ଟେମ୍ବର) ୩୦ ତାରିଖରେ ଶେଷ ହୋଇଥିବା ଏମ୍‌ପିସି ବୈଠକରେ ନୀତିଗତ ରେପୋ ହାର ୫୦ ଆଧାର ଅଙ୍କ (ବିପିଏସ୍) ପର୍ଯ୍ୟନ୍ତ ବଢ଼ାଯାଇଥିଲା। ରେପୋ ହାର ୫.୯% ହୋଇଯାଇଥିଲା। ଫଳରେ ସବୁ ପ୍ରକାର ଋଣ ହାର ମହଙ୍ଗା ହୋଇଯାଇଥିଲା। ତେବେ ନଭେମ୍ବର ୩ରେ ଅନୁଷ୍ଠିତ ହେବାକୁ ଯାଉଥିବା ଏହି ଜରୁରୀ ଏମ୍‌ପିସି ବୈଠକରେ ମୁଦ୍ରାସ୍ଫୀତିକୁ ନିୟନ୍ତ୍ରଣ କରିବା ପାଇଁ ଆର୍‌ବିଆଇ କଡ଼ା ନୀତି ଆପଣେଇ ପାରନ୍ତି। ଫଳରେ ପୁଣି ଥରେ ଋଣ ସୁଧହାର ବୃଦ୍ଧି ହେବାର ଆଶଙ୍କା ରହିଛି ବୋଲି ଆକଳନ କରାଯାଉଛି।

ଜନ୍ମଦିନର ଶୁଭେଚ୍ଛା

ନୀଲମ ବନଛୋର
ଗ୍ରାମ: ଲଇଡାଗୁଣା, ଗ୍ରା.ପ.- ତେଲି ଡିଲେଇମାଲ, ଥାନା- କୁଚିଣ୍ଡା, ଜିଲ୍ଲା- ସମ୍ବଲପୁର
୪ର୍ଥତମ ଜନ୍ମଦିନ ଅବସରରେ ଅଭିନନ୍ଦନ ଓ ଶୁଭେଚ୍ଛା । ପରିବାରବର୍ଗ
ଜନ୍ମ ତା୨୮।୧୦।୨୦୧୮ ମଃ
ଧ-୧୮୫୪

# ଟାଟା-ଏୟାରବସ୍ ମଧ୍ୟରେ ରାଜିନାମା

ଭୁବନେଶ୍ୱର,୨୭।୧୦

ଦେଶର ପ୍ରମୁଖ ବାଣିଜ୍ୟିକ ସଂସ୍ଥା ତଥା ଟାଟା ଗ୍ରୁପର ସହଯୋଗୀ ସଂସ୍ଥା ଟାଟା ଆଡଭାନ୍ସ ସିଷ୍ଟମ ଲିମିଟେଡ (ଟିଏସଏଲ) ୟୁରୋପିୟାନ ଆଭିଏସନ ସଂସ୍ଥା ଏୟାର ବସ ସହ ଏକ ରାଜିନାମା ସ୍ୱାକ୍ଷର ହୋଇଯାଇଛି। ଉକ୍ତ ରାଜିନାମା ଅନୁଯାୟୀ ଉଭୟ ସଂସ୍ଥାର ଗୁଜରାଟର ଭଦୋଦରା ଠାରେ ଭାରତୀୟ ବାୟୁସେନ ପାଇଁ ସି-୨୯୫ ଏୟାରକ୍ରାଫ୍ଟ ନିର୍ମାଣ କରିବେ ବୋଲି କୁହାଯାଇଛି। ଏପରିକି ଏ ନେଇ ଟାଟା ଏବଂ ଏୟାରବସ ସହ ଏକ ଡିଲ୍ ମଧ ହୋଇଛି। ଏହା ଜରିଆରେ ବାୟୁସେନା ପାଇଁ ଅତ୍ୟାଧୁନିକ ଏୟାରକ୍ରାଫ୍ଟ ନିର୍ମାଣ କରାଯିବ। ପ୍ରଥମଥର ପାଇଁ ଏୟାରବସ ସହ ଚୁକ୍ତି କରି ଟାଟା ଗୁଜରାଟରେ ସି-୨୯୫ ଏୟାରକ୍ରାଫ୍ଟ ଭାରତରେ ନିର୍ମାଣ କରିବ ବୋଲି ଜଣାପଡିଛି। ସେହିପରି ଗୁଜରାଟର ଭଦୋଦରାରେ ଗୋଟିଏ ପ୍ଲାଣ୍ଟରେ ଏହି ସି-୨୯୫ ଏୟାରକ୍ରାଫ୍ଟ ନିର୍ମାଣ କରାଯିବ ବୋଲି ଟାଟା ପକ୍ଷରୁ କୁହାଯାଉଛି। ଏପରିକି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଅକ୍ଟୋବର ୩୦ରେ ଏହି ପ୍ଲାଣ୍ଟର ଶିଳାନ୍ୟାସ କରିବେ ବୋଲି ବିଶେଷ ସୂତ୍ରରୁ ସୂଚନା ମିଳିଛି। ଉକ୍ତ ସୂଚନା ଅନୁସାରେ ଟାଟା ଏବଂ ଏୟାରବେସ ମିଳିତ ଭାବେ ବାୟୁସେନା ପାଇଁ ମୋଟ ୪୦ଟି ଏୟାରକ୍ରାଫ୍ଟ ନିର୍ମାଣ କରିବେ ବୋଲି ରାଜିନାମା ହୋଇଛି।

# ଟିଏମ୍‌ସି ସହ ହିରୋର ଦ୍ୱିପାକ୍ଷିକ ସହଭାଗିତା

ନୂଆଦିଲ୍ଲୀ,୨୭।୧୦

ଦେଶର ପ୍ରମୁଖ ୨ଚକିଆ ଯାନ ନିର୍ମାତା 'ହିରୋ ମୋଟୋକର୍ପ' ଖୁବ୍‌ଶୀଘ୍ର ଫିଲିପାଇନ୍ସ ବଜାରରେ ମଧ ତା'ର ଉପସ୍ଥିତି ଜାହିର କରିବାକୁ ଯାଉଛି। କାରଣ କଲମ୍ବିଆନ ଗ୍ରୁପ୍ ଅଫ୍ କମ୍ପାନୀଗୁଡ଼ିକର ଏକ ଅଂଶ ଟେରାଫିର୍ମା ମୋଟର୍ସ କର୍ପୋରେଶନ (ଟିଏମ୍‌ସି) ତଥା ଅନ୍ୟତମ ଅଗ୍ରଣୀ ଏବଂ ଅଭିଜ୍ଞ ଅଟୋମୋବାଇଲ ଗୋଷ୍ଠୀ ହିରୋ ମୋଟୋକର୍ପ ସହ ମିଳିତ ହୋଇଛନ୍ତି। ଫଳରେ କମ୍ପାନୀର ବିଭିନ୍ନ ମଡେଲକୁ ଫିଲିପାଇନ୍ସ ବଜାରରେ ଉପଲବ୍ଧ କରାଇବା ନେଇ ଉଭୟଙ୍କ ମଧ୍ୟରେ ସହଯୋଗ ରହିବ ବୋଲି ଜଣାପଡ଼ିଛି। ସେହିଭଳି ଏହି ଦ୍ୱିପାକ୍ଷିକ ସହଭାଗିତାର ଏକ ଅଂଶ ଭାବେ ଟିଏମ୍‌ସି ଫିଲିପାଇନ୍ସରେ ହିରୋ ମୋଟୋକର୍ପ ମୋଟରସାଇକେଲର ସ୍ୱତନ୍ତ୍ର ଏକତ୍ରକାରୀ ଏବଂ ବିତରକ ହେବ ବୋଲି କୁହାଯାଇଛି। ଏପରିକି କମ୍ପାନୀ ଲାଗୁନା ସହରରେ ଅବସ୍ଥିତ ଅତ୍ୟାଧୁନିକ ମୁଖ୍ୟ ଉତ୍ପାଦନ ସୁବିଧାରେ ୨୯,୦୦୦ ବର୍ଗ ମିଟର ପରିମିତ ଅଞ୍ଚଳରେ ଏକ ଆସେମ୍ବ୍ଲି ସୁବିଧା ମଧ ଉପଲବ୍ଧ କରାଇବ। ବିଶେଷକରି ୨୦୨୪ ଆର୍ଥିକ ବର୍ଷର ଦ୍ୱିତୀୟାର୍ଦ୍ଧଠାରୁ ଏହା କାର୍ଯ୍ୟ ଆରମ୍ଭ କରିବ ବୋଲି ଜଣାପଡିଛି। ଏ ସମ୍ପର୍କରେ ହିରୋ ମୋଟୋକର୍ପର ଗ୍ଲୋବାଲ ବିଜ୍‌ନେସର ମୁଖ୍ୟ ସଞ୍ଜୟ ଭାନ୍ କହିଛନ୍ତି, ଆମେ ସର୍ବଦା ବିଶ୍ୱ ବଜାରରେ ନୂତନ ସୁଯୋଗ ଅନୁସନ୍ଧାନ କରୁଛୁ। ଏପରିକି ଦକ୍ଷିଣ ପୂର୍ବ ଏସୀୟ ଅଞ୍ଚଳରେ ପ୍ରବେଶ କରିବା ପାଇଁ ଟିଏମ୍‌ସି ସହ ଆମର ସହଭାଗିତା ଏହି ବିସ୍ତାର ରଣନୀତିର ଏକ ଅବିଚ୍ଛେଦ୍ୟ ଅଙ୍ଗ। ଫିଲିପାଇନ୍ସରେ ଟିଏମ୍‌ସି ଅଟୋମୋବାଇଲର ପାରଦର୍ଶିତା ଏବଂ ନେଟ୍‌ୱାର୍କ ସହିତ ହିରୋ ମୋଟୋକର୍ପର ବିଶ୍ୱସନୀୟତା ଏବଂ ଟେକ୍ନୋଲୋଜି ନିଶ୍ଚିତ ଭାବେ ଏକ ପ୍ରଭାବ ସୃଷ୍ଟି କରିବ ଏବଂ ଏହି ପ୍ରମୁଖ ବଜାରରେ ଆମର ପାଦଚିହ୍ନକୁ ସୁଦୃଢ଼ କରାଇବ।

# ସରକାରଙ୍କ ନଜରରେ ଡିଟିଏଚ୍ କମ୍ପାନୀ

ନୂଆଦିଲ୍ଲୀ,୨୭।୧୦

ସାରା ଦେଶରେ ଡାଇରେକ୍ଟ-ଟୁ-ହୋମ୍ (ଡିଟିଏଚ୍) ସେବା ପ୍ରଦାନ କରୁଥିବା କମ୍ପାନୀଗୁଡ଼ିକର ହିସାବ ଖାତାର ଅଡିଟ୍ କରିବା ଲାଗି କେନ୍ଦ୍ର ସରକାର ଯୋଜନା କରୁଥିବା ଜଣାପଡ଼ିଛି। କାରଣ ଉକ୍ତ ସେବା ପ୍ରଦାନକାରୀ ସଂସ୍ଥାଗୁଡ଼ିକର ଲାଇସେନ୍ସ ଫିଁକୁ ନେଇ ସରକାର ସନ୍ଦେହ ପ୍ରକାଶ ସହ ଉକ୍ତ କମ୍ପାନୀଗୁଡ଼ିକର କାରବାର ଉପରେ ନଜରରେ ରଖିଛନ୍ତି। ସେହିଭଳି ଡିଟିଏଚ୍ କମ୍ପାନୀଗୁଡିକୁ ନେଇ ଦୀର୍ଘଦିନରୁ ଯେଉଁ ବିବାଦ ଲାଗି ରହିଛି, ତା'ର ସମାଧାନ ସହ ଉକ୍ତ କମ୍ପାନୀଗୁଡ଼ିକର ଖାତା ଅଡିଟ୍ କରିବା ଲାଗି ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ପକ୍ଷରୁ ଭାରତର ମହାଲେଖା ନିୟନ୍ତ୍ରକ ଓ ମହାସମୀକ୍ଷକ (ସିଏଜି)ଙ୍କୁ ମଧ ଏକ ଚିଠି ଲେଖାଯାଇଛି। ବିଶେଷକରି ଉକ୍ତ କମ୍ପାନୀଗୁଡ଼ିକର ଏକ ପୂର୍ଣ୍ଣାଙ୍ଗ ଅଡିଟ୍ କରିବାକୁ ସିଏଜିଙ୍କୁ ଉକ୍ତ ଚିଠିରେ କୁହାଯାଇଛି।

# ମୁଥୁଟ୍ ଗ୍ରୁପ୍‌ର ସିଏସ୍‌ଆର୍ କାର୍ଯ୍ୟକ୍ରମ



ନୂଆଦିଲ୍ଲୀ,୨୭।୧୦

ଦେଶର ପ୍ରମୁଖ ଘରୋଇ ଆର୍ଥିକ ସଂସ୍ଥା ମୁଥୁଟ୍ ଫାଇନାନ୍ସର ନୂତନ କର୍ପୋରେଟ କାର୍ଯ୍ୟାଳୟ 'ଏମ୍.ଜି.ଜର୍ଜ ମୁଥୁଟ୍ ଟାୱାର-୨'ର ଶୁଭାରମ୍ଭ ହୋଇଯାଇଛି। ସେହିଭଳି ସଂସ୍ଥାର କର୍ପୋରେଟ ସାମାଜିକ ଦାୟିତ୍ୱବୋଧ (ସିଏସ୍‌ଆର୍) କାର୍ଯ୍ୟକ୍ରମ ଅଧୀନରେ ଜାରି ରହିଥିବା ପ୍ରୋଜେକ୍ଟ ଆସିଆନା ସମ୍ପର୍କରେ ମଧ ଏକ ବଡ ଘୋଷଣା କରାଯାଇଛି। ଏପରିକି ଏହା ଅଧୀନରେ ୨୦ ଟି ମୁଥୁଟ୍ ଆସିଆନା ଘର ହରିୟାଣାର ରେୱାରି ଘାଟଲ ମହାନିୱାସ ସମାଜର ଅବହେଳିତ ଓ ଅସହାୟ ଲୋକଙ୍କୁ ଯୋଗାଇ ଦିଆଯାଇଛି। ବିଶେଷକରି ପ୍ରୋଜେକ୍ଟ ଆସିଆନା ଅଧୀନରେ ୨୦୦ରୁ ଅଧିକ ଘର ମଧ ନିର୍ମାଣ ହୋଇସାରିଛି।

ଏ ସମ୍ପର୍କରେ ମୁଥୁଟ୍ ଗ୍ରୁପ୍‌ର ଚେୟାରମ୍ୟାନ୍ ଜର୍ଜ ଯାକବ ମୁଥୁଟ୍ କହିଛନ୍ତି, ମୁଥୁଟ୍ ଆସିଆନା ପ୍ରକଳ୍ପ ହେଉଛି ଏକ ପଦକ୍ଷେପ ଯାହା ଆମ ହୃଦୟର ଅତି ନିକଟତର ପ୍ରକଳ୍ପ ଭାବେ ପରିଗଣିତ ହୋଇଛି। ସେହିଭଳି ଦେଶରେ ଆମ ଗ୍ରୁପ୍‌ର ଉତ୍ତର, ପୂର୍ବ ଏବଂ ପଶ୍ଚିମ ଭାରତ ଦ୍ୱାରା ପ୍ରଦର୍ଶିତ ଦ୍ରୁତ ଅଭିବୃଦ୍ଧି ପାଇଁ ମଧ ଆମେ ବେଶ୍ ଗର୍ବିତ । ସେହିପରି ଆମର ନୂତନ କାର୍ଯ୍ୟାଳୟର ଉଦ୍‌ଘାଟନ ସହ ଏହି ବିସ୍ତାରକୁ ପୂର୍ଣ୍ଣ କରିବାକୁ ଆନନ୍ଦିତ ଅଛୁ।

## ଫୁର୍‌ସତ

# ବାଣ ବଦଳରେ ୫ ଶହ ଟଙ୍କା ଜାଳିବାକୁ କହିଥିଲେ ବାପା


ରକୁଲ ପ୍ରୀତ ସିଂ

**ମୁମ୍ବାଇ:** ଦୀପାବଳିରେ ବାଣ ନ ଫୁଟାଇବା ପାଇଁ ଅଭିନେତ୍ରୀ ରକୁଲ ପ୍ରୀତ ସିଂଙ୍କୁ ତାଙ୍କ ବାପା ଅଭିନବ ଉପାୟରେ ଶିକ୍ଷା ଦେଇଥିଲେ। ବାଣ ଫୁଟାଇବାର ମାନେ ସିଧାସଳଖ ଟଙ୍କା ଜାଳିବା ବୋଲି ରକୁଲଙ୍କୁ ପିଲାଦିନେ ବୁଝାଯାଇଥିଲା ବୋଲି ଅଭିନେତ୍ରୀ ଜଣକ ନିକଟରେ ପ୍ରକାଶ କରିଛନ୍ତି। ପିଲାଦିନ କଥା ମନେପକାଇ ରକୁଲ ଏକ ସାକ୍ଷାତ୍‌କାରରେ କହିଛନ୍ତି, ସେ ମାତ୍ର ୯ ବର୍ଷ ବୟସରେ ଶେଷଥର ପାଇଁ ବାଣ ଫୁଟାଇଥିଲେ। ୫ମ ଶ୍ରେଣୀ ପରଠାରୁ ସେ ଅଦ୍ୟାବଧି କେବେ ବାଣ ଫୁଟାଇନାହାନ୍ତି। ଶେଷଥର ଯେବେ ବାଣ ଫୁଟାଇବାକୁ ଇଚ୍ଛା ହୋଇଥିଲା, ସେତେବେଳେ ତାଙ୍କ ବାପା ରକୁଲଙ୍କୁ ଏକ ୫୦୦ ଟଙ୍କିଆ ନୋଟ୍ ଦେଇ ତାହାକୁ ଜାଳିବାକୁ କହିଥିଲେ। ଏହା ଶୁଣି ରକୁଲ ଆଶ୍ଚର୍ଯ୍ୟ ହୋଇଯାଇଥିଲେ। କାହିଁକି ଟଙ୍କା ଜାଳିବି ବୋଲି ରକୁଲ ତାଙ୍କ ବାପାଙ୍କୁ ପଚାରିଥିଲେ। ଉତ୍ତରରେ ବାପା କହିଥିଲେ, ବାଣ ଓ ଟଙ୍କା ଜାଳିବା ସମାନ କଥା। ପରେ ବାପାଙ୍କ ସହ ଦୋକାନକୁ ଯାଇ ମିଠା କିଣିବା ସହ ତାହାକୁ ବାଣ୍ଟିଥିଲେ। ଏହା ତାଙ୍କୁ ବେଶ୍ ଖୁସି ଦେଇଥିଲା ବୋଲି ରକୁଲ କହିଛନ୍ତି। ଡକ୍ଟର ଜି ଫିଲ୍ମରେ ରକୁଲଙ୍କୁ ଦେଖିବାକୁ ମିଳିଥିଲା। ଗତ ୨୫ ତାରିଖରେ ରିଲିଜ ହୋଇଥିବା ଇନ୍ଦ୍ର କୁମାରଙ୍କ 'ଥ୍ୟାଙ୍କ୍ ଗଡ୍'ରେ ମଧ ରକୁଲ ଅଭିନୟ କରିଛନ୍ତି। ଏଥିରେ ଅଜୟ ଦେବଗନ୍ ଏବଂ ସିଦ୍ଧାର୍ଥ ମାଲ୍‌ହୋତ୍ରା ମୁଖ୍ୟ ଭୂମିକାରେ ରହିଛନ୍ତି।

# ଡିମାଣ୍ଡରେ ଟ୍ରାଭେଲ ଟାୱାର

## ୨ ବର୍ଷ ପାଇଁ ସରିଛି ବୁକିଂ

ଲଣ୍ଡନ



ବ୍ରିଟେନର ସବୁଠାରୁ ଲୋକପ୍ରିୟ ଟାୱାରରେ ଛୁଟି ମନାଇବାକୁ ଲୋକଙ୍କ ଭିତରେ ବେଶ୍ କ୍ରେଜ୍ ଦେଖିବାକୁ ମିଳେ। ୱେୟାରହାମ୍‌ରେ ଥିବା ଏହି ଟାୱାରର ନାଁ ହେଉଛି 'କ୍ଲାଭେଲ୍ ଟାୱାର'। ଏହାର ସବୁଠୁ ବଡ଼ ସ୍ୱତନ୍ତ୍ରତା ହେଉଛି ଛୁଟିରେ ଏଠାକୁ ଆସିବାକୁ ଚାହୁଁଥିଲେ ପର୍ଯ୍ୟଟକଙ୍କୁ ବହୁ ଆଗରୁ ବୁକିଂ କରିବାକୁ ପଡ଼େ। ୪ ମହଲା ବିଶିଷ୍ଟ ଏହି ବୃତ୍ତାକାର ଟାୱାରର ବେଶ୍ ଚାହିଦା ଯୋଗୁ ଏଠାରେ ଟିକେଟ୍ ମିଳିବା ମଧ ସହଜ ହୋଇ ନ ଥାଏ। ଏବେ ବି ଏହି ଟାୱାର ସମ୍ପୂର୍ଣ୍ଣ ଭାବେ ବୁକ୍ ହୋଇସାରିଛି। ୨୦୨୫ ପର୍ଯ୍ୟନ୍ତ କୌଣସି ପର୍ଯ୍ୟଟକ କ୍ଲାଭେଲ ଟାୱାର ବୁକ୍ କରିବା କଷ୍ଟକର।

୧୮୩୦ରେ କ୍ଲାଭେଲ ଟାୱାର ନିର୍ମିତ ହୋଇଥିଲା। ଏହା ପ୍ରସିଦ୍ଧ ଲେଖକ ପିଡି ଜେମ୍ସ ଏବଂ ଥୋମାସ୍ ହାର୍ଡିଙ୍କ ଘର ଥିଲା। ଐତିହାସିକ କୋଠାର ଯତ୍ନ ନେଉଥିବା ଲ୍ୟାଣ୍ଡମାର୍କ ଟ୍ରଷ୍ଟ ଏହାର ପରିଚାଳନା ତଥା ତଦାରଖ କରିଥାଏ। ଚଳିତବର୍ଷ ଏହାର ନବୀକରଣ କରାଯାଇଛି। ଏହି ଟାୱାରରେ ରୁମ୍ ବୁକିଂ ପାଇଁ ପ୍ରତିବର୍ଷ ଲୋକଙ୍କୁ ଦୀର୍ଘ ଅପେକ୍ଷା କରିବାକୁ ପଡ଼ିଥାଏ। ଯଦି ଆପଣ ୪ ରାତି ପର୍ଯ୍ୟନ୍ତ ଟାୱାରରେ ରୁହନ୍ତି, ତେବେ ଆପଣଙ୍କୁ ୫୮୦ ପାଉଣ୍ଡ ଅର୍ଥାତ୍ ପ୍ରାୟ ୫୫୦୦୦ ଟଙ୍କା ଖର୍ଚ୍ଚ କରିବାକୁ ପଡ଼ିବ। ଏହି ଅର୍ଥରେ ଏକ ଡବଲ ବେଡ୍‌ରୁମ୍‌ରେ ଦୁଇଜଣ ରହିପାରିବେ। ଏଥିରେ ଓଭନ ଏବଂ ଏକ ଇଲେକ୍ଟ୍ରିକ୍ ହବ୍ ଅଛି। ସେଠାକୁ ଲୋକେ ନିଜ ପୋଷା କୁକୁରକୁ ମଧ ନେଇ ଯାଇପାରିବେ। ଟାୱାରରେ ପହଞ୍ଚିବା ପାଇଁ ଅତିଥିମାନଙ୍କୁ ୧୦ ମିନିଟ୍ ଚାଲିବାକୁ ପଡ଼ିବ। ଟାୱାରର ତୃତୀୟ ମହଲାରୁ ଆପଣ ସମୁଦ୍ରର ଚମତ୍କାର ଦୃଶ୍ୟ ଦେଖିବାକୁ ପାଇବେ। ଟାୱାର ଚାରିପଟ ବାତାବରଣ ହିଁ ଏହାର ଚାହିଦାକୁ ବହୁଗୁଣ କରିଛି। ଗତ ବର୍ଷ ଅନ୍‌ଲାଇନରେ ମାତ୍ର ୩୦୦ ସେକେଣ୍ଡରେ ସମଗ୍ର ୬ ମାସ ପାଇଁ ସ୍ଲଟ୍ ବିକ୍ରି ହୋଇଯାଇଥିଲା। ଲ୍ୟାଣ୍ଡମାର୍କ ଟ୍ରଷ୍ଟର ଜଣେ ମୁଖପାତ୍ର କହିଛନ୍ତି, ଏହି ସ୍ଥାନଟି ସମ୍ପୂର୍ଣ୍ଣ ଭିନ୍ନ। ବେଡ୍‌ରେ ଶୋଇଥିବାବେଳେ ମଧ ଆପଣ ଏଠାରୁ ସମୁଦ୍ରର ଦୃଶ୍ୟ ଦେଖିପାରିବେ।

# ସୁନ୍ଦରୀ ପ୍ରତିଯୋଗିତାରେ ମାରପିଟ

**ନ୍ୟୁୟର୍କ:** ଆମେରିକାର ନ୍ୟୁୟର୍କରେ ମିସ୍ ଶ୍ରୀଲଙ୍କା ସୌନ୍ଦର୍ଯ୍ୟ ପ୍ରତିଯୋଗିତା ଶେଷହେବାରେ ଅଜବ ଦୃଶ୍ୟ ଦେଖିବାକୁ ମିଳିଛି। ଏଥିରେ ଭାଗ ନେଇଥିବା ପ୍ରତିଯୋଗୀଙ୍କ ମଧ୍ୟରେ ମାଡପିଟ୍ ହେଉଥିବାର ଭିଡିଓ ସୋସିଆଲ ମିଡିଆରେ ବହୁଳ ପ୍ରସାରିତ ହୋଇଛି। ପାର୍ଟି ପରେ ଏଠାରେ ମାଡ଼ପିଟ୍ ଆରମ୍ଭ ହୋଇଥିଲା। ଏଥିରେ କେତେଜଣ ଆହତ ହୋଇଛନ୍ତି। ନ୍ୟୁୟର୍କର ଷ୍ଟାଟେନ୍ ଦ୍ୱୀପର ଭାଣ୍ଡେରବିଟ୍‌ଠାରେ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏଥିରେ ୧୪ ପ୍ରତିଯୋଗୀଙ୍କ ସହ ୩୦୦ରୁ ଉର୍ଦ୍ଧ୍ୱ ଅତିଥି ଯୋଗ ଦେଇଥିଲେ। ପ୍ରତିଯୋଗିତାର ଶେଷରେ ମିସ୍ ଶ୍ରୀଲଙ୍କା ନ୍ୟୁୟର୍କ ଆଞ୍ଜେଲିଆ ଗୁନାଶେକାରାଙ୍କୁ ବିଜେତା ଘୋଷଣା କରାଯାଇଥିଲା।




ମିସ୍ ଶ୍ରୀଲଙ୍କା ନ୍ୟୁୟର୍କ ଆଞ୍ଜେଲିଆ ଗୁନାଶେକାରା

ଏହା ପରେ ପାର୍ଟିର ଆୟୋଜନ ହୋଇଥିଲା। ସେହି ସମୟରେ ସେଠାରେ କେତେଜଣ ପ୍ରତିଯୋଗୀ ଓ କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅତିଥିଙ୍କ ଭିତରେ ପାଟିତୁଣ୍ଡ ସହ ମାଡ଼ପିଟ୍ ଆରମ୍ଭ ହୋଇଯାଇଥିଲା। ତେବେ ଗଣ୍ଡଗୋଳର ପ୍ରକୃତ କାରଣ ଜଣାପଡ଼ିନାହିଁ। ମାଡପିଟ୍‌ରେ କୌଣସି ପ୍ରତିଯୋଗୀ ସାମିଲ ନ ଥିଲେ ବୋଲି ପ୍ରତିଯୋଗିତାର ଜଣେ ଆୟୋଜକ ସୁଜାନି ଫର୍ନାଣ୍ଡୋ କହିଛନ୍ତି।

ମନେ ପଡ଼ନ୍ତି

ଅଶ୍ରୁଳ ଶ୍ରଦ୍ଧାଞ୍ଜଳି

୧୮।୧୦।୨୦୨୨
ସନ୍ଦୀପ କୁମାର ମହାନ୍ତି
ସମସ୍ତଙ୍କୁ ପରକରି ଶେଷ ନିଃଶ୍ୱାସ ନେଇ ଚାଲିଗଲେ ଆରପାରିକୁ। ସୃଷ୍ଟି ହେଲା ବିରାଟ ଶୂନ୍ୟସ୍ଥାନ। ଯାହା ଭରଣା ହେବା କଷ୍ଟ। ବନ୍ଧୁ ପରିଜନ, ସାଙ୍ଗସାଥୀ, ପୁଅ, ଝିଅ ଉପସ୍ଥିତ... ଜଗନ୍ନାଥଙ୍କ ପାଖରେ ଆମେ ପ୍ରାର୍ଥନା କରୁଛୁ ଆପଣଙ୍କ ଆତ୍ମା ସଦ୍‌ଗତି ହେଉ।
ଧ-୧୮୬୧

ଏକାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି

୰ଉମାବତୀ ତ୍ରିପାଠୀ
ଲକ୍ଷ୍ମୀସାଗର, ଭୁବନେଶ୍ୱର
ପୁଅ ଜଲ୍‌ଦି ତୋ ବାପା ପାଖକୁ ନେଇଯା କାର୍ତ୍ତିକ ମାସରେ ସତକୁ ସତ ବୋଉଡୁ ଚାଲିଗଲୁ, କାର୍ତ୍ତିକ ମାସରେ
ଆବିର୍ଭାବ: ୧୯୩୬ (ଅଳାଁ ନବମୀ)
ତିରୋଧାନ: ୧୮।୧୦।୨୦୨୨
ଆପଣଙ୍କର ଅନାବିଳ ସ୍ନେହ, ଶ୍ରଦ୍ଧା, କର୍ତ୍ତବ୍ୟନିଷ୍ଠା, ତ୍ୟାଗ, ଦକ୍ଷତା, ଆଦର୍ଶ, ଆଶୀର୍ବାଦ, ଭଲପାଇବା ଆମ୍ଭମାନଙ୍କ ପାଇଁ ପ୍ରେରଣାର ଉତ୍ସ ହୋଇ ରହିଥାଉ। ଆପଣଙ୍କ ଅନୁପସ୍ଥିତି ଆମ୍ଭେମାନେ ପ୍ରତି ମୁହୂର୍ତ୍ତରେ ଅନୁଭବ କରୁଛୁ। ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା ।
ପୁତ୍ର: ଲକ୍ଷ୍ମୀନାରାୟଣ, ରବି ନାରାୟଣ ଓ ସମସ୍ତ ଭାଇ: ବିଜୟ, ସୁନୀଲ, ଆଦିତ୍ୟ, ସୁରେଶ, ବସନ୍ତ, ଝିଅ: ରୁନୁ, ଝୁନୁ, ଲକ୍ଷ୍ମୀ, ସୁରୁ ଓ ଇତି, ନାତି ଓ ନାତୁଣୀ: ନିତୁ, ସୋନି, ରୋନି, ମିନ୍ତୁ, ରିତୁ, ଲିକା, ବନ୍ଧୁ ଓ ପରିବାରବର୍ଗ ।
ଧ-୧୮୨୯

ଅଶ୍ରୁଳ ଶ୍ରଦ୍ଧାଞ୍ଜଳି
ଏକାଦଶାହ ଉପଲକ୍ଷେ

୰ ସରସ୍ୱତୀ ସିଂହ
ଓଟିଏମ୍ କଲୋନୀ, ଚୌଦ୍ୱାର
ତିରୋଧାନ - ୧୮ /୧୦/୨୦୨୨
ତୁମେ ଅକସ୍ମାତ ଆମକୁ ଶୋକସାଗରରେ ଭସାଇ ଅମର ପୁରକୁ ଗ୍ଲଲିଗଲ । ତୁମର ନୀତି, ସ୍ନେହ, ଆଦର୍ଶ, ସରଳ ସ୍ୱଭାବ, କର୍ତ୍ତବ୍ୟ ନିଷ୍ଠା ଆମର ସର୍ବଦା ପାଥେୟ ହେଉ । ତୁମର ପବିତ୍ର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ପାଦପଦ୍ମରେ ଆମର ବିନମ୍ର ପ୍ରାର୍ଥନା ।
ତୁମର ଶୋକସନ୍ତପ୍ତ :
ସ୍ୱାମୀ, ପୁତ୍ର/ପୁତ୍ରବଧୂ
ଝିଅ/ଜ୍ୱାଇଁ, ନାତି/ନାତୁଣୀ
ଓ ବନ୍ଧୁ ଏବଂ ଆତ୍ମୀୟସ୍ୱଜନ ।
ଧ-୧୮୪୭

ପ୍ରଥମ ଶ୍ରାଦ୍ଧବାର୍ଷିକୀ ଶ୍ରଦ୍ଧାଞ୍ଜଳି

ଡା. ବିପ୍ର ଚରଣ ନାୟକ
୦୪.୦୮.୧୯୩୮ - ୦୮.୧୧.୨୦୨୧
ବାପା, ଆଜକୁ ଠିକ୍ ଏକ ବର୍ଷ ହେଲା ଆପଣ ଆମକୁ ଚିରଦିନ ପାଇଁ ଛାଡ଼ି ଦିବ୍ୟଧାମକୁ ଚାଲିଗଲେ। ସୃଷ୍ଟିର ଏହି ନିଷ୍ଠୁର ସତ୍ୟ ଆମ୍ଭମାନଙ୍କୁ ବାକ୍‌ଶୂନ୍ୟ କରି ଦେଇଛି। ସୃଷ୍ଟିର ଏହି ନିୟମ ଅଲଙ୍ଘନୀୟ ତଥାପି ଏ ଅବୁଝାମନ ବୁଝୁନି। ଆପଣଙ୍କ ଅପ୍ରତ୍ୟାଶିତ ବିୟୋଗରେ ଆମ୍ଭମାନଙ୍କ ଜୀବନରେ ଏକ ଅପୂରଣୀୟ ଶୂନ୍ୟସ୍ଥାନ ଓ କ୍ଷତ ରହିଯାଇଛି ଏବଂ ରହିବ। ଆପଣଙ୍କର ଅହେତୁକ ସ୍ନେହ, ଶ୍ରଦ୍ଧା, ନୀତି, ଆଦର୍ଶ, ଅସୀମ ଧୈର୍ଯ୍ୟ ସହନଶୀଳତା, ସ୍ୱାଭିମାନ, ପ୍ରେରଣା ଓ ମାର୍ଗଦର୍ଶନ ଆମପାଇଁ ଚିରପାଥେୟ। ଆଜି ପ୍ରଥମ ଶ୍ରାଦ୍ଧବାର୍ଷିକୀରେ ଆପଣଙ୍କ ଅମ୍ଳାନ ଆତ୍ମାର ସଦ୍‌ଗତି ନିମନ୍ତେ ଆମ୍ଭମାନଙ୍କର ଶୋକ ସନ୍ତପ୍ତ ଓ ଅଶ୍ରୁପୂର୍ଣ୍ଣ ପ୍ରାର୍ଥନା ଅନାଦି ଅନନ୍ତ ପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ଚରଣାରବିନ୍ଦରେ ସମର୍ପଣ କରୁଛୁ।
ଶୋକସନ୍ତପ୍ତ: ସ୍ତ୍ରୀ, ପୁତ୍ର, ପୁତ୍ରବଧୂ, ନାତିନାତୁଣୀ ଓ ବନ୍ଧୁବାନ୍ଧବ
ଧ-୭୩୮୭

# ଏସୀୟ ମହିଳା କ୍ରିକେଟରେ ଭାରତର ଆଧିପତ୍ୟ



ନିର୍ମଳ କୁମାର ମିଶ୍ର





ଅନ୍ତର୍ଜାତୀୟ ଦୃଶ୍ୟପଟରେ ମହିଳା କ୍ରିକେଟର ଗୁରୁତ୍ୱ ବଢ଼ିଛି। ସେହି ଅନୁସାରେ ଦେଖିବାକୁ ଗଲେ ଭାରତରେ ମଧ୍ୟ ମହିଳା କ୍ରିକେଟ ବହୁ ଆଗକୁ ବଢ଼ିଛି। ମହିଳା ଏସିଆ କପ୍‌ରେ ପ୍ରଭାବୀ ପ୍ରଦର୍ଶନ କରିଛି ଭାରତ। ଏ ପର୍ଯ୍ୟନ୍ତ ଖେଳାଯାଇଥିବା ୮ଟି ସଂସ୍କରଣ ମଧ୍ୟରୁ ୭ ଥର ଚାମ୍ପିୟନ ହେବାର ସୌଭାଗ୍ୟ ଅର୍ଜନ କରିଛି। ଏକଦା ମହିଳା କ୍ରିକେଟର ଆଦୌ ଗୁରୁତ୍ୱ ନ ଥିବା ବେଳେ ଗତ କିଛି ବର୍ଷ ହେବ ଅନ୍ତର୍ଜାତୀୟ କ୍ରିକେଟ କାଉନ୍‌ସିଲ (ଆଇସିସି) ଏବଂ ବିଭିନ୍ନ ଦେଶର କ୍ରିକେଟ ବୋର୍ଡମାନେ ଏହାକୁ ପ୍ରାଧାନ୍ୟ ଦେବାରୁ ଅନେକ ଖ୍ୟାତିସମ୍ପନ୍ନ ଖେଳାଳି ସୃଷ୍ଟି ହୋଇ ପାରିଛନ୍ତି। ବିଭିନ୍ନ ଦେଶ ମଧ୍ୟରେ ଦ୍ୱିପାକ୍ଷିକ ସିରିଜ ଆରମ୍ଭ ହୋଇଛି। ଏହା ସହିତ କ୍ରିକେଟର ୩ଟି ଫର୍ମାଟରେ ମଧ୍ୟ ପ୍ରତିଯୋଗିତା ହେଉଛି। ମହିଳାମାନେ ପ୍ରତିଯୋଗିତା ଗୁଡ଼ିକରେ ଚୟନକର୍ତ୍ତା, ଭାଷ୍ୟକାର, ମ୍ୟାଚ ରେଫରି ଏବଂ ଅମ୍ପାୟର ଦାୟିତ୍ୱ ମଧ୍ୟ ସଫଳତାର ସହ ନିର୍ବାହ କରୁଥିବାର ଦେଖାଯାଉଛି। ଯାହାକି କ୍ରିକେଟ ପରି ଏକ ଲୋକପ୍ରିୟ ଖେଳର ଗୁରୁତ୍ୱ ବଢ଼ାଇଛି।

ଏସିଆନ କାଉନସିଲ୍ ଅଫ୍ କ୍ରିକେଟ ଫର ଓମେନ୍ସ ଆନୁକୂଲ୍ୟରେ ପ୍ରତି ୨ବର୍ଷରେ ମହିଳା ଏସିଆ କପ୍ ଆୟୋଜନ ହେଉଛି। ଏଥିପାଇଁ ଆଇସିସି ମଧ୍ୟ ସମ୍ପୂର୍ଣ୍ଣ ସହଯୋଗ କରୁଛି। ୨୦୦୪ରୁ ଆରମ୍ଭ ହୋଇଥିବା ମହିଳା ଏସିଆ କପ୍‌ର ପ୍ରଥମ ୪ଟି ସଂସ୍କରଣ ଏକଦିବସୀୟ ଫର୍ମାଟରେ ଖେଳାଯାଇଥିବା ବେଳେ ୨୦୧୨ରୁ ଏହା ଟି୨୦ ଫର୍ମାଟରେ ଅନୁଷ୍ଠିତ ହେଉଛି। ୨୦୦୪ରେ ପ୍ରଥମ ସଂସ୍କରଣ ଶ୍ରୀଲଙ୍କାଠାରେ ଖେଳାଯାଇଥିଲା। ଏଥିରେ ୨ଟି ଦଳ ଭାରତ ଓ ଶ୍ରୀଲଙ୍କା ଅଂଶ ଗ୍ରହଣ କରିଥିଲେ। ୫ ମ୍ୟାଚ ବିଶିଷ୍ଟ ଏକଦିବସୀୟକୁ ଭାରତୀୟ ଦଳ ୫-୦ରେ ଜିତିଥିଲା। ୨୦୦୬ରେ ଏହା ପାକିସ୍ତାନରେ ଆୟୋଜିତ ହୋଇଥିଲା। ଭାରତ ସହିତ ଶ୍ରୀଲଙ୍କା ଏବଂ ପାକିସ୍ତାନ ଏଥିରେ ଯୋଗ ଦେଇଥିଲେ। ଫାଇନାଲରେ ଶ୍ରୀଲଙ୍କାକୁ ୯୭ ରନ୍‌ରେ ହରାଇ ଭାରତ ୨ୟଥର ପାଇଁ ଚାମ୍ପିୟନ ହୋଇଥିଲା। ୨୦୦୬ରେ ଭାରତରେ ଆୟୋଜିତ ଏହି ଟୁର୍ନାମେଣ୍ଟରେ ଶ୍ରୀଲଙ୍କା ଫାଇନାଲରେ ଭାରତଠାରୁ ୮ ଉଇକେଟରେ ପରାସ୍ତ ହୋଇଥିଲା। ୨୦୦୮ରେ ଶ୍ରୀଲଙ୍କାକୁ ବିଶାଳ ରନ୍ ବ୍ୟବଧାନରେ ହରାଇ ଭାରତ ଚାମ୍ପିୟନ ହୋଇଥିଲା।

୨୦୧୨ଠାରୁ ଏହା ଟି୨୦ ଫର୍ମାଟକୁ ପରିବର୍ତ୍ତିତ ହୋଇଥିଲା। ୨୦୧୨ରେ ଚାଇନା ଏହାର ଆୟୋଜକ ହୋଇଥିଲା ଏବଂ ଭାରତ ଫାଇନାଲରେ ପାକିସ୍ଥାନକୁ ୧୯ ରନ୍‌ରେ ହରାଇ ଟାଇଟଲ ବଜାୟ ରଖିଥିଲା। ୨୦୧୬ରେ ଥାଇଲାଣ୍ଡ ଏହାର ଆୟୋଜକ ହୋଇଥିଲା ସେଠାରେ ମଧ୍ୟ ଭାରତ ଫାଇନାଲରେ ପାକିସ୍ଥାନକୁ ୧୭ ରନ୍‌ରେ ପରାସ୍ତ କରିଥିଲା। ମାତ୍ର ୨୦୧୮ରେ ମାଲେସିଆରେ ଅନୁଷ୍ଠିତ ପ୍ରତିଯୋଗିତାର ଫାଇନାଲରେ ବାଂଲାଦେଶ ୩ ଉଇକେଟରେ ବିଜୟୀ ହୋଇ ଭାରତର ବିଜୟ ଧାରାରେ ପ୍ରତିବନ୍ଧକ ଲଗାଇଥିଲା। କୋଭିଡ ପାଇଁ ୨ ବର୍ଷ ପ୍ରତିଯୋଗିତାର ଆୟୋଜନରେ ବ୍ରେକ୍ ଲାଗିଥିବାବେଳେ ୨୦୨୨ରେ ବାଂଲାଦେଶଠାରେ ଖେଳାଯାଇଥିବା ଟୁର୍ନାମେଣ୍ଟର ଫାଇନାଲରେ ଭାରତ ଶ୍ରୀଲଙ୍କାକୁ ୮ ଉଇକେଟରେ ପରାସ୍ତ କରି ପୁଣି ଟ୍ରଫି ମଣ୍ଡନ ଧାରାକୁ ଫେରିଛି।

**ଏସିଆ କପ୍ ମହିଳା କ୍ରିକେଟର ଅଷ୍ଟମ ସଂସ୍କରଣ ନିକଟରେ ବାଂଲାଦେଶରେ ଅନୁଷ୍ଠିତ ହୋଇଯାଇଛି। ଟୁର୍ନାମେଣ୍ଟର ସବୁଠାରୁ ସଫଳ ଦଳଭାବେ ଭାରତ ସପ୍ତମ ଥରପାଇଁ ଚାମ୍ପିୟନ ହୋଇଛି। ଏସୀୟ କ୍ରିକେଟରେ ଭାରତୀୟ ମହିଳା ଦଳର ଆଧିପତ୍ୟ ଅବ୍ୟାହତ ରହିଥିବା ଏଥିରୁ ପ୍ରମାଣ ମିଳିଛି...**

ଟୁର୍ନାମେଣ୍ଟର ଗତ ସଂସ୍କରଣରେ ମୋଟ ୭ଟି ଦେଶ ଯୋଗ ଦେଇଥିବା ବେଳେ ୨୪ଟି ମ୍ୟାଚ ଖେଳାଯାଇଥିଲା। ଏଥିରେ ଭାରତ ସହିତ ଆୟୋଜକ ବାଂଲାଦେଶ, ପାକିସ୍ଥାନ, ଶ୍ରୀଲଙ୍କା, ୟୁଏଇ, ଥାଇଲାଣ୍ଡ ଏବଂ ମାଲେସିଆ ଯୋଗଦେଇଥିଲେ। ଭାରତୀୟ ମହିଳା ଦଳ ପ୍ରଥମ ମ୍ୟାଚରେ ଶ୍ରୀଲଙ୍କାକୁ ୪୫ ରନ୍‌ରେ ହରାଇଥିବା ବେଳେ ୨ୟ ମ୍ୟାଚରେ ମାଲେସିଆକୁ ଡିଏଲ ପଦ୍ଧତିରେ ୩୦ ରନ୍‌ରେ ପରାସ୍ତ କରିଥିଲା। ୩ୟ ମ୍ୟାଚରେ ୟୁଏଇକୁ ୧୦୪ରନ୍‌ରେ ହରାଇଥିଲେ ହେଁ ପରବର୍ତ୍ତୀ ମ୍ୟାଚରେ ପାରମ୍ପରିକ ପ୍ରତିଦ୍ୱନ୍ଦୀ ପାକିସ୍ଥାନଠାରୁ ୧୩ରନ୍‌ରେ ହାରି ଯାଇଥିଲା। ତେବେ ୫ମ ମ୍ୟାଚରେ ବାଂଲାଦେଶକୁ ୫୯ ରନ୍‌ରେ ଏବଂ ୬ଷ୍ଠ ମ୍ୟାଚରେ ଥାଇଲାଣ୍ଡକୁ ୯ ଉଇକେଟରେ ହରାଇ ପଏଣ୍ଟ ଟେବୁଲରେ ଶୀର୍ଷ ସ୍ଥାନ ଅଧିକାର କରିଥିଲା।

ଭାରତ ଟୁର୍ନାମେଣ୍ଟର ପ୍ରଥମ ପର୍ଯ୍ୟାୟରେ ମୋଟ ୬ଟି ମ୍ୟାଚ ଖେଳି ୫ ବିଜୟ, ୧ ପରାଜୟ ସହ ୧୦ ପଏଣ୍ଟ ପାଇଥିଲା। ପାକିସ୍ଥାନ ୧୦ ପଏଣ୍ଟ ସହ ୨ୟ, ଶ୍ରୀଲଙ୍କା ୮ ପଏଣ୍ଟ ସହ ୩ୟ ଏବଂ ଥାଇଲାଣ୍ଡ ୬ ପଏଣ୍ଟ ପାଇ ୪ର୍ଥ ସ୍ଥାନରେ ରହିଥିଲା। ପ୍ରଥମ ସେମିଫାଇନାଲରେ ଭାରତ ୭୪ ରନ୍‌ରେ ଥାଇଲାଣ୍ଡକୁ ପରାସ୍ତ କରିଥିବା ବେଳେ ରୋମାଞ୍ଚକର ୨ୟ ସେମିରେ ଶ୍ରୀଲଙ୍କା ମାତ୍ର ୧ ରନରେ ପାକିସ୍ଥାନକୁ ହରାଇ ଟାଇଟଲ ପର୍ଯ୍ୟାୟରେ ପହଞ୍ଚିଥିଲା। ମାତ୍ର ଫାଇନାଲରେ ଭାରତ ଶୋଚନୀୟ ଭାବେ ଶ୍ରୀଲଙ୍କାକୁ ହରାଇ ବିଜୟ ମୁକୁଟ ପିନ୍ଧିଥିଲା। ଚାମ୍ପିୟନ ଭାରତୀୟ ଦଳ ଟ୍ରଫି ସହ ପୁରସ୍କାର ଆକାରରେ ୧୬ଲକ୍ଷ ୪୮ହଜାର ଟଙ୍କା ପାଇଥିଲା। ଶ୍ରୀଲଙ୍କା ୧୦ଲକ୍ଷ ୩୦ହଜାର ଟଙ୍କା ସହ ରନର ଅପ୍ ପୁରସ୍କାର ପାଇଥିଲା।

ଭାରତ ପକ୍ଷରୁ ଜେମିମା ରୋଡ୍ରିଗ୍ସେଜ ଟୁର୍ନାମେଣ୍ଟରେ ସର୍ବାଧିକ ୨୧୭ ରନ୍ ସ୍କୋର କରିଥିଲେ। ବ୍ୟକ୍ତିଗତ ସର୍ବାଧିକ ସ୍କୋର ଶ୍ରୀଲଙ୍କାର ହର୍ଷିତା ମାଧବୀ (୮୧ରନ୍)ଙ୍କ ନାମରେ ରହିଥିଲା। ରୋଡ୍ରିଗ୍ସେଜ ସର୍ବାଧିକ ୨ଟି ଅର୍ଦ୍ଧଶତକ ହାସଲ କରିଥିବାବେଳେ ଶେଫାଳୀ ବର୍ମା ସର୍ବାଧିକ ୬ଟି ଛକା ମାରିଥିଲେ। ଭାରତୀୟ ବୋଲର ଦୀପ୍ତି ଶର୍ମା ଏବଂ ଶ୍ରୀଲଙ୍କାର ଇନୋକା ରାନାୱିରା ୧୩ଟି ଲେଖାଏ ଉଇକେଟ ହାସଲ କରିଥିଲେ। ଗୋଟିଏ ଇନିଂସରେ ଶ୍ରେଷ୍ଠ ବୋଲିଂ ସଫଳତା ପାଇଥିଲେ ପାକିସ୍ତାନର ଓମାଇମା ସୋହେଲ (୫/୧୩)।

ଅନ୍ୟ ପକ୍ଷରେ ଦେଖିବାକୁ ହେଲେ ଓଡ଼ିଶା ମହିଳା ସିନିୟର କ୍ରିକେଟ ଦଳ ଗତ କିଛି ବର୍ଷ ହେବ ବିସିସିଆଇ ଦ୍ୱାରା ଆୟୋଜିତ ମହିଳା କ୍ରିକେଟ ଟୁର୍ନାମେଣ୍ଟରେ ଭଲ ପ୍ରଦର୍ଶନ କରୁଥିଲେ ମଧ୍ୟ ଜାତୀୟ ଦଳରେ ସ୍ଥାନ ପାଇବା ପାଇଁ ତାହା ପର୍ଯ୍ୟାପ୍ତ ହୋଇନାହିଁ। ଓଡ଼ିଶା ଦଳରେ ଅନେକ ଖ୍ୟାତି ସମ୍ପନ୍ନ ଏବଂ ପ୍ରତିଭାବାନ ମହିଳା ଖେଳାଳି ଅଛନ୍ତି। ସେମାନଙ୍କ ମଧ୍ୟରେ ମାଧୁରୀ ମେହେଟା, ସରିତା ମେହେର, ମଧୁସ୍ମିତା ବେହେରା, ପ୍ରିୟଙ୍କା ପ୍ରିୟଦର୍ଶିନୀ, ବନଲତା ମଲିକ, ସୁଜାତା ମଲିକ, ସୁଶ୍ରୀ ଦିବ୍ୟଦର୍ଶିନୀ, କାଜଲ ଜେନା, ରୋଶନାରା ପରବିନ ଅନ୍ୟତମ। ଗତ କିଛି ବର୍ଷ ହେବ ଓଡ଼ିଶା କ୍ରିକେଟ ଆସୋସିଏଶନ ମହିଳା କ୍ରିକେଟକୁ ବେଶ୍ ଗୁରୁତ୍ୱ ଦେଉଛି। ବଛାବଛା ଖେଳାଳିଙ୍କୁ ନେଇ ଓଡ଼ିଶା ଓମେନ୍ସ ପ୍ରିମିୟର ଲିଗ୍ ଆୟୋଜନ କରୁଛି। ଏଥିରୁ ଭଲ ଖେଳାଳି ମଧ୍ୟ ସୃଷ୍ଟି ହୋଇଛନ୍ତି। ଇତି ମଧ୍ୟରେ ଓଡ଼ିଶା ଟି୨୦ ଲିଗ୍‌ର ଦ୍ୱିତୀୟ ସଂସ୍କରଣ ସରିଛି। ପ୍ରିୟଙ୍କା ପ୍ରିୟଦର୍ଶିନୀ, ସୁଶ୍ରୀ ପ୍ରିୟଦର୍ଶିନୀ, ସରିତା ମେହର, ମାଧୁରୀ ମେହେଟା ପ୍ରମୁଖ ଘରୋଇ ସିଜନ୍‌ରେ ଭଲ ପ୍ରଦର୍ଶନ କରି ସୁଯୋଗ ଅପେକ୍ଷାରେ ରହିଛନ୍ତି।

# ଅଜାତଶତ୍ରୁ ରୋଜର ବିନ୍ନି

ବିଶ୍ୱର ଧନଶାଳୀ କ୍ରିକେଟ ବୋର୍ଡ ବିସିସିଆଇ। ବିଶ୍ୱର ସବୁଠାରୁ ପ୍ରଭାବଶାଳୀ କ୍ରିକେଟ ବୋର୍ଡ ଅନେକାଂଶରେ କ୍ରିକେଟ ସମ୍ପର୍କିତ ସମସ୍ତ ନିଷ୍ପତ୍ତିକୁ ପ୍ରତ୍ୟକ୍ଷ ବା ପରୋକ୍ଷ ଭାବରେ ନିୟନ୍ତ୍ରଣ ମଧ୍ୟ କରିଥାଏ। କିଏ ଏହାର ମୁଖ୍ୟ ହେବ ତା ଉପରେ ସମଗ୍ର ବିଶ୍ୱର ନଜର ରହିଥାଏ। ଏହା ମଧ୍ୟରେ ସିସିଆଇର ସଭାପତି ଦାୟିତ୍ୱ ଗ୍ରହଣ କରିଛନ୍ତି ୬୭ ବର୍ଷୀୟ ରୋଜର ବିନ୍ନି। କେବଳ ବିଶ୍ୱକପ ବିଜୟୀ ଭାରତୀୟ ଦଳର ସଦସ୍ୟ ନୁହନ୍ତି ବରଂ ଜଣେ ଭଦ୍ର କ୍ରିକେଟର ଯାହାଙ୍କ ବ୍ୟକ୍ତିତ୍ୱ ପଡିଆ ଭିତରେ ଓ ବାହାରେ ସର୍ବଦା ନିର୍ବିବାଦୀୟ। ୮୦ଦଶକରେ ଯଦି ବିସିସିଆଇ ପକ୍ଷରୁ ଜେଣ୍ଟଲମ୍ୟାନ କ୍ରିକେଟର ଭାବରେ ଏକ ପୁରସ୍କାର ପ୍ରଦାନ କରାଯାଇଥାନ୍ତା ତେବେ ରୋଜର ମାଇକେଲ ହମ୍ଫେରି ବିନ୍ନି ନିଶ୍ଚୟ ଏହି ପୁରସ୍କାର ହାସଲ କରିଥାନ୍ତେ। ନିର୍ବିବାଦୀୟ ବ୍ୟକ୍ତିତ୍ୱ ରଖିଥିବା ଏହି ମିଷ୍ଟଭାସୀ କ୍ରିକେଟରଙ୍କୁ ଅଜାତଶତ୍ରୁ ବୋଲି ମଧ୍ୟ କୁହାଯାଇଥାଏ। କର୍ଣାଟକ ଦଳରେ ଗୁଣ୍ଡାପ୍ପା ବିଶ୍ୱନାଥ, ଏରାପଲ୍ଲୀ ପ୍ରସନ୍ନା, ସୟଦ କିରମାନୀ, ବ୍ରିଜେଶ ପଟେଲ ଓ ଏଭି ଜୟପ୍ରକାଶଙ୍କ ସହିତ ସେ ବନ୍ଧୁ ରହିଥିଲେ। ସ୍କଟିଶ ମୂଳ ବାସିନ୍ଦା ରୋଜର ଜଣେ ଆଙ୍ଗ୍ଲୋ ଇଣ୍ଡିଆନ୍। କର୍ନାଟକ ପାଇଁ ରଣଜୀ ଖେଳିବା ସହିତ ଜାତୀୟ ଦଳ ପାଇଁ ୨୭ ଟେଷ୍ଟ ଓ ୭୨ଟି ଦିନିକିଆ ଖେଳିଛନ୍ତି। ୨୧ ନଭେମ୍ବର ୧୯୭୯ରେ ପାକିସ୍ତାନ ବିପକ୍ଷରେ ଟେଷ୍ଟ ଓ ୬ ଡିସେମ୍ବର ୧୯୮୦ରେ ଅଷ୍ଟ୍ରେଲିଆ ବିପକ୍ଷରେ ଦିନିକିଆ ପଦାର୍ପଣ କରିଥିଲେ। ସଂଯୋଗ ବଶତଃ ବେଙ୍ଗାଲୁରୁର ଏମ୍ ଚିନ୍ନାସ୍ୱାମୀ କ୍ରିକେଟ ଷ୍ଟାଡିୟମରେ ବିନ୍ନି ନିଜ କ୍ୟାରିୟରର ପ୍ରଥମ ଓ ଅନ୍ତିମ ଟେଷ୍ଟ ମ୍ୟାଚ ଖେଳିଥିଲେ। ୧୯୮୩ ବିଶ୍ୱକପ ଦଳର କପିଲ ଦେବ ଦଳର ଷ୍ଟ୍ରାଇକ ବୋଲର ରହିଥିବା ବେଳେ ପ୍ରାୟ୭-୮ ବର୍ଷ ଧରି ମଦନ ଲାଲ ଓ ବିନ୍ନି ସହଯୋଗୀ ବୋଲର ରହିଥିଲେ। ଅନ୍ୟ ସାଥୀ ଖେଳାଳିଙ୍କ ପରି ବିନ୍ନି କେବେ ଗର୍ବ କରନ୍ତି ନାହିଁ। ତାଙ୍କର ସରଳତା ହିଁ ତାଙ୍କୁ ପ୍ରସିଦ୍ଧି ଆଣି ଦେଇଥିଲା। ୬ ଫୁଟ ଉଚ୍ଚତା ବିଶିଷ୍ଟ ବିଶାଳକାୟ ଶରୀରର ଅଧିକାରୀ ବିନ୍ନି ନିଜ ସୁଇଙ୍ଗ ବୋଲିଂ ପାଇଁ ପ୍ରସିଦ୍ଧ। ଇଂଲଣ୍ଡରେ ଦର୍ଶକ ମାନେ ମଜାରେ ତାଙ୍କୁ ଜ୍ୟାକ ଫ୍ରୁଟ(ପଣସ) ବୋଲି ମଧ୍ୟ ଡାକିଥାନ୍ତି। ୧୯୮୬ ହେଡିଂଲି ଟେଷ୍ଟରେ ଦିଲ୍ଲୀପ ଭେଙ୍ଗସରକାରଙ୍କ ଶତକ ସମସ୍ତଙ୍କ ମନେଥିବା ବେଳେ ଏହି ଟେଷ୍ଟରେ ବିନ୍ନିଙ୍କ ଅବଦାନ ମଧ୍ୟ କିଛି କମ୍ ନଥିଲା। କର୍ନାଟକ ପାଇଁ ଓପନ କରୁଥିବା ତଥା ସଞ୍ଜୟ ଦେଶାଇଙ୍କ ସହିତ ୧୯୭୭-୭୮ ସିଜନରେ ୪୫୧ ରନର ଓପନିଙ୍ଗ ଭାଗୀଦାରିର ରେକର୍ଡ ବିନ୍ନିଙ୍କ ନାମରେ ଥିବା ବେଳେ ଭାରତୀୟ ଦଳରେ ତାଙ୍କୁ ୮ ଓ ୯ ନମ୍ବରରେ ସୁଯୋଗ ମିଳୁଥିଲା। ତାରକା ଖଚିତ ଟପ୍ ଓ ମିଡିଲ ଅର୍ଡରରେ ବିନ୍ନିଙ୍କୁ ନିମ୍ନକ୍ରମରେ ବ୍ୟାଟିଂ ମିଳୁଥିଲା। ତାଙ୍କ ବୋଲିଂରେ ପେସ୍‌ର ଅଭାବ ଓ ଉପ ମହାଦେଶର ଟର୍ନିଙ୍ଗ ଟ୍ରାକ୍ କାରଣରୁ ବିନ୍ନିଙ୍କ ଟେଷ୍ଟ ରେକର୍ଡ ଏତେ ଭଲ ନ ଥିଲା। ୨୭ ଟେଷ୍ଟରୁ ସେ ମାତ୍ର ୪୭ ଉଇକେଟ ନେବାରେ ସମର୍ଥ ହୋଇଥିଲେ। ଇଡେନ୍ ଗାର୍ଡେନ୍ସରେ ପାକିସ୍ତାନ ବିପକ୍ଷରେ ୬/୫୬ର କ୍ୟାରିୟର ଶ୍ରେଷ୍ଠ ବୋଲିଂ କରିଥିଲେ ବିନ୍ନି। ତେବେ ଅନେକଙ୍କୁ ଜଣା ନ ଥିବ ଏହି ସୁନୀଲ ଗାଭାସ୍କରଙ୍କ ସହିତ ସେ ନିଜର ଅନ୍ତିମ ଟେଷ୍ଟ ଖେଳିଥିଲେ। ଟର୍ନି ଟ୍ରାକରେ ଗାଭାସ୍କରଙ୍କ ୯୬ ରନ୍ କ୍ରିକେଟ ଜଗତରେ ଆଲୋଡନ ଖେଳାଇ ଦେଇଥିବା ବେଳେ ବିନ୍ନିଙ୍କୁ ଏହି ମ୍ୟାଚରେ ମାତ୍ର ୩ ଓଭର ବୋଲିଂର ସୁଯୋଗ ମିଳିଥିଲା। ଗାଭାସ୍କର ଅବସର ଘୋଷଣା କରିଥିବା ବେଳେ ବିନ୍ନିଙ୍କୁ ଏହି ମ୍ୟାଚ ପରେ ଭାରତୀୟ ଦଳରୁ ବାଦ୍ ଦିଆଯାଇଥିଲା। ଟେଷ୍ଟରେ ଏତେଟା ସଫଳତା ମିଳି ନଥିଲେ ହେଁ ଦିନିକିଆ ଏବଂ ଆଇସିସି ଟୁର୍ନାମେଣ୍ଟ ଗୁଡିକରେ ବିନ୍ନିଙ୍କ ରେକର୍ଡ ବେଶ ସ୍ୱତନ୍ତ୍ର। ପ୍ରଥମ ବିଶ୍ୱକପ ବିଜୟୀ ଦଳର ସଦସ୍ୟ ରହିଥିବା ବିନ୍ନି ୧୯୮୩ରେ ୧୮ ଉଇକେଟ ସହ ଭାରତର ସର୍ବାଧିକ ଉଇକେଟ ହାସଲକାରୀ ରହିଥିଲେ। ଏହ ବ୍ୟତୀତ ଅଷ୍ଟ୍ରେଲିଆରେ ଖେଳା ଯାଇଥିବା ୧୯୮୫ରେ ୱାର୍ଲ୍ଡ ସିରିଜ କ୍ରିକେଟ ଚାମ୍ପିୟନଶିପରେ ମଧ୍ୟ ୧୭ ଉଇକେଟ ହାସଲ କରିଥିଲେ। ବିନ୍ନ ବଲ୍ ସୁଇଁ କରିବାରେ ମାହିର ଥିବା ବେଳେ ବିଦେଶୀ ପିଚରେ ତାଙ୍କୁ ମିଳୁଥିଲା ଅପାର ସଫଳତା। ତେବେ ସେ ସମୟର ଫ୍ଲାଟ ଭାରତୀୟ ଟ୍ରାକରେ ଏହି କିମ୍ବଦନ୍ତୀ ଅଲରାଉଣ୍ଡରଙ୍କୁ ଏତେଟା ସଫଳତା ମିଳି ନ ଥିଲା। ଭାରତରେ ଆୟୋଜିତ ୧୯୮୭ କ୍ରିକେଟ ବିଶ୍ୱକପରେ ଜିଓଫ୍ ମାର୍ଶ ଓ ଡେଭିଡ୍ ବୁନଙ୍କ ପରି ଖେଳାଳି ତାଙ୍କ ବିପକ୍ଷରେ ରନ୍ ସଂଗ୍ରହ କରିବା ସହ ତାଙ୍କ କ୍ୟାରିୟର ଶେଷ କରି ଦେଇଥିଲେ। ୧୯୮୭ରେ ବିନ୍ନିଙ୍କ ଅନ୍ତର୍ଜାତୀୟ କ୍ୟାରିୟର ଶେଷ ହୋଇଥିଲେ ହେଁ ଏହାପରେ କିଛବର୍ଷ ଧରି ସେ ରଣଜୀ ଟ୍ରଫି ଖେଳିବା ଜାରି ରଖିଥିଲେ। ଏହି ସମୟରେ ବିନ୍ନିଙ୍କ ତତ୍ତ୍ୱାବଧାନରେ ରାହୁଲ ଦ୍ରାଭିଡ୍, ଜାଭାଗଲ ଶ୍ରୀନାଥ ଓ ଭେଙ୍କଟେଶ ପ୍ରସାଦଙ୍କ ପରି ଖେଳାଳି ଜାତୀୟ ଦଳରେ ସାମିଲ ହୋଇଥିଲେ। ଏପରିକି ଦ୍ରାଭିଡ୍ ଏକ ପୁରୁଣା ସାକ୍ଷାତକାରରେ ବିନ୍ନିଙ୍କୁ ବେଶ ପ୍ରଶଂସା କରିଥିଲେ। ଏକ ଟୁର ପରେ ବିନ୍ନି ନିଜ ଜର୍ସି ଦ୍ରାଭିଡଙ୍କୁ ପ୍ରଦାନ କରିଥିଲେ। ଜଣେ ଯୁବ ଖେଳାଳି ଭାବରେ ଏହା ତାଙ୍କ ଆତ୍ମବିଶ୍ୱାସ ବୃଦ୍ଧିରେ ବେଶ୍ ସହାୟକ ହୋଇଥିଲା ବୋଲି ଦ୍ରାଭିଡ ପ୍ରକାଶ କରିଥିଲେ।

**ବିନ୍ନିଙ୍କ ବ୍ୟକ୍ତିତ୍ୱ ପଡିଆ ଭିତରେ ଓ ବାହାରେ ସର୍ବଦା ନିର୍ବିବାଦୀୟ। ସେ ବଲ୍‌କୁ ସୁଇଂ କରିବାରେ ମାହିର ଥିବା ବେଳେ ବିଦେଶୀ ପିଚରେ ତାଙ୍କୁ ମିଳୁଥିଲା ଅପାର ସଫଳତା। ତେବେ ଭାରତର ଫ୍ଲାଟ ଟ୍ରାକରେ ଏହି କିମ୍ବଦନ୍ତୀ ଅଲରାଉଣ୍ଡର ଏତେଟା ସଫଳ ହୋଇ ନ ଥିଲେ...**



### ସଂକ୍ଷେପରେ ବିନ୍ନିଙ୍କ କ୍ୟାରିୟର

| | ଟେଷ୍ଟ | ଦିନିକିଆ |
|---|---|---|
| ମ୍ୟାଚ | ୨୭ | ୭୨ |
| ରନ୍ | ୮୩୦ | ୬୨୯ |
| ଆଭରେଜ | ୨୩.୦୬ | ୧୬.୧୩ |
| ଶତକ/ଅର୍ଦ୍ଧଶତକ | ୦/୫ | ୦/୧ |
| ସର୍ବାଧିକ ସ୍କୋର | ୮୩ | ୫୭ |
| ଉଇକେଟ | ୪୭ | ୭୭ |
| ବୋଲିଂ ଆଭରେଜ | ୩୨.୬୪ | ୨୯.୩୫ |
| ୫ ଉଇକେଟ ସଫଳତା | ୨ | ୦ |
| ଶ୍ରେଷ୍ଠ ବୋଲିଂ | ୮/୧୦୧ | ୪/୨୯ |
| କ୍ୟାଚ୍ | ୧୧ | ୧୨ |
| ୧୯୮୩ କ୍ରିକେଟ ବିଶ୍ୱକପ୍ | | ୧୮ ଉଇକେଟ |
| ୧୯୮୫ ୱାର୍ଲ୍ଡ ସିରିଜ କ୍ରିକେଟ ଚାମ୍ପିୟନଶିପ | | ୧୭ ଉଇକେଟ |

ମାତ୍ର ୪୫ ବର୍ଷ ବୟସରେ ୨୦୦୦ ମସିହାରେ ତାଙ୍କୁ ଭାରତୀୟ ୧୯ ବର୍ଷରୁ କମ ଦଳର ଦାୟିତ୍ୱ ପ୍ରଦାନ କରାଯାଇଥିଲା। ଯୁବରାଜ ସିଂ, ମହମ୍ମଦ କୈଫ୍ ଓ ରୀତିନ୍ଦର ସିଂ ସୋଢିଙ୍କ ପରି ଖେଳାଳି ଏହି ଦଳର ସଦସ୍ୟ ରହିଥିଲେ। ତେବେ ନିଜେ ପ୍ରଚ୍ଛଦପଟରେ ରହି ଯୁବରାଜ ଓ କୈଫଙ୍କ ପରି ଖେଳାଳିଙ୍କୁ ଷ୍ଟାରଡମ ସହିତ ପରିଚିତ କରିଥିଲେ। ୧୯ ବର୍ଷରୁ କମ ବିଶ୍ୱକପରେ ଭାରତ ନିଜର ପ୍ରଥମ ଟ୍ରଫି ଏହି ଟୁର୍ନାମେଣ୍ଟରେ ହିଁ ଜିତିଥିଲା। ଏହାପରେ ସେ ବେଙ୍ଗଲ ରଣଜୀ ଦଳର କୋଚ୍ ଭାବରେ ମଧ୍ୟ ଦାୟିତ୍ୱ ତୁଲାଇଥିଲେ। ଜଣେ କୋଚ୍ ଭାବରେ ମଧ୍ୟ ବିନ୍ନି ବେଶ ଭଦ୍ର ଥିଲେ। ଅନ୍ୟ ଉପରେ ନିଜର ବ୍ୟକ୍ତିତ୍ୱକୁ କେବେହେଁ ଲଦିବାକୁ ସେ ପ୍ରୟାସ କରନ୍ତି ନାହିଁ। ୨୦୧୨ରେ ବିନ୍ନି ଜାତୀୟ ଦଳର ଚୟନକର୍ତ୍ତା ରହିଥିଲେ। ତେବେ ୩ ବର୍ଷର କାର୍ଯ୍ୟକାଳ ପରେ ଦ୍ୱୈତ ସ୍ୱାର୍ଥ ମାମଲାରେ ତାଙ୍କୁ ପଦ ହରାଇବାକୁ ପଡ଼ିଥିଲା। ରୋଜର ବିନ୍ନିଙ୍କ ପୁଅ ଷ୍ଟୁଆର୍ଟ ବିନ୍ନି ଜଣେ ଉପଯୋଗୀ ଅଲରାଉଣ୍ଡର ମଧ୍ୟ ଥିଲେ। ଚୟନକର୍ତ୍ତା ଥିଲେ ହେଁ କେବେ ଏହାର ଫାଇଦା ଉଠାଇ ନିଜ ପୁଅକୁ ଦଳରେ ସାମିଲ କରିନଥିଲେ। ବିନ୍ନିଙ୍କ ପୂର୍ବତନ ଟିମମେଟ୍ ସୁନୀଲ ଗାଭାସ୍କର ଏ ସମ୍ପର୍କରେ ସ୍ପଷ୍ଟ କରିଛନ୍ତି। ଯେଉଁ ସମୟରେ ଚୟନ କମିଟିରେ ଷ୍ଟୁଆର୍ଟଙ୍କ ସମ୍ପର୍କରେ ଆଲୋଚନା ହୁଏ ରୋଜର ଉକ୍ତ ଆଲୋଚନାରେ ଅଂଶଗ୍ରହଣ କରୁ ନ ଥିବା ନେଇ ଗାଭାସ୍କର ନିଜ କଲମ୍‌ରେ ଉଲ୍ଲେଖ କରିଥିଲେ। ବିନ୍ନି କର୍ନାଟକ କ୍ରିକେଟ ଆସୋସିଏଶନର ସଭାପତି ଥିବା ସମୟରେ ଭୂତପୂର୍ବ ସମ୍ପାଦକ ସନ୍ତୋଷ ମେନନଙ୍କୁ ପରିଚାଳନାର ପୂର୍ଣ୍ଣ ଅଧିକାର ପ୍ରଦାନ କରିଥିଲେ। ସନ୍ତୋଷଙ୍କ ପରଲୋକ ପରେ ବିଗତ କିଛି ମାସ ମଧ୍ୟରେ ବିନ୍ନି ପ୍ରଶାସନିକ ପରିଚାଳନାରେ ନିଜକୁ ଅଧିକ ଜଡିତ ରଖିଥିଲେ। ପ୍ରଶାସନିକ କ୍ୟାରିୟର ପାଇଁ ଆହୁରି ୩ ବର୍ଷ ବାକି ଥିବା ବେଳେ ବନ୍ଧୁ ବ୍ରିଜେଶ ପଟେଲ ଓ ଏନ୍ ଶ୍ରୀନିବାସନଙ୍କ ସହାୟତାରେ ବିସିସିଆଇ ସଭାପତି ପଦ ପାଇଁ ଆବେଦନ କରିଥିଲେ।



–ସରୋଜ ଜେନା

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୬ Press Regd. No. R.N. 21326/74 Postal Regd. No. BN/42/21-23. ଭୁବନେଶ୍ୱର, ଶୁକ୍ରବାର, ଅକ୍ଟୋବର ୨୮/୨୦୨୨ Bhubaneswar, Friday, October 28/ 2022



ଓଡ଼ିଶା ଏଫ୍‌ସି ଓ ବେଙ୍ଗାଲୁରୁ ଏଫ୍‌ସି ମଧ୍ୟରେ ଅନୁଷ୍ଠିତ ମ୍ୟାଚ୍ ଆରମ୍ଭ ପୂର୍ବରୁ ଜାତୀୟ ସଙ୍ଗୀତ ଗାନ ବେଳେ ଉପସ୍ଥିତ ଅଛନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ।

# କଳିଙ୍ଗରେ ଓଏଫ୍‌ସିର କ୍ରମାଗତ ବିଜୟ

**ଭୁବନେଶ୍ୱର,୨୭।୧୦ (ସ୍ପୋର୍ଟ୍ସ ବ୍ୟୁରୋ)**

ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମରେ କ୍ରମାଗତ ବିଜୟ ହାସଲ କରିଛି ଓଡ଼ିଶା ଏଫ୍‌ସି(ଓଏଫ୍‌ସି)। ଗତ ମ୍ୟାଚରେ କେରଳ ବ୍ଲାଷ୍ଟର୍ସକୁ ପରାସ୍ତ କରିଥିବା ଓଏଫ୍‌ସି ଦ୍ୱିତୀୟ ମ୍ୟାଚରେ ସୁନୀଲ ଛେତ୍ରୀଙ୍କ ବେଙ୍ଗାଲୁରୁ ଏଫ୍‌ସିକୁ ୧-୦ରେ ପରାସ୍ତ କରିଛି। ଓଏଫ୍‌ସି ୪-୩-୩ କମ୍ବିନେଶନ ସହିତ ପଡିଆକୁ ଓହ୍ଲାଇଥିବା ବେଳେ ବିଏଫ୍‌ସି ୪-୨-୪ କମ୍ବିନେଶନରେ ଓହ୍ଲାଇଥିଲା। ୪ ଫରୱାର୍ଡଙ୍କ ସହିତ ବିଏଫ୍‌ସି ଆରମ୍ଭରୁ ଘନଘନ ଆକ୍ରମଣ କରିଥିଲା। ତେବେ ଓଡ଼ିଶା ଗୋଲକିପର ଅମରିନ୍ଦର ସିଂ କିଛି ଚମତ୍କାର ସେଭ୍ କରିଥିଲେ। ୧୪ ତମ ମିନିଟରେ ଓଏଫ୍‌ସିର ଡିଏଗୋ ମରିସିଓଙ୍କ ନିକଟରେ ବଲ ରହିଥିବା ବେଳେ ବିଏଫ୍‌ସିର ଡି ସମ୍ପୂର୍ଣ୍ଣ ଖାଲିଥିଲା। ମରିସିଓ ବିଏଫ୍‌ସି ଗୋଲ କିପର ଗୁରପ୍ରୀତଙ୍କୁ ପରାସ୍ତ କରି ପାରିନଥିଲେ। ମ୍ୟାଚର ୩୩ତମ ମିନିଟରେ ଓଏଫ୍‌ସି ଫରୱାର୍ଡ ନନ୍ଦ କୁମାର ଦଳ ପକ୍ଷରୁ ଏକମାତ୍ର ଗୋଲ ସ୍କୋର କରିଥିଲେ। ମ୍ୟାଚରେ ୫୪ ପ୍ରତିଶତ ସମୟ ବଲ୍ ବିଏଫ୍‌ସି ନିୟନ୍ତ୍ରଣରେ ରହିଥିଲା। ଏହାପରେ ବିଏଫ୍‌ସି ପକ୍ଷରୁ ଗୋଲ ପରିଶୋଧର ଉଦ୍ୟମ କରାଯାଇଥିଲେ ହେଁ ଏହା ସମ୍ଭବ ହୋଇନଥିଲା। ଏହି ବିଜୟ ସହିତ ୪ ମ୍ୟାଚରୁ ୩ ବିଜୟ ସହିତ ଓଏଫ୍‌ସି ପଏଣ୍ଟ ଟେବଲର ପ୍ରଥମ ସ୍ଥାନରେ ପହଞ୍ଚିଛି। ନଭେମ୍ବର ୫ ତାରିଖରେ ଓଏଫ୍‌ସି ଏହାର ପରବର୍ତ୍ତୀ ମ୍ୟାଚରେ ହାଇଦ୍ରାବାଦ ଏଫ୍‌ସିକୁ ଭେଟିବ।

### ଦର୍ଶକଙ୍କ ଭିଡ

କଳିଙ୍ଗ ଷ୍ଟାଡିୟମକୁ ଇଣ୍ଡିଆନ ସୁପର ଲିଗ୍ (ଆଇଏସ୍ଏଲ୍) ମ୍ୟାଚ୍ ଫେରିଥିବା ବେଳେ ଦ୍ୱିତୀୟ ମ୍ୟାଚରେ ଯୋଗ ଦେଇଛନ୍ତି ଓଡ଼ିଶା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ। ଓଡ଼ିଶା ଏଫ୍‌ସି(ଓଏଫ୍‌ସି) ଓ ବେଙ୍ଗାଲୁରୁ ଏଫ୍‌ସି (ବିଏଫ୍‌ସି) ମଧ୍ୟରେ ଖେଳା ଯାଇଥିବା ମ୍ୟାଚରେ ଯୋଗ ଦେଇଥିଲେ ମୁଖ୍ୟମନ୍ତ୍ରୀ। ଏହା ସହିତ ୫ଟି ସଚିବ ଭି. କେ. ପାଣ୍ଡିଆନ୍ ମଧ୍ୟ ଉଦ୍‌ଘଟନୀ ସମାରୋହରେ ଯୋଗ ଦେଇଥିଲେ। ଉଭୟ ଖେଳାଳିଙ୍କ ସହିତ ପରିଚିତ ହେବା ପରେ ଜାତୀୟ ସଙ୍ଗୀତ ଗାନ କରାଯାଇଥିଲା। ଏହା ସହିତ ଗୁରୁବାର ସନ୍ଧ୍ୟାର ଅନ୍ୟତମ ଆକର୍ଷଣ ରହିଥିଲେ ଭାରତୀୟ ଦଳର ଅଧିନାୟକ ସୁନୀଲ ଛେତ୍ରୀ। ବିଏଫ୍‌ସିର ଅଧିନାୟକ ରହିଥିବା ଛେତ୍ରୀଙ୍କୁ ଦେଖିବା ପାଇଁ ଷ୍ଟାଡିୟମର ଇଷ୍ଟ ଷ୍ଟାଣ୍ଡଟି ଦର୍ଶକରେ ଭରପୁର ହୋଇଯାଇଥିଲା। କିସ୍/କିଟ୍ ସ୍କୁଲର ବହୁ ସଂଖ୍ୟାରେ ଛାତ୍ରୀ ଛାତ୍ର ମଧ୍ୟ ବିପୁଳ ସଂଖ୍ୟାରେ ଯୋଗ ଦେଇ ମ୍ୟାଚର ମଜା ନେଇଥିଲେ। ଓଏଫ୍‌ସି ଦଳକୁ ଉତ୍ସାହିତ କରିବା ଲାଗି ଓଡ଼ିଶା-ଓଡ଼ିଶା ନାରାରେ ଷ୍ଟାଡିୟମ ପ୍ରକମ୍ପିତ ହୋଇଥିଲା।

# ଆମେରିକୀୟ ଫୁଟବଲରେ ମହିଳାଙ୍କୁ ସମାନ ମ୍ୟାଚ୍ ଫି

**ନ୍ୟୁୟର୍କ,୨୭।୧୦**

କ୍ରୀଡାରେ ସମାନ ଖେଳକୁ ନେଇ ସମାନ ପାଉଣା ଉପରେ ଦୀର୍ଘ ବର୍ଷ ଧରି ବିତର୍କ ଜାରି ରହିଛି। ଦୀର୍ଘ ବର୍ଷର ଆଲୋଚନା ପରେ ମଧ୍ୟ କେବଳ କିଛି ହାତଗଣତି ଟୁର୍ନାମେଣ୍ଟ ବ୍ୟତୀତ ଅନ୍ୟ କେଉଁଥିରେ ବିଶେଷ ପରିବର୍ତ୍ତନ ଦେଖା ଦେଇ ନାହିଁ। ବିଶ୍ୱର ଅଧିକାଂଶ ଟୁର୍ନାମେଣ୍ଟରେ ପୁରୁଷ ଏବଂ ମହିଳା ଖେଳାଳିଙ୍କ ପାଉଣା ଭିନ୍ନ ହୋଇଥାଏ। ଏପରି କି ଦରମା ଏବଂ ଚୁକ୍ତିନାମା ମଧ୍ୟ ଭିନ୍ନ ଅଟେ। ନ୍ୟାଶନାଲ ବାସ୍କେଟ ବଲ୍ ଆସୋସିଏଶନ(ଏନ୍‌ବିଏ)ରେ ପୁରୁଷ ବୃତ୍ତିଗତ ଖେଳାଳିଙ୍କ ହାରାହାରି ବାର୍ଷିକ ଦରମା ୫୦,୦୦୦ ଡଲାର୍ ପାଖାପାଖି ଥିବାବେଳେ ମହିଳାମାନଙ୍କ ପାଇଁ ଏହା ପ୍ରାୟ ୩୬,୦୦୦ ଡଲାର୍ ରହିଛି। ସେହିଭଳି ଏଟିପି ଏବଂ ଡବ୍ଲୁଟିଏ ଦ୍ୱାରା ପରିଚାଳିତ ପ୍ରମୁଖ ଗ୍ରାଣ୍ଡସ୍ଲାମ ଟେନିସ୍ ଟୁର୍ନାମେଣ୍ଟରେ ସମାନ ଦରମା ରହିଛି। ପୁରୁଷ ଟେନିସ୍ ତାରକାମାନେ ଗ୍ରାଣ୍ଡସ୍ଲାମରେ ଖେଳିବା ପାଇଁ ଯେଉଁ ଟଙ୍କା ପାଇଥାନ୍ତି ତାହା ମହିଳା ଖେଳାଳିଙ୍କ ପ୍ୟାକେଜ୍‌ଠାରୁ ଯଥେଷ୍ଟ ଅଧିକ ଅଟେ। ଏ କ୍ଷେତ୍ରରେ କେବଳ ୟୁଏସ୍ ଓପନ ଏକମାତ୍ର ବ୍ୟତିକ୍ରମ। ୟୁଏସ୍ ଓପନରେ ପୁରୁଷ ଓ ମହିଳା ବିଜେତାଙ୍କୁ ସମାନ ପୁରସ୍କାର ରାଶି ମିଳିଥାଏ। କ୍ରିକେଟରେ କେବଳ ନ୍ୟୁଜିଲାଣ୍ଡ ଓ ଭାରତ ସମାନ ପାଉଣା ନିୟମ ଲାଗୁ କରିଥିବା ବେଳେ ପ୍ରଥମ ଦେଶ ଭାବରେ ଫୁଟବଲରେ ଆମେରିକା ମଧ୍ୟ ସମାନ ନିୟମ କରି ଉଦାହରଣ ସୃଷ୍ଟି କରିଥିଲା। ଆମେରିକୀୟ ଜାତୀୟ ଫୁଟବଲ ଦଳର ଉଭୟ ପୁରୁଷ ଓ ମହିଳା ଖେଳାଳିଙ୍କ ସମାନ ମ୍ୟାଚ୍ ଫି ପ୍ରଦାନ କରାଯାଇଥାଏ ଯାହାକୁ ବିଶ୍ୱର ଅନ୍ୟ କୌଣସି ରାଷ୍ଟ୍ର ଲାଗୁ କରି ନାହାନ୍ତି। ୨୦୨୧ରେ ଆମେରିକୀୟ ଫୁଟବଲରେ ଏହି ନିୟମ ଲାଗୁ କରାଯାଇଥିବା ବେଳେ ଧୀରେ ଧୀରେ ଅନ୍ୟ କ୍ରୀଡାରେ ମଧ୍ୟ ଏହା ଲାଗୁ କରାଯିବ। ଭାରତରେ ମଧ୍ୟ କ୍ରୀଡା ସହିତ ଜଡିତ ମହିଳାଙ୍କୁ ସମାନ ପରସ୍ଥିତିର ସାମ୍ନା କରିବାକୁ ପଡିଥାଏ। ଫୁଟବଲ ଲିଗ୍ ଇଣ୍ଡିଆନ୍ ସୁପର ଲିଗ୍‌ରେ ପୁରସ୍କାର ରାଶି ୭୦ ଲକ୍ଷଟଙ୍କା ରହିଥିବା ବେଳେ ଓମେନ୍ସ ଲିଗ୍‌ରେ ପୁରସ୍କାର ରାଶି ମାତ୍ର ୧୦ ଲକ୍ଷ ଟଙ୍କା ପ୍ରଦାନ କରାଯାଇଥାଏ।

# ପାକିସ୍ତାନକୁ ୧ ରନ୍‌ରେ ହରାଇଲା ଜିମ୍ବାୱେ

**ପର୍ଥ, ୨୭।୧୦ (ପି.ଟି.)**



ଶାନ୍ ମାସୁଦଙ୍କ ଉଇକେଟ୍ ପତନ ପରେ ଉଲ୍ଲସିତ ଶିକନ୍ଦର ରାଜା।

ଚଳିତ ଟି୨୦ ବିଶ୍ୱକପ୍‌ରେ ଗୁରୁବାର ପାକିସ୍ତାନ ବିପକ୍ଷରେ ଜିମ୍ବାୱେ ଏକ ରନ୍‌ରେ ରୋମାଞ୍ଚକ ବିଜୟ ହାସଲ କରିଛି। ଜିମ୍ବାୱେ ଦ୍ୱାରା ଧାର୍ଯ୍ୟ ୧୩୧ ରନର ବିଜୟ ଲକ୍ଷ୍ୟକୁ ପିଛା କରିବା ବେଳେ ପାକିସ୍ତାନ ଦଳର ନିୟମିତ ଉଇକେଟ ପତନ ଘଟିବାରେ ଲାଗିଥିଲା। ଦଳ ନିର୍ଦ୍ଧାରିତ ଓଭରରେ ୮ ଉଇକେଟ ବିନିମୟରେ ୧୨୯ରନ କରିବାରେ ସମର୍ଥ ହୋଇଥିଲା। ପାକିସ୍ତାନ ଜନ୍ମିତ ଅଲ୍‌ରାଉଣ୍ଡର ସିକନ୍ଦର ରାଜା ମ୍ୟାଚର ଗତିପଥ ବଦଳାଇ ଦେଇଥିଲେ। ସେ ତାଙ୍କ ୪ ଓଭର ବୋଲିଂରେ ୨୫ରନ ଦେଇ ୩ଟି ମୂଲ୍ୟବାନ ଉଇକେଟ ଅକ୍ତିଆର କରିଥିଲେ।। ଶାନ ମାସୁଦ (୪୪ରନ), ଶାଦବ ଖାଁ (୧୭) ଓ ହାଇଦର ଅଲି ତାଙ୍କ ବୋଲିଂର ଶିକାର ହୋଇଥିଲେ। ଡାହାଣ ହାତି ପେସର ବ୍ରାଡ୍ ଇଭାନ୍ସ (୨/୨୫), ବ୍ଲେସିଂ ମୁଜାରାବାନୀ (୧/୧୮) ଓ ଲ୍ୟୁକ୍ ଜଙ୍ଗୱି (୧/୧୦) ମଧ୍ୟ ଉଇକେଟ ଅକ୍ତିଆର କରିଥିଲେ। ସୁପର-୧୨ ପର୍ଯ୍ୟାୟରେ ପାକିସ୍ତାନ ଏପର୍ଯ୍ୟନ୍ତ ଖେଳିଥିବା ଦୁଇଟି ମ୍ୟାଚରେ ପରାଜିତ ହୋଇଛି। ପୂର୍ବରୁ ଭାରତ ବିପକ୍ଷରେ ଅନ୍ୟ ଏକ ରୋମାଞ୍ଚକ ମ୍ୟାଚରେ ଦଳ ୪ ଉଇକେଟରେ ପରାଜିତ ହୋଇଥିଲା। ସମାନ ସଂଖ୍ୟକ ମ୍ୟାଚ ଖେଳିଥିବା ଜିମ୍ବାୱେର ଏହା ହେଉଛି ପ୍ରଥମ ବିଜୟ। ପୂର୍ବରୁ ବର୍ଷାରେ ଧୋଇଯାଇଥିବା ଦକ୍ଷିଣ ଆଫ୍ରିକା ବିପକ୍ଷ ମ୍ୟାଚରେ ଦଳ ପଏଣ୍ଟ ବଣ୍ଟୁଆରା କରିଥିଲା।

### ସଂକ୍ଷିପ୍ତ ସ୍କୋର

**ଜିମ୍ବାୱେ ଇନିଂସ:** ୨୦ ଓଭରରେ ୧୩୦/୮ (ସିନ୍ ୱିଲିୟମ୍ସ-୩୧ ; ଶଦାବ ଖାନ୍-୩/୨୩, ମହମ୍ମଦ ୱାସିମ୍-୪/୨୪)। **ପାକିସ୍ତାନ ଇନିଂସ:** ୨୦ ଓଭରରେ ୧୨୯/୮ (ଶାନ୍‌ମାସୁଦ-୪୪ ;ଶିକନ୍ଦର ରାଜା-୩/୨୫, ବ୍ରାଡ୍ ଇଭାନ୍ସ-୨/୨୫)।



ଶତକୀୟ ଇନିଂସ୍ ଅବସରରେ ରିଲି ରୋଷୋ।

# ରୋଷୋଙ୍କ ଶତକରେ ଜିତିଲା ଦକ୍ଷିଣ ଆଫ୍ରିକା

**ସିଡ୍‌ନୀ,୨୭।୧୦**

ଅଷ୍ଟ୍ରେଲିଆରେ ଅନୁଷ୍ଠିତ ଟି୨୦ ବିଶ୍ୱକପ୍‌ରେ ପ୍ରଥମ ବିଜୟ ହାସଲ କରିଛି ଦକ୍ଷିଣ ଆଫ୍ରିକା। ଜିମ୍ବାୱେ ବିପକ୍ଷ ମ୍ୟାଚରେ ବର୍ଷା କାରଣରୁ ପଏଣ୍ଟ ବାଣ୍ଟିଥିବା ଦକ୍ଷିଣ ଆଫ୍ରିକା ୧୦୪ ରନରେ ବାଂଲାଦେଶକୁ ପରାସ୍ତ କରିଛି। ପ୍ରଥମେ ବ୍ୟାଟିଂ କରିଥିବା ଦକ୍ଷିଣ ଆଫ୍ରିକା ରିଲି ରୋଷୋଙ୍କ ଶତକ ବଳରେ ୨୦୫ ରନ କରିଥିବା ବେଳେ ବାଂଲାଦେଶ ମାତ୍ର ୧୦୧ ରନରେ ଅଲଆଉଟ ହୋଇଥିଲା। ଦକ୍ଷିଣ ଆଫ୍ରିକା ଟସ୍ ଜିତି ପ୍ରଥମେ ବ୍ୟାଟିଂ ନିଷ୍ପତ୍ତି ନେଇଥିଲା। ଅଧିନାୟକ ଟେମ୍ବା ବାଭୁମା ମାତ୍ର ୨ ରନ୍ କରି ପ୍ୟାଭିଲିୟନ ଫେରିଥିବା ବେଳେ ଦ୍ୱିତୀୟ ଉଇକେଟରେ ରିଲି ରୋଷୋ(୧୦୯) ଏବଂ କ୍ୱିଣ୍ଟନ୍ ଡି'କକ୍(୬୩) ଯୋଗ କରିଥିଲେ ୧୬୮ ରନ୍। ୫୬ ବଲ ଖେଳିଥିବା ରୋଷୋ ୭ ଚୌକା ଓ ୮ ଛକା ମାରିଥିଲେ। ଅନ୍ୟ ପକ୍ଷରେ ଡି କକ୍ ୩୮ ବଲ ଖେଳି ୭ ଚୌକା ଓ ୩ ଛକା ମାରିଥିଲେ। ବାଂଲାଦେଶ ପକ୍ଷରୁ ସାକିବ୍ ଅଲ ହସନ୍ ୨ ଉଇକେଟ ନେଇଥିବା ବେଳେ ଟାସ୍କିନ ଅହମ୍ମଦ, ଆଫିଫ୍ ହୋସେନ୍ ଓ ହସନ ମେହମୁଦ୍ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ।

୨୦୬ ରନ ପିଛା କରୁଥିବା ବାଂଲାଦେଶ ୧୬.୩ ଓଭରରେ ୧୦୧ ରନରେ ଅଲଆଉଟ ହୋଇଥିଲା। ଲିଟନ୍ ଦାଶ ସର୍ବାଧିକ ୩୪ ରନ କରିଥିବା ବେଳେ ସୌମ୍ୟ ସରକାର ୧୫ ରନ୍ କରିଥିଲେ। ଦକ୍ଷିଣ ଆଫ୍ରିକା ପକ୍ଷରୁ ଆନରିଚ୍ ନର୍ଜେ ସର୍ବାଧିକ ୪ ଉଇକେଟ ନେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଟାବରେଜ୍ ସାମ୍ସି ୩ ଉଇକେଟ ନେଇଥିଲେ। ରିଲି ରୋଷୋଙ୍କୁ ପ୍ଲେୟର ଅଫ୍ ଦ ମ୍ୟାଚ ଘୋଷଣା କରାଯାଇଥିଲା।

### ସଂକ୍ଷିପ୍ତ ସ୍କୋର

ଦକ୍ଷିଣ ଆଫ୍ରିକା ୨୦ ଓଭରରେ ୨୦୫/୫ (ରିଲି ରୋଷୋ-୧୦୯, କ୍ୱିଣ୍ଟନ ଡି'କକ୍-୬୩, ଏଡେନ୍ ମାରକ୍ରମ-୧୦, ସାକିବ୍ ଅଲ୍ ହାସାନ- ୨/୩୩, ଆଫିଫ ହୋସେନ୍-୧/୧୧, ହସନ ମେହମୁଦ-୧/୩୬)। ବାଂଲାଦେଶ ୧୬.୩ ଓଭରରେ ୧୦୧/ଅଲଆଉଟ (ଲିଟନ୍ ଦାଶ-୩୪,ସୌମ୍ୟ ସରକାର-୧୫, ମେହିଦୀ ହସନ-୧୧, ଆନରିଚ୍ ନର୍ଜେ-୪/୧୦, ଟାବରେଜ୍ ସାମ୍ସି-୩/୨୦, କାଗିସୋ ରବାଡା-୧/୨୪)।

## ୩ରୁ ବାଜି ରାଉତ ଜାତୀୟ ଫୁଟବଲ କପ୍ ଟୁର୍ନାମେଣ୍ଟ

### ଅଂଶଗ୍ରହଣ କରିବେ ୮ ରାଜ୍ୟ

**ଢେଙ୍କାନାଳ ଅଫିସ/ଅନୁଗୋଳ ଅଫିସ, ୨୭।୧୦:** ଶିଳ୍ପ ଜିଲା ଅନୁଗୋଳ, ଢେଙ୍କାନାଳକୁ ଫେରିବ ଫୁଟବଲ ଫିଭର। ସର୍ବଭାରତୀୟ ଫୁଟବଲ ମହାସଂଘ (ଏଆଇଏଫ୍ଏଫ୍), 'ଆମେ ଓଡ଼ିଆ ଫାଉଣ୍ଡେଶନ ଟ୍ରଷ୍ଟ' ଏବଂ ଜିଲା କ୍ରୀଡା ସଂସଦର ମିଳିତ ସହଯୋଗରେ ନଭେମ୍ବର ୩ରୁ ୮ ତାରିଖ ଯାଏ ଅନୁଷ୍ଠିତ ହେଉଥିବା 'ବାଜି ରାଉତ ଜାତୀୟ ଫୁଟବଲ କପ୍ ଟୁର୍ନାମେଣ୍ଟ' କ୍ରୀଡ଼ାପ୍ରେମୀଙ୍କ ପାଇଁ ଏହି ସୁଯୋଗ ଆଣିଦେଇଛି। ପ୍ରତିଯୋଗିତାରେ ୮ ରାଜ୍ୟ ଅଂଶଗ୍ରହଣ କରିବେ। ଢେଙ୍କାନାଳ ଷ୍ଟାଡିୟମଠାରେ ଏହାର ଉଦ୍‌ଘାଟନୀ ସମାରୋହ ଅନୁଷ୍ଠିତ ହେବ। ଅନୁଗୋଳରେ ୨ ସେମିଫାଇନାଲ ଖେଳାଯିବାକୁ ଥିବାବେଳେ ତାଳଚେରରେ ଫାଇନାଲ ମ୍ୟାଚ୍ ଆୟୋଜନ କରାଯିବାକୁ ବିଧିବଦ୍ଧ ଭାବେ ନିଷ୍ପତ୍ତି ହୋଇଛି। ଗୁରୁବାର ପୂର୍ବାହ୍ନ ସାଢ଼େ ୧୧ଟାରେ ସ୍ଥାନୀୟ ସୂର୍ଯ୍ୟମଣ୍ଡପରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ଟୁର୍ନାମେଣ୍ଟ ସମ୍ପର୍କରେ ସବିଶେଷ ସୂଚନା ଦେଇଛନ୍ତି 'ଆମେ ଓଡ଼ିଆ ସଙ୍ଗଠନ' ସମ୍ପାଦକ ସଂଗ୍ରାମ ପାତ୍ର। ଏହି ଅବସରରେ ପ୍ରତିଯୋଗିତାର ଲୋଗୋ ଓ ଜର୍ସି ଉନ୍ମୋଚନ କରାଯାଇଛି।

# ଭାରତର ଦ୍ୱିତୀୟ ବିଜୟ

**ସିଡ୍‌ନୀ,୨୭।୧୦**

**ଟି୨୦ ବିଶ୍ୱକପ୍ ସୁପର୍-୧୨**

ଷ୍ଟାର ବ୍ୟାଟର ସୂର୍ଯ୍ୟକୁମାର ଯାଦବଙ୍କ ଧୂଆଁଧାର ବ୍ୟାଟିଂ ବଳରେ ଟି୨୦ ବିଶ୍ୱକପ୍‌ର ସୁପର-୧୨ରେ କ୍ରମାଗତ ଦ୍ୱିତୀୟ ମ୍ୟାଚରେ ବିଜୟୀ ହୋଇଛି ଭାରତ। ସିଡ୍‌ନୀ କ୍ରିକେଟ ଗ୍ରାଉଣ୍ଡରେ ସୂର୍ଯ୍ୟକୁମାରଙ୍କ ବ୍ୟତୀତ ରୋହିତ ଶର୍ମା ଓ ବିରାଟ କୋହଲି ମଧ୍ୟ ଅର୍ଦ୍ଧଶତକ ହାସଲ କରିଥିବାବେଳେ ନେଦରଲାଣ୍ଡ୍ସକୁ ୫୬ ରନରେ ପରାସ୍ତ କରିଛି ଭାରତ। ଏହା ସହିତ ଗ୍ରୁପ୍ ବି'ର ପଏଣ୍ଟ ଟେବଲ ଶୀର୍ଷରେ ମଧ୍ୟ ଦଳ ପହଞ୍ଚିଛି। ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିବା ଭାରତ ୨ ଉଇକେଟରେ ୧୭୯ ରନ୍ ସଂଗ୍ରହ କରିଥିଲା। କେ. ଏଲ୍. ରାହୁଲ ପୁନର୍ବାର ବିଫଳ ହେବା ସହିତ ମାତ୍ର ୯ ରନ୍ କରି ପ୍ୟାଭିଲିୟନ୍ ଫେରିଥିଲେ। ତେବେ ଅଧିନାୟକ ରୋହିତ ଶର୍ମା(୫୩) ଓ ବିରାଟ କୋହଲି(୬୨*) ଙ୍କ ମଧ୍ୟରେ ୭୩ ରନର ଭାଗୀଦାରି ହୋଇଥିଲା। ଦଳୀୟ ସ୍କୋର ୮୪ ରନରେ ରୋହିତ ପ୍ୟାଭିଲିୟନ୍ ଫେରିଥିଲେ। ୩୯ ବଲ ଖେଳିଥିବା ରୋହିତ ୪ ଚୌକା ଓ ୩ ଛକା ମାରିଥିଲେ। ଏହାପରେ କ୍ରିଜ୍‌ରେ ଯୋଗ ଦେଇଥିଲେ ସୂର୍ଯ୍ୟକୁମାର ଯାଦବ। ମାତ୍ର ୨୫ ବଲ ଖେଳି ସେ ୫୧ ରନ କରିଥିବା ବେଳେ ଚତୁର୍ଥ ଉଇକେଟରେ କୋହଲିଙ୍କ ସହିତ ୪୮ ବଲରେ ୯୫ ରନ୍ ଯୋଡିଥିଲେ। କୋହଲିଙ୍କ ଇନିଂସରେ ୩ ଚୌକା ଓ ୨ ଛକା ସାମିଲ ଥିବା ବେଳେ ସୂର୍ଯ୍ୟକୁମାର ମାରିଥିଲେ ୭ ଚୌକା ଓ ୧ ଛକା। ନେଦରଲାଣ୍ଡ୍ସ ପକ୍ଷରୁ ଫ୍ରେଡ୍ କ୍ଲାସେନ୍ ଓ ଭାନ୍ ମିକେରାନ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ।



ସ୍କୁପ୍ ଶଟ୍ ଖେଳୁଛନ୍ତି ସୂର୍ଯ୍ୟକୁମାର ଯାଦବ।

୧୮୦ ରନର ପିଛା କରୁଥିବା ନେଦରଲାଣ୍ଡ୍ସକୁ ଭାରତୀୟ ବୋଲର ଆରମ୍ଭରୁ ଚାପରେ ରଖିଥିଲେ। ଭାରତର ଭୁବନେଶ୍ୱର କୁମାର ୩ ଓଭରରୁ ୨ ମେଡେନ ସହିତ ୨ ଉଇକେଟ ନେଇଥିଲେ। ଟିମ୍ ପ୍ରିଙ୍ଗଲ ସର୍ବାଧିକ ୨୦ ରନ୍ କରିଥିବା ବେଳେ କଲିନ୍ ଆକରମ୍ୟାନ ୧୭ ରନ୍ କରିଥିଲେ। ଭୁବନେଶ୍ୱରଙ୍କ ବ୍ୟତୀତ ଅକ୍ଷର ପଟେଲ, ଆର. ଅଶ୍ୱିନ ଓ ଅର୍ଶଦୀପ ସିଂ ଦୁଇଟି ଲେଖାଏ ଉଇକେଟ ନେଇଥିଲେ। ନେଦରଲାଣ୍ଡ୍ସ ନିର୍ଦ୍ଧାରିତ ଓଭରରେ ୯ ଉଇକେଟ ହରାଇ ୧୨୩ ରନ କରିଥିଲା। ସୂର୍ଯ୍ୟକୁମାର ଯାଦବଙ୍କୁ ପ୍ଲେୟର ଅଫ୍ ଦ ମ୍ୟାଚ ଘୋଷଣା କରାଯାଇଥିଲା।

### ସଂକ୍ଷିପ୍ତ ସ୍କୋର

ଭାରତ ୨୦ ଓଭରରେ ୧୭୯/୨( ବିରାଟ କୋହଲି-୬୨*, ରୋହିତ ଶର୍ମା-୫୩, ସୂର୍ଯ୍ୟକୁମାର ଯାଦବ-୫୧*, ଫ୍ରେଡ୍ କ୍ଲାସେନ-୧/୩୩, ଭାନ୍ ମିକେରାନ-୧/୩୨)। ନେଦରଲାଣ୍ଡ୍ସ ୨୦ ଓଭରରେ ୧୨୩/୯ (ଟିମ୍ ପ୍ରିଙ୍ଗଲ-୨୦, କଲିନ୍ ଆକରମ୍ୟାନ୍-୧୭,ମ୍ୟାକ୍ସେ ଓଡୋଡ୍-୧୬, ଭୁବନେଶ୍ୱର କୁମାର-୨/୯, ଅକ୍ଷର ପଟେଲ ୨/୧୮, ଆର. ଅଶ୍ୱିନ-୨/୨୧, ଅର୍ଶଦୀପ ସିଂ-୨/୩୭)।




4-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ

# ଦାବି ପୂରଣ ପରେ ହଟିଲା ଶ୍ରମିକ ଆନ୍ଦୋଳନ

ନୟାଗଡ଼ ଅଫିସ,୨୭।୧୦

ନୟାଗଡ଼ରେ ବିଜୁ ଶ୍ରମିକ ସାମ୍ମୁଖ୍ୟ ନେତୃତ୍ୱରେ କାର୍ଯ୍ୟରତ ନିର୍ମାଣ ଶ୍ରମିକ ମହାସଂଘ ଓ ନିର୍ମାଣ ଶ୍ରମିକ ଫେଡେରେଶନ ପକ୍ଷରୁ ଶ୍ରମିକମାନେ ପ୍ରଭାଗୀୟ ଶ୍ରମ ଆୟୁକ୍ତ, ଜିଲା ଶ୍ରମ କାର୍ଯ୍ୟାଳୟ ସମ୍ମୁଖରେ ଗୁରୁବାର ବିକ୍ଷୋଭ ପ୍ରଦର୍ଶନ ସହ ଧାରଣା ଦେଇଥିଲେ । ତେବେ ଶ୍ରମିକଙ୍କ ଆନ୍ଦୋଳନ ଆଗରେ ଶ୍ରମ ବିଭାଗ ମୁଣ୍ଡ ନୁଆଁଇ ଶ୍ରମିକ କଲ୍ୟାଣ କାର୍ଯ୍ୟକୁ ତ୍ୱରାନ୍ୱିତ କରିବ ବୋଲି ଲିଖିତ ପ୍ରତିଶ୍ରୁତି ଦେଇଛି । ନିର୍ମାଣ ଶ୍ରମିକଙ୍କ ସମେତ ଅଣସଂଗଠିତ ଶ୍ରମିକ ପାଇବେ ପରିଚୟ ପତ୍ର । ବିବାହକାଳୀନ ଓ ମୃତ୍ୟୁକାଳୀନ ସହାୟତା ସମେତ ସବୁ ସରକାରୀ ସହାୟତା ଶ୍ରମିକଙ୍କୁ ମିଳିବ ବୋଲି ଜଣାପଡିଛି ।

ସୂଚନା ଅନୁଯାୟୀ, ଗୁରୁବାର ୬ ଦଫା ଦାବି ପୂରଣ ପାଇଁ ଶ୍ରମିକମାନଙ୍କ ଏକ ଶୋଭାଯାତ୍ରା ନୟାଗଡ଼ ପୂର୍ତ୍ତ ବିଭାଗ ଡାକବଙ୍ଗଳାଠାରୁ ବାହାରି ସହର ପରିକ୍ରମା କରିବା ପରେ ପ୍ରଭାଗୀୟ ଶ୍ରମ ଆୟୁକ୍ତ ଓ ଜିଲା ଶ୍ରମ କାର୍ଯ୍ୟାଳୟ ସମ୍ମୁଖରେ ପହଞ୍ଚିଥିଲା । ସେଠାରେ ଅନୁଷ୍ଠିତ ସଭାରେ ବିଜୁ ଶ୍ରମିକ ସାମ୍ମୁଖ୍ୟ ରାଜ୍ୟ ସହ ସମ୍ପାଦକ ତଥା ଶ୍ରମିକ ନେତା ଶ୍ରୀକାନ୍ତ ପଟ୍ଟନାୟକ, ନିର୍ମାଣ ଶ୍ରମିକ ମହାସଂଘ ସାଧାରଣ ସମ୍ପାଦକ ବାସୁଦେବ ମହାନ୍ତିଙ୍କ ନେତୃତ୍ୱରେ ପ୍ରମୋଦ ମହାରଣା, ରଘୁନାଥ ମହାରଣା, ମନୋଜ କୁମାର ନାୟକ ପ୍ରମୁଖ ଯୋଗ ଦେଇ ଶ୍ରମ ବିଭାଗର ଅପାରଗତାକୁ ନେଇ ସମାଲୋଚନା କରିଥିଲେ । ବକ୍ତାମାନେ କହିଥିଲେ ନିର୍ମାଣ ଶ୍ରମିକ ଓ ଅଣସଂଗଠିତ ଶ୍ରମିକମାନଙ୍କ ପାଇଁ ସରକାର ମାଳମାଳ ଯୋଜନା କରୁଛନ୍ତି । ହେଲେ ନୟାଗଡ଼ ଜିଲାରେ ପ୍ରଭାଗୀୟ ଶ୍ରମ ଆୟୁକ୍ତ ଓ ଜିଲା ଶ୍ରମ କାର୍ଯ୍ୟାଳୟର ଅଫିସର ଓ କର୍ମଚାରୀଙ୍କ ଅସହଯୋଗ କାରଣରୁ ନିର୍ମାଣ ଶ୍ରମିକ ଓ ଅଣସଂଗଠିତ ଶ୍ରମିକ ଉପେକ୍ଷିତ ହୋଇ ରହୁଛନ୍ତି। ନିର୍ମାଣ ଶ୍ରମିକ ଓ ଅଣସଂଗଠିତ ଶ୍ରମିକଙ୍କ ପଞ୍ଜୀକରଣ, ସହାୟତା ରାଶି ଓ ପରିଚୟ ପତ୍ର ବଣ୍ଟନରେ ନୟାଗଡ଼ ଜିଲା ଶ୍ରମ ବିଭାଗ ସବୁଠାରୁ ପଛରେ ରହି ରାଜ୍ୟରେ ରେକର୍ଡ କରିଛି । ଅନ୍‌ଲାଇନରେ ପଞ୍ଜୀକରଣ ଚାଲିଥିଲେ ମଧ୍ୟ ବିଭିନ୍ନ ପ୍ରକାର ଆଳ ଦେଖାଇ ଶ୍ରମିକମାନଙ୍କ ନାମ ପଞ୍ଜୀକରଣ କରା ନ ଯିବାରୁ ଜିଲାରେ ଶ୍ରମିକ କଲ୍ୟାଣ ଆଣ୍ଠେଇ ପଡ଼ିଛି । ଅନ୍ୟପକ୍ଷେ ପ୍ରଭାଗୀୟ ଶ୍ରମ ଆୟୁକ୍ତ ସପ୍ତାହକୁ ଥରେ ଓ ମାସକୁ ୪ଦିନ ନୟାଗଡ଼କୁ ଆସୁଥିବାବେଳେ ଜିଲା ଶ୍ରମ କାର୍ଯ୍ୟାଳୟରେ ଅଫିସର ଓ କର୍ମଚାରୀ ମନଇଚ୍ଛା ଆସୁଛନ୍ତି ଓ ଯାଉଛନ୍ତି । ଶ୍ରମିକଙ୍କ ଉନ୍ନତି ପାଇଁ ପ୍ରଭାଗୀୟ ଶ୍ରମ ଆୟୁକ୍ତ ଓ ଜିଲା ଶ୍ରମ କାର୍ଯ୍ୟାଳୟ କାମ କରୁ ନ ଥିବା ଅଭିଯୋଗ ଉଠୁଛି । ଜିଲା ଶ୍ରମ ଅଧିକାରୀ ପରମିତା ମିଶ୍ରଙ୍କୁ କିଛି ଦିନ ତଳେ ନିଲମ୍ବନ କରି ରାଜ୍ୟ ସରକାର ବାହାବା ନେଇଥିଲେ । ହେଲେ ନୂଆ ଜିଲା ଶ୍ରମ ଅଧିକାରୀ କାର୍ଯ୍ୟରେ ଯୋଗ ଦେବା ପରେ ମଧ୍ୟ ସ୍ଥିତି ବିଗିଡି ଚାଲିଛି । ପ୍ରଭାଗୀୟ ଶ୍ରମ ଆୟୁକ୍ତ ପ୍ରଦୀପ କୁମାର ମହାନ୍ତି ଓ ଜିଲା ଶ୍ରମ ଅଧିକାରୀ ଶିବ ନାରାୟଣ ସାହୁ ଆନ୍ଦୋଳନ ସ୍ଥଳକୁ ଆସି ସ୍ମାରକପତ୍ର ଗ୍ରହଣ କରିଛନ୍ତି ।



ବିକ୍ଷୋଭକାରୀମାନେ ଶୋଭାଯାତ୍ରାରେ ଯାଉଛନ୍ତି।

- ବିବାହ ଓ ମୃତ୍ୟୁକାଳୀନ ସହାୟତା ମିଳିବ
- ଅସଂଗଠିତ ଶ୍ରମିକ, ନିର୍ମାଣ ଶ୍ରମିକ ପାଇବେ ପରିଚୟ ପତ୍ର

ପ୍ରଭାଗୀୟ ଶ୍ରମ ଆୟୁକ୍ତ ମହାନ୍ତି ଓ ଜିଲା ଶ୍ରମ ଅଧିକାରୀ ସାହୁଙ୍କ ସୂଚନା ଅନୁସାରେ ମୃତ୍ୟୁକାଳୀନ ସହାୟତା ରାଶି ୨ ଲକ୍ଷ ୧୦୯ପରିବାରକୁ ଦେବା ପାଇଁ କାର୍ଯ୍ୟ ଶେଷ ପର୍ଯ୍ୟାୟରେ ପହଞ୍ଚିଛି । ୩୦ ଦିନ ଭିତରେ ଏହା ଦେବାକୁ ବ୍ୟବସ୍ଥା ଚାଲିଛି। ସେହିପରି ବିବାହ ସହାୟତା ୩୩୪ ଜଣଙ୍କର ୧୫ ଦିନ ଭିତରେ ଦିଆଯିବ । ଅବଶିଷ୍ଟ ୧୪୧୩ ଅଭିଯୋଗର ବିଚାର କରାଯାଇ ୩୦ ଦିନ ଭିତରେ ଦେବାକୁ କାମ ଚାଲିଛି । ୬ ହଜାର ୩୫୦ ନିର୍ମାଣ ଶ୍ରମିକଙ୍କ ନାମ ଅନ୍‌ଲାଇନ ପଞ୍ଜିକୃତ ହୋଇଥିବାବେଳେ ୮୭ ଜଣ ପରିଚୟ ପତ୍ର ପାଇବା ପାଇଁ କାଗଜାତ ଶେଷ ହୋଇଛି । ୨୬ ଜଣଙ୍କ ନାକଚ ହୋଇଛି। ୧୧୮୫ ଆବେଦନ ପତ୍ରରେ ରହିଥିବା ତ୍ରୁଟିର ସଂଶୋଧନ ଚାଲିଛି । ପ୍ରତି ମାସରେ ୧ ହଜାର ଆବେଦନ ପତ୍ର ଦିଆଯିବାକୁ ଚେଷ୍ଟା ଜାରି ରହିଛି। ୭ ଅଣସଂଗଠିତ ଶ୍ରମିକଙ୍କ ମୃତ୍ୟୁ ହୋଇଛି । ଏହା ବିଚାରଧୀନ ଅଛି । ଅନୁଦାନ ପାଇଁ ସରକାରଙ୍କୁ ଅବଗତ କରାଯିବ । ଅନୁଦାନ ମିଳିଲେ ତୁରନ୍ତ ସହାୟତା ରାଶି ଯୋଗାଇ ଦିଆଯିବ । ଶ୍ରମିକମାନଙ୍କ ସମସ୍ୟାକୁ ସମାଧାନ ପାଇଁ ବିଭାଗ ତାର କାର୍ଯ୍ୟକୁ ତ୍ୱରାନ୍ୱିତ କରିଥିବା ସେ କହିଛନ୍ତି ।

## ଡ୍ରେସ୍ ଚେଞ୍ଜ ରୁମ୍ ଉଦ୍‌ଘାଟିତ

ନୟାଗଡ଼ ଅଫିସ,୨୭।୧୦

ନୟାଗଡ଼ ସ୍ୱୟଂ ଶାସିତ ମହାବିଦ୍ୟାଳୟରେ ରୂପାନ୍ତରିତ ଖେଳପଡିଆ ଓ ଡ୍ରେସ ଚେଞ୍ଜ ରୁମ୍ ନୟାଗଡ଼ ବିଧାୟକ ଅରୁଣ ସାହୁଙ୍କ ଦ୍ୱାରା ଉଦ୍‌ଘାଟିତ ହୋଇଛି । ୮୦ ଲକ୍ଷ ଟଙ୍କା ବ୍ୟୟରେ ମହାବିଦ୍ୟାଳୟର ଖେଳ ପଡିଆ ରୂପାନ୍ତରିତ ହୋଇଥିଲା । ୨୩ ଲକ୍ଷ ବ୍ୟୟରେ ଡ୍ରେସ ଚେଞ୍ଜ ରୁମ୍ ନିର୍ମାଣ ହୋଇଥିଲା। ସେହିଭଳି ପ୍ରଜାମଣ୍ଡଳ ମହିଳା ବିଦ୍ୟାଳୟରେ କମ୍ପ୍ୟୁଟର ଗୃହକୁ ନୟାଗଡ଼ ବିଧାୟକ ଅନୁରୂପ ଭାବେ ଉଦ୍‌ଘାଟନ କରିଛନ୍ତି ।

# ବନ୍ୟଜନ୍ତୁ ଶିକାର ପାଇଁ ବିଛା ଯାଇଥିବା ବିଦ୍ୟୁତ୍ ତାର ଜବତ

ଦଶପଲ୍ଲା,୨୭।୧୦(ଡି.ଏନ.ଏ.)

ଗୁରୁବାର ସନ୍ଧ୍ୟାରେ ବାଣୀଗୋଛା ପଶ୍ଚିମ ବନ୍ୟପ୍ରାଣୀ ବନାଞ୍ଚଳ ଅଧିକାରୀଙ୍କ ନେତୃତ୍ୱରେ ପାଟ୍ରୋଲିଂ ବେଳେ ବନ୍ୟପ୍ରାଣୀ ଶିକାର ଉଦ୍ଦେଶ୍ୟରେ ବିଛା ଯାଇଥିବା ବିଦ୍ୟୁତ୍ ତାର ଜବତ କରାଯାଇଛି। ବୁଗୁଡା ବିଟ୍ ହାଉସ୍ ଅନ୍ତର୍ଗତ ବୁଗୁଡା–ବାଙ୍କତଇଲା ମଧ୍ୟସ୍ଥଳରେ ଗୁରୁବାର ସନ୍ଧ୍ୟାରେ ବନ୍ୟଜନ୍ତୁ ଶୀକାର ଉଦ୍ଦେଶ୍ୟରେ ଉଚ୍ଚଶକ୍ତି ସମ୍ପର୍ଣ୍ଣ ୧୧ କେଭି ବିଦ୍ୟୁତ୍ ତାରରୁ ହୁକ୍ ପକାଇ ବିଛା ଯାଇଥିଲା । ବିଶ୍ୱସ୍ତ ସୂତ୍ରରୁ ଖବରପାଇ, ବନାଞ୍ଚଳ ଅଧିକାରୀ ସଂସାର ବର୍ଗୀଆ, ବନପାଳ ଦୀପ୍ତିରଞ୍ଜନ ଆଚାର୍ଯ୍ୟ, ବନପାଳ ଦୀପ୍ତିରଞ୍ଜନ ନାୟକ ପ୍ରମୁଖ ଚଢ଼ାଉ କରି ବିପୁଳ ପରିମାଣର ବିଦ୍ୟୁତ୍ ତାର, ଜିଆଇ ତାର ଜବତ କରିଛନ୍ତି ।


ଜବତ କରାଯାଇଥିବା ବିଦ୍ୟୁତ୍ ତାର।

**ଦ.ପୂ. ରେଳପଥ - ଟେଣ୍ଡର**

ଟେଣ୍ଡର ବିଜ୍ଞପ୍ତି ନଂ.: ଏସ୍‌ଟି-ଏସ୍‌ପିଏଲ୍-ଏଚ୍‌ଆଇଜେ-ବିଟିଏସ୍-୨୨_୨୩ ତାରିଖ: ୨୫।୧୦।୨୦୨୨, ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତରଫରୁ ସିନିୟର ଡିଭିଜନାଲ ସିଗ୍ନାଲ ଆଣ୍ଡ ଟେଲିକମ୍ ଇଞ୍ଜିନିୟର (ସିଓ)/ଖଡ଼ଗପୁର–୭୨୧୩୦୧ ନିମ୍ନଲିଖିତ କାର୍ଯ୍ୟ ପାଇଁ ସମ୍ପୃକ୍ତ ସାମଗ୍ରୀ ନିମନ୍ତେ ଦର୍ଶାଯାଇଥିବା ତାରିଖର ୧୨.୦୦ ଘଟିକା ପୂର୍ବରୁ ଇ–ଟେଣ୍ଡର ଆହ୍ୱାନ କରୁଛନ୍ତି ଏବଂ ସେଗୁଡ଼ିକୁ ୧୨.୩୦ ଘଟିକାରେ ଖୋଲାଯିବ । କାର୍ଯ୍ୟର ବର୍ଣ୍ଣନା: ଦ.ପୂ. ରେଳପଥର ହିଜ୍‌ଲି–ବସ୍ତା ସେକ୍ସନରେ ଏକବର୍ଷ ଅବଧି ପାଇଁ ସିଗ୍‌ନାଲିଂ କାର୍ଯ୍ୟ, ବିଦ୍ୟମାନ ସିଷ୍ଟମ୍‌ରେ ଆଡିଶନ୍ ତଥା ଅଲଟରେଶନ୍, ସାଧାରଣ ମରାମତି ଏବଂ ରକ୍ଷଣାବେକ୍ଷଣ କାର୍ଯ୍ୟ । ଟେଣ୍ଡର ମୂଲ୍ୟ: ₹୩୪,୫୮,୧୩୩.୦୬ । ଇଏମ୍‌ଡି: ₹୬୯,୨୦୦/– । ଟେଣ୍ଡର ଦସ୍ତାବିଜ ମୂଲ୍ୟ: ଶୂନ୍ୟ । ଖୋଲାଯିବା ତାରିଖ: ୨୧।୧୧।୨୦୨୨ । ସମାପ୍ତି ଅବଧି: ୩୬୫ ଦିନ । ଦାଖଲର ତାରିଖ: ୨୧।୧୧।୨୦୨୨ରିଖ ୧୨.୦୦ ଘଟିକା ପର୍ଯ୍ୟନ୍ତ । ଟେଣ୍ଡରର ସମ୍ପୂର୍ଣ୍ଣ ବିବରଣୀ, ବର୍ଣ୍ଣନା, ବିନିର୍ଦ୍ଦିଷ୍ଟତା ତଥା ନିଜର ବିଡ୍ ଅନ୍‌ଲାଇନ୍‌ରେ ଦାଖଲ କରିବା ପାଇଁ ଆଗ୍ରହୀ ଟେଣ୍ଡରଦାତାମାନେ ୱେବ୍‌ସାଇଟ୍ www.ireps.gov.in ପରିଦର୍ଶନ କରିପାରନ୍ତି । ଏହି ସାମଗ୍ରୀ ପାଇଁ କୌଣସି କ୍ଷେତ୍ରରେ ମଧ୍ୟ ମାନୁଆଲ ଟେଣ୍ଡର ଗ୍ରହଣ କରାଯିବ ନାହିଁ । ବି.ଦ୍ର.: ଅନ୍ୟ ସମସ୍ତ ଟେଣ୍ଡରରେ ଅଂଶଗ୍ରହଣ କରିବା ଲାଗି ସମ୍ଭାବ୍ୟ ବିଡରମାନେ ନିୟମିତ ଭାବେ www.ireps.gov.in ପରିଦର୍ଶନ କରିପାରନ୍ତି । (PR-730)

**ODISHA HYDRO POWER CORPORATION LIMITED**
(A Government of Odisha Undertaking)
Regd. Office- Odisha State Police Housing & Welfare Corporation Building, Vanivihar Chowk, Janpath, Bhubaneswar-22,
Ph: 2542983,2542802,2545526,2542826, Fax: (0674) 2542102.Website: www.ohpcltd.com
CIN- U40101OR1995SGC003963
OHPC ISO 9001, 14001 & 45000

**ADVERTISEMENT NO.OHPC: HQ: HRD: RECTT: 04/2022 Dated: 27.10.2022**

**CAREER OPPORTUNITIES FOR YOUNG PROFESSIONALS**

**The Corporation intends to recruit young, bright and energetic Professionals as Administrative Non-Executive (ANE) Trainees i.e. Jr. Clerk Trainee/L D Assistant Trainee.**

Odisha Hydro Power Corporation Limited (OHPC) is an ISO 9001:2008 certified Gold rated State Public Sector Undertaking (with installed capacity of **2099.80** MW) having **6 (six)** projects within the state and one inter-State Project. OHPC is also promoting investment in renewable energy projects and various green energy sources through GEDCOL (a wholly owned subsidiary of OHPC).

OHPC intends to recruit bright, qualified and energetic professionals to be inducted as **Administrative Non-Executive (ANE) Trainees i.e. Jr. Clerk Trainees/L D Assistant Trainees** as per the following for their placement at various Units, Corporate Office and Project sites:

| Name of Post | ST | SC | SEBC | UR | TOTAL |
|---|---|---|---|---|---|
| Jr. Clerk Trainees / LD Assistant Trainees | 12 (W:4) | 07 (W:2) | 07 (W:2) | 24 (W:8) | 50 {PWD:2, Ex SM:1} |

**Important Dates:-**
The Commencement of Online registration & payment of application fee - 12.11.2022
Last date for payment of online application fee - 11.12.2022
The last date for submission of Online application in complete shape - 11.12.2022

**The detailed advertisement containing the category wise vacancy position, eligibility criteria, remuneration, procedure for online application and all other terms & conditions is available on the company's website - www.ohpcltd.com**

Director (HR)

# ୮୦ ବିଦ୍ୟାଳୟର ହେବ ରୂପାନ୍ତରଣ




ନୟାଗଡ଼ ଅଫିସ,୨୭।୧୦

ରାଜ୍ୟ ସରକାର ନୟାଗଡ଼ ଜିଲାର ୮୦ଟି ବିଦ୍ୟାଳୟକୁ ୫–ଟି ରୂପାନ୍ତରୀକରଣ ଯୋଜନାରେ ସାମିଲ କରିଛନ୍ତି । ଏହି ସ୍କୁଲର କାମ ଚାଲୁ ରହିଛି । ପୂର୍ବରୁ ୯୨ ଟି ବିଦ୍ୟାଳୟ ରୂପାନ୍ତରିତ ହୋଇ ସାରିଛି । ଏହି ଅବସରରେ ୫–ଟି ସଚିବ ଭିକେ ପାଣ୍ଡିଆନ ଭିଡିଓ କନଫେରନ୍ସ ମାଧ୍ୟମରେ ଗୁରୁବାର ସମୀକ୍ଷା କରିଛନ୍ତି। ଆଲୋଚନାରେ ଜିଲାପାଳ ରବୀନ୍ଦ୍ର ନାଥ ସାହୁ, ଜିଲା ପରିଷଦର ନିର୍ବାହୀ ଅଧିକାରୀ ସୁବାସ ଚନ୍ଦ୍ର ରାୟ, ଜିଲା ଶିକ୍ଷା ଅଧିକାରୀ ଅକ୍ରୁର ବାରିକ, ବିଡିଓ , ୮୦ ବିଦ୍ୟାଳୟର ପ୍ରଧାନଶିକ୍ଷକ, ସ୍ଥାନୀୟ ସରପଞ୍ଚ, ପରିଚାଳନା କମିଟି ସଭ୍ୟ, ଆଲୁମ୍ନି ଓ କେତେଜଣ ଛାତ୍ରୀଛାତ୍ର ସାମିଲ ହୋଇଥିଲେ । ଆଲୋଚନାରେ ୫–ଟି ସଚିବ ବୃନ୍ଦାବନପୁର ହାଇସ୍କୁଲ ଛାତ୍ର ଆଶିଷ ପ୍ରଧାନ ଓ ବରପଲ୍ଲୀ ହାଇସ୍କୁଲ ଛାତ୍ରୀ ଜୟଶ୍ରୀ ନାୟକଙ୍କ ସହ କଥା ହୋଇଥିଲେ । ଉଭୟ ଭବିଷ୍ୟତରେ ପାଇଲଟ ହେବେ ବୋଲି କହିବା ପରେ ୫–ଟି ସଚିବ ଖୁସି ହୋଇଥିଲେ । ସେମାନଙ୍କୁ ବିଜୁ ବାବୁଙ୍କ ଜୀବନ ଉପରେ ଆଧାରିତ ଦ ଟଲ ମ୍ୟାନ ପୁସ୍ତକ ଉପହାର ଦେବେ ବୋଲି ଘୋଷଣା କରିଥିଲେ।

## ୫–ଟି ସଚିବଙ୍କ ସମୀକ୍ଷା

**ସ୍ୱତନ୍ତ୍ର ହସ୍ତତନ୍ତ ଓ ହସ୍ତଶିଳ୍ପ ମେଳା - ୨୦୨୨**
SBC
ନୀଳାଚଳ ଅର୍ବାନ ହାଟ, ପୁରୀ
ତାରିଖ : ୩୧ ଅକ୍ଟୋବର ୨୦୨୨ ପର୍ଯ୍ୟନ୍ତ
ସମୟ : ସକାଳ ୧୧ ଠାରୁ ରାତ୍ର ୯ ପର୍ଯ୍ୟନ୍ତ
ଆକର୍ଷଣୀୟ ସରକାରୀ ରିହାତି ଉପଲବ୍ଧ
ଆୟୋଜକ :
ସମ୍ବଲପୁରୀ ବସ୍ତ୍ରାଳୟ
ତନ୍ତଶିଳ୍ପ ସସୀମ ସହଯୋଗ ସମିତି ଲି.
ପ୍ରାୟୋଜକ :
ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ବିଭାଗ, ଓଡ଼ିଶା ସରକାର ଏବଂ
ବୟନ ଶିଳ୍ପ ନିର୍ଦ୍ଦେଶାଳୟ, ଓଡ଼ିଶା ସରକାର
ଓ ହସ୍ତଶିଳ୍ପ ନିର୍ଦ୍ଦେଶାଳୟ, ଓଡ଼ିଶା ସରକାର

**भारत सरकार/Government of India**
**पर्यावरण, वन एवं जलवायु परिवर्तन मंत्रालय/Ministry of Environment, Forest and Climate Change**
**एकीकृत क्षेत्रीय कार्यालय/Integrated Regional Office**
**ए/3, चंद्रशेखरपुर/A/3, Chandrasekharpur**
**भुवनेश्वर - 751023, ओडिशा/Bhubaneswar-751023, Odisha**
**Telephone: 0674-2301213, 2301248, 2302432, E-mail: roez.bsr-mef@nic.in**

**No. 5-ORC411/2020-BHU** **8th October, 2020**

To,
The Addl. Chief Secretary,
Forest & Environment Deptt.,
Govt. of Odisha,
Bhubaneswar.

Sub:- Diversion of 24.188 ha of forest land for construction of 3rd & 4th line between Budhapanka-Salegaon Railway Project (0.00 Km to 85.00 Km) under Dhenkanal/Athagarh Forest Division by East Coast Railway.

Madam,

I am to refer to State Govt. letter No. 10F(Cons)52/2020-5212/F&E dated 04.03.2020 and PCCF (Nodal), Odisha's letter No. 15872/9F (Rly)-386/2019 dated 10.09.2020 on the above mentioned subject seeking prior approval of the Ministry of Environment, Forest & Climate Change under section 2 of Forest (Conservation) Act, 1980.

2. After due consideration of the proposal of the State Government and on the basis of approval of Regional Empowered Committee meeting held on 29.09.2020, the Ministry of Environment, Forest & Climate Change hereby conveys ***'Stage-I/in-principle'*** approval for diversion of 24.188 ha of forest land for construction of 3rd & 4th line between Budhapanka-Salegaon Railway Project (0.00 Km to 85.00 Km) under Dhenkanal/Athagarh Forest Division by East Coast Railway, subject to the fulfillment of the following conditions.

i) Legal status of forest land shall remain unchanged.
ii) The user agency shall obtain NBWL clearance for a stretch of 203.65 meter passing through Kapilash Wildlife Sanctuary from competent authority. The State Govt. shall realize compensatory levies of the project after the user agency submits NBWL clearance obtained from competent authority.
iii) The user agency shall restrict the feeling of trees to minimum numbers in proposed forest land and the trees shall be felled under strict supervision of the State Forest Department.
iv) The site specific wildlife conservation plan shall be prepared and duly approved by CWLW, Odisha may be implemented at project cost.
v) As recommended by concerned DFOs, 12 nos. of underpasses at different vulnerable locations shall be constructed for safe movement of elephants. The vulnerable locations of 12 nos. of underpasses may be finally selected in consultation with three DFOs following a joint visit of user agency with the DFOs concerned and inform to the Regional Office along with GPS locations.
vi) Forest land will be handed over only after required non-forest land for the project is handed over to the user agency.
vii) Compensatory afforestation shall be taken up by the Forest Department over 48.50 ha degraded forest land identified in Baliposi RF of Sadangi Range of Dhenkanal Forest Division at the cost of the user agency. As far as possible, a mixture of local indigenous species shall be planted using multi species, multi canopy intensive planting technique and monoculture of any species shall be avoided. A revised C.A. Scheme consisting of indigenous species to result in a multi canopy forest may be submitted before Stage-II approval.
viii) The cost of compensatory afforestation at the prevailing wage rates as per compensatory afforestation scheme and at the cost of survey, demarcation and erection of permanent pillars if required on the CA land shall be deposited in advance with Forest Department by the project authority. The CA will be maintained for 10 years. The scheme may include appropriate provision for anticipated cost increase for works scheduled for subsequent years.
ix) The State Govt. shall charge the Net Present Value (NPV) for 24.088 ha forest area to be diverted under this proposal from the user agency as per the Orders of Hon'ble Supreme Court of India dated 30.10.2002, 01.08.2003, 28.03.2008, 24.04.2008 and 09.05.2008 in IA No. 566 in Writ Petition (Civil) No.202/1995 and as per the guidelines issued by Ministry vide letter No. 5-1/1998-FC (Pt.II) dated 18.09.2003, as well as letter No. 5-2/2006-FC dated 03.10.2006 and No. 5-3/2007-FC dated 05.02.2009 in this regard.
x) Additional amount of the NPV of the diverted forest land, if any, becoming due after finalization of the same by the Hon'ble Supreme Court of India on receipt of the report from the Expert Committee, shall be charged by the State Govt. from the user agency. The user agency shall furnish an undertaking to this effect.
xi) All the funds received from the user agency under the project shall be transferred/deposited to State CAMPA fund only through (**https://parivesh.nic.in/**).
xii) The complete compliance of the FRA, 2006 shall be ensured by way of prescribed certificate from the concerned District Collector. The use agency shall submit FRA certificate before issue of Stage-II approval.
xiii) Speed regulating signage will be erected along the railway line at regular intervals in the Protected Areas/Forest Areas.
xiv) The user agency shall provide suitable under/over passes in Protected Area/Forest Area as per recommendations of CWLW/NBWL.
xv) The user agency shall obtain Environmental Clearance as per the provisions of Environment (Protection) act, 1986, if applicable.
xvi) The layout plan of the proposed forest land shall not be changed without the prior approval of Central Government.
xvii) No labour camp shall be allowed in the forest area.
xviii) Sufficient firewood, preferably the alternate fuel, shall be provided by the user agency to the labourer after purchasing the same from the State Forest Department of Forest Development Corporation or any other legal source of alternate fuel.
xix) The user agency while executing works, shall not fell any tree or damage forest growth in the surrounding forest area in any manner.
xx) The boundary of the forest land to be diverted shall be suitably demarcated on ground at the project cost, as per the directions of the concerned Divisional Forest Officer.
xxi) No additional or new path will be constructed inside the forest area for any activity related to the project work.
xxii) The period of diversion under this approval shall be co-terminus with the period of lease granted in favour of user agency or the project life, whichever is less.
xxiii) The forest land shall not be used for any purpose other than that specified in the project proposal.
xxiv) The forest land proposed to be diverted shall under no circumstances be transferred to any other agencies, department or person without the prior approval of Government of India.
xxv) The State Govt. and user agency shall ensure compliance to provisions of the all Acts, Rules, Regulations, Guidelines, NGT Order (s) & Hon'ble Court Order (s) pertaining to this project, if any, for the time being in force, as applicable to the project.
xxvi) Any other conditions that the Ministry of Environment, Forests & Climate Change may impose from time to time in the interest of afforestation, conservation and management of flora and fauna in the area, shall be complied by the user agency.
xxvii) The compliance report of the Stage-I approval shall be uploaded on e-portal (**https://parivesh.nic.in**).

3. After receipt of the report on compliance to the conditions stipulated above, from the State Government of Odisha, final/Stage-II approval for diversion of the said forest land under Section 2 of Forest (Conservation) Act, 1980 will be issued by this Ministry. Transfer of forest land to user agency should not be effected by the State Government of Odisha till final/Stage-II approval for its diversion is issued by the Ministry of Environment, Forest & Climate Change.

4. However, to facilitate speedy execution of projects involving linear diversion, the in-principle approval may be deemed as the working permission for tree felling and commencement of work, if the required funds for CA, NPV and all other compensatory levies specified in the in-principle approval are realized from the user agency, the State Govt. may allow the commencement of work of the linear project in forest land for a period of one year as per Para 11.2 of Chapter-11 of Handbook of Guidelines issued under F.C. Act, 1980 vide Ministry's letter No. 5-2/2017-FC dated 28.03.2019. **No temporary working permission will be granted to the project for commencement of work on forest land till NBWL clearance is obtained from competent authority.**

**Yours faithfully,**
**(Padma Mahanti)**
**Dy. Inspector General of Forest (C)**

**PR-130/CF/22-23**

**EAST COAST RAILWAY**

# ରେକର୍ଡ ନ ଥିବା କାମ ବିଲ୍ ବିଭାଗୀୟ ଅଧିକାରୀଙ୍କଠାରୁ ଆଦାୟ ହେବ

ଭାପୁର,୨୭।୧୦(ଡି.ଏନ.ଏ.)

## ଭାପୁରରେ ଏମ୍‌ଜିଏନ୍‌ଆରଇଜିଏସ୍, ଜାତୀୟ ଖାଦ୍ୟ ସୁରକ୍ଷାର ଜନଶୁଣାଣି

ଭାପୁର ବ୍ଲକ ସଭାଗୃହରେ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା (ଏମ୍‌ଜିଏନ୍‌ଆରଇଜିଏସ୍) ଓ ଜାତୀୟ ଖାଦ୍ୟ ସୁରକ୍ଷା ଯୋଜନାରେ୨୦୨୧–୨୨ କାର୍ଯ୍ୟକୁ ନେଇ ଜନଶୁଣାଣୀ ହୋଇଥିଲା । ମୁଖ୍ୟ ଅତିଥି ନୟାଗଡ଼ ଉପଜିଲାପାଳ ଲଗ୍ନଜିତ ରାଉତଙ୍କ ସଭାପତିତ୍ୱରେ ଏହି ବୈଠକ ଅନୁଷ୍ଠିତ ହୋଇଥିଲା । ଏଥିରେ ଭାପୁର ପଞ୍ଚାୟତ ସମିତି ଉପାଧ୍ୟକ୍ଷ ବେଣୁଧର ପ୍ରଧାନ, ବିଡିଓ ରଞ୍ଜିତ କୁମାର ମଲ୍ଲିକ ,ଅମ୍ବୁସମ୍ୟାନ ଗିରିଶ ଚନ୍ଦ୍ର ଦାଶ, ଜିଲା ସାମାଜିକ ସୁରକ୍ଷା ଅଧିକାରୀ ବିଜୟ କୁମାର ବଳିୟାର ସିଂ ଓ ଭାପୁର ବ୍ଲକ ଏମ୍‌ଜିଏନ୍‌ଆରଇଜିଏସ୍ ମୁଖ୍ୟ ଅରୁଣ କୁମାର ଚିନରା ଉପସ୍ଥିତ ଥିଲେ । ବିଭାଗୀୟ ଅଧିକାରୀ ଚିନରା ୨୦୨୧–୨୨ଆର୍ଥିକ ବର୍ଷର ବିବରଣୀ ପାଠ କରିଥିଲେ । ଭାପୁର ବ୍ଲକର ୨୦ପଞ୍ଚାୟତରେ ୨୦୨୧–୨୨ ଆର୍ଥିକ ବର୍ଷରେ ହୋଇଥିବା ଯୋଜନାରେ ବ୍ୟାପକ ତ୍ରୁଟି ଦେଖିବାକୁ ମିଳିଥିଲା । କେତେକ କାମ ଆଦୌ ନ ହୋଇ ବିଲ୍ ହୋଇଥିବା ନଜରକୁ ଆସିଥିଲା। ପ୍ରକଳ୍ପ ମଞ୍ଜୁର ଅର୍ଥ ଠାରୁ ଅଧିକ ଅର୍ଥ ପ୍ରଦାନ ହୋଇଥିବା ବେଳେ, କେଉଁଠି ଫଳକ ଜମାରୁ ନ ଥିବା ବେଳେ ଅନ୍ୟ କେଉଁଠି ଗୋଟିଏ ପ୍ରକଳ୍ପକୁ ଦୁଇଥର ବିଲ୍ କରାଯାଇଛି। ଗୋଟିଏ ଫଳକରେ ଦୁଇଟି ପ୍ରକଳ୍ପ ଏକ୍ରତ କରାଯାଇ ବିଲ୍ କରାଯାଇଥିଲା । ପିଇଓ, ଜିଆରଏସ୍, ଜେଇ ଏହାର ଠିକ ଉତ୍ତର ଦେଇପାରି ନ ଥିଲେ । ଏହାକୁ ନେଇ ଉପଜିଲାପାଳ କ୍ଷୋଭ ପ୍ରକାଶ କରିବା ସହିତ ଏଭଳି କାର୍ଯ୍ୟ କଲେ ଜେଲ ଯିବାକୁ ଚେତାବନୀ ଦେଇଥିଲେ । ଉପଜିଲାପାଳ ସମସ୍ତଙ୍କ ସମ୍ମୁଖରେ ନିର୍ଦ୍ଦେଶ ଦେଇଥିଲେ ଯେ ଉପଯୁକ୍ତ ରେକର୍ଡ ନ ଥିବା ସମସ୍ତ କାମକୁ ଫଲସ ବିଲ୍ ଭାବେ ଗ୍ରହଣ କରାଯାଇ ସେହି ପଞ୍ଚାୟତର ଅଧିକାରୀ ଓ ବ୍ଲକ ଅଧିକାରୀଙ୍କଠାରୁ ଅର୍ଥ ଭରଣା କରାଯିବ । ବ୍ଲକର କେତେଜଣ ଅଧିକାରୀ ଜନସାଧାରଣ ଓ ଜନପ୍ରତିନିଧିମାନଙ୍କ କଥା ଶୁଣୁ ନ ଥିବାରୁ ଉପଜିଲାପାଳ ଅଧିକାରୀମାନଙ୍କୁ ତାଗିଦ କରିଥିଲେ । ଏହି ଶିବିରରେ ସମସ୍ତ ପିଇଓ, ଜିଆରସ, ବ୍ଲକ ଯୋଗାଣ ନିରୀକ୍ଷକ, ଉଦ୍ୟାନ ବିଭାଗ, କୃଷି ବିଭାଗ, କିଛି ଯନ୍ତ୍ରୀ ସମେତ ପଞ୍ଚାୟତର ଜନପ୍ରତିନିଧି ଉପସ୍ଥିତ ଥିଲେ। ଶେଷରେ ଏପିଓ ଅରୁଣ କୁମାର ଚିନାରା ଧନ୍ୟବାଦ ଅର୍ପଣ କରିଥିଲେ ।



ଜନଶୁଣାଣି ଶିବିରରେ ଯୋଗ ଦେଇଥିବା ପ୍ରଶାସନିକ ଅଧିକାରୀ।

**IN THE DEBTS RECOVERY TRIBUNAL: CUTTACK**
**C-71, Sector-7, CDA, Cuttack-753014**
**O.A. No. 218/22**

**Utkal Grameen Bank** ...Applicant
Vs.
**Sri Ashok Kumar Agrawala & Ors.** ...Defendants

To,
2. **Sri Manoj Kumar Agrawala,** age not known but major, S/o- Narasingh Das Agrawala,
3. **Sri Pilu Agrawala,** age not known but major, S/o- Late Ratanlal Agrawala,
4. **Sri Siba Prasad Agrawala,** age not known but major, S/o- Late Ratanlal Agrawala,
5. **Sri Jayaram Behera,** age not known but major, S/o- Janma Behera, All of and PO: Chichinda, Via/PS: Bheden, Dist.: Bargarh-768104.
...*Defendants*

**SUMMONS BY PAPER PUBLICATION FOR SHOWING CAUSE AS TO WHY RELIEFS PRAYED FOR SHOULD NOT BE GRANTED**

Take notice that the applicant has instituted **OA No. 218/22** in the Debts Recovery Tribunal, Cuttack for recovery of **Rs.28,82,205.78** only pendentiliete and future interest thereon at the agreement rate till recover from the defendants with costs and for other reliefs. The above named defendants are hereby directed to appear before this Tribunal in person or through advocates or authorized agents and show cause on **28.11.2022 at 10.30 AM** positively as to why the reliefs prayed for should not be granted.

Take notice that in case of your default the original application shall be heard and disposed off exparte in your absence.

Given under hand and seal of this Tribunal on this **20th day of month October of 2022.**

**By orders of this Tribunal**
**Sd/- Registrar**
**Debts Recovery Tribunal**

**ଜିଲ୍ଲା ପରିଷଦ, ଜଗତ୍‌ସିଂହପୁର** Panchayati Raj
**OFFICE OF THE ZILLA PARISHAD, JAGATSINGHPUR**
**At/P.O.: Saanra, Via: Nalibar, Jagatsinghpur, PIN - 754104**
**Phone No.: 06724-231091, E-Mail: ori-djagatsinghpur@nic.in**
**No. 4387/ZP** **Dt.26.10.2022**

**NOTICE**

No. CAD-2289: It is hereby informed to all concerned that Provisional Merit List of Gram Rojgar Sevak (GRS) is hereby notified/published with reference to advertisement No. 1702, Dated: 18.05.2022 of Collector, Jagatsinghpur. The candidate who have applied as candidate for recruitment for the post of Gram Rozgar Sevak are hereby intimated to visit the Jagatsinghpur District website i.e. **www.jagatsinghpur.nic.in** & verify their names & other details in the provisional merit list & reject list of applications, published in the above website & file written objections if any personally by attending the office of the Zilla Parishad, Jagatsinghpur within 15 days of publication of this notice, with supporting documents.

**Sd./- Collector-cum-CEO**
**Zilla Parishad, Jagatsinghpur**
**OIPR-19249/11/0002/2223**

## ସଂକ୍ଷେପରେ

### ମହୁରୀ କାଳୁଆ ଯାତ୍ରା ପ୍ରସ୍ତୁତି ବୈଠକ

ହିଞ୍ଜିଳିକାଟୁ,୨୭।୧୦(ଡି.ଏନ.ଏ.) ହିଞ୍ଜିଳିକାଟୁ ପୌରାଞ୍ଚଳ ଅନ୍ତର୍ଗତ ଆଙ୍କୋରଡା ଗ୍ରାମରେ ଚଳିତ ମାସ ୩୧ରୁ ନଭେମ୍ବର ୭ ପର୍ଯ୍ୟନ୍ତ ମହୁରୀ କାଳୁଆ ଯାତ୍ରା ଅନୁଷ୍ଠିତ ହେବ। ଏହାର ସୁପରିଚାଳନା ଓ ଶାନ୍ତି ଶୃଙ୍ଖଳାରେ କରିବା ନିମନ୍ତେ ଗୁରୁବାର ପୌର କାର୍ଯ୍ୟାଳୟରେ ଯାତ୍ରା କମିଟି ଓ ପ୍ରଶାସନ ମଧ୍ୟରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ପୌରାଧ୍ୟକ୍ଷ ସୁବାସ ଚନ୍ଦ୍ର ପଲେଇଙ୍କ ପୌରୋହିତ୍ୟରେ ଆୟୋଜିତ ବୈଠକରେ, ତହସିଲଦାର ପ୍ରଭାତ କୁମାର ପରିଡ଼ା, କାର୍ଯ୍ୟ ନିର୍ବାହୀ ଅଧିକାରୀ ଡ଼ ମନୋରଞ୍ଜନ ସାହୁ, ଆସିକା ଏସ୍‌ଡିପିଓ ଉମାଶଙ୍କର ସିଂ, ହିଞ୍ଜିଳି ଆଇଆଇସି ଅଭିମନ୍ୟୁ ଦାସ, ଯାତ୍ରା କମିଟି ସଭାପତି ନୀଳମଣି ପଟ୍ଟନାୟକ ଉପସ୍ଥିତ ଥିଲେ। ଆଇନଶୃଙ୍ଖଳା ପରିସ୍ଥିତି, ପାନୀୟ ଜଳ ଯୋଗାଣ, ବିଦ୍ୟୁତ୍ ଯୋଗାଣ, ପରିମଳ ଓ ସ୍ୱାସ୍ଥ୍ୟ ସେବା ଇତ୍ୟାଦି ସମ୍ପର୍କରେ ଆଲୋଚନା ହୋଇଥିଲା।

ବୈଠକରେ ଗ୍ରାମ କମିଟି ସଭାପତି ଯୋଗୀନ୍ଦ୍ର ଖାଡଙ୍ଗା, ସହକାରୀ ନିର୍ବାହୀ ଯନ୍ତ୍ରୀ ସରୋଜ କୁମାର ମିଶ୍ର, ଜନସ୍ୱାସ୍ଥ୍ୟ ବିଭାଗ ସହକାରୀ ଯନ୍ତ୍ରୀ ଶ୍ରୀଧର ଦାଶ, ଫାର୍ମାସିଷ୍ଟ କାର୍ତ୍ତିକେଶ୍ୱର ସାହୁ, କାଉନସିଲର ବିଭୁ ପ୍ରସାଦ ପଣ୍ଡା,ସନାତନ ନାହାକ, ଯୁଧିଷ୍ଠିର ସ୍ୱାଇଁ, ଜଟି ମହାରଣାଙ୍କ ସମେତ ଯାତ୍ରା ଓ ଗ୍ରାମର ବହୁ ସଦସ୍ୟ ଉପସ୍ଥିତ ରହି ଆଲୋଚନା କରିଥିଲେ।

### ଗୋଷାଣୀ ବ୍ଲକସ୍ତରୀୟ ଜନଶୁଣାଣି

ପାରଳାଖେମୁଣ୍ଡି,୨୭।୧୦(ଡି.ଏନ.ଏ.) ଗୋଷାଣୀ ବ୍ଲକସ୍ତରୀୟ ସାମାଜିକ ସମୀକ୍ଷା ଓ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି । ଗୋଷାଣୀ ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କ କାର୍ଯ୍ୟାଳୟ ପରିସରରେ ଥିବା ସମ୍ମିଳନୀ କକ୍ଷଠାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବ୍ଲକ ଅଧ୍ୟକ୍ଷ ଏନ.ବୀରରାଜୁ, ଅତିରିକ୍ତ ଜିଲାପାଳ (ରାଜସ୍ୱ) ପ୍ରଦୀପ କୁମାର ନାୟକ, ଗୋଷ୍ଠୀ ଉନ୍ନୟନ ଅଧିକାରୀ ନୀଳମାଧବ ମାଝି ପ୍ରମୁଖ ମଞ୍ଚାସୀନ ଥିଲେ । ୨୦୨୧-୨୦୨୨ ଆର୍ଥିକ ବର୍ଷର ଏମ୍‌ଜିଏନ୍‌ଆର୍‌ଇଜିଏସ୍ ବିବରଣୀ ପଠନ କରିବା ସହ ବିଭିନ୍ନ ବିଭାଗ ଯଥା ବ୍ଲକର ଉଦ୍ୟାନ ବିଭାଗ, ଜଙ୍ଗଲ ବିଭାଗ, ଜଳ ବିଭାଗ ଆଦିରେ ହେଉଥିବା କାର୍ଯ୍ୟ ସମ୍ପର୍କରେ ଅବଗତ କରାଯାଇଥିଲା। ଏଥିସହ ସାମାଜିକ ସମୀକ୍ଷା ହୋଇଥିଲା । ଏଥିରେ ଏମ୍‌ଜିଏନ୍‌ଆର୍‌ଇଜିଏସ, ସମନ୍ୱିତ ଶିଶୁ ବିକାଶ ଯୋଜନା, କେନ୍ଦ୍ରୀୟ ଅର୍ଥ ଆୟୋଗ ଇତ୍ୟାଦି ଯୋଜନାର ହୋଇଥିବା ଖର୍ଚ୍ଚ ଓ ଅନ୍ୟାନ୍ୟ ଆବଶ୍ୟକୀୟ ପ୍ରଶ୍ନ ହେବା ସହ ମନେରେଗାରେ ସମ୍ପୃକ୍ତ ବିଭିନ୍ନ ବିଭାଗର ଉପସ୍ଥିତ ରହି ଉତ୍ତର ଦେଇଥିଲେ । ଏଥିରେ ବ୍ଲକର ସମସ୍ତ ସରପଞ୍ଚ, ସମିତି ସଭ୍ୟସଭ୍ୟା, ଜିଆର୍‌ଏସ, ପିଇଓ, ଯୋଗାଣ ସହାୟକ, ଗ୍ରାମସାଥୀ ଉପସ୍ଥିତ ଥିଲେ । ଏହିକାର୍ଯ୍ୟକ୍ରମ ବ୍ଲକ ସୋସିଆଲ ଅଡିଟର କେ. ଯୋଗେଶ କୁମାରଙ୍କ ତତ୍ତ୍ୱାବଧାନରେ ପରିଚାଳନା ହୋଇଥିବା ବେଳେ ବ୍ଲକସ୍ତରୀୟ ବିଭିନ୍ନ ବିଭାଗର ଅଧିକାରୀମାନେ ଉପସ୍ଥିତଥିଲେ ।

# ବିଦ୍ୟୁତ୍ ନିର୍ବାହୀ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଗ୍ରାମବାସୀଙ୍କ ବିକ୍ଷୋଭ

ଦିଗପହଣ୍ଡି,୨୭।୧୦(ଡି.ଏନ.ଏ.)

ଦିଗପହଣ୍ଡିସ୍ଥିତ ବିଦ୍ୟୁତ୍ ବିଭାଗ ନିର୍ବାହୀ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଗୁରୁବାର ଦିଗପହଣ୍ଡି ବ୍ଲକ ଭ୍ରମରପୁରପଲ୍ଲୀ ଗ୍ରାମର ବହୁ ସଂଖ୍ୟକ ବ୍ୟକ୍ତି ଭାଜପାର ପୂର୍ବତନ ସମ୍ପାଦକ ଶ୍ରୀକାନ୍ତ ପାଢ଼ୀ, ଇଂ.ସିପ୍ରା ରାଣୀ ତ୍ରିପାଠୀଙ୍କ ନେତୃତ୍ୱରେ ବିକ୍ଷୋଭ ପ୍ରଦର୍ଶନ କରିବା ସହ ଦାବି ପତ୍ର ପ୍ରଦାନ କରିଛନ୍ତି। ଗ୍ରାମର ୪୦ରୁ ଊର୍ଦ୍ଧ୍ୱ ପରିବାରଙ୍କ ଘର ଉପରେ ୧୧ କେଭି ବିଦ୍ୟୁତ୍ ତାର ରହିଥିବାରୁ ପରିବାର ଲୋକେ ବିପଦପୂର୍ଣ୍ଣ ଅବସ୍ଥାରେ କାଳ କାଟୁଛନ୍ତି। ବାରମ୍ବାର ଦାବି ଆପତ୍ତି ସତ୍ତ୍ୱେ ବିଦ୍ୟୁତ୍ ବିଭାଗ କର୍ତ୍ତୃପକ୍ଷ ଏଥିପ୍ରତି କର୍ଣ୍ଣପାତ କରୁନାହାନ୍ତି। ଯାହାଫଳରେ ଲୋକେ ବହୁ ହଟହଟାର ସମ୍ମୁଖୀନ ହେଉଛନ୍ତି। ଗ୍ରାମର ବାସଗୃହ ଉପର ଦେଇ ଯାଇଥିବା ୧୧ କେଭି ବିଦ୍ୟୁତ୍ ତାର ହଟାଯିବା ପାଇଁ ବିଦ୍ୟୁତ ବିଭାଗ କାର୍ଯ୍ୟାଳୟରେ ଉପସ୍ଥିତ ଥିବା କର୍ତ୍ତୃପକ୍ଷ ପ୍ରତିଶ୍ରୁତି ଦେଇଥିବା ଜଣାପଡ଼ିଛି। ସେହିପରି ଗତ ଲଘୁଚାପଜନିତ ଲଗାଣ ବର୍ଷାରେ ଭ୍ରମରପୁର ମୁଖ୍ୟ ରାସ୍ତା ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଛି। ରାସ୍ତା ସାରା ଖାଲଖମା ଯୋଗୁ ବହୁତ ଦୁର୍ଘଟଣା ଘଟୁଛି। ଯାତାୟାତରେ ବହୁତ ଅସୁବିଧାର ସମ୍ମୁଖୀନ ହେଉଛନ୍ତି ଗ୍ରାମବାସୀ। ଗାଡି ମୋଟରରେ ମେଡିକାଲକୁ ଯାଇପାରୁନାହାନ୍ତି ଅସୁସ୍ଥ ରୋଗୀ। ତେଣୁ ଉକ୍ତ ରାସ୍ତାର ମରାମତି ପାଇଁ ଦିଗପହଣ୍ଡି ପୂର୍ତ୍ତ ବିଭାଗ ଉପନିର୍ବାହୀ ଯନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ସ୍ଥାନୀୟ କନିଷ୍ଠ ଯନ୍ତ୍ରୀଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ଦିଗପହଣ୍ଡି ବ୍ଲକ ଖମାରୀଗାଁ ପଞ୍ଚାୟତ ବାଇଗଣବାଡ଼ି ଗ୍ରାମରେ ବାବା ମୁକ୍ତେଶ୍ୱର ଶୈବପୀଠ ମନ୍ଦିରକୁ ବିଦ୍ୟୁତ୍ ସଂଯୋଗ ଓ ନଳକୂପ ବ୍ୟବସ୍ଥା କରାଯିବା ସମେତ ଦିଗପହଣ୍ଡି ଗ୍ରାମାଞ୍ଚଳର ବିବିଧ ସମସ୍ୟା ନେଇ ବିଡ଼ିଓ ହଳଧର ଶବରଙ୍କ ସହ ଆଲୋଚନା କରାଯାଇ ତୁରନ୍ତ ସମସ୍ୟାର ସ୍ଥାୟୀ ସମାଧାନ ପାଇଁ ଦୃଷ୍ଟି ଆକର୍ଷଣ କରାଯାଇଥିଲା। ଭାଜପା ଜିଲା କମିଟି ସଦସ୍ୟ ଭବାନୀ ପଣ୍ଡା, ରଘୁନାଥ ଗୌଡ଼, ସୀମାଞ୍ଚଳ ସାସମଲ, ପ୍ରତାପ ଗୌଡ଼ ଓ ସନ୍ତୋଷ କୁମାର ପଣ୍ଡା ପ୍ରମୁଖ ଆଲୋଚନା ବେଳେ ଉପସ୍ଥିତ ଥିଲେ।



ବିଦ୍ୟୁତ୍ କାର୍ଯ୍ୟାଳୟ ସମ୍ମୁଖରେ ଗ୍ରାମବାସୀଙ୍କ ବିକ୍ଷୋଭ ।

## ଭୂତାଣୁ ସଂକ୍ରମଣରେ ବହୁ ଗୋରୁ ଆକ୍ରାନ୍ତ

# ରକ୍ତ ନମୁନା ପରୀକ୍ଷା ପାଇଁ ନିଆଗଲା

ଖଲ୍ଲିକୋଟ,୨୭।୧୦(ଡି.ଏନ.ଏ.)

ଖଲ୍ଲିକୋଟ ବ୍ଲକର ବିଭିନ୍ନ ଗ୍ରାମରେ ଭୂତାଣୁ ଜନିତ ସଂକ୍ରମଣରେ ବହୁ ଗୋରୁ ଆକ୍ରାନ୍ତ ହୋଇ ଅସୁସ୍ଥ ହେଲେଣି। ବୁଧବାର କେଶପୁରଠାରେ ଗୋଟିଏ ଗୋରୁର ମୃତ୍ୟୁ ହୋଇଛି। କିଛିଦିନ ହେବ ଏହି ରୋଗ ଦେଖାଦେଇଛି। କେଶପୁର ପଞ୍ଚାୟତ, ଶ୍ରୀକୃଷ୍ଣଶରଣପୁର, କହ୍ନେଇପୁର, ବିକ୍ରମପୁର, ଖଲ୍ଲିକୋଟ ଏନ୍‌ଏସି ଆଦି ଅଞ୍ଚଳରେ ଏହି ରୋଗରେ ଆକ୍ରାନ୍ତ ସଂଖ୍ୟା ବଢ଼ୁଛି। ଏହାର ରକ୍ତ ନମୁନା ପରୀକ୍ଷା ପରେ କେଉଁ ଭୂତାଣୁରୁ ବ୍ୟାପୁଛି ଜଣାପଡ଼ିବ ବୋଲି ପ୍ରାଣୀ ଚିକିତ୍ସାଧିକାରୀ ଭବାନୀ ଶଙ୍କର ଶତପଥୀ ପ୍ରକାଶ କରିଥିଲେ। ଏହା ଚର୍ମବିଣ୍ଡି ରୋଗ (ଲମ୍ପିସ୍କିନ ଡିଜିଜ) ବୋଲି ଅନୁମାନ କରାଯାଉଥିବା କରିଥିଲେ। ଗୋରୁଙ୍କ ଦେହରେ ଆବୁ ବାହାରିବା ପରି ଫୁଲା ଦେଖାଯାଉଛି। ଆକ୍ରାନ୍ତ ଗୋରୁ ଜ୍ୱରରେ ପଡୁଛନ୍ତି। ୨୧ ହଜାର ଭ୍ୟାକ୍ସିନ ପାଇଁ ଖଲ୍ଲିକୋଟ ପ୍ରାଣୀ ଚିକିତ୍ସାଧିକାରୀ ଜିଲା ପ୍ରଶାସନକୁ ଚିଠି ଲେଖିଥିବା ଜଣାପଡ଼ିଛି। ବୁଧବାର ପ୍ରାଣୀଧନ ନିରୀକ୍ଷକ ଗାଁ ଗାଁ ବୁଲି ଗୋରୁଙ୍କ ରକ୍ତ, ଲାଳ ଓ ଚମଡ଼ା ଆଦି ସଂଗ୍ରହ କରି ପରୀକ୍ଷା ପାଇଁ ପଠାଇଛନ୍ତି ଏବଂ ଚାଷୀମାନେ ସଚେତନତା ପାଇଁ ଲିଫଲେଟ ବାଣ୍ଟିଥିଲେ। ଏହି ସଂକ୍ରମଣ ପାଇଁ ପ୍ରଶାସନ ତରଫରୁ ଅତିଶୀଘ୍ର ଭ୍ୟାକ୍ସିନ ଯୋଗାଇବା ପାଇଁ ଶ୍ରୀକୃଷ୍ଣଶରଣପୁର ସରପଞ୍ଚ ରୁପିଲତା ସାହୁ ଓ ଚାଷୀ ଦେବରାଜ ପାହାନ, ଭାସ୍କର ନାହାକ ସମେତ ବହୁ ଚାଷୀ ନିବେଦନ କରିଛନ୍ତି।



ରକ୍ତ ନମୁନା ସଂଗ୍ରହ କରାଯାଉଛି।

# ଲଙ୍ଗଳେଶ୍ୱର ଉଚ୍ଚ ବିଦ୍ୟାଳୟରେ ଶିଶୁ ମହୋତ୍ସବ ସୁରଭି

ରମ୍ଭା,୨୭।୧୦

ଏଚ.ବୁରୁଡି ଲଙ୍ଗଳେଶ୍ୱର ଉଚ୍ଚ ବିଦ୍ୟାଳୟ ପରିସରରେ ସାନ ରାମଚନ୍ଦ୍ରପୁରରେ କ୍ଲଷ୍ଟରସ୍ତରୀୟ ଶିଶୁ ମହୋତ୍ସବ ସୁରଭି କାର୍ଯ୍ୟକ୍ରମ ପ୍ରଧାନ ଶିକ୍ଷକ ସୁଜିତ କୁମାର ପଣ୍ଡାଙ୍କ ସଭାପତିତ୍ୱରେ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଏବିଇଓ ବିଜୟ କୁମାର ବେହେରା ମୁଖ୍ୟ ଅତିଥି, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଗୋକୁଳ ଚନ୍ଦ୍ର ନାହାକ ମୁଖ୍ୟବକ୍ତା, ମନ୍ମଥ ନାହାକ, ମମତା କୁମାରୀ ରାଉତରାୟ, ସାନ ରାମଚନ୍ଦ୍ରପୁର ସରପଞ୍ଚ ମନୋଜ କୁମାର ବେହେରା ସମ୍ମାନିତ ଅତିଥି, ସୁଦାମ ଚରଣ ନାହାକ ଶିକ୍ଷକ ସଂଘ ସଭାପତି, ମୁଖ୍ୟ ସଂଯୋଜକ ସିଆରସିସି ସୁଶାନ୍ତ କୁମାର ତରେଇ, ରମେଶ ଚନ୍ଦ୍ର ବେହେରା, ରବୀନ୍ଦ୍ର ସେଠୀ ପ୍ରମୁଖ ମଞ୍ଚାସୀନ ଥିଲେ। ବକ୍ତବ୍ୟରେ ଶାରୀରିକ, ମାନସିକ, ବୌଦ୍ଧିକ ବିକାଶ ଓ ଗ୍ରାମାଞ୍ଚଳରେ ଲୁକ୍କାୟିତ ଅନ୍ତର୍ନିହିତ ପ୍ରତିଭାମାନଙ୍କୁ ବିକଶିତ କରିବା ସୁରଭି ଏକ ପ୍ଲାଟଫର୍ମ ବୋଲି ଅତିଥିମାନଙ୍କୁ ସୂଚାଇଥିଲେ। ଗୋଷ୍ଠୀ ଶିକ୍ଷାଧିକାରୀ ଭାଗୀରଥି ବେହେରା କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରିଥିଲେ। ଏଥିସହିତ ପୂର୍ବରୁ ଛାତ୍ରୀଛାତ୍ରମାନଙ୍କ ମଧ୍ୟରେ ବିତର୍କ, ପ୍ରବନ୍ଧ ଲିଖନ, ଚିତ୍ରାଙ୍କନ, କୁଇଜ, ସୃଜନଶୀଳ ଲେଖନ, ବକ୍ତୃତା, ସଂଗୀତ, ଓ ଦଳଗତ ସାଂସ୍କୃତିକ କାର୍ଯ୍ୟକ୍ରମ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏଥିରେ ୧୩ଟି ପ୍ରାଥମିକ, ଉଚ୍ଚ ପ୍ରାଥମିକ ଓ ଉଚ୍ଚ ବିଦ୍ୟାଳୟର ଛାତ୍ରୀଛାତ୍ର ଏବଂ ଶିକ୍ଷୟିତ୍ରୀ ଶିକ୍ଷକ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମକୁ ଶିକ୍ଷକ ବିକ୍ରମ କୁମାର ନାହାକ, ପ୍ରଭାତ ନାହାକ, ଶ୍ୟାମସୁନ୍ଦର ମହାପାତ୍ର, ରୂପକ କୁମାର ସାହୁ, ସମସ୍ତ ବିଦ୍ୟାଳୟର ଶିକ୍ଷୟିତ୍ରୀ ଶିକ୍ଷକ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ। ଶେଷରେ ଶିକ୍ଷୟିତ୍ରୀ ମମତା ନାୟକ ଧନ୍ୟବାଦ ଦେଇଥିଲେ।

# ୮ ଶ୍ରେଣୀକୁ ୩ କ୍ଲାସ ରୁମ୍, ୪ ଶିକ୍ଷକ



ବାଡାବାଙ୍ଗା ସେବାଶ୍ରମ

- ନାହିଁ ନାହିଁରେ ଚାଲିଛି ବାଡାବାଙ୍ଗା ସେବାଶ୍ରମ
- ୨ଶହରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର

ଦାରିଙ୍ଗବାଡି,୨୭।୧୦(ଡି.ଏନ.ଏ.)

ଦାରିଙ୍ଗବାଡି ବ୍ଲକ ବାଡାବାଙ୍ଗା ପଞ୍ଚାୟତରେ ଥିବା ଏକମାତ୍ର ସେବାଶ୍ରମ ନାହିଁ ନାହିଁରେ ଚାଲିଛି। ଉକ୍ତ ସେବାଶ୍ରମରେ ୧୩୦ ଛାତ୍ରୀ ଏବଂ ୪୦ ଛାତ୍ର ଛାତ୍ରାବାସରେ ରହି ଶିକ୍ଷା ପ୍ରାପ୍ତ କରୁଥିବା ବେଳେ ପ୍ରାୟ ଶହେ ପାଖାପାଖି ଦିବାଧାୟୀ ଛାତ୍ରୀଛାତ୍ର ପଞ୍ଚାୟତର ବିଭିନ୍ନ ଗାଁରୁ ଆସି ସେଠାରେ ଶିକ୍ଷା ପ୍ରାପ୍ତ କରୁଛନ୍ତି। ହେଲେ ପ୍ରଥମରୁ ଅଷ୍ଟମ ପର୍ଯ୍ୟନ୍ତ ମାତ୍ର ୩ ଶ୍ରେଣୀ ଗୃହ ରହିଥିବା ବେଳେ ୪ ଶିକ୍ଷୟିତ୍ରୀ ଶିକ୍ଷକ ରହିଛନ୍ତି। ସେମାନଙ୍କ ମଧ୍ୟରେ ଜିଲା ମଙ୍ଗଳ ବିଭାଗ ଦ୍ୱାରା ଦୁଇଜଣ ଶିକ୍ଷୟିତ୍ରୀ ଓ ଶିକ୍ଷକ ରହିଛନ୍ତି। ଅନ୍ୟ ଦୁଇ ଶିକ୍ଷକ ଶିକ୍ଷା ବିଭାଗରେ ରହିଥିବା ବେଳେ ସେହି ମଧ୍ୟରେ ଜଣେ ବହୁଭାଷୀ ଶିକ୍ଷକ ରହିଛନ୍ତି। ଶେବାଶ୍ରମରେ ଅଧିକା ଛାତ୍ରୀ ପାଠପଢିବା ସହ ଛାତ୍ରାବାସରେ ରହୁଥିଲେ ସୁଦ୍ଧା ତାଙ୍କୁ ଶିକ୍ଷାଦାନ ପାଇଁ ମାତ୍ର ଜଣେ ଶିକ୍ଷୟିତ୍ରୀ ରହିଛନ୍ତି। ଅଧିକା ଶିକ୍ଷୟିତ୍ରୀଙ୍କ ସହ ବିଜ୍ଞାନ ଶିକ୍ଷକ, ଖେଳ ପଡିଆ, ଅତିରିକ୍ତ ଶ୍ରେଣୀକୋଠା, ଆବଶ୍ୟକ ବ୍ୟବସ୍ଥା କରାଗଲେ ସେବାଶ୍ରମରେ ପାଠପଢା ସ୍ୱାଭାବିକ ହୋଇପାରିବ ବୋଲି ଛାତ୍ରୀଛାତ୍ର ଏବଂ ଗ୍ରାମବାସୀ କହିଛନ୍ତି। ଏ ନେଇ ଗ୍ରାମବାସୀ ସ୍ଥାନୀୟ ପ୍ରଶାସନଠାରୁ ଜିଲା ପ୍ରଶାସନ ପର୍ଯ୍ୟନ୍ତ ଜଣାଇଛନ୍ତି। ପ୍ରଧାନ ଶିକ୍ଷକ ପ୍ରାଣବନ୍ଧୁ ମହାନାୟକ କହିଛନ୍ତି ଯେ ୪ ଶିକ୍ଷୟିତ୍ରୀ ଶିକ୍ଷକଙ୍କ ମଧ୍ୟରୁ ଜଣେ ବହୁଭାଷୀ ଶିକ୍ଷକ ରହିଛନ୍ତି ବିଜ୍ଞାନ ଶିକ୍ଷକ ଜରୁରୀ ଥିବା ବେଳେ ଅଧିକା ଛାତ୍ରୀ ଅଧ୍ୟୟନ କରୁଥିବାରୁ ଆହୁରି ଶିକ୍ଷୟିତ୍ରୀ ନିଯୁକ୍ତି କଲେ ପିଲାଙ୍କ ପାଠପଢାରେ ଉନ୍ନତି ହୋଇପାରିବ ବୋଲି କହିଛନ୍ତି। ଏ ନେଇ ଦାରିଙ୍ଗବାଡି ବିଡିଓ ଗଦାଧର ପାତ୍ର କହିଛନ୍ତି ଯେ ସେ ଉକ୍ତ ସେବାଶ୍ରମରେ ରହିଥିବା ସମସ୍ୟା ସମ୍ପର୍କରେ ଅବଗତ ରହିଛନ୍ତି। ଏହାର ସମାଧାନ ପାଇଁ ସେ ଜିଲା ପ୍ରଶାସନଙ୍କୁ ଜଣାଇଥିବା କହିଛନ୍ତି।

## ରକ୍ତଦାନ ଶିବିର ପ୍ରସ୍ତୁତି ବୈଠକ

ସୋରଡା, ୨୭।୧୦(ଡି.ଏନ.ଏ.)

ବଜରଙ୍ଗ ଦଳ ତରଫରୁ ଆସନ୍ତା ୧ ତାରିଖ ମଙ୍ଗଳବାର ସୁରଭି ଗୋଧାମ ଚାରିଟେବଲ ବାଦୁଆପଲ୍ଲୀଠାରେ ଗୋଷ୍ଠାଷ୍ଟାମୀ ମହୋତ୍ସବ ଓ ବୁଧବାର ସ୍ଥାନୀୟ ପଲ ବିଦ୍ୟାଳୟ ପରିସରରେ ମେଗା ରକ୍ତଦନ ଶିବିର ଅନୁଷ୍ଠିତ ହେବ। ଏଥି ନିମନ୍ତେ ଏକ ପ୍ରସ୍ତୁତି ବୈଠକ ବିଦ୍ୟାଳୟ ପରିସରରେ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ବଜରଙ୍ଗ ଦଳର ଅମ୍ବିକା ଦାସଙ୍କ ସଭାପତିତ୍ୱରେ ଆୟୋଜିତ ବୈଠକରେ ସଞ୍ଜୟ ପ୍ରଧାନ, ସୁଧୀର ପ୍ରଧାନ, ଶଙ୍କର ଗଉଡ,ପ୍ରମୋଦ ଗଉଡ ଓ ବାଳକୃଷ୍ଣ ଗଉଡ ସମେତ ବହୁ ସଦସ୍ୟ ଯୋଗ ଦେଇଥିଲେ। ସମିତି ସଦସ୍ୟ ବୀଜୟ ତ୍ରିବୁରିୱାଲ, ଚିନ୍ମୟାନନ୍ଦ ମହାରାଜ,ସତ୍ୟାନନ୍ଦ ମୁରଲୀଧର ପଣ୍ଡା,ବିଧାୟକ ପୂର୍ଣ୍ଣଚନ୍ଦ୍ର ସାଇଁ,ଏନ୍‌ଏସି ଅଧ୍ୟକ୍ଷ ଶିବଶଙ୍କର ପଣ୍ଡା ପ୍ରମୁଖ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ଉକ୍ତଦିନ ସେଠାରେ ୨୦୦ରୁ ଅଧିକ ଗୋମାତାଙ୍କୁ ପୂଜନ କରାଯିବ। ସେହିପରି ବୁଧବାର ରକ୍ତଦାନ ଶିବିରରେ ୨୬ ପଞ୍ଚାୟତର ୨୦୦ରୁ ଅଧିକ ଗ୍ରାମର ଯୁବକମାନେ ଯେପରି ଯୋଗଦେଇ ରକ୍ତଦାନ କରିବେ ସେଥିପାଇଁ ସଚେତନତା ପାଇଁ ସ୍ଥିର କରାଯାଇଛି।

## ଗୋପାଳ ସମାଜର ଗିରି ଗୋବର୍ଦ୍ଧନ ପୂଜା

ସୋରଡା,୨୭।୧୦(ଡି.ଏନ.ଏ.)

ସୋରଡା ତାଲୁକା ଗୋପାଳ ସମାଜ ପକ୍ଷରୁ ଗିରି ଗୋବର୍ଦ୍ଧନ ପୂଜା ତତାବାଲି ସ୍ଥିତ ରାଧାସ୍ୱାମୀ ମନ୍ଦିର ପରିସରରେ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଅପରାହ୍ନରେ ଠାକୁରଙ୍କୁ ମାଜଣା ପରେ ନୂତନ ବସ୍ତ୍ର ପରିଧାନ, ପୁଷ୍ପ ଅର୍ପଣ,ଚନ୍ଦନ ଲାଗି ଓ ଧୂପ,ଦୀପ ହୋମ ପୂଜା ପରେ ନାମ ସଙ୍କୀର୍ତ୍ତନ ହୋଇଥିଲା। ସନ୍ଧ୍ୟାରେ ସଂସ୍କୃତିକ କାର୍ଯ୍ୟକ୍ରମରେ ନୃତ୍ୟ ପରିବେଷଣ ହୋଇଥିଲା। ବିଧାୟକ ପୂର୍ଣ୍ଣଚନ୍ଦ୍ର ସାଇଁ,ତହସିଲଦାର ଆଇଆଇସି ରମେଶ କୁମାର ଜେନା ଅତିଥି ଭାବେ ଯୋଗ ଦେଇଥିଲେ । ଗୋପାଳ ସମାଜ ଜିଲା ସଭାପତି ନନ୍ଦ କିଶୋର ମହାଙ୍କୁଡ ପ୍ରମୁଖ ଯୋଗ ଦେଇଥିଲେ। ବ୍ଲକର ୨୬ ପଞ୍ଚାୟତରୁ ସମାଜର କର୍ମକର୍ତ୍ତାମାନେ ଯୋଗ ଦେଇଥିଲେ। ବିକଳ ଗଉଡ, ନୃସିଂହ ପାତ୍ର,ତୁଟୁ ଗଉଡ, ଗଙ୍ଗା ଗଉଡ ଓ ଅରୁଣ ଗଉଡ ପ୍ରମୁଖ ପରିଚାଳନା କରିଥିଲେ ।

# ଭାରତୀୟ କମ୍ୟୁନିଷ୍ଟ ପାର୍ଟି ଆଞ୍ଚଳିକ କମିଟି ବୈଠକ

ପୋଲସରା,୨୭।୧୦(ଡି.ଏନ.ଏ.)

ଭାରତୀୟ କମ୍ୟୁନିଷ୍ଟ ପାର୍ଟି (ସିପିଆଇ) ପୋଲସରା ଆଞ୍ଚଳିକ କମିଟି ବୈଠକ ଗୁରୁବାର ପାଟିଗଡ ରାସ୍ତାରେ ଥିବା ଯୋଗାସନ କେନ୍ଦ୍ରଠାରେ ଅନୁଷ୍ଠିତ ହୋଇଥିଲା। ପାର୍ଟି ଜିଲା କମିଟି ସଭ୍ୟ ହରିହର ପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଜିଲା ସମ୍ପାଦକ ପ୍ରକାଶ ପାତ୍ର ଯୋଗ ଦେଇ ଚଳିତ ମାସ ୧୪ ତାରିଖଠାରୁ ୧୮ ତାରିଖ ପର୍ଯ୍ୟନ୍ତ ବିଜୟୱାଡାଠାରେ ଅନୁଷ୍ଠିତ ହୋଇଯାଇଥିବା ଜାତୀୟ ସମ୍ମିଳନୀର କେତେକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ସମ୍ପର୍କରେ ସୂଚନା ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ପାର୍ଟି ଗଞ୍ଜାମ ଜିଲା ସହ ସମ୍ପାଦକ ନୀଳକଣ୍ଠ ଦାସ ଓ ପ୍ରଦୀପ ସେଠୀ, ଅଖିଳ ଭାରତ ଯୁବକ ସଂଘ ରାଜ୍ୟ ନେତ୍ରୀ ରୋଜାଲିନ ଦାସ, ବାବାଜୀ ଜେନା ଏବଂ ସତ୍ୟ ମହାନ୍ତି ପ୍ରମୁଖ ପୋଲସରା ଅଞ୍ଚଳରେ ପାର୍ଟି ସଂଗଠନକୁ ସୁଦୃଢ଼ କରିବା ପାଇଁ ପରାମର୍ଶ ଦେଇଥିଲେ। ଡିସେମ୍ବର ଶେଷ ସୁଦ୍ଧା ପୋଲସରା ଆଞ୍ଚଳିକ କମିଟି ଅଧୀନରେ ଥିବା ସମସ୍ତ ୨୫ଟି ପାର୍ଟି ଶାଖା ସମ୍ମିଳନୀ ସହିତ ସଭ୍ୟପଦ ନବୀକରଣ ଶେଷ କରିବା ପାଇଁ ବୈଠକରେ ନିଷ୍ପତ୍ତି ନିଆଯାଇଥିଲା। ବୈଠକ ଆରମ୍ଭରେ ଆଞ୍ଚଳିକ କମିଟି ସମ୍ପାଦକ ଦଣ୍ଡପାଣି ସାମଲ କାମଦାମର ବିବରଣୀ ଉପସ୍ଥାପନ କରିବା ସହିତ ଶୋକ ପ୍ରସ୍ତାବ ଆଗତ କରିଥିଲେ। ଗଣପତି ସାହୁ, ବିଜୟ ସାମନ୍ତରା, ଦୁର୍ଯ୍ୟୋଧନ ରାଉତ, ଜ୍ୟୋତ୍ସ୍ନା ମହାରଣା, ପ୍ରତିମା ମହାପାତ୍ର, ଲକ୍ଷ୍ମୀ ପାତ୍ର, ରୁନୁ ସେଠୀ, ନମିତା ମହାପାତ୍ର, ଗୌରହରି ବିଷୋୟୀ, କବି ନାହାକ, ଜ୍ୟୋତ୍ସ୍ନା ପ୍ରଧାନ, ନନ୍ଦିନୀ ବିଷୋୟୀ, ସୁରଭି ବେହେରା, ନଗରବାସୀ ପ୍ରଧାନ, ଖଜା ନାହାକ ଓ ରବୀନ୍ଦ୍ର ଜେନା ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।



ବୈଠକରେ ଉପସ୍ଥିତ ସିପିଆଇ ନେତା ଓ କର୍ମୀ ।

# ଆଳୀୟ ଖଣ୍ଡାୟତ ସମାଜ ଶତବାର୍ଷିକୀ ଉତ୍ସବ


କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି ।

ଆସିକା,୨୭।୧୦(ଡି.ଏନ.ଏ.)

ନିଖିଳ ଉତ୍କଳ ଆଳୀୟ ଖଣ୍ଡାୟତ ସମାଜର ଶତବାର୍ଷିକୀ ଉତ୍ସବ ଗୁରୁବାର ସୁରଟରେ ବସବାସ କରୁଥିବା ପ୍ରବାସୀ ଆଳୀୟ ସମାଜ ସଦସ୍ୟଙ୍କ ଗହଣରେ ଅନୁଷ୍ଠିତ ହୋଇଥିଲା । ଉଧାନାସ୍ଥିତ ଛତ୍ରପତି ଶିବାଜୀ ଷ୍ଟାଡିୟମରେ ଆୟୋଜିତ ଉତ୍ସବରେ ଆଳୀୟ ଖଣ୍ଡାୟତ ସମାଜ କୁଳାଧିପତି ପ୍ରହଲ୍ଲାଦ ଲେଙ୍କା ଅଧ୍ୟକ୍ଷତା କରିଥିଲେ। ଆସିକା ବିଧାୟିକା ମଞ୍ଜୁଳା ସ୍ୱାଇଁ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ସୁରଟ ମଣ୍ଡଳ ସଭାପତି ବଂଶୀଧର ଲେଙ୍କା, ସମ୍ପାଦକ ସୁଧୀର କୁମାର ଜେନା, ସାଧାରଣ ସମ୍ପାଦକ ନିରନ ନାହାକ, ମୁଖ୍ୟ ନିର୍ବାଚନ ଅଧିକାରୀ ଶିବ ନାହାକ, ମୁନା ବାରିକ, ମନୋଜ କୁମାର ପରିଡା, ପିନାକୀ ଶଙ୍କର ନାୟକ, କେନ୍ଦ୍ରୀୟ ସଦସ୍ୟ ନଚିକେତା ସ୍ୱାଇଁ, ହରିବନ୍ଧୁ ମହାନ୍ତି, ହରିବନ୍ଧୁ ଲେଙ୍କା ପ୍ରମୁଖ ମଞ୍ଚାସୀନ ଥିଲେ । ଉତ୍ସବ ଆଗାମୀ ଦିନରେ ଗ୍ରାମ, ଜିଲାର ବିଭିନ୍ନ ଅଞ୍ଚଳ ସାଙ୍ଗକୁ ରାଉରକେଲା, ହୀରାକୁଦ, ଝାରସୁଗୁଡା, ବୌଦ୍ଧ, ଭୁବନେଶ୍ୱର, ଅନୁଗୋଳ, ବ୍ରହ୍ମପୁର, ରାୟଗଡା ଓ ସୁନାବେଡାଠାରେ ଅନୁଷ୍ଠିତ ହେବା ଲାଗି ସ୍ଥିର କରାଯାଇଥିବା ସମାଜର ସାଧାରଣ ସମ୍ପାଦକ ନିରନ ନାହାକ ସୂଚନା ଦେଇଛନ୍ତି।

# ସରପଞ୍ଚମାନଙ୍କ ପ୍ରାରମ୍ଭିକ ପ୍ରଶିକ୍ଷଣ କାର୍ଯ୍ୟକ୍ରମ

ଦାରିଙ୍ଗବାଡି,୨୭।୧୦(ଡି.ଏନ.ଏ )

ଦାରିଙ୍ଗବାଡି ବ୍ଲକ ଜାଗୃତି ତାଲିମ କେନ୍ଦ୍ରଠାରେ ବୁଧବାର ସରପଞ୍ଚମାନଙ୍କ ପ୍ରାରମ୍ଭିକ ୫ ଦିନିଆ ପ୍ରଶିକ୍ଷଣ କାର୍ଯ୍ୟକ୍ରମର ଶୁଭାରମ୍ଭ ହୋଇଯାଇଛି। ଏହାକୁ ଦାରିଙ୍ଗବାଡି ବିଡିଓ ଗଦାଧର ପାତ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଏହି କାର୍ଯ୍ୟକ୍ରମକୁ ଜାଗୃତି ସମ୍ପାଦକ କୈଳାସ ଚନ୍ଦ୍ର ଦଣ୍ଡପାଠ ପରିଚାଳନା କରିଛନ୍ତି। ରାଜ୍ୟସରକାରଙ୍କ ପଞ୍ଚାୟତିରାଜ ବିଭାଗ ସହ ଜଳ ଯୋଗାଣ ବିଭାଗ ପକ୍ଷରୁ ଆୟୋଜନ କରାଯାଇଛି। ରାଜ୍ୟ ସରକାରଙ୍କ ପକ୍ଷରୁ ସାରା ରାଜ୍ୟରେ ସରପଞ୍ଚମାନଙ୍କୁ ତାଲିମ ଦିଆଯାଉଛି। ଜିଲାରେ ୧୨ ବ୍ଲକର ସରପଞ୍ଚଙ୍କୁ ତାଲିମ ଦିଆଯାଉଥିବା ଜାଗୃତି ତାଲିମ କେନ୍ଦ୍ରରେ ରାଇକିଆ ବ୍ଲକର ୧୨ ପଞ୍ଚାୟତର ସରପଞ୍ଚ ଏବଂ ଦାରିଙ୍ଗବାଡିର ୨୫ପଞ୍ଚାୟତର ମୋଟ ୩୭ଜଣଙ୍କୁ ଏହି ତାଲିମ ଦିଆଯାଉଛି। ୩୭ଜଣଙ୍କ ମଧ୍ୟରୁ ୩୦ଜଣ ନୂତନ ଭାବେ ନିର୍ବାଚିତ ହୋଇଥିବା ବେଳେ ୭ଜଣ ଦ୍ୱିତୀୟ ଥର ପାଇଁ ନିର୍ବାଚନରେ ବିଜୟ ହୋଇ ସରପଞ୍ଚ ହୋଇଛନ୍ତି। ନୂତନ ସରପଞ୍ଚଙ୍କ ମଧ୍ୟରେ ପ୍ରାୟ ୩୫ଜଣ ଯୁଥ୍ ରହିଥିବା କୁହାଯାଇଛି। ଏହି ପାଞ୍ଚଦିନ ମଧ୍ୟରେ କ୍ଷେତ୍ର ବୁଲିବା ସହ ନାଚ, ଗୀତ, ଯୋଗ ଶିକ୍ଷା ସହ ସରକାରଙ୍କ ବିଭିନ୍ନ ଯୋଜନା ତା'ର କାର୍ଯ୍ୟକାରିତା, ତଥା ୫-ଟି ଓ ମୋ ସରକାର, ଆର୍ଥିକ ପରିଚାଳନା, ସଶକ୍ତ ଗ୍ରାମସଭା, ଅର୍ଥ ଆୟୋଗ ଅନୁଦାନ, ଦୀର୍ଘ ସ୍ଥାୟୀ ଲକ୍ଷ୍ୟ ଓ ଗ୍ରାମ ପଞ୍ଚାୟତ ବିକାଶ ଯୋଜନା, ପାନୀୟ ଜଳ ଯୋଗାଣ ଓ ସ୍ୱଚ୍ଛ ଭାରତ ମିଶନ, ଗ୍ରାମୀଣ ବାସଗୃହ, ଏମ୍‌ଜିଏନ୍‌ଆର୍‌ଇଜିଏସ୍, ମହିଳା ଓ ଶିଶୁ ବିକାଶ, ମିଶନ ଶକ୍ତି, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ, କ୍ରୀଡାବିଭାଗର ପ୍ରମୁଖ କାର୍ଯ୍ୟକ୍ରମ ସମେତ ମୋ ସ୍ୱପ୍ନର ଗ୍ରାମପଞ୍ଚାୟତ, ବିଦ୍ୟାଳୟ ଶିକ୍ଷା କାର୍ଯ୍ୟକ୍ରମ, ଅନୁସୂଚିତ ଜାତି ଓ ଜନଜାତି, ସାମାଜିକ ସୁରକ୍ଷା ଓ ଦିବ୍ୟାଙ୍ଗଙ୍କ ବିକାଶ, ଖାଦ୍ୟ ଯୋଗାଣ ବିଭାଗର କାର୍ଯ୍ୟକ୍ରମ, ଇ -ପ୍ରଶାସନ ଓ ଅନଲାଇନ ସେବା, କୃଷି, ମତ୍ସ୍ୟ ଓ ପ୍ରାଣୀସମ୍ପଦ ବିଭାଗର ପ୍ରମୁଖ କାର୍ଯ୍ୟକ୍ରମ ସହ କ୍ଷେତ୍ର ପରିଦର୍ଶନର ଅଭିଜ୍ଞତା ଓ ଅନୁଭୂତି ଉପସ୍ଥାପନ ଏବଂ ଆତ୍ମ ସମୀକ୍ଷା ଓ ସଂକଳ୍ପ ଆଦି ତାଲିମ ପ୍ରଦାନ କରାଯିବ। ଏହି ତାଲିମ ଆସନ୍ତା ରବିବାର ଉଦ୍‌ଯାପନ କରାଯିବ ବୋଲି ବିଡିଓ ଗଦାଧର ପାତ୍ର କହିଛନ୍ତି। ରାଜ୍ୟସ୍ତରୀୟ ତାଲିମ ପ୍ରାପ୍ତ ପ୍ରଶିକ୍ଷକ ସୂର୍ଯ୍ୟମଣି ପଣ୍ଡା, ବିଶ୍ୱରଞ୍ଜନ କର ପ୍ରଶିକ୍ଷଣ ଦେଉଛନ୍ତି।


ଶିବିରରେ ଯୋଗଦେଇଥିବା ସରପଞ୍ଚମାନେ।

## ସଂକ୍ଷେପରେ

### ବଡ଼ମାଧପୁର କାଳୀ ପୂଜାରେ ଭିଡ଼

ଛତ୍ରପୁର,୨୭।୧୦(ଡି.ଏନ୍.ଏ.): ଛତ୍ରପୁର ଅଞ୍ଚଳର ବିଭିନ୍ନ ସ୍ଥାନରେ ମା' ଶ୍ୟାମାକାଳୀଙ୍କ ପୂଜା ଧୂମଧାମରେ ହୋଇଯାଇଛି। ବଡମାଧପୁରରେ ଗତ ସୋମବାର ଠାରୁ ଆରମ୍ଭ ହୋଇଥିବା ପୂଜା ମଣ୍ଡପରେ ପ୍ରତି ସନ୍ଧ୍ୟାରେ ଆଳତୀ ସହ ଭଜନ ସମାରୋହ ଆଦି ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଚାଲିଛି। ମା'ଙ୍କ ଦର୍ଶନ ପାଇଁ ଶ୍ରଦ୍ଧାଳୁଙ୍କ ଭଡ଼ି ଲାଗି ରହୁଛି। ବୁଧବାର ସନ୍ଧ୍ୟା ଆଳତୀ ଓ ଭଜନ ସମାରୋହ କାର୍ଯ୍ୟକ୍ରମରେ ବ୍ଲକ ଉପାଧକ୍ଷା ସାଡି ଶାରଦା ରେଡ୍ଡୀ, ପୂର୍ବତନ ଜିଲା ପରିଷଦ ସଭ୍ୟ ଏସ. କିଶୋର ଚନ୍ଦ୍ର ରେଡ୍ଡୀ ଓ ମୁନା ଦାସ, ବଡମାଧପୁର ସରପଞ୍ଚ ଅର୍ଚ୍ଚନା କୁମାରୀ ସେଠୀ, ପୂର୍ବତନ ସମିତି ସଭ୍ୟ ଜ୍ୟୋତିରଞ୍ଜନ ସାହୁ, ପୂର୍ବତନ ସରପଞ୍ଚ ଅଶୋକ ପାଣିଗ୍ରାହୀ, ଯୁବ ନେତା ବାପି ଦାସ, ଅଲିଅଳ ସେନାପତି, ବରିଷ୍ଠ ବିଜେଡି ନେତା ମହେଶ୍ୱର ପ୍ରଧାନ, ଶିବ ଶଙ୍କର ସେଠୀଙ୍କ ସମେତ ବହୁ ବ୍ୟକ୍ତି ବିଶେଷ ଯୋଗଦେଇ ମା'ଙ୍କ ଆଶୀର୍ବାଦ ଲାଭ କରିଛନ୍ତି। କାର୍ଯ୍ୟକ୍ରମ ଆସନ୍ତା ରବିବାର ପର୍ଯ୍ୟନ୍ତ ଚାଲିବ ବୋଲି ଶ୍ୟାମାକାଳୀ ପୂଜା କମିଟି କମିଟି ପକ୍ଷରୁ ସୂଚନା ମିଳିଛି।

### ବନ୍ଦଘରୁ ଟଙ୍କା, ସୁନା ଚୋରି

ଛତ୍ରପୁର,୨୭।୧୦(ଡି.ଏନ୍.ଏ.)-ଛତ୍ରପୁର ୧୨ନଂ. ୱାର୍ଡ ଚନ୍ଦ୍ରଶେଖର ନଗରର ଏକ ଘରୁ ଚୋରି ଘଟଣାର ପୋଲିସ ତଦନ୍ତ ଆରମ୍ଭ ହୋଇଛି। ଚନ୍ଦ୍ରଶେଖର ନଗରରେ ଭଡାରେ ରହୁଥିବା ଗୋପୀନାଥ ଦାସ ଘର ତାଲା ପକାଇ ଗାଁକୁ ଯାଇଥିଲେ। ବୁଧବାର କେତେଜଣ ଦୁର୍ବୃତ୍ତ ତାଲା ଭାଙ୍ଗି ଘରେ ପଶି ୩ଟି ସୁନା ମୁଦି, ଗୋଟାଏ ନେକଲେସ, ୨ଟି ଚେନ, କାନଫୁଲ, ପାଉଁଜି ଓ ୪ ହଜାର ଟଙ୍କା ଚୋରାଇ ନେଇଛନ୍ତି। ଏ ନେଇ ଗୋପୀନାଥ ଛତ୍ରପୁର ଥାନାରେ ଏତଲା ଦେଇଥିଲେ । ପୋଲିସ ନଂ. ୬୬୫/୨୨ରେ ମାମଲା ରୁଜୁ କରିଛି। ଗୁରୁବାର ଥାନା ଏସ୍‌ଆଇ ସିଲୁ ଧଳ ଓ ସାଇଣ୍ଟିଫିକ ଟିମ ପହଞ୍ଚି ସନ୍ଧାନୀ କୁକୁର ମାଧମରେ ତଦନ୍ତ କରିଛନ୍ତି ।

### ବିଜେଡିର ଜନ ସମ୍ପର୍କ ପଦଯାତ୍ରା
### ଯୋଗଦେଲେନି ସ୍ଥାନୀୟ ସରପଞ୍ଚ

ଗଞ୍ଜାମ,୨୭।୧୦(ଡି.ଏନ.ଏ.)-ଗଞ୍ଜାମ ବ୍ଲକ ଅନ୍ତର୍ଗତ କାଇଁଚପୁର ପଞ୍ଚାୟତରେ ବିଜେଡିର ଜନ ସମ୍ପର୍କ ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଜିଲା ପରିଷଦ ସଭ୍ୟ ସନାତନ ବେହେରାଙ୍କ ନେତୃତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ଛତ୍ରପୁର ବିଧାୟକ ସୁବାସ ଚନ୍ଦ୍ର ବେହେରା ଯୋଗଦେଇଥିଲେ। ଉକ୍ତ ପଞ୍ଚାୟତର କାଇଁଚପୁର, କଲ୍ୟାଣପୁର, ଝରାପଦର, ମାଳିଜଗନ୍ନାଥପୁର ଗ୍ରାମରେ ପଦଯାତ୍ରା କରାଯାଇଥିଲା। ଉକ୍ତ ପଦଯାତ୍ରାରେ ସ୍ଥାନୀୟ ସରପଞ୍ଚ ଆର. ଚନ୍ଦାନା ରେଡ୍ଡୀ ଅନୁପସ୍ଥିତ ରହିଥିବା ଦେଖିବାକୁ ମିଳିଥିଲା। ପୂର୍ବତନ ବ୍ଲକ ଅଧକ୍ଷ ସୁରଥ ପାହାନ, ବାନାମ୍ବର ପଲାଇ, ପୂର୍ବତନ ସରପଞ୍ଚ ଗୋବିନ୍ଦ ରେଡି, ଜି. ସନ୍ତୋଷ ରେଡି, କେ. ରଜନୀକାନ୍ତ ରେଡି, ବିଶ୍ୱନାଥ ବେହେରା, ବଟକୃଷ୍ଣ ପଣ୍ଡା, କେ. ମାସେନୁ ରେଡ଼ି ପ୍ରମୁଖ ଉପସ୍ଥିତ ଥିଲେ।

# ଆଶା କର୍ମୀ ସଂଘର ଜିଲାପାଳଙ୍କ କାର୍ଯ୍ୟାଳୟ ଘେରାଉ

## ଲାଞ୍ଚ କାରବାରକୁ ନେଇ ଦୋଷୀ କରିବା ଘଟଣାର ପ୍ରତିବାଦ

ପାରଳାଖେମୁଣ୍ଡି,୨୭।୧୦(ଡି.ଏନ୍.ଏ.)

ପାରଳାଖେମୁଣ୍ଡିସ୍ଥିତ ଜିଲା ମୁଖ୍ୟ ଚିକିତ୍ସାଳୟରେ ଗତ ୧୫ ତାରିଖରେ ଜିଲା ପ୍ରଶାସନ ପକ୍ଷରୁ ଅତର୍କିତ ଚଢ଼ାଉ ବେଳେ ଲାଞ୍ଚ କାରବାରକୁ ନେଇ ଆଶାକର୍ମୀଙ୍କୁ ଦୋଷୀ କରାଯାଇଥିଲା। ଏହାର ପ୍ରତିବାଦରେ ଜିଲା ଆଶା କର୍ମୀ ସଂଘ ଭାରତୀୟ ମଜଦୁର ସଂଘ ତରଫରୁ ଗୁରୁବାର ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଶହ ଶହ ଆଶାକର୍ମୀ ଶୋଭାଯାତ୍ରାରେ ଆସି ଜିଲାପାଳଙ୍କ କାର୍ଯ୍ୟଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିବା ସହ ସ୍ମାରକପତ୍ର ପ୍ରଦାନ କରିଛନ୍ତି। ଏହି ଲାଞ୍ଚ କାରବାରରେ ସମସ୍ତେ ସାମିଲ ଅଛନ୍ତି, ସଫେଇ କର୍ମଚାରଙ୍କ ଠାରୁ ଆରମ୍ଭ କରି ଡାକ୍ତର ଓ ବିଭାଗୀୟ ଅଧିକାରୀ ବି ସମ୍ପୃକ୍ତ। ହେଲେ କେବଳ ଆଶାକର୍ମୀଙ୍କୁ ଏଥିରେ ଦାୟୀ ଦର୍ଷାଇ ବିଭିନ୍ନ ସମୟରେ ହଇରାଣ କରାଯାଉଥିବା ସଂଘ ଅଭିଯୋଗ କରିଛି। ଗର୍ଭବତୀମାନଙ୍କୁ ଚିକିତ୍ସାଳୟକୁ ନେବା ଏବଂ ସହାୟତା କରିବାରେ ଅଳ୍ପ କିଛି ଟଙ୍କା ମିଳେ। ଗର୍ଭବତୀଙ୍କୁ ଚିକିତ୍ସା ପାଇଁ ଆଣି



ଲାଞ୍ଚ କାରବାରକୁ ବିରୋଧ କରି ଆଶା କର୍ମୀମାନେ ଶୋଭାଯାତ୍ରାରେ ଯାଉଛନ୍ତି।

ଥିବା ପ୍ରମାଣିତ କରିବା ପାଇଁ ଚିକିତ୍ସାଳୟରେ କିଛି ଦସ୍ତଖତ ଆବଶ୍ୟକ ପଡିଥାଏ। ଯଦି ଟଙ୍କା ଦିଆ ନ ଯାଏ ଖାତାରେ ଅଧିକାରୀମାନେ ଦସ୍ତଖତ କରନ୍ତି ନାହିଁ। ଲାଞ୍ଚ କାରବାର ହେବନି କହିଲେ ରୋଗୀଙ୍କୁ ବିଭିନ୍ନ ପ୍ରକାର ଭୟ ଦେଖାଇ ବ୍ରହ୍ମପୁର କିମ୍ବା ବିଶାଖାପାଟଣା ପଠାଇ ଦିଆଯାଏ ବୋଲି ଆଶା କର୍ମୀମାନେ ଅଭିଯୋଗ କରିଛନ୍ତି । ତେଣୁ ମୁଖ୍ୟ ଚିକିତ୍ସାଳୟକୁ ସମ୍ପୂର୍ଣ୍ଣ ଲାଞ୍ଚମୁକ୍ତ କରିବା ସହ ପ୍ରକୃତ ଦୋଷୀ ଡାକ୍ତର, ନର୍ସ ଓ ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ସେମାନେ ଦାବି କରିଛନ୍ତି । ଆଶାକର୍ମୀ ସଂଘ ଜିଲା ସଭାପତି ସମୀକ୍ଷା ଗମାଙ୍ଗ, ବି. ଏମ ଏସ ସମ୍ପାଦକ ସୁଜିତ ପ୍ରଧାନ, ଆଶାକର୍ମୀ ଉଷା ଚିନ୍ତାଡା ଓ ଜିଲା ମୁଖ୍ୟ ଚିକିତ୍ସାଳୟର ଆଶା କର୍ମୀମାନେ ଘଟଣାର ନିରପେକ୍ଷ ତଦନ୍ତ ଦାବି କରିଛନ୍ତି ।

# ୨ ଦିନ ପରେ ମିଳିଲା ବଡ଼ଭାଇ ମୃତଦେହ

## ଋଷିକୁଲ୍ୟାରୁ ଉଦ୍ଧାର ହୋଇଥିଲେ ସାନ

ପୁରୁଷୋତ୍ତମପୁର/ଛତ୍ରପୁର,୨୭।୧୦(ଡି.ଏନ୍.ଏ.)

ପୁରୁଷୋତ୍ତମପୁର ଥାନା ଅନ୍ତର୍ଗତ ଷୋଳଘର ଗ୍ରାମ ନିକଟ ଋଷିକୁଲ୍ୟା ନଦୀରେ ଗତ ମଙ୍ଗଳବାର ଦୁଇ ନାବାଳକ ଭାଇ କୃଷ୍ଣ ଚନ୍ଦ୍ର ମହାନ୍ତି ଓରଫ ସୁମିତ ଓ କାହ୍ନୁ ଚରଣ ମହାନ୍ତି ଭାସି ଯାଇଥିଲେ। ନିକଟରେ ଥିବା ଜଣେ ମହିଳା କାହ୍ନୁଙ୍କୁ ଉଦ୍ଧାର କରିଥିବା ବେଳେ ତାଙ୍କ ବଡଭାଇ ସୁମିତଙ୍କ ପତ୍ତା ମିଳି ନ ଥିଲା। ଓଡ୍ରାଫ ଓ ଦମକଳ ବାହିନୀ ପକ୍ଷରୁ ଦୁଇ ଦିନ ପାଣିରେ ଖୋଜା ଚାଲିଥିଲା। ଗୁରୁବାର ଷୋଳଘର ଠାରୁ ୬ କିମି ଦୂର ବଡ଼ମାଧପୁର ବାଲି ଘାଟ ନିକଟରୁ ସୁମିତଙ୍କ ମୃତଦେହ ଛତ୍ରପୁର ଅଗ୍ନିଶମ ବିଭାଗ ଉଦ୍ଧାର କରିଛି । ପୁରୁଷୋତ୍ତମପୁର ପୋଲିସ ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ଏ ନେଇ ଏକ ଅପମୃତ୍ୟୁ ମାମଲା ନଂ.୨୫/୨୨ ରୁଜୁ ହୋଇଛି। ସୂଚନାଯୋଗ୍ୟ, ଦୁଇ ଭାଇ ନଦୀ ପଠାରେ ଖେଳିବା ସମୟରେ କାହ୍ନୁ ପାଣିକୁ ଖସିଯାଇଥିଲେ। ଏହା ଦେଖି ବଡ଼ଭାଇ ସୁମିତ ତାଙ୍କୁ ଉଦ୍ଧାର କରିବାକୁ ଚେଷ୍ଟା କରୁଥିବା ବେଳେ ସେ ମଧ ପାଣିରେ ଭାସି ନିଖୋଜ ହୋଇଯାଇଥିଲେ।


ମୃତଦେହ ଖୋଜୁଛନ୍ତି ଓଡ୍ରାଫ ଓ ଦମକଳ ବାହିନୀ।

# ଧାରଣାରେ ବସିଲା ଭାଜପା ଯୁବମୋର୍ଚ୍ଚା

## ଆଶ୍ରମ ବିଦ୍ୟାଳୟ ଛାତ୍ରୀ ମୃତ୍ୟୁ ଘଟଣା

ଫୁଲବାଣୀ ଅଫିସ, ୨୭।୧୦

କନ୍ଧମାଳ ଜିଲା ତୁମୁଡିବନ୍ଧ ବ୍ଲକ ବେଲଘର ଥାନା ରାଙ୍ଗାପାଜୁ ଆଶ୍ରମ ବିଦ୍ୟାଳୟର ସପ୍ତମ ଶ୍ରେଣୀ ଛାତ୍ରୀ ମୃତ୍ୟୁ ଘଟଣାରେ ପ୍ରକୃତ ଦୋଷୀଙ୍କୁ ଗିରଫ ଦାବିରେ ଗୁରୁବାରଠାରୁ ଭାଜପା ଯୁବ ମୋର୍ଚ୍ଚା ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେଉଛି। ପୀଡ଼ିତାଙ୍କ ପରିବାରକୁ ନ୍ୟାୟ ନ ମିଳିବା ପର୍ଯ୍ୟନ୍ତ ଧାରଣା ଜାରି ରହିବ ବୋଲି ଯୁବ ମୋର୍ଚ୍ଚା ସଭାପତି ଗୋଲକ କହଁର କହିଛନ୍ତି। ଏହି ଘଟଣାରେ ଦୁଇ ଜଣଙ୍କ ଉପରେ ପ୍ରଶାସନ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଥିବା ବେଳେ ଅନ୍ୟମାନଙ୍କୁ କେବଳ କାରଣ ଦର୍ଶାଅ ନୋଟିସ ଜାରି କରି ଚୁପ ବସିଛି । ତଦନ୍ତର ଅଗ୍ରଗତି ହେଉନାହିଁ। ଘଟଣାରେ ସମ୍ପୃକ୍ତ



ଧାରଣାରେ ବସିଥିବା ଯୁବ ମୋର୍ଚ୍ଚା ଏବଂ ଭାଜପା କର୍ମକର୍ତ୍ତା।

ଅନେକ ଦୋଷୀ ଖୁଲମଖୁଲା ବୁଲୁଛନ୍ତି। ସେମାନଙ୍କୁ ଗିରଫ ନ କରାଯିବା ପର୍ଯ୍ୟନ୍ତ ଧାରଣା ସହ ଆନ୍ଦୋଳନକୁ ଆହୁରି ତୀବ୍ର କରାଯିବ ବୋଲି ମୋର୍ଚ୍ଚା ସମ୍ପାଦକ ଜଗନ୍ନାଥ ସାହୁ ଚେତାବନୀ ଦେଇଛନ୍ତି। ଧାରଣାରେ ଯୁବ ମୋର୍ଚ୍ଚା ସଦସ୍ୟଙ୍କ ସହ ଭାଜପାର କର୍ମକର୍ତ୍ତାମାନେ ସାମିଲ ଅଛନ୍ତି।

# ପାରଳାଖେମୁଣ୍ଡି ରେଳଷ୍ଟେଶନର ଉନ୍ନତୀକରଣ ଦାବି

## ପୌର ପ୍ରଶାସନର ପରିଦର୍ଶନ

ପାରଳାଖେମୁଣ୍ଡି,୨୭।୧୦(ଡି.ଏନ୍.ଏ.)

ଗଜପତି ଜିଲା ସଦର ମହକୁମା ପାରଳାଖେମୁଣ୍ଡି ଠାରେ ଥିବା ଶତାୟୁ ରେଳଷ୍ଟେଶନର ଉନ୍ନତି ନିମନ୍ତେ ଦାବି ହୋଇଛି । ଏହି ରେଳଷ୍ଟେଶନ ସ୍ଥାପନ ହେବାର ୧୨୪ବର୍ଷ ଅତିକ୍ରମ ହୋଇଥିବା ବେଳେ ଏହାର ଉନ୍ନତି ପାଇଁ କୌଣସି ପଦକ୍ଷେପ ନିଆଯାଉ ନଥିବାରୁ ବିଭିନ୍ନ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି। ସେହିପରି ଆପନା ପରିଚ୍ଛା ସ୍ମୃତି ସଂସଦ ତରଫରୁ ସଭାପତି ବିଚିତ୍ରାନନ୍ଦ ବେବର୍ତ୍ତା, ସମ୍ପାଦକ ମୁରଲୀଧର ପରିଚ୍ଛା ପ୍ରମୁଖ ଷ୍ଟେଶନର ସମସ୍ତ ଆନୁସାଙ୍ଗିକ ସୁବିଧା ଯୋଗାଇ ଦେବା ପାଇଁ ଦାବି କରିଛନ୍ତି। ମୁଖ୍ୟତଃ ପ୍ଲାଟଫର୍ମର ଉଚ୍ଚତା ବୃଦ୍ଧି, ପାନୀୟ ଜଳ ସମସ୍ୟା ଦୂର କରିବା, ଏଟିଏମ ସ୍ଥାପନ ଓ ପ୍ରବେଶ ଫାଟକ ପୂର୍ବରେ ସ୍ୱାଗତ ଫାଟକ ନିର୍ମାଣ ପାଇଁ ଦାବି ହୋଇଛି। ଏହା ରାଜ୍ୟର ପୁରାତନ ରେଳଷ୍ଟେଶନ ହୋଇଥିଲେ ମଧ ଏଥିପ୍ରତି ଅବହେଳା କରାଯାଇଛି ବୋଲି କହିଛନ୍ତି। ସମସ୍ୟା ସମ୍ପର୍କରେ ପୌର ପ୍ରଶାସନ ଅବଗତ ହେବା ପରେ ପାରଳା ପୌରାଧକ୍ଷା ନିର୍ମଳା ସେଠୀଙ୍କ ପ୍ରତ୍ୟେକ୍ଷ


ପୌର ପ୍ରଶାସନ ଟିମ୍ ରେଳଷ୍ଟେଶନ ପରିସର ବୁଲି ଦେଖୁଛନ୍ତି।

ତତ୍ତ୍ୱାବଧାନରେ କାର୍ଯ୍ୟନିର୍ବାହୀ ଅଧିକାରୀ ଜୁବୁଲୀ ଚରଣ ବେହେରା, ଜନସ୍ୱାସ୍ଥ୍ୟ ବିଭାଗର ଅତିରିକ୍ତ କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ସ୍ୱାଗତ ନାୟକ, ସ୍ଥାନୀୟ ତଥା ୩ ନମ୍ବର ୱାର୍ଡର କାଉନସିଲର ବିଭୂତି ଭୂଷଣ ବେହେରା ପ୍ରମୁଖ ରେଳ ଷ୍ଟେଶନ ପରିଦର୍ଶନ କରିବା ସହ ଏହାର ଉନ୍ନତୀକରଣ ନିମନ୍ତେ ଷ୍ଟେଶନ ମାଷ୍ଟର ରାଜୀବ କୁମାର ଏବଂ ପିଡବ୍ଲ୍ୟୁଆଇ କର୍ମଚାରୀ ଚନ୍ଦ୍ରଶେଖରଙ୍କ ସହ ବିସ୍ତୃତ ଭାବେ ଆଲୋଚନା କରିଛନ୍ତି। ସେହିପରି ଷ୍ଟେଶନ ପରିସରରେ ହାଇମାଷ୍ଟ ଲଗାଇବା ପାଇଁ ପ୍ରସ୍ତୁତ ହେଉଥିବା ସ୍ଥାନ ପରିଦର୍ଶନ କରିଥିଲେ। ରେଳ ଉଚ୍ଚ ବିଭାଗୀୟ କର୍ତ୍ତୃପକ୍ଷଙ୍କ ଅନୁମତି ପରେ ସମସ୍ତ କାର୍ଯ୍ୟ ପାଇଁ ସମ୍ପୂର୍ଣ୍ଣ ରୂପେ ସହଯୋଗ କରାଯିବ ବୋଲି ଷ୍ଟେଶନ ମାଷ୍ଟର କହିଛନ୍ତି।

# ଫଟୋ ଷ୍ଟୁଡିଓ ମାଲିକ ସଂଘ ବୈଠକ

ଛତ୍ରପୁର,୨୭।୧୦(ଡି.ଏନ୍.ଏ.)

ଛତ୍ରପୁରର ଫଟୋ ଷ୍ଟୁଡିଓ ମାଲିକମାନଙ୍କ ଏକ ଜରୁରୀ ବୈଠକ ବରିଷ୍ଠ ଫୋଟଗ୍ରାଫର କାମାକ୍ଷୀ ପ୍ରସାଦ ପଣ୍ଡାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଛତ୍ରପୁର ଅଞ୍ଚଳର ସମସ୍ତ ଫଟୋ ଷ୍ଟୁଡିଓ ମାଲିକ ଏବଂ ସେମାନଙ୍କ ପ୍ରତିନିଧି ଯୋଗଦେଇ ବିଭିନ୍ନ ବିଷୟରେ ଆଲୋଚନା କରିଛନ୍ତି। ଏଥିସହିତ ନୂତନ ଦର ଧାର୍ଯ୍ୟ ଓ ଛତ୍ରପୁର ଫଟୋଗ୍ରାଫର ଆସୋସିଏଶନ ନାମରେ ଏକ ସଂଘ ଗଠନ ଲାଗି ନିଷ୍ପତ୍ତି ହୋଇଥିଲା। ସର୍ବସମ୍ମତି କ୍ରମେ ଏହାକୁ ଗୃହୀତ କରାଯିବା ସହିତ ସଂଘ ସୁପରିଚାଳନା ନିମନ୍ତେ କର୍ମକର୍ତ୍ତା ଚୟନ କରାଯାଇଛି। ଫଟୋଗ୍ରାଫର ଆସୋସିଏଶନର ଉପଦେଷ୍ଟା ଭାବେ କାମାକ୍ଷୀ ପ୍ରସାଦ ପଣ୍ଡା, ସଭାପତି ଭାବେ କୃଷ୍ଣ ଚନ୍ଦ୍ର ସାହୁ , ସମ୍ପାଦକ ଭାବେ ଦିଲୀପ କୁମାର ସାମଲ, ଯୁଗ୍ମ ସମ୍ପାଦକ ଭାବେ ବିକ୍ରମ କୁମାର ବେହେରା ଓ କୋଷାଧକ୍ଷ ସି .ହରେଗୋପାଲ ରାଓ ରହିଛନ୍ତି। ପ୍ରଶାନ୍ତ କୁମାର ମହାରଣା, ସୁଶାନ୍ତ କୁମାର ସେନାପତି, ଲଳିତ କୁମାର ନାଇଡୁ, ଯୋଗେଶ୍ୱର ସେଠୀ, ମୁରଲୀ ମୋହନ ନାଇଡୁ, ସୁଜୟ ସୁପ୍ରକାଶ ଧଳ, ଗିରୀଶ ମୋହନଙ୍କ ସମେତ ବହୁ ଫଟୋଗ୍ରାଫର ବୈଠକରେ ଉପସ୍ଥିତ ଥିଲେ ।

# ବୈଦିକ ସତ୍‌ସଙ୍ଗ ସମିତି ବାର୍ଷିକୋତ୍ସବ

ପାତ୍ରପୁର,୨୭।୧୦(ଡି.ଏନ୍.ଏ.)

ପାତ୍ରପୁର ବ୍ଲକ ଜରଡ଼ା ବୈଦିକ ସତସଙ୍ଗ ସମିତିର ବାର୍ଷିକୋତ୍ସବ ଅନୁଷ୍ଠିତ ହୋଇଯାଇଛି। ବୁଧବାର ଭୋରରେ ନଗର ପରିକ୍ରମା ଓ ସଭାପତି ବୈକୁଣ୍ଠ ରାଓ ସୁବୁଦ୍ଧିଙ୍କ ଦ୍ୱାରା ଓଁ ଧ୍ୱଜା ଉତ୍ତୋଳନ କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ବେଦ ମନ୍ଦିରର ଅଧିଷ୍ଠାତା ପଣ୍ଡିତ ଲକ୍ଷ୍ମଣ କୁମାର ଶାସ୍ତ୍ରୀ, ସୁରେନ୍ଦ୍ର କୁମାର ଶାସ୍ତ୍ରୀ, ବ୍ରଜବନ୍ଧୁ ରାଉତ, ଲତା ଦାସ ଯୋଗ ଦେଇ ଶୁଭାରମ୍ଭ କରିଥିଲେ। ୩ ଦିନ ବ୍ୟାପି ହେଉଥିବା ଏହି କାର୍ଯ୍ୟକ୍ରମରେ ପ୍ରତ୍ୟେହ ଯଜ୍ଞ, ଭଜନ ଓ ପ୍ରବଚନ ଅନୁଷ୍ଠିତ ହେଉଛି। ମହାଯଜ୍ଞରେ ରଘୁନାଥ ଗୌଡ଼ ଓ ସବିତା ଦେବୀ କର୍ତ୍ତା ହୋଇଥିଲେ। କାର୍ଯ୍ୟକ୍ରମରେ ସମିତିର ସଭ୍ୟାସଭ୍ୟମାନେ ଉପସ୍ଥିତ ରହି ସହଯୋଗ କରିଥିଲେ।

# ଗୁମ୍ମାରେ ବିଜେଡିର ପଦଯାତ୍ରା

ପାରଳାଖେମୁଣ୍ଡି,୨୭।୧୦(ଡି.ଏନ୍.ଏ.)

ଗଜପତି ଜିଲା ଗୁମ୍ମା ବ୍ଲକରେ ବିଜେଡିର ଜନସମ୍ପର୍କ ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ଜିଲାର ବରିଷ୍ଠ ନେତା ତଥା ହାଇଟେକ ଗ୍ରୁପ ଅଧକ୍ଷ ଡ.ତିରୁପତି ପାଣିଗ୍ରାହୀ, ଜିଲା ପରିଷଦ ଅଧକ୍ଷ ଗବରା ତିରୁପତି ରାଓ, ଜିଲା ସଭାପତି ପ୍ରଦୀପ ନାୟକ, ଗୁମା ବ୍ଲକ ଅଧକ୍ଷା ସୁନେମି ମଣ୍ଡଳ, ବିଜେଡି ବରଷ୍ଠ ନେତା ବସନ୍ତ ଦାସ, ଜମିନଦାର ପଟ୍ଟନାୟକ,



ପଦଯାତ୍ରାରେ ସାମିଲ ହୋଇଥିବା ନେତା ଓ କର୍ମୀମାନେ।

ସମସ୍ତ ପଞ୍ଚାୟତର ସରପଞ୍ଚ, ସମିତି ସଭ୍ୟ ଏବଂ ବହୁ ଯୁବ ଛାତ୍ର, ମହିଳା ପଦଯାତ୍ରାରେ ଯୋଗଦେଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦ୍ୱାରା କରାଯାଇଥିବା ବିକାଶ ମୂଳକ କାର୍ଯ୍ୟର ବାର୍ତ୍ତା ଜନ ସାଧାରଣଙ୍କୁ ଜଣାଇଥିଲେ।

# ଡାକ ବିଭାଗ ପକ୍ଷରୁ ପ୍ରତିଯୋଗିତା


ପ୍ରତିଯୋଗିତା ଚାଲିଛି।

ଭଞ୍ଜନଗର,୨୭।୧୦(ଡି.ଏନ୍.ଏ.)

ଭଞ୍ଜନଗର ଡାକ ବିଭାଗ ପକ୍ଷରୁ ଗୁରୁବାର ସ୍ଥାନୀୟ କବିସମ୍ରାଟ ଉପେନ୍ଦ୍ର ଭଞ୍ଜ ମହାବିଦ୍ୟାଳୟରେ ଭିଜନ ଫର ଇଣ୍ଡିଆ ୨୦୪୭ ଉପରେ ଏକ ଲିଖିତ ପ୍ରତିଯୋଗିତା ହୋଇଥିଲା। ରାଜ୍ୟ ଓ ଜାତୀୟସ୍ତରୀୟ ପ୍ରତିଯୋଗିତାରେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିବା ପ୍ରତିଯୋଗୀଙ୍କୁ ଆଗାମୀ ଦିନରେ ପୁରସ୍କୃତ କରାଯିବ। ଜୁଲାଇ ୧ରୁ ଆରମ୍ଭ ହୋଇଥିବା ଏହି ପ୍ରତିଯୋଗିତା ଆସନ୍ତା ୩୧ତାରିଖ ପର୍ଯ୍ୟନ୍ତ ଚାଲିବ। ଭଞ୍ଜନଗର ମୁଖ୍ୟ ଡାକଘର ପକ୍ଷରୁ ଆୟୋଜିତ ଏହି ପ୍ରତିଯୋଗିତାକୁ ବରିଷ୍ଠ କର୍ମଚାରୀ ଶମ୍ଭୁ ପ୍ରସାଦ ତ୍ରିପାଠୀ, ବଜାର ସବ ପୋଷ୍ଟମାଷ୍ଟର ରବୀନ୍ଦ୍ର ନାଥ ବିଶୋଇ, ଅଧ୍ୟାପିକା ମନ୍ଦାକିନୀ ପଣ୍ଡା ପ୍ରମୁଖ ପରିଚାଳନାରେ ସାହାଯ୍ୟ କରିଥିଲେ।

# ଦିବ୍ୟାଙ୍ଗ ମହିଳାଙ୍କ ଧାରଣା ପ୍ରତ୍ୟାହୃତ

ଭଞ୍ଜନଗର,୨୭।୧୦(ଡି.ଏନ୍.ଏ.)

ତାରସିଂ ଥାନା ଅନ୍ତର୍ଗତ କୋକଳବା ଗ୍ରାମର ଶିବରାମ ପ୍ରଧାନଙ୍କ ଘର ସମ୍ମୁଖରେ ତାଙ୍କ ଦିବ୍ୟାଙ୍ଗ ସ୍ତ୍ରୀ ଗୀତାଞ୍ଜଳି ନ୍ୟାୟ ଦାବିରେ ୫ ଦିନ ହେଲା ଧାରଣାରେ ବସିଥିଲେ। ରାଜ୍ୟ ମହିଳା କମିଶନ ଅଧକ୍ଷା ଡ. ମିନତୀ ବେହେରା ଭଞ୍ଜନଗର ହାର୍ଟ ନଗରରେ ବନ ବିଭାଗ ପକ୍ଷରୁ ଚାଲିଥିବା କାଳୀପୂଜା ଦେଖିବାକୁ ଆସିଥିବା ବେଳେ ଗୀତାଞ୍ଜଳିଙ୍କ ଧାରଣା ସମ୍ପର୍କରେ ଜାଣି ନିଜ ଆଡୁ ସମାଧାନ ପାଇଁ ଚେଷ୍ଟା କରିଥିଲେ। ଗୁରୁବାର ଅପରାହ୍ନରେ ସେ ତାରସିଂ ଥାନାରେ ପହଞ୍ଚି ଗୀତାଞ୍ଜଳି ଏବଂ ତାଙ୍କ ସ୍ୱାମୀ ଶିବରାମଙ୍କ ପରିବାରର ଲୋକଙ୍କୁ ଡାକି ବୁଝାଶୁଝା କରିଥିଲେ। ଏହାପରେ ଗୀତାଞ୍ଜଳି ଧାରଣା ପ୍ରତ୍ୟାହୃତ କରିଛନ୍ତି। ଅନ୍ୟପଟେ ଶିବରାମ ଗାଁରେ ନ ଥିବାରୁ ଅଡୁଆ ସମ୍ପୂର୍ଣ୍ଣ ଭାବେ ତୁଟି ନାହିଁ। ପୋଲିସ ମାସକ ମଧରେ ଶିବରାମଙ୍କୁ ଖୋଜି ଆଣି ପୁନଃ ବୁଝାଶୁଝା କରି ସ୍ଥାୟୀ ସମାଧାନ ହୋଇପାରିବ ସେଥିପାଇଁ

## ସମସ୍ୟା ସମାଧାନ କଲେ ମହିଳା କମିଶନ ଅଧକ୍ଷା


ମହିଳା କମିଶନ ଅଧକ୍ଷା ଡ. ମିନତୀ ବେହେରା ସମସ୍ୟାର ସମାଧାନ କରୁଛନ୍ତି।

ଚେଷ୍ଟା କରିବାକୁ ବୈଠକରେ ନିଷ୍ପତ୍ତି ହୋଇଛି।

ପ୍ରକାଶ ଯେ,ଗାଙ୍ଗପୁର ଥାନା ବାଙ୍କେଲେଡି ଗ୍ରାମର ଗୀତାଞ୍ଜଳି ୫ ବର୍ଷ ପୂର୍ବେ ଶିବରାମଙ୍କୁ ବିବାହ କରିଥିଲେ। ସେମାନଙ୍କ ଏକ ପୁତ୍ର ସନ୍ତାନ ଜନ୍ମ ହୋଇଥିଲା। ପରେ କୌଣସି କାରଣରୁ ଦମ୍ପତିଙ୍କ ମଧରେ ବିବାଦ ଦେଖାଦେଇଥିଲା। ଗତ ମାସରେ ଗୀତାଞ୍ଜଳି ସ୍ୱାମୀଙ୍କ ବିରୋଧରେ ଯୌତୁକ ନିର୍ଯାତନା ଅଭିଯୋଗ ଆଣିଥିଲେ। ପୋଲିସ ଏକ ମାମଲା ରୁଜୁ କରି ଅଭିଯୁକ୍ତଙ୍କୁ ଖୋଜୁଥିଲା। ଏଭଳି ସ୍ଥିତିରେ ଶିବରାମ କୁଆଡେ ଦ୍ୱିତୀୟ ବିବାହ ପାଇଁ ଯୋଜନା କରୁଥିବା ଶୁଣି ଗୀତାଞ୍ଜଳି ୫ ଦିନ ହେବ ତାଙ୍କ ଘର ସମ୍ମୁଖରେ ଧାରଣାରେ ବସିଥିଲେ। ୩ ଦିନ ପୂର୍ବେ ଭଞ୍ଜନଗର କାଳୀପୂଜା ଦେଖିବାକୁ ଆସିଥିବା ମହିଳା କମିଶନ ଅଧକ୍ଷା ଡ. ବେହେରା ଏନେଇ ଜାଣିବା ପରେ ସମସ୍ୟାର ସମାଧାନ ପାଇଁ ଚେଷ୍ଟା କରିଥିଲେ। ତେଣୁ ଗୁରୁବାର ତାରସିଂ ଥାନାରେ ମହିଳା କମିଶନ ଅଧକ୍ଷା, ଥାନା ଅଧିକାରୀ ପି କେ ଦାସ, ଭଞ୍ଜନଗର ସିଡିପିଓ ପ୍ରମୁଖଙ୍କୁ ନେଇ ହୋଇଥିବା ବୈଠକରେ ଉଭୟ ପକ୍ଷଙ୍କୁ ବୁଝାଶୁଝା କରାଯାଇଛି। ଗୀତାଞ୍ଜଳି ଗଣମାଧମ ସମ୍ମୁଖରେ କହିଛନ୍ତି ଯେ ମହିଳା କମିଶନ ଅଧକ୍ଷା ଏବଂ ଥାନା ଅଧିକାରୀଙ୍କ ପ୍ରତିଶ୍ରୁତିକୁ ସମ୍ମାନ ଜଣାଇ ନିଜ ବାପ ଘରକୁ ଯିବା ପାଇଁ ରାଜି ହୋଇଛି। ଯଦି ଏକ ମାସ ମଧରେ ନ୍ୟାୟ ନ ମିଳେ ପୁଣି ସ୍ୱାମୀଙ୍କ ଘର ସମ୍ମୁଖରେ ଧାରଣା ଦେବେ ବୋଲି କହିଛନ୍ତି। ମହିଳା କମିଶନ ଅଧକ୍ଷା ମିନତୀ ବେହେରା କହିଛନ୍ତି, ଉଭୟ ପକ୍ଷକୁ ଡାକି ବୁଝାଶୁଝା କରିବା ପରେ ଗୀତାଞ୍ଜଳି ଧାରଣା ପ୍ରତ୍ୟାହୃତ କରିଛନ୍ତି। ଏକ ମାସ ମଧରେ ପୁଣି ଉଭୟ ପକ୍ଷକୁ ଡାକି ସ୍ଥାୟୀ ସମାଧାନ ପାଇଁ ଚେଷ୍ଟା କରାଯିବ।

# ବିପଦରେ ବାଉଁଶ ଜଙ୍ଗଲ



ବୈଠକରେ ମଞ୍ଚସୀନ ଅତିଥିବୃନ୍ଦ ।

**ବନ ଉନ୍ନୟନ ସଂସ୍ଥାର କାର୍ଯ୍ୟକାରିଣୀ**

- ୩୬.୧୮ ପ୍ରତିଶତ ଜଙ୍ଗଲରେ ଭରପୂର
- ବଢ଼ୁଛି ଶିକାର, ସୁରକ୍ଷିତ ନୁହଁନ୍ତି ବନ୍ୟପ୍ରାଣୀ
- ମାଙ୍କଡ଼, ଗୟଲ, ବାର୍ହା ନଷ୍ଟ କରୁଛନ୍ତି ଫସଲ

**ନୟାଗଡ଼ ଅଫିସ,୨୭।୧୦**

ନୟାଗଡ଼ ଜିଲା ପରିଷଦର ସମ୍ମିଳନୀ କକ୍ଷ ସୃଜନରେ ନୟାଗଡ଼ ବନ ଉନ୍ନୟନ ସଂସ୍ଥାର ଦ୍ୱାଦଶ ଓ ତ୍ରୟୋଦଶ ବାର୍ଷିକ ସାଧାରଣ ଅଧିବେଶନ ଏବଂ ତ୍ରୟୋଦଶ ଏବଂ ଚତୁର୍ଥ କାର୍ଯ୍ୟକାରିଣୀ ଅଧିବେଶନ ଅନୁଷ୍ଠିତ ହୋଇଯାଇଛି। ନୟାଗଡ଼ ଡିଏଫ୍ଓ କ୍ଷମା ଷଡ଼ଙ୍ଗୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ମୁଖ୍ୟଅତିଥି ରୂପେ ଆର୍‌ସିସିଏଫ୍ ମନୋଜ ମହାପାତ୍ର ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ରୂପେ ଓଏଫ୍‌ଡିସିର ଡିଭିଜନାଲ ମ୍ୟାନେଜର ରୁଦ୍ର ମାଧବ ସାହୁ, ଅତିରିକ୍ତ ଜିଲାପାଳ ବିଧାନ ଚନ୍ଦ୍ର ରାୟ, ଏସିଏଫ୍ ହିମାଂଶୁ ଶେଖର ମୁଦୁଲି, ସିଡିଭିଓ ଏସ୍.ଏନ୍. ପଣ୍ଡା, ଡେପୁଟି ଡାଇରେକ୍ଟର ଉଦ୍ୟାନ ବିଭାଗ ଲଳିତ ପଣ୍ଡା, ଜଳ ବିଭାଜିକା ପିଡି ସୁଧାକର ଶତପଥୀ, ଡିଏସ୍‌ପି ସୁଷମା ପ୍ରଧାନ, ସାମାଜିକ କର୍ମୀ ପୁଷ୍ପାଞ୍ଜଳି ମିଶ୍ର ପ୍ରମୁଖ ଯୋଗ ଦେଇଥିଲେ। ବୈଠକରେ ବିପଦରେ ବାଉଁଶ ଜଙ୍ଗଲ ବୋଲି ମତ ପ୍ରକାଶ ପାଇଥିଲା। ସେହିପରି ଶିକାର ବଢ଼ୁଥିବାବେଳେ ଚାଷୀ ମାଙ୍କଡ଼, ଗୟଳ ଓ ବାର୍ହା ଉତ୍ପାତରେ କ୍ଷତିଗ୍ରସ୍ତ ହେଉଛନ୍ତି। ସେମାନଙ୍କୁ କ୍ଷତିପୂରଣ ମିଳୁ ନାହିଁ। ଅନ୍ୟପକ୍ଷେ ନୟାଗଡ଼ ବନ ରେକର୍ଡରେ ୩୬.୧୮ ପ୍ରତିଶତ ଜଙ୍ଗଲ ରହିଛି। ତେବେ ଅଧିକାଂଶ ଜଙ୍ଗଲରେ ଲଟା ମାଡ଼ିଯିବାରୁ ଗଛ ବଢ଼ି ପାରୁ ନାହିଁ। ଏହାର ସଫେଇ କରାଯିବାକୁ ମତ ପ୍ରକାଶ ପାଇଛି।

ଡିଏଫ୍ଓଙ୍କ ସୂଚନା ଅନୁଯାୟୀ ପାହାଡ଼ ଓ ଜଙ୍ଗଲରେ ଭରପୂର ନୟାଗଡ଼ ବନଖଣ୍ଡ। ଏଠାକାର ଲୋକମାନେ କୃଷି ଉପରେ ନିର୍ଭରଶୀଳ ହୋଇଥିଲେ ହେଁ ଆଦିବାସୀମାନେ ଜଙ୍ଗଲ ଉପରେ ନିର୍ଭର କରି ଚଳୁଛନ୍ତି। ଜଙ୍ଗଲ ୯୦ ପ୍ରତିଶତ ଲୋକଙ୍କ ଆବଶ୍ୟକତା ମେଣ୍ଟାଉଛି। ଏଠାରେ ୯୦୮୪୦.୮୪ ହେକ୍ଟରର ୪୨ଟି ସଂରକ୍ଷିତ ଜଙ୍ଗଲ, ୧୧୩୬୭.୮୯ ହେକ୍ଟରର ୨୭ଟି ପ୍ରସ୍ତାବିତ ସଂରକ୍ଷିତ ଜଙ୍ଗଲ, ୮୧୭୬.୬୩ ହେକ୍ଟରର ୨୧ଟି ଚିହ୍ନିତ ସୁରକ୍ଷିତ ଜଙ୍ଗଲ, ୫୭୯.୪୫ ହେକ୍ଟରର ୬୩ ଗ୍ରାମ୍ୟ ଜଙ୍ଗଲ ଏପରି ମୋଟ ୧୧୦୯୬୪.୮୧ ହେକ୍ଟରର(୩୬.୧୮ ପ୍ରତିଶତ ) ଜଙ୍ଗଲ ରହିଛି। ଜନସଂଖ୍ୟା ବୃଦ୍ଧି, ସହରୀକରଣ, କାଠ ଚାହିଦା ଯୋଗୁ ଜଙ୍ଗଲ କ୍ଷୟ ହେଉଛି। ଜଙ୍ଗଲର ପୁନରୁଦ୍ଧାର ଓ ଅବକ୍ଷୟ ରୋକିବା ପାଇଁ କେନ୍ଦ୍ର ସରକାରଙ୍କ ଦଶମ ପଞ୍ଚ ବାର୍ଷିକ ଯୋଜନାରେ ନୟାଗଡ଼ ପରି ବନ ଉନ୍ନୟନ ସଂସ୍ଥା ଗଠନ ହୋଇଛି। ଜଙ୍ଗଲ ସୁରକ୍ଷା ସହିତ ବନ୍ୟପ୍ରାଣୀ ସଂରକ୍ଷଣ, ପରିବେଶ ସୁରକ୍ଷା ଚାଲିଛି। ୩୩୭ ବନ ସଂରକ୍ଷଣ ସମିତି ଗଠନ କରାଯାଇ ୩୩୩୭୨୫.୨୮ ହେକ୍ଟର ଜଙ୍ଗଲର ଦାୟିତ୍ୱ ପ୍ରଦାନ କରାଯାଇଛି।

ମା'ମଙ୍ଗଳା ବନସୁରକ୍ଷା ସମିତି ବଧୁଲିପୁରର ସଭାପତି ବିରଞ୍ଚି ନାରାୟଣ ବେହେରା କୁହନ୍ତି, ଆମ ଜଙ୍ଗଲରେ ହରିଣ, ମୟୂର ପରି ବନ୍ୟପ୍ରାଣୀ ଅଛନ୍ତି। ଏମାନଙ୍କୁ ଆମେ ସୁରକ୍ଷା ଦେଉଥିଲେ ହେଁ ଆମ ଅଞ୍ଚଳରେ ଆବଶ୍ୟକ ବନ କର୍ମଚାରୀ ନାହାନ୍ତି। ଏଣୁ ଶିକାରକୁ ରୋକି ହେଉନି। ମାଙ୍କଡ଼ ଘରେ ପଶି କ୍ଷତି କରୁଛି। ହେଲେ କ୍ଷତିପୂରଣ ମିଳୁନି। ଡାଲଖାଇ ବନ ସୁରକ୍ଷା ସମିତି ଦୟଣାଝରିର ସଭାପତି କହିଥିଲେ ଗୟଳ, ମାଙ୍କଡ ଓ ବାର୍ହା ଫସଲ ନଷ୍ଟ କରୁଥିବା ବେଳେ କ୍ଷତିପୂରଣ ମିଳୁନି। ନଦୀକୂଳରେ କିଛି ଶାଗୁଆନ ଗଛ ଅଛି ସେଗୁଡ଼ିକ ଧ୍ୱଂସ ପାଇ ଚାଲିଛି। ଏ ଦିଗରେ ଗୁରୁତ୍ୱ ଦିଆଯାଉ। ପଥରକଟା ବନ ସଂରକ୍ଷଣ ସମିତିର ସଭାପତି ଦେବରାଜ ବରାଳ କୁହନ୍ତି, ଅବାଧରେ ଶାଗୁଆନ କାଠ ଶିକାର ଚାଲିଛି। ଆମ ଜଙ୍ଗଲରେ ପାଣିର ଅଭାବ ରହିଛି। ବନ୍ୟପ୍ରାଣୀଙ୍କ ପାଇଁ ପୋଖରୀର ଆବଶ୍ୟକତା ରହିଛି। ଏସିଏଫ୍ ଶ୍ୱେତାଲିନା ସାହୁ ସଭା ପରିଚାଳନା କରିଥିଲେ। ଆଞ୍ଚଳିକ ବନ ସଂରକ୍ଷକ(ଆର୍‌ସିସିଏଫ୍) ମନୋଜ ମହାପାତ୍ର କହିଥିଲେ ୨୦୨୦-୨୧ ବର୍ଷର ୧୩ଗୋଟି ବନ ସୁରକ୍ଷା ସମିତି ପାଇଁ କ'ଣ ଯୋଜନା ହୋଇଛି, କ'ଣ କରାଯିବ, ଆଉ କ'ଣ ଆବଶ୍ୟକତା ରହିଛି ସେ ଉପରେ ସମୀକ୍ଷା ହୋଇଥିଲା। ମତାମତ ନିଆଯାଇଥିଲା। ଅନ୍ୟପକ୍ଷେ ବନସୁରକ୍ଷା ସମିତିର ବିକାଶ ପାଇଁ ମାଇକ୍ରୋପ୍ଲାନ ତିଆରି ପାଇଁ ଏକ ଏନ୍‌ଜିଓକୁ ଦାୟିତ୍ୱ ଦିଆଯାଇଛି। ଜଙ୍ଗଲକୁ ନ କାଟି ତା'ର ସଦୁପଯୋଗ କରିବାକୁ ସେ ଅନୁରୋଧ କରିଛନ୍ତି।

## ସଂକ୍ଷେପରେ

### ସାମାଜିକ କର୍ମୀଙ୍କୁ ଆକ୍ରମଣ, ଜଣେ ଗିରଫ

**ବାପା,୨ ପୁଅ ଫେରାର**

ଓଡ଼ଗାଁ,୨୭।୧୦(ସ୍ୱ.ପ୍ର.): ନୟାଗଡ଼ ଜିଲା ଓଡ଼ଗାଁରେ ବିଜେ ଶ୍ରୀରଘୁନାଥଜୀଉଙ୍କ ମନ୍ଦିରର ଏକ ମୂଲ୍ୟବାନ ଜାଗାକୁ ନେଇ ଉପୁଜିଥିବା ବିବାଦରେ ପୋଲିସ ଜଣେ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସୂଚନା ଅନୁଯାୟୀ, ମନ୍ଦିର ବେଢ଼ା ସଂଲଗ୍ନ ଏକ ୪ ଡିସିମିଲ ଶ୍ରୀଜୀଉଙ୍କ ମୂଲ୍ୟବାନ ଜାଗାକୁ ଖଲି ଗୌଡ଼ ନାମକ ଜଣେ ବ୍ୟକ୍ତି ଜବରଦଖଲ କରି ଦି ମହଲା ଘର ନିର୍ମାଣ କରିଥିଲେ । ଏ ନେଇ ପ୍ରଶାସନିକ ନଥିପତ୍ରରୁ ସୂଚନା ମିଳିବା ପରେ ସେହି ସ୍ଥାନକୁ ଖାଲି କରିବାକୁ ସ୍ଥାନୀୟ ତହସିଲଦାରଙ୍କୁ ନିର୍ଦ୍ଦେଶ ମିଳିଥିଲା। ହେଲେ ସେହି ନିର୍ଦ୍ଦେଶ ଏ ଯାବତ୍ କାର୍ଯ୍ୟକାରୀ ହୋଇନାହିଁ । ଏନେଇ ସ୍ଥାନୀୟ ଜନସାଧାରଣଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଥିଲା । ଗତ ୧୧ ତାରିଖ ସନ୍ଧ୍ୟାରେ ଆଞ୍ଚଳିକ ବିକାଶ ପରିଷଦ ସଭାପତି ସୁଶାନ୍ତ କୁମାର ସାହୁ ସ୍ଥାନୀୟ ବିଧାୟକ ଅରୁଣ କୁମାର ସାହୁଙ୍କୁ ଭେଟି ଏଥିରେ ହସ୍ତକ୍ଷେପ କରିବାକୁ ଅନୁରୋଧ କରିଥିଲେ । ଏଥିରେ ଉତ୍ତ୍ୟକ୍ତ ହୋଇ ଜବରଦଖଲ କରିଥିବା ଖଲି ଗୌଡ ଏବଂ ତାଙ୍କର ୩ ପୁଅ ସେଦିନ ସନ୍ଧ୍ୟାରେ ସୁଶାନ୍ତଙ୍କୁ ମିଳିତ ଭାବେ ଆକ୍ରମଣ କରିଥିଲେ । ସୁଶାନ୍ତଙ୍କ ଅଭିଯୋଗ କ୍ରମେ ଥାନାରେ ଖଲି ଗୌଡଙ୍କ ସମେତ ତାଙ୍କ ୩ ପୁଅଙ୍କ ବିରୋଧରେ ପୋଲିସ ବିଭିନ୍ନ ଦଫାରେ ଏକ ମାମଲା(ନଂ.୧୫୭/୨୨)ରୁଜୁ କରିଥିଲା । ବୁଧବାର ପୋଲିସ ଖଲିଙ୍କ ପୁଅ ଗାଣ୍ଡୁ ଗୌଡ଼ଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି । ଅନ୍ୟମାନେ ଫେରାର ଥିବା ପୋଲିସ ସୂଚନା ଦେଇଛି । ସେମାନଙ୍କୁ ଗିରଫ କରିବାକୁ ପୋଲିସ ଉଦ୍ୟମ ଜାରି ରଖିଛି ।

### ପୂର୍ବ ଶତ୍ରୁତାରୁ ଆକ୍ରମଣ ଘଟଣା, ୨ ଗିରଫ

ଓଡ଼ଗାଁ,୨୭।୧୦(ସ୍ୱ.ପ୍ର.): ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ସ୍ଥାନୀୟ ଖେଳପଡ଼ିଆ ସାହିର ରଞ୍ଜନ ଦଳବେହେରାଙ୍କୁ ଆକ୍ରମଣ ଘଟଣାରେ ପୋଲିସ ୨ ଅଭିଯୁକ୍ତଙ୍କୁ ଗିରଫ କରିଛି । ଅନ୍ୟ ୩ ଜଣ ଫେରାର ଥିବା ସୂଚନା ମିଳିଛି। ସୂଚନା ଅନୁଯାୟୀ, ପୂର୍ବ ଶତ୍ରୁତାକୁ ନେଇ ୨୧ ତାରିଖରେ ସ୍ଥାନୀୟ ଖେଳପଡିଆ ସାହି ରାସ୍ତାରେ ରଞ୍ଜନଙ୍କୁ ୫ଜଣ ମିଳିତ ଭାବେ ଆକ୍ରମଣ କରିଥିଲେ । ଏଥିରେ ରଞ୍ଜନ ଗୁରୁତର ହୋଇଥିଲେ । ପରିବାର ଲୋକେ ତାଙ୍କୁ ସ୍ଥାନୀୟ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ପରେ ତାଙ୍କୁ ଭୁବନେଶ୍ୱର ସ୍ଥାନାନ୍ତର କରାଯାଇଥିଲା । ଏ ସଂକ୍ରାନ୍ତରେ ତାଙ୍କ ସ୍ତ୍ରୀ ଅଶାନ୍ତି ଦଳବେହେରା ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା(ନଂ.୧୬୩/୨୦୨୨) ରୁଜୁ କରି ୨ ଅଭିଯୁକ୍ତଙ୍କୁ ଗିରଫ କରିଛି । ସେମାନେ ହେଲେ ହେମାମାଳିସାହିର ଅର୍ନ୍ତଯ୍ୟାମୀ ନାୟକ(୩୮) ଓ ବିଜୟ ମଣ୍ଡପସାହିର ବୁଦ୍ଧିଆ ଓରଫ ସୁବାସ ଚନ୍ଦ୍ର ପ୍ରଧାନ(୩୫)। ଉଭୟଙ୍କୁ ବୁଧବାର କୋର୍ଟ ଚାଲାଣ କରାଯାଇଛି । ଅନ୍ୟମାନଙ୍କୁ ଖୁବ୍‌ଶୀଘ୍ର ଗିରଫ କରାଯିବ ବୋଲି ପୋଲିସ କହିଛି ।

## ବ୍ଲକସ୍ତରୀୟ ଶିଶୁ ମହୋତ୍ସବ ସୁରଭି



ସୁରଭି କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅତିଥି ।

**ଭାପୁର,୨୭।୧୦ (ଡି.ଏନ.ଏ.)**

ଭାପୁର ବ୍ଲକ ବାଇଗୁଣିଆ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ବୁଧବାର ଶିଶୁ ମହୋତ୍ସବ ସୁରଭି-୨୦୨୨ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମକୁ ବାଇଗୁଣିଆ ସରପଞ୍ଚ ନିରୁପମା ମହାରଣା ମୁଖ୍ୟଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ । ମୁଖ୍ୟବକ୍ତା ଭାବେ ବୈକୁଣ୍ଠନାଥ ଦାଶ, ସମ୍ମାନିତ ଅତିଥି ଭାବେ ଧ୍ରୁବଚରଣ ରାଉତ ଓ ସଞ୍ଜୁଲତା ସାହୁ ଯୋଗଦେଇଥିଲେ । ଅପରାହ୍ନରେ ଆୟୋଜିତ ଉଦ୍‌ଯାପନୀ ଉତ୍ସବରେ ଭାପୁର ପଞ୍ଚାୟତ ସମିତି ଉପାଧ୍ୟକ୍ଷ ବେଣୁଧର ପ୍ରଧାନ ମୁଖ୍ୟଅତିଥି, ଭାପୁର ବିଡିଓ ରଞ୍ଜିତ କୁମାର ମଲ୍ଲିକ ମୁଖ୍ୟବକ୍ତା ଓ ଜିଲା ପରିଷଦ ସଭ୍ୟ ବିଜୟ କୁମାର ସାମନ୍ତରାୟ , ବ୍ଲକ ଶିକ୍ଷାଧିକାରୀ ଜୟନ୍ତୀ ସାହୁ , ଅତିରିକ୍ତ ଶିକ୍ଷାଧିକାରୀ କୃଷ୍ଣଚନ୍ଦ୍ର ତ୍ରିପାଠୀ, ପ୍ରଧାନ ଶିକ୍ଷକ ପ୍ରଫୁଲ୍ଲ କୁମାର ନାୟକ, ସ୍ଥାନୀୟ ସରପଞ୍ଚ ନିରୁପମା ମହାରଣା, ସମିତିସଭ୍ୟା ପ୍ରତିନିଧି ବୈକୁଣ୍ଠ ନାଥ ଦାଶ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ଛାତ୍ରୀଛାତ୍ରଙ୍କ ସୃଜନାତ୍ମକ ଦକ୍ଷତା ଉପରେ ଆଲୋକପାତ କରିଥିଲେ । ଛାତ୍ରୀଛାତ୍ରମାନେ ଜୁନିୟର ଓ ସିନିୟର ବର୍ଗରେ ବିତର୍କ, ପ୍ରବନ୍ଧ, ଚିତ୍ରାଙ୍କନ, କୁଇଜ, ସୃଜନଶୀଳ ଲିଖନ, ବକ୍ତୃତା, ସଙ୍ଗୀତ ଆଦି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ । କୃତୀ ଛାତ୍ରୀଛାତ୍ରଙ୍କୁ ଅତିଥିମାନଙ୍କ ଦ୍ୱାରା ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା । ଏହି କାର୍ଯ୍ୟକ୍ରମକୁ ଭାପୁର ବାଲୁଙ୍କେଶ୍ୱର ଦେବ ଉଚ୍ଚ ବିଦ୍ୟାପୀଠର ପ୍ରଧାନଶିକ୍ଷକ ନିତ୍ୟାନନ୍ଦ ଦାଶ ପରିଚାଳନା କରିଥିଲେ ।

## ଦୃତିକେଶ୍ୱର ମହାଦେବଙ୍କ ହୁଣ୍ଡି ଚୋରି, ଜଣେ ଗିରଫ

**ଓଡ଼ଗାଁ,୨୭।୧୦(ସ୍ୱ.ପ୍ର.)**

ଓଡ଼ଗାଁ ନିକଟସ୍ଥ ଜାମୁପାଟଣାରେ ବିଜେ ବାବା ଦୃତିକେଶ୍ୱର ମହାଦେବଙ୍କ ହୁଣ୍ଡି ଚୋରି ଘଟଣାରେ ପୋଲିସ ଜଣେ ଯୁବକଙ୍କୁ ଗିରଫ କରି ବୁଧବାର କୋର୍ଟଚାଲାଣ କରିଛି । ସେ ହେଲେ ବାହାଡ଼ାଖୋଲା ଗ୍ରାମର ବାବୁ ଭୂୟାଁ ଓରଫ ସୌମ୍ୟରଞ୍ଜନ ଦାସ । ଗତ ମାସ ୨୮ ତାରିଖ ବିଳମ୍ବିତ ରାତିରେ ମନ୍ଦିର ତାଲା ଭାଙ୍ଗି ପ୍ରାୟ ୧ କୁଇଣ୍ଟାଲ ଓଜନ ବିଶିଷ୍ଟ ହୁଣ୍ଡିକୁ ଦୁର୍ବୃତ୍ତମାନେ ଚୋରି କରି ପାହାଡ଼ ଉପରେ ଫୋପାଡ଼ି ଦେଇଥିଲେ। ସେଥିରେ ଥିବା ୪୦ ହଜାରରୁ ଊର୍ଦ୍ଧ୍ୱ ଟଙ୍କା ଲୁଟି ନେଇଥିବା ଥାନାରେ ଅଭିଯୋଗ ହୋଇଥିଲା । ପୋଲିସ ଏକ ମାମଲା(ନଂ.୧୪୭/୨୦୨୨) ରୁଜୁ କରି ତଦନ୍ତ ଆରମ୍ଭ କରିଛି । ଏହି ଘଟଣାରେ ସମ୍ପୃକ୍ତ ଅନ୍ୟମାନଙ୍କୁ ଗିରଫ କରିବାକୁ ପୋଲିସ ଉଦ୍ୟମ ଜାରି ରଖିଛି ।

## ବିକାଶ ହତ୍ୟା ଘଟଣା, ଜଣେ ଗିରଫ

**ନୟାଗଡ଼ ଅଫିସ/ଦଶପଲ୍ଲା, ୨୭।୧୦ (ଡି.ଏନ.ଏ.)**

ବିକାଶ ହତ୍ୟା ଘଟଣାରେ ଦଶପଲ୍ଲା ଥାନା ପୋଲିସ ମହେନ୍ଦ୍ର ବେହେରାଙ୍କୁ ଗିରଫ କରିଛି । ମଧ୍ୟଖଣ୍ଡ ମହାନ୍ତିପଲିର ବିକାଶ ବେହେରାଙ୍କୁ ଦୀପାବଳିରେ ହତ୍ୟା କରାଯାଇଥିଲା । ଏହି ଘଟଣାରେ ପୋଲିସ ବିକାଶଙ୍କ ସ୍ତ୍ରୀଙ୍କ ଏତଲାକୁ ଭିତ୍ତି କରି ୧୦ ଜଣଙ୍କ ନାମରେ ମାମଲା ରୁଜୁ କରିଛି । ସେମାନେ ହେଲେ ଦଶପଲ୍ଲା ତେନ୍ତୁଳିଆପଲ୍ଲି ଗ୍ରାମର ଥାନା ବେହେରା, ମହେନ୍ଦ୍ର ବେହେରା,ମଧ୍ୟଖଣ୍ଡର ତ୍ରିନାଥ ବେହେରା,ସୋମନାଥ ବେହେରା, ସନାତନ ବେହେରା, ଗୁରୁବାରୀ ବେହେରା, କିଶୋର ବେହେରା, ଶିବ ପ୍ରସାଦ ବେହେରା, ମହେଶ୍ୱର ପରିଡ଼ା ଓ ପ୍ରକାଶ ବେହେରା ।

## ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଗଣଧାରଣା

**ଦଶପଲ୍ଲା,୨୭।୧୦(ଡି.ଏନ.ଏ.)**




ଗୁରୁବାର ଦଶପଲ୍ଲା ବ୍ଲକ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଦଶପଲା ଅନ୍ତର୍ଗତ କଳଶାଖମଣ ପଞ୍ଚାୟତର ମଡ଼ିକୁମ୍ଭା ପ୍ରାଥମିକ ବିଦ୍ୟାଳୟ ଗୃହ ନିର୍ମାଣ ଦାବିରେ ମହିଳା ଜୀବିକା ସୁରକ୍ଷା ମଞ୍ଚ, ନୟାଗଡ଼ ତରଫରୁ ଗଣଧାରଣା ଆରମ୍ଭ ହୋଇଛି। ବିଦ୍ୟାଳୟ ଛାତରୁ ପାଣି ଗଡୁଥିବାବେଳେ ଘରଗୁଡିକ ବିପଦଶଙ୍କୁଳ ହୋଇପଡିଛିଠ ପାନୀୟଜଳ ଓ ପରିମଳ ବ୍ୟବସ୍ଥା ମଧ୍ୟ ବିପର୍ଯ୍ୟସ୍ତ ହୋଇପଡିଛି। ଏ ସମ୍ପର୍କରେ ବାରମ୍ବାର ଗ୍ରାମବାସୀ ଜଣାଇଥିଲେ ମଧ କୌଣସି ପଦକ୍ଷେପ ନିଆଯାଇନାହିଁ । ୭ ଦିନ ମଧ୍ୟରେ ଏହାର ଯଦି ପ୍ରତିକାର ନ ହୁଏ ତେବେ ଆନ୍ଦୋଳନ ସହିତ ଅଫିସ ସମ୍ମୁଖରେ ଧାରଣା ଦିଆଯିବ ବୋଲି ଲିଖିତ ଭାବେ ଅବଗତ କରାଯାଇଥିଲା। ପୂର୍ବ ନିଷ୍ପତ୍ତି ଅନୁଯାୟୀ ଗୁରୁବାରଠାରୁ ମହିଳା ଜୀବିକା ସୁରକ୍ଷା ମଞ୍ଚ ଆନ୍ଦୋଳନକୁ ଓହ୍ଲାଇଛନ୍ତି। ଯଦି କୌଣସି ଲିଖିତ ପ୍ରତିଶ୍ରୁତି ନ ଦିଅନ୍ତି ତାହା ହେଲେ ଆନ୍ଦୋଳନ ତୀବ୍ର ହେବ ବୋଲି ସଂଘ ତରଫରୁ ଚେତାବନୀ ଦିଆଯାଇଛି।

## ବିନା ସୂଚନାଫଳକରେ ଚାଲିଛି ରାସ୍ତା କାମ

**ନୂଆଗାଁ,୨୭।୧୦(ଡି.ଏନ.ଏ.)**

ସରକାରଙ୍କ ପ୍ରତିଟି ଯୋଜନା, ନିର୍ଦ୍ଧାରିତ କାର୍ଯ୍ୟପନ୍ଥା , କାର୍ଯ୍ୟର ବିବରଣୀ ଆଦି ବାବଦରେ କୌଣସି ତଥ୍ୟକୁ ନ ଲୁଚାଇ ଲୋକାଭିମୁଖୀ କରିବା ପାଇଁ ସରକାର ସୂଚନାଫଳକର ବ୍ୟବସ୍ଥା କରିଛନ୍ତି। ପ୍ରତିଟି କାର୍ଯ୍ୟର ଆରମ୍ଭ ପୂର୍ବରୁ ସୂଚନାଫଳକ ଲଗାଇବାର ନିର୍ଦ୍ଦେଶ ରହିଛି । କିନ୍ତୁ କେତେକଣ ବିଭାଗୀୟ ଅଧିକାରୀ ଓ ଅସାଧୁ ଠିକାଦାର ଏହି ନିର୍ଦ୍ଦେଶକୁ ଅବମାନନା କରି ନିଜକୁ ସୁହାଇବା ଭଳି କାମ କରୁଥିବା ଅଭିଯୋଗ ହେଉଛି ।

ଏଠାରେ ନୟାଗଡ ଜିଲା ନୂଆଗାଁ ବ୍ଲକ ଗ୍ରାମ୍ୟ ଉନ୍ନୟନ (ଆର୍‌ଡି) ବିଭାଗକୁ ଉଦାହରଣ ଭାବେ ନିଆଯାଇଛି। ଚଢେଇମରାଠାରୁ ନଈତଇଲା ଗ୍ରାମ ପର୍ଯ୍ୟନ୍ତ ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନାରେ ରାସ୍ତା ନିର୍ମାଣ କରାଯାଉଥିଲେ ମଧ୍ୟ ସେଠାରେ ସୂଚନା ଫଳକ ଲଗା ଯାଇ ନାହିଁ । ଫଳରେ ଠିକାଦାର ନିମ୍ନମାନର କାମ କରୁଥିଲେ ମଧ୍ୟ କୌଣସି ଲୋକ କାମ ବାବଦରେ ଅଭିଯୋଗ କରିବାକୁ ସୁଯୋଗ ପାଉନାହାନ୍ତି । ସୂଚନା ଫଳକ ଲାଗି ନ ଥିବା ବାବଦରେ ଆର୍‌ଡି କନିଷ୍ଠ ଯନ୍ତ୍ରୀ ହିତାଞ୍ଜଳି ପଣ୍ଡାଙ୍କୁ ପଚାରିବାରେ ହଁ ସୂଚନାଫଳକ ଲଗାଯିବ କହି କଥାକୁ ଏଡାଇ ଯାଇଥିଲେ । କାର୍ଯ୍ୟ ବାବଦରେ


ବିନା ସୂଚନାଫଳକରେ ଚାଲିଥିବା ରାସ୍ତା କାମ ।

**ତଥ୍ୟ ଦେଉନାହାନ୍ତି ବିଭାଗୀୟ ଯନ୍ତ୍ରୀ**

ସମ୍ପୂର୍ଣ୍ଣ ତଥ୍ୟ ଜାଣିବା ଆମ ଖବରଦାତା ଫୋନ କରିଥିଲେ ମଧ୍ୟ ସେ ନାନା ବାହାନା କରିଥିଲେ । ଆର୍‌ଡି ବିଭାଗର କାର୍ଯ୍ୟରେ ଅନେକ ଅନିୟମିତତା ହେଉଥିଲେ ମଧ୍ୟ ଅଭିଯୋଗ ପରେ ବି କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନ ଯିବା ବିଭାଗୀୟ ଉଚ୍ଚ ପଦସ୍ଥ ଅଧିକାରୀଙ୍କ କାର୍ଯ୍ୟ ଦକ୍ଷତା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରୁଛି । ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନାରେ ନିର୍ମାଣ କରାଯାଉଥିବା ରାସ୍ତାର ରକ୍ଷଣାବେକ୍ଷଣ କରାଯାଉ ନ ଥିବା ନେଇ ଅନେକ ଥର ବିଭାଗୀୟ ଅଧିକାରୀମାନଙ୍କ ନିକଟରେ ଅଭିଯୋଗ ହେଉଛି । ହେଲେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉନାହିଁ।

**ସେଲ୍ଫି କର୍ନର ଧରିତ୍ରୀ**

**ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି**

metroselfie@gmail.com


@ ଗଙ୍ଗାଧର


@ ଓମ୍


@ ଅନୁପ


@ ସୁଧାଂଶୁ


@ ଉଦୟଭାନୁ

ଆପଣମାନେ ପରିବାର ସଦସ୍ୟ, ସାଙ୍ଗ କିମ୍ବା ସମ୍ପର୍କୀୟଙ୍କ ଗହଣରେ ଉଠାଉଥିବା ସେଲ୍‌ଫିକୁ ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

## ଏନ୍‌ଏସ୍‌ଏସ୍ ତରଫରୁ ସ୍ୱଚ୍ଛ ଭାରତ ଅଭିଯାନ



ସ୍ୱଚ୍ଛ ଭାରତ ଅଭିଯାନରେ ସାମିଲ ହୋଇଥିବା ସ୍ୱେଚ୍ଛାସେବୀ ।

**ଭାପୁର,୨୭।୧୦ (ଡି.ଏନ.ଏ.)**

ନୟାଗଡ଼ ଜିଲା ଭାପୁର ବ୍ଲକ ପ୍ରହଲ୍ଲାଦ ଉଚ୍ଚମାଧ୍ୟମିକ ବିଦ୍ୟାଳୟ ପଦ୍ମାବତୀଠାରେ ଏନ୍‌ଏସ୍‌ଏସ୍ ତରଫରୁ ସ୍ୱଚ୍ଛଭାରତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ପ୍ରାୟ ୪୦ଜଣ ସେଚ୍ଛାସେବୀ ଅଂଶଗ୍ରହଣ କରିଥିଲେ। ଏନ୍‌ଏସ୍‌ଏସ୍ ପ୍ରୋଗ୍ରାମ ଅଫିସର ବିନୟ କୁମାର ସାହୁ ଓ ଅଧ୍ୟାପିକା କୃଷ୍ଣପ୍ରିୟା ମହାନ୍ତିଙ୍କ ତତ୍ତ୍ୱାବଧାନରେ କଲେଜ ପରିସର ଓ ରାସ୍ତା ସଫାସୁତରା କରାଯାଇଥିଲା । ପଦ୍ମାବତୀ ଗ୍ରାମରେ ସେଚ୍ଛାସେବୀମାନେ ସ୍ୱଚ୍ଛଭାରତ ବ୍ୟାନର, ପ୍ଲାକାର୍ଡ ଧରି ପଲିଥିନ ବର୍ଜନ ଓ ପରିବେଶ ସ୍ୱଚ୍ଛତା ଉପରେ ଜନସଚେତନତା ସୃଷ୍ଟି କରିଥିଲେ । ଏହି କାର୍ଯ୍ୟକ୍ରମରେ କଲେଜର ଅଧ୍ୟକ୍ଷା ପୂର୍ଣ୍ଣିମା ଷଡ଼ଙ୍ଗୀ ଓ କଲେଜର ଅନ୍ୟ କର୍ମଚାରୀମାନେ ସହଯୋଗ କରିଥିଲେ ।